# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୬/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, June 16/2023 | Page 16 | ₹ 7.00

୪୯ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 201 | ମୂଲ୍ୟ ₹୭/-





### ୨ଟି ପୋଲିଓ ଟିକା ବିକଶିତ

ଆମେରିକୀୟ ବୈଜ୍ଞାନିକମାନେ ୨ଟି ନୋଭାଲ ଓରାଲ ପୋଲିଓ ଭାକ୍ସିନ ବିକାଶ କରିଛନ୍ତି। ଏହି ଟିକା ଭୂତାଣୁ ସଂକ୍ରମିତ ରୋଗର ମୂଳପୋଛ କରିଦେବ ବୋଲି ସେମାନଙ୍କ ଦାବି ରହିଛି। ଏକବିଂଶ ଶତାବ୍ଦୀରେ ମଧ୍ୟ ବିଶ୍ୱ ପୋଲିଓ ରୋଗରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରି ନାହିଁ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ରାଉଲ ଆଣ୍ଡିନୋ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ର ଅନୁମତି ମିଳିବ ବୋଲି ଆଶା ରଖାଯାଇଛି।




ଆରବସାଗରରେ ସୃଷ୍ଟ ଅତି ଭୀଷଣ ବାତ୍ୟା 'ବିପର୍ଯ୍ୟୟ' ପ୍ରଭାବରେ ଗୁଜରାଟ କଚ୍ଛସ୍ଥିତ ମାଣ୍ଡଭିରେ ସମୁଦ୍ର ଲହଡ଼ି କୂଳ ଲଂଘୁଛି।



ସାଟେଲାଇଟ୍ ଜରିଆରେ ୟୁଏଇ ମହାକାଶଚାରୀମାନେ ଉତ୍ତୋଳନ କରିଥିବା ବାତ୍ୟା ପୂର୍ବ ଦୃଶ୍ୟ।



'ବିପର୍ଯ୍ୟୟ' ସ୍ଥଳଭାଗ ଛୁଇଁବା ସମୟରେ ମୁମ୍ବାଇସ୍ଥିତ ମେରାଇନ୍ ଡାଇଭ୍‌ର ଦୃଶ୍ୟ।

## ସଂକ୍ଷେପରେ

### ଫିଲିପାଇନ୍ସରେ ଭୂକମ୍ପ

**ମାନିଲା,୧୫।୬:** ଫିଲିପାଇନ୍ସରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ୬.୨ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ଆମେରିକୀୟ ଭୌଗୋଳିକ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପ ପରେ ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆଶଙ୍କା ନେଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରିଦିଆଯାଇଛି। ଏହାର ଗଭୀରତା ୧୨୪ କି.ମି. ଥିବା କୁହାଯାଉଛି।

### ଓସ୍କାର ବିଜୟିନୀ ଗ୍ଲେଣ୍ଡାଙ୍କ ପରଲୋକ



**ଲଣ୍ଡନ,୧୫।୬:** ୨ ଥର ମନୋରଞ୍ଜନ ଜଗତର ସବୁଠୁ ଶ୍ରେଷ୍ଠ ପୁରସ୍କାର ଓସ୍କାର ଜିତିଥିବା ଅଭିନେତ୍ରୀ ତଥା ବ୍ରିଟିଶ ରାଜନେତ୍ରୀ ଗ୍ଲେଣ୍ଡା ଜ୍ୟାକ୍‌ଶନଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ଅସୁସ୍ଥତା ଅନୁଭବ କରିବା ଯୋଗୁ ଗୁରୁବାର ଗ୍ଲେଣ୍ଡା ଘରେ ଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିବା ଏଜେଣ୍ଟ ଲିଓନେଲ ଲାର୍ନର କହିଛନ୍ତି। ନିକଟରେ ସେ 'ଦ ଗ୍ରେଟ୍ ଏସ୍କେପର୍' ଫିଲ୍ମର ଶୁଟିଂ ଶେଷ କରିଥିଲେ। ୧୯୩୬ରେ ଉତ୍ତର-ପଶ୍ଚିମ ଲଣ୍ଡନର ବିର୍କେନହେଡ୍‌ରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୬୦ରୁ ୭୦ ଦଶକ ମଧ୍ୟରେ ବ୍ରିଟିଶ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ଖୁବ୍ ଚର୍ଚ୍ଚିତ କଳାକାର ଭାବେ ଉଭା ହୋଇଥିଲେ। ରାଜନୀତିରେ ସାମିଲ ହେବା ପରେ ଗ୍ଲେଣ୍ଡା ଲେବର ପାର୍ଟି ନେତା ଭାବେ ୨୩ ବର୍ଷ କାର୍ଯ୍ୟ କରିଛନ୍ତି। ୧୯୯୭ରେ ସେ ବ୍ରିଟେନ୍‌ର ପରିବହନ ମନ୍ତ୍ରୀ ଦାୟିତ୍ୱରେ ଥିଲେ।

### କୋର୍ଟରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ

**ଅହମଦାବାଦ, ୧୫।୬:** ଗୁଜରାଟ ହାଇକୋର୍ଟ ପରିସରରେ ଗୁରୁବାର ୪ ଜଣ ବ୍ୟକ୍ତି ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନେ ହେଲେ ଜୟଶ୍ରୀ ପାଞ୍ଚାଲ, ଶୈଳେଶ ପାଞ୍ଚାଲ, ହାର୍ଦ୍ଦିକ ପଟେଲ ଏବଂ ମନୋଜ ବୈଷ୍ଣବ। ଘଟଣାସ୍ଥଳରେ ଉପସ୍ଥିତ ଲୋକ ସେମାନଙ୍କୁ ନିକଟସ୍ଥ ସୋଲା ଡାକ୍ତରଖାନାକୁ ନେଇଥିଲେ। କଲର କୋଅପରେଟିଭ୍ ବ୍ୟାଙ୍କର ଜେନେରାଲ ମ୍ୟାନେଜରଙ୍କ ସମେତ ୪ ଜଣଙ୍କ ଦ୍ୱାରା ୧.୬୦ କୋଟି ଟଙ୍କା ଠକେଇର ଶିକାର ହେବା ନେଇ ପାଞ୍ଚାଲ ଦମ୍ପତି କୋର୍ଟରେ ମାମଲା ରୁଜୁ କରିଥିଲେ। ଗୁରୁବାର ବ୍ୟାଙ୍କ କର୍ମଚାରୀଙ୍କ ଆଗୁଆ ଜାମିନ ମଞ୍ଜୁର ହେବା ପରେ ଅଭିଯୋଗକାରୀମାନେ କୋର୍ଟରେ ଫିନାଇଲ ପିଇଥିଲେ।

### କୋଚିଂ ସେଣ୍ଟରରେ ନିଆଁ ଝରକା ଦେଇ ବାହାରକୁ ଡେଇଁଲେ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ, ୧୫।୬:** ନୂଆଦିଲ୍ଲୀର ମୁଖାର୍ଜୀ ନଗରରେ ଥିବା ଏକ କୋଚିଂ ସେଣ୍ଟରରେ ଗୁରୁବାର ନିଆଁ ଲାଗିଯାଇଛି। ତାର ସହାୟତାରେ ସେଣ୍ଟରର ଝରକା ଦେଇ ଅନେକ ଛାତ୍ରୀଛାତ୍ର ତଳକୁ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରେ ୧୧ଟି ଅଗ୍ନିଶମ ଗାଡ଼ିକୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। କେହି ଆହତ ହୋଇଥିବାର ଖବର ମିଳି ନ ଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି। ୪ ମହଲା ବିଲ୍ଡିଂର ତଳ ମହଲାରେ ଥିବା ବିଦ୍ୟୁତ ବୋର୍ଡରେ ନିଆଁ ଲାଗି ଅନ୍ୟ ମହଲାକୁ ବ୍ୟାପିଯାଇଥିଲା।

# ମୋଦିଙ୍କ ବ୍ୟୟବହୁଳ ବିଦେଶ ଗସ୍ତ

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ନୂଆଦିଲ୍ଲୀ,୧୫।୬

୨୦୧୪ ମେ' ୨୬ରେ ଭାଜପା ନେତା ନରେନ୍ଦ୍ର ମୋଦି ଭାରତର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଥିଲେ। ସେବେଠୁ ଅଦ୍ୟାବଧି ସେ ୧୦୦ରୁ ଅଧିକ ଥର ବିଦେଶ ଗସ୍ତ କରିସାରିଲେଣି। ତାଙ୍କ ବିଦେଶ ଯାତ୍ରା ବେଳେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼, ଅର୍ଥନୈତିକ ସହଯୋଗକୁ ପ୍ରୋତ୍ସାହନ, ପୁଞ୍ଜିନିବେଶ ଆକର୍ଷଣ ଓ ବୈଶ୍ୱିକ ସ୍ତରରେ ଭାରତର ସ୍ଥିତି ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା କୁହାଯାଏ। ମୋଦି ଜୁନ୍ ୨୧ରୁ ୨୪ ଆମେରିକା ଗସ୍ତ କରି ନ୍ୟୁୟର୍କରେ ଜାତିସଂଘ ସେକ୍ରେଟାରିଏଟ୍ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ। ପରେ ସେ ୱାଶିଂଟନ୍ ଯାଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଅବସରରେ ମୋଦି ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ



ଏବଂ ଭାରତୀୟ ବଂଶୋଭବଙ୍କ ସହ ଭାବ ବିନିମୟ କରିବେ। ମୋଦିଙ୍କ ଗସ୍ତବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବା କାର୍ଯ୍ୟକ୍ରମ ଥିବାରୁ ଏହାକୁ ନେଇ ଜୋର୍‌ଦାର ପ୍ରଚାର ଚାଲିଛି। ଏହି ପରିପ୍ରେକ୍ଷୀରେ ୯ ବର୍ଷ ମଧ୍ୟରେ ମୋଦିଙ୍କ ଆମେରିକା ସମେତ ବିଦେଶ ଗସ୍ତ ଉପରେ ଏକ ନଜର...।

ପିଏମ୍ ଇଣ୍ଡିଆ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମେ ଭୁଟାନ ଗସ୍ତ କରିଥିଲେ। ଏହାକୁ ମିଶାଇ ମୋଟ ୭୦ ଥର ବିଦେଶ ଗସ୍ତ କରିଛନ୍ତି, ଯହିଁରେ ୧୨୪ ବ୍ୟକ୍ତିଗତ ଗସ୍ତ ଅନ୍ତର୍ଭୁକ୍ତ। ମୋଦି ବିଦେଶ ଗସ୍ତବେଳେ ୬୪ ରାଷ୍ଟ୍ରକୁ ଯାଇଛନ୍ତି। ଏଥିରେ ଦ୍ୱିପାକ୍ଷିକ ଗସ୍ତ, ବହୁପାକ୍ଷିକ ଗସ୍ତ ଓ ଅନ୍ତର୍ଜାତୀୟ ସମ୍ମିଳନୀ ତଥା ବୈଠକ ରହିଛି।

### ୫ ଗସ୍ତରେ ୩୫୯ କୋଟି ଖର୍ଚ୍ଚ

**୧.** ଆମେରିକା (୨୦୧୯ ସେପ୍ଟେମ୍ବର ୨୧ରୁ ୨୮): ୨୩,୨୭,୦୯,୦୦୦ ଟଙ୍କା।
**୨.** ବ୍ରାଜିଲ (୨୦୧୪ ଜୁଲାଇ ୧୩ରୁ ୧୭): ୨୦,୩୫,୪୮,୦୦୦ ଟଙ୍କା।
**୩.** ଫ୍ରାନ୍ସ, ଜର୍ମାନୀ ଓ କାନାଡା (୨୦୧୫ ଏପ୍ରିଲ ୯ରୁ ୧୭): ୩୧,୨୫,୭୮,୦୦୦ ଟଙ୍କା।
**୪.** ମ୍ୟାନ୍‌ମାର, ଅଷ୍ଟ୍ରେଲିଆ ଓ ଫିଜି (୨୦୧୪ ନଭେମ୍ବର ୧୧ରୁ ୨୦): ୨୨,୫୮,୬୫,୦୦୦ ଟଙ୍କା।
**୫.** ଆୟର୍ଲାଣ୍ଡ ଓ ଆମେରିକା (୨୦୧୫ ସେପ୍ଟେମ୍ବର ୨୩ରୁ ୨୯): ୧୮,୪୬,୯୫,୦୦୦ ଟଙ୍କା।

୨୦୧୪ ମେ'ରୁ ୨୦୧୯ ନଭେମ୍ବର ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ବାବଦକୁ ମୋଟ ୩୫୯ କୋଟି ୪ ଲକ୍ଷ ୫୨ ହଜାର ୭୬୩ ଟଙ୍କା (ପ୍ରାୟ ୪୩,୬୯୬,୨୧୫ ଆମେରିକୀୟ ଡଲାର) ଖର୍ଚ୍ଚ ହୋଇଥିଲା।

### ୭ମ ଥର ଆମେରିକା ଯିବେ

ପ୍ରଧାନମନ୍ତ୍ରୀ ଭାବେ ମୋଦି ଅଦ୍ୟାବଧି ୬ ଥର ଆମେରିକା ଗସ୍ତ କରିସାରିଲେଣି। ଜୁନ୍ ୨୧ରେ ସେ ଆମେରିକାକୁ ସପ୍ତମ ଥର ପାଇଁ ଗସ୍ତ କରିବେ। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଆମେରିକାକୁ ପ୍ରଥମ ଥର ଗସ୍ତ କରିଥିଲେ। ୨୦୧୬ରେ ସେ ଏକ ୱାର୍କିଂ ଲଞ୍ଚ ଭିଜିଟ୍ କରିଥିଲେ। ୨୦୧୭ରେ ମୋଦିଙ୍କ ଆମେରିକା ଗସ୍ତକୁ ଅଫିସିଆଲ ୱାର୍କିଂ ଭିଜିଟ୍ ଦର୍ଶାଯାଇଥିଲା। ୨୦୧୯ରେ ତାଙ୍କ ଆମେରିକା ଗସ୍ତକୁ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହ୍ୟୁଷ୍ଟନ୍ ଗସ୍ତବେଳେ ଟେକ୍ସାସ୍ ଇଣ୍ଡିଆ ଫୋରମ୍ ପକ୍ଷରୁ ଆୟୋଜିତ ହାଓଡି ମୋଦି କାର୍ଯ୍ୟକ୍ରମରେ ଯୋଗଦେଇ 'ଅବ୍ କୀ ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେଇଥିଲେ। ୨୦୨୦ରେ କୋଭିଡ୍-୧୯ ସଂକ୍ରମଣ ଯୋଗୁ ମୋଦିଙ୍କ ବିଦେଶ ଗସ୍ତ ବନ୍ଦ ହୋଇଯାଇଥିଲା। ୨୦୨୧ ସେପ୍ଟେମ୍ବର ୨୩ରେ ସେ ୩ ଦିନିଆ ଆମେରିକା ଗସ୍ତ କରିଥିଲେ। ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଆମେରିକାକୁ ଏହା ଥିଲା ମୋଦିଙ୍କ ପ୍ରଥମ ଗସ୍ତ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁ ୟୁରୋପ ତଥ୍ୟାନୁସାରେ ମୋଦି ୧୦୯ ଥରରେ ୬୦ ଦେଶ ଗସ୍ତ କରିଛନ୍ତି।

### ଆମେରିକାରୁ ସଶସ୍ତ୍ର ଡ୍ରୋନ୍ କିଣିବ ଭାରତ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପୂର୍ବରୁ ସେଠାରୁ ଭାରତ ୩୧ଟି ସଶସ୍ତ୍ର ଏମ୍‌କ୍ୟୁ-୯ବି ସିଗାର୍ଡିଆନ୍ ଡ୍ରୋନ୍ କିଣା ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛି। ଜେନେରାଲ ଆଟମିକ୍ସଠାରୁ ୩ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ବ୍ୟୟରେ ଏହି ଡ୍ରୋନ୍ କିଣାଯିବ ବୋଲି ଏକ ସୂତ୍ରରୁ କୁହାଯାଇଛି। ଏହି ଡିଲ୍‌କୁ ଅନୁମୋଦନ କରିବା ପାଇଁ ଗୁରୁବାର ପ୍ରତିରକ୍ଷା ମନ୍ତ୍ରଣାଳୟର ଶୀର୍ଷ ସଂଗଠନ ବୈଠକ ବସିଥିଲା। ଆସନ୍ତା ସପ୍ତାହରେ ମୋଦିଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଲୋଚନା ଅବସରରେ ଉକ୍ତ ଡିଲ୍ ସମ୍ପର୍କରେ ଘୋଷଣା ହେବା ଆଶା କରାଯାଉଛି।

# ଆର୍‌ଏସ୍‌ଏସ୍ ପ୍ରତିଷ୍ଠାତାଙ୍କ ବିଷୟ ହଟାଇବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

**କର୍ଣ୍ଣାଟକ ପାଠ୍ୟପୁସ୍ତକ ବିବାଦ**

ବେଙ୍ଗାଲୁରୁ, ୧୫।୬

କର୍ଣ୍ଣାଟକ ସ୍କୁଲ୍ ପାଠ୍ୟପୁସ୍ତକରେ ପରିବର୍ତ୍ତନକୁ ନେଇ ବିବାଦ ଲାଗିରହିଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରତିଷ୍ଠାତା କେଶବ ବଳିରାମ ହେଡ୍‌ଗେୱାରଙ୍କ ଉପରେ ବିଷୟ ହଟାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୁରୁବାର କର୍ଣ୍ଣାଟକ ସରକାର ଉପରୋକ୍ତ ପ୍ରସଙ୍ଗକୁ ଅନୁମୋଦନ କରିଛନ୍ତି। ଟେକ୍ସଟ୍ ବୁକ୍‌ରେ କେଉଁ ବିଷୟ ରହିବ ଏବଂ କେଉଁ ପ୍ରସଙ୍ଗ ରହିବ ନାହିଁ ବିଶେଷଜ୍ଞ କମିଟି ଅନୁଧ୍ୟାନ କରି ବହିରେ ସଂଶୋଧନ କରିବେ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ମଧୁ ବାଙ୍ଗରାପ୍ପା କହିଥିଲେ। ଷଷ୍ଠରୁ

**ବାଦ୍ ପଡ଼ିଥିବା ବିଷୟ ପୁଣି ସାମିଲ ହେବ**

ଦଶମ ଶ୍ରେଣୀର କନ୍ନଡ ଏବଂ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରୁ ବାଦ୍ ପଡ଼ିଥିବା କେତେକ ବିଷୟ ପୁଣି ସାମିଲ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସଂଶୋଧିତ ନୂଆ ପାଠ୍ୟପୁସ୍ତକରୁ ସାବିତ୍ରୀବାଇ ଫୁଲେ, ଚକ୍ରବର୍ତ୍ତୀ ସୁଲିବେଲେ, ଜବାହରଲାଲ୍ ନେହେରୁ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀଙ୍କୁ ଲେଖିଥିବା ଚିଠି ଏବଂ ବି.ଆର୍. ଆମ୍ବେଡ୍‌କରଙ୍କ ଉପରେ ଥିବା କବିତା ବିଷୟକୁ ପୁନଃ ସାମିଲ କରିବାକୁ ରାଜ୍ୟର କଂଗ୍ରେସ ସରକାର ନିଷ୍ପତ୍ତି ନେଇଛନ୍ତି।

# କୋୱିନ୍ ଡେଟା ଉଲ୍ଲଂଘନ: ଆଲୋଚନାକୁ ସଂସଦୀୟ କମିଟିର ନା

ନୂଆଦିଲ୍ଲୀ, ୧୫।୬

କୋୱିନ୍ ତଥ୍ୟ ଲିକ୍ ସମ୍ପର୍କିତ ରିପୋର୍ଟ ଉପରେ ଆଲୋଚନା କରିବାକୁ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିର ସ୍ଥାୟୀ ସଂସଦୀୟ କମିଟି ଗୁରୁବାର ମନା କରିଦେଇଛି। କୋଭିଡ୍-୧୯ ଟିକାକରଣ ବେଳେ ଉକ୍ତ ଆପ୍‌ରେ ଦିଆଯାଇଥିବା ବ୍ୟକ୍ତିଗତ ତଥ୍ୟ ଟେଲିଗ୍ରାମ୍ ବୋଟ୍ ଜରିଆରେ ଲିକ୍ ହୋଇଥିଲା। ବହୁ ରାଜନେତା, ଖବରଦାତା ଓ ବିଶିଷ୍ଟଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବୈଠକରେ ଟିଏମ୍‌ସି ଏବଂ କଂଗ୍ରେସ ଏମ୍‌ପିମାନେ କୋୱିନ୍ ଡେଟା ପ୍ରଘଟ ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ଏହା ବୈଠକର କାର୍ଯ୍ୟସୂଚୀରେ ନ ଥିବା କହି କମିଟି ଆଲୋଚନା ଦାବିକୁ ଏଡ଼ାଇଯାଇଛି। ସେହିପରି ଟୁଇଟର୍‌ର ପୂର୍ବତନ ସିଇଓ ଜାକ୍ ଡୋର୍ସି ଆଣିଥିବା ଅଭିଯୋଗ ଉପରେ ଆଲେଚନାକୁ କମିଟି ଅଗ୍ରାହ୍ୟ କରିଦେଇଛନ୍ତି। ସରକାରୀ ବିରୋଧୀ ଏବଂ ୩ ବିବାଦୀୟ କୃଷି ଆଇନ ଉପରେ ଖବର ଛାପୁଥିବା ଟୁଇଟର ଏହାକୁ ବନ୍ଦ ନ କଲେ, ଭାରତରେ ଏହାକୁ କାର୍ଯ୍ୟ କରିବାକୁ ଦିଆଯିବନି ବୋଲି କେନ୍ଦ୍ର ସରକାର ଧମକ ଦେଇଥିବା ଡୋର୍ସି ଅଭିଯୋଗ ଆଣିଥିଲେ।

# ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ବଳ ନିୟୋଜିତ କର: ହାଇକୋର୍ଟ

କୋଲକାତା, ୧୫।୬

ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସବୁ ଜିଲାରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବାକୁ ଗୁରୁବାର କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪୮ ଘଣ୍ଟା ମଧ୍ୟରେ ରାଜ୍ୟ ନିର୍ବାଚନ କମିଶନ ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ କୋର୍ଟ କହିଛନ୍ତି। ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ବେଳେ ବିଭିନ୍ନ ଅଞ୍ଚଳରେ ହିଂସାକାଣ୍ଡ ଲାଗିରହିଛି। ଦକ୍ଷିଣ ୨୪ ପ୍ରଗଣା ଏବଂ ବୀରଭୂମ ଜିଲାରେ ଘଟିଥିବା ହିଂସା ସମ୍ପର୍କରେ ଗୁରୁବାର ରିପୋର୍ଟ ପ୍ରକାଶ ପାଇଥିଲା। ଭାଙ୍ଗର ଅଞ୍ଚଳରେ ଟିଏମ୍‌ସି ଏବଂ ଭାରତୀୟ ଧର୍ମନିରପେକ୍ଷ ଫ୍ରଣ୍ଟ (ଆଇଏସ୍‌ଏଫ୍) କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ପରସ୍ପର ଉପରକୁ ବୋମାମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

# ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଉତ୍ତରାଖଣ୍ଡକୁ ହାଇକୋର୍ଟ ନିର୍ଦ୍ଦେଶ

**ପାରୋଲା ସାମ୍ପ୍ରଦାୟିକ ଉତ୍ତେଜନା**

ନୈନିତାଲ, ୧୫।୬ (ପି.ଟି.)

ଉତ୍ତରାଖଣ୍ଡର ପାରୋଲା ସହରରେ ସାମ୍ପ୍ରଦାୟିକ ହିଂସା ଘଟଣାର ଶୁଣାଣି କରି ଉତ୍ତରାଖଣ୍ଡ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଇନ ଶୃଙ୍ଖଳା ସ୍ଥିତି ସୁନିଶ୍ଚିତ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜିଲାରେ ଜଣେ ମୁସଲମାନ ଦୁଇଜଣ ନାବାଳିକାଙ୍କୁ ଅପହରଣ ଉଦ୍ୟମ ଚଳାଇଥିବାବେଳେ ପୋଲିସ ଏହାକୁ ପଣ୍ଡ କରିଦେଇଥିଲା। ମହାପଞ୍ଚାୟତ ରୋକିବା ପାଇଁ ରାଜ୍ୟ ସରକାର ଉକ୍ତ ପାହାଡ଼ିଆ ଜିଲାରେ ଧାରା ୧୪୪ ଜାରି କରିଥିଲେ। ତେବେ ବୁଧବାର ରାତିରେ ମହାପଞ୍ଚାୟତ ପାଇଁ ହିନ୍ଦୁ ସଂଗଠନ ଓ ସ୍ଥାନୀୟ ବ୍ୟବସାୟିକ ସଂଗଠନ ବିକ୍ଷୋଭ ଘୋଷଣା କରିଥିଲେ।

# ମଣିପୁରରେ ସାନି ହିଂସା, ଗୃହଦାହ

ନୂଆଦିଲ୍ଲୀ, ୧୫।୬

ହିଂସାପ୍ରବଣ ମଣିପୁରର ଖାମେନ୍‌ଲୋକ ଅଞ୍ଚଳରେ ବୁଧବାର ଗୁଳିକାଣ୍ଡ ଘଟି ୯ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୦ ଜଣ ଗୁରୁତର ଆହତ ହୋଇଥିଲେ। ଗୁରୁବାର ଅପରାହ୍ନରେ ରାଜଧାନୀ ଇମ୍ଫାଲରେ ପୁନର୍ବାର ହିଂସା ସଂଘଟିତ ହୋଇଛି। ଦୁର୍ବୃତ୍ତମାନେ ଉପତ୍ୟକାର ଅନେକ ଘର ପୋଡ଼ିଦେଇଛନ୍ତି। ଇମ୍ଫାଲର ନ୍ୟୁ ଚେକନ୍ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବାହିନୀ ଲୋକଙ୍କ ଉପରେ ବଳ ପ୍ରୟୋଗ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ମଣିପୁରରେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ହିଂସାକାଣ୍ଡ ଲାଗିରହି ଶତାଧିକ ଲୋକଙ୍କ ଜୀବନ ଗଲାଣି। ସ୍ଥିତି ନିୟନ୍ତ୍ରଣ ପାଇଁ ସୈନ୍ୟବାହିନୀ ଏବଂ ଆସାମ ରାଇଫଲ୍ସ ୟୁନିଟ ପକ୍ଷରୁ ବିଭିନ୍ନ ସ୍ଥାନରେ ବଳ ପ୍ରୟୋଗକୁ ବଢ଼ାଇ ଦିଆଯାଇଛି। ହିଂସାଗ୍ରସ୍ତ ଅଞ୍ଚଳରେ ପାଟ୍ରୋଲିଂକୁ ବଢ଼ାଯିବା ସହ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଅବରୋଧ ହଟାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ତେଜନା ଲାଗିରହିଥିବାବେଳେ ହିଂସା ରୋକିବା ଓ ଶାନ୍ତିପୂର୍ଣ୍ଣ ବାତାପରଣ ସ୍ଥାପନ ଲାଗି ସମସ୍ତ ଉଦ୍ୟମ କରାଯାଉଥିବା ସେନା ପକ୍ଷରୁ କୁହାଯାଇଛି। କର୍ଫ୍ୟୁ ଜାରି ସତ୍ତ୍ୱେ ଗୁରୁବାର ରାଜଧାନୀର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଥିଲା। ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ଯବାନମାନେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରୁଥିବା ଦେଖାଯାଇଛି। ବୁଧବାର ମଣିପୁରର ଏକମାତ୍ର ମହିଳା ମନ୍ତ୍ରୀଙ୍କ ସରକାରୀ ବାସଭବନରେ ନିଆଁ ଲଗାଇଦିଆଯାଇଥିଲା। ଏହି ସମୟରେ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ନେମ୍‌ଚା କିପ୍‌ଜେନ୍ ଘରେ ନ ଥିଲେ।



ଇମ୍ଫାଲ ଟାରେଟଖେଲସ୍ଥିତ ଚାନୁଙ୍ଗରେ ଗ୍ରାମବାସୀମାନେ ଆର୍ମି ଅଫିସରମାନଙ୍କୁ ଗାଁରେ ପ୍ରବେଶ ନ କରିବା ଲାଗି ଅଟକାଉଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୬/୨୦୨୩ | Bhubaneswar, Friday, June 16/2023 | ପୃଷ୍ଠା-୧




## ରିଅଲ ମାଡ୍ରିଡ ଦଳରେ ବେଲିଂହାମ୍

ରିଅଲ ମାଡ୍ରିଡ ଫୁଟ୍‌ବଲ ଟିମ୍ ସହ ୬ ବର୍ଷିଆ ଚୁକ୍ତି କରିଛନ୍ତି ଇଂଲଣ୍ଡ ମିଡ୍‌ଫିଲ୍ଡର ଜୁଡ୍ ବେଲିଂହାମ୍।

୧୨

୧୧

## ଆଦିଲଙ୍କଠୁ ଛାଡ଼ପତ୍ର ଚାହୁଁଛନ୍ତି ରାକ୍ଷୀ

ବଲିଉଡ୍ ଡ୍ରାମା କୁଇନ ରାକ୍ଷୀ ସାୱନ୍ତ ନିକଟରେ ଏକ ଭିଡିଓରେ ଜଜ୍‌ଙ୍କୁ ତାଙ୍କ ସ୍ୱାମୀ ଆଦିଲ ଦୁରାନୀଙ୍କଠାରୁ ଛାଡ଼ପତ୍ର ମାଗୁଥିବା ଦେଖିବାକୁ ମିଳିଛି।





କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ୬୨ତମ ଆନ୍ତଃ ରାଜ୍ୟ ଆଥଲେଟିକ୍ ଚାମ୍ପିୟନଶିପ୍‌ର ମହିଳା ୧୦୦ମିଟର ଦୌଡ଼ ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ (ଜର୍ସି ନମ୍ବର ୨୭୫)। (ଫଟୋ: ବିକାଶ ନାୟକ)

# ୩ ଘଣ୍ଟା ନବଯୌବନ ଦର୍ଶନ

ପୁରୀ, ୧୫ା୬(ଅଜିତ୍ ମହାନ୍ତି)

- ପୂର୍ବାହ୍ନ ୧୧ରୁ ସମସ୍ତ ଦର୍ଶନ ବ୍ୟବସ୍ଥା ବନ୍ଦ
- ଶ୍ରୀମନ୍ଦିର ଭିତରବେଢ଼ା ବୁଲିପାରିବେ ଭକ୍ତ

ଚଳିତ ମାସ ୧୯ ତାରିଖରେ ମହାପ୍ରଭୁଙ୍କ ଦୁର୍ଲଭ ନବଯୌବନ ଦର୍ଶନ ଓ ୨୦ରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ନବଯୌବନ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମୟ ଚୂଡ଼ାନ୍ତ ହୋଇଛି। ଭକ୍ତମାନେ ମାତ୍ର ୩ଘଣ୍ଟା ପାଇଁ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ କରିପାରିବେ। ସେହିପରି ପୂର୍ବାହ୍ନ ୮ଟାରୁ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ବ୍ୟବସ୍ଥା କରାଯାଇଛି। ପରିମାଣିକ ଟିକେଟଧାରୀମାନେ ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଏଥିପାଇଁ ସର୍ବମୋଟ ୭୦୦୦ ଟିକେଟ ବ୍ୟବସ୍ଥା ହୋଇଛି। ପ୍ରତି ଟିକେଟର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ସାହାଣମେଲା ଦର୍ଶନ ଜାରି ରହିବ। ଏଥିପାଇଁ ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବେ। ପୂର୍ବାହ୍ନ ୧୧ଟାରୁ ସମସ୍ତ ଦର୍ଶନ ବ୍ୟବସ୍ଥା ବନ୍ଦ ରଖାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ପରିକ୍ରମା କରିପାରିବେ। ରାତି ୯ଟାରୁ ସେନାପଟା ଲାଗି ନୀତି ହେବ ବୋଲି ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ଉପସ୍ଥିତ ଥିଲେ।

ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ୧୯ ତାରିଖରେ ମହାପ୍ରଭୁ ନବଯୌବନ ଦର୍ଶନ ଦେବେ। ତେଣୁ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୮ଟାରୁ ୯ଟା ପର୍ଯ୍ୟନ୍ତ ୧ଘଣ୍ଟା ଧରି ପରିମାଣିକ ଦର୍ଶନ ବ୍ୟବସ୍ଥା ହୋଇଛି। ସେହିପରି ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟା ପରେ ରଥଯାତ୍ରା ପାଇଁ ନୀତି ଆରମ୍ଭ ହେବ। ଚଳିତ ବର୍ଷ ମହାପ୍ରଭୁଙ୍କ ନୀତି ସମ୍ପାଦନା ପାଇଁ ସମୟ କମ୍ ଥିବାରୁ ୧୧ଟା ପରେ ଦର୍ଶନ ବନ୍ଦ ରଖାଯାଇ ନୀତି ଆରମ୍ଭ କରାଯିବ। ଭକ୍ତମାନେ ଭିତରବେଢ଼ାରେ ବୁଲିପାରିବେ। ସେହିପରି ଦଇତା ନିଯୋଗ ସମ୍ପାଦକ କହିଛନ୍ତି, ଚଳିତ ଥର ଉଭା ପଡୁନାହିଁ। ପରମାଣିକ ଦର୍ଶନ ଓ ସାହାଣ ମେଲା ଦର୍ଶନ ପରେ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ। କାରଣ ରଥଯାତ୍ରା ପାଇଁ ଅନେକ ନୀତି ରହିଛି। ଦିନ ୧୧ଟା ପରେ ଯେଉଁ ଭକ୍ତ ଆସିବେ ☞ପୃଷ୍ଠା-୨

# ବ୍ରିଜ୍‌ଭୂଷଣଙ୍କ ମୁକୁଳିବା ବାଟ ଫିଟାଇଲା ପୋଲିସ

**ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିଦାୟୀ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଯୌନ ଉତ୍ପୀଡ଼ନ ମାମଲାରୁ ମୁକୁଳିବା ବାଟ ଗୁରୁବାର ଦିଲ୍ଲୀ ପୋଲିସ ସୁଗମ କରିଛି। ପୋଲିସ ୬ ଜଣ ବୟସ୍କା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ କରିଥିବାବେଳେ ଅନ୍ୟପଟେ ନାବାଳିକା ଅଭିଯୋଗକାରିଣୀଙ୍କ ଏତଲାକ୍ରମେ ଦାଏର ପୋକ୍ସୋ ମାମଲା ହଟାଇ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ବିରୋଧୀ କଂଗ୍ରେସ ଏହାକୁ ଭାରତୀୟ କ୍ରୀଡ଼ା ପାଇଁ 'କଳାଦିବସ' ଭାବେ ଅଭିହିତ କରିଛି।**

ନୂଆଦିଲ୍ଲୀ, ୧୫ା୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦିଲ୍ଲୀ ପୋଲିସ ୬ ମହିଳା ରେସ୍‌ଲରଙ୍କ ଯୌନ ଉତ୍ପୀଡ଼ନ ମାମଲାର ତଦନ୍ତ କରି ଗୁରୁବାର ରାଉଜ୍ ଏଭେନ୍ୟୁ କୋର୍ଟରେ ୧,୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଛି। ସେହିପରି ପଟିଆଲା ହାଉସ୍‌କୋର୍ଟରେ ୫୦୦ ପୃଷ୍ଠାର ଏକ ରିପୋର୍ଟ ଦାଖଲ କରିଛି, ଯହିରେ ନାବାଳିକାଙ୍କ ମାମଲା ଖାରଜ କରାଯାଉ ବୋଲି ପୋଲିସ ଦାବି କରିଛି। ନାବାଳିକା ଏବଂ ତାଙ୍କ ବାପା(ଅଭିଯୋଗକର୍ତ୍ତା)ଙ୍କ ବୟାନ ଆଧାରରେ ସିଆର୍‌ପିସି ଧାରା ୧୭୩ ବଳରେ ମାମଲା ରଦ୍ଦ ପାଇଁ ଆମେ ଏକ ପୋଲିସ ରିପୋର୍ଟ ଦାଖଲ କରିଛୁ ବୋଲି ଦିଲ୍ଲୀ ପୋଲିସ ପିଆର୍‌ଓ ସୁମନ ନଲୱା କହିଛନ୍ତି। ଏହା ପୂର୍ବରୁ ପୋଲିସ ୫ ରାଷ୍ଟ୍ରର କୁସ୍ତିଯୋଦ୍ଧା ମହାସଂଘଠାରୁ ଯୌନ ଉତ୍ପୀଡ଼ନ ଘଟଣାରେ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ସମ୍ପୃକ୍ତି ନେଇ ତଥ୍ୟ ମାଗିଥିଲା। ଟୁର୍ଣ୍ଣାମେଣ୍ଟଗୁଡ଼ିକର ଫଟୋ, ଭିଡିଓ ଏବଂ ସିସିଟିଭି ଫୁଟେଜ୍ ସାଙ୍ଗକୁ ମ୍ୟାଚ୍ ବେଳେ ରେସଲରମାନେ କେଉଁଠାରେ ରହିଥିଲେ ତାହା ମଧ୍ୟ ମାଗିଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦୁଇଟିଯାକ ମାମଲାରେ ୧୮୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ପଚରାଉଚରା କରିଥିଲା। ଏପରି କି ଗତ ଶୁକ୍ରବାର ନାବାଳିକା (ଏବେ ସାବାଳିକା) ରେସ୍‌ଲରଙ୍କୁ ବ୍ରିଜ୍‌ଭୂଷଣଙ୍କ ଅଫିସକୁ ନେଇ ସିନ୍ ରିକ୍ରିଏଟ୍ କରିବାକୁ କହିଥିଲା।

ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ମାମଲା ରୁଜୁ ହେଲେ ଅଭିଯୁକ୍ତଙ୍କ ଗିରଫଦାରି ପରେ ଜାମିନ ମିଳି ନ ଥାଏ ଏବଂ ଅଭିଯୋଗ ପ୍ରମାଣିତ ହେଲେ ଅନ୍ୟୂନ ୩ ବର୍ଷ ଜେଲଦଣ୍ଡ ହୋଇଥାଏ। ତେବେ କୋର୍ଟ ପୋଲିସର ☞ପୃଷ୍ଠା-୨



ବ୍ରିଜ୍‌ଭୂଷଣ ଶରଣ ସିଂ

- ୬ କୁସ୍ତିଯୋଦ୍ଧାଙ୍କ ଅଭିଯୋଗକୁ ନେଇ ଚାର୍ଜଶିଟ୍
- ନାବାଳିକାଙ୍କ ପୋକ୍ସୋ ମାମଲା ଖାରଜ ସୁପାରିସ

> ଭାଜପାର ନୂଆ ସ୍ଲୋଗାନ ହେଉଛି ବେଟି ଡରାଓ, ବ୍ରିଜ୍‌ଭୂଷଣ ବଚାଓ। ଭାରତର ଝିଅମାନଙ୍କ ପାଇଁ ମୋଦି ସରକାର ନିଜ ଚିତ୍କାରକୁ ଡଷ୍ଟବିନରେ ସମାଧି ଦେଇଛନ୍ତି। କୁସ୍ତି ମହାସଂଘ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ରଦ୍ଦ କରିବା ପାଇଁ ଦିଲ୍ଲୀ ପୋଲିସର ସୁପାରିସରୁ ଏହା ସ୍ପଷ୍ଟ ହୋଇଛି।
>
> **- ରଣଦୀପ ସୂର୍ଯ୍ୟେୱାଲା, କଂଗ୍ରେସ ସାଧାରଣ ସମ୍ପାଦକ**

> ବ୍ରିଜ୍‌ଭୂଷଣଙ୍କ ଭଳି ଜଣେ ବାହୁବଳିଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ନାବାଳିକା କୁସ୍ତିଯୋଦ୍ଧା ପୋକ୍ସୋ ଆଇନ ବଳରେ ଏତଲା ଦେଇଥିଲେ। ଏହା ପରେ ପୂରା ସିଷ୍ଟମ୍... ପୋଲିସ, ସରକାରଙ୍କ ମନ୍ତ୍ରୀ ଏବଂ ଏମ୍‌ପିମାନେ ସେହି ଝିଅ ବିରୋଧରେ ବାହାରି ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପାଟିରୁ ପୀଡ଼ିତାଙ୍କ ପାଇଁ ପଦୁଟିଏ ବାହାରୁ ନାହିଁ। ତେଣୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବି ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କୁ କ୍ଲିନ୍‌ଚିଟ୍ ଦେଇଛି।
>
> **- ସୁପ୍ରିୟା ଶ୍ରୀନେତ୍, କଂଗ୍ରେସ ମୁଖପାତ୍ର**

# ଭାଜପା ସରକାରଙ୍କ ଧର୍ମାନ୍ତରଣ ବିରୋଧୀ ଆଇନ ରଦ୍ଦ

ବେଙ୍ଗାଲୁରୁ, ୧୫ା୬

କର୍ଣ୍ଣାଟକର ସିଦ୍ଦାରାମାୟାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଧର୍ମାନ୍ତରୀକରଣ ବିରୋଧରେ ଥିବା ଆଇନକୁ ରଦ୍ଦ କରିବା ପାଇଁ ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ଧର୍ମାନ୍ତରଣ ଆଇନକୁ ରଦ୍ଦ କରିବା ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିଲା। ପ୍ରସ୍ତାବଗୁଡ଼ିକର ପ୍ରତିଶ୍ରୁତି ପୂରଣ ପାଇଁ ଆବଶ୍ୟକ ପଡ଼ିଲେ କର୍ଣ୍ଣାଟକରେ ପୂର୍ବରୁ ଭାଜପା ସରକାର ଆଣିଥିବା ସମସ୍ତ ଆଇନକୁ ରଦ୍ଦ କରାଯିବ ବୋଲି କ୍ୟାବିନେଟ ବୈଠକ ପରେ ରାଜ୍ୟ ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍. କେ. ପାଟିଲ କହିଛନ୍ତି। ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

### ସମ୍ପର୍କରେ ସଂଶୟ

ଗେଲ୍ ଇଣ୍ଡିଆ ପାଇପ୍ ଫାଟିଗଲା

ପୃଷ୍ଠା-୯






# ସ୍ଥଳଭାଗ ଛୁଇଁଲା 'ବିପର୍ଯ୍ୟୟ'



## କଚ୍ଛ ଜିଲା ଜଖାଉ ବନ୍ଦର ନିକଟରେ ଭୀଷଣ ରୂପ ନେଲା

ନୂଆଦିଲ୍ଲୀ, ୧୫ା୬(ପି.ଟି.)

ଆରବସାଗରରେ ୧୦ ଦିନରୁ ଊର୍ଦ୍ଧ୍ୱ ସୃଷ୍ଟି ହୋଇଥିବା ଅତି ଭୀଷଣ ବାତ୍ୟା 'ବିପର୍ଯ୍ୟୟ' ଗୁରୁବାର ସନ୍ଧ୍ୟାରେ ଗୁଜରାଟର କଚ୍ଛ ଜିଲା ଅନ୍ତର୍ଗତ ଜଖାଉ ବନ୍ଦର ନିକଟରେ ଭୂଭାଗ ଛୁଇଁଛି। ଏହାର ପ୍ରଭାବରେ କଚ୍ଛ ଏବଂ ସୌରାଷ୍ଟ୍ର ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବହୁଛି। ମଧ୍ୟରାତ୍ର ସୁଦ୍ଧା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହୋଇଯିବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ବିପର୍ଯ୍ୟୟର ଘଣ୍ଟାପ୍ରତି ଅଗ୍ରଗତି ବେଗ ୧୩ରୁ ୧୪ କିଲୋମିଟର ରହିଥିବାରୁ ସମ୍ପୂର୍ଣ୍ଣ ଲ୍ୟାଣ୍ଡଫଲ୍ ହେବାକୁ ପ୍ରାୟ ୫ ଘଣ୍ଟା ଲାଗିଯିବ। ବିପର୍ଯ୍ୟୟ ଲ୍ୟାଣ୍ଡଫଲ୍ କରିବା ସହ କଚ୍ଛ ଓ ସୌରାଷ୍ଟ୍ର ଉପକୂଳରେ ପ୍ରବଳ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବହୁଛି। ବାତ୍ୟାରେ କେହି ପ୍ରାଣ ହରାଇଥିବା ଖବର ମିଳି ନ ଥିବାବେଳେ ଦେବଭୂମି ଦ୍ୱାରକା ଜିଲାରେ ଗଛ ପଡ଼ି ୩ ଜଣ ଆହତ ହୋଇଛନ୍ତି। ଜଖାଉ ଏବଂ ମାଣ୍ଡଭି ସହର ନିକଟରେ ବହୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। କେତେକ ଘରର ଟିଣ ଛପର ଉଡ଼ିଯାଇଥିବା ଦେଖାଯାଇଛି। ରାସ୍ତାରୁ ଗଛ ଓ ଉପୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ହଟାଇବା କାର୍ଯ୍ୟରେ ଗୁଜରାଟ ପୋଲିସ, ଏନ୍‌ଡିଆର୍‌ଏଫ୍ ଏବଂ ସେନା ଯବାନଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ଆଇଏମ୍‌ଡିର ସତର୍କ ସୂଚନା ପରେ ସମୁଦ୍ରକୂଳିଆ ଖାଲୁଆ ଅଞ୍ଚଳରୁ ଲକ୍ଷେରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ୧୫ ଏନଡିଆର୍‌ଏଫ୍ ଟିମ୍, ରାଜ୍ୟ ବିପର୍ଯ୍ୟୟ ପ୍ରଶମନର ୧୨ ଟିମ୍, ନୌସେନା, ସୀମା ସୁରକ୍ଷା ବଳ ଏବଂ ଭାରତୀୟ ତଟସୁରକ୍ଷା ବଳ ସମେତ ସୀମା ସୁରକ୍ଷା ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ରରେ ମହା ବିକାଶ ଅଘାଡ଼ି ସହ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମେଣ୍ଟ କରିବ ନାହିଁ। ପୌର ନିର୍ବାଚନଠାରୁ ଆରମ୍ଭ କରି ବିଧାନସଭା ଏବଂ ଲୋକ ସଭା ନିର୍ବାଚନରେ ବିଆର୍‌ଏସ୍ ମହାରାଷ୍ଟ୍ରର ସବୁ ଆସନରେ ପ୍ରାର୍ଥୀ ଦେବା।

– କେ. ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଜୁରି କୋଳି**
**କାହିଁ ଯିବ ତୁମ ବଉଁଶ ଓଳି।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବ ତଥା ପରଂ। ମଣିଷ ତା'ର ଜନ୍ମଗତ ପ୍ରକୃତିକୁ କେବେ ଛାଡ଼ିପାରି ନ ଥାଏ। ସେହିପରି ଯାହାର ଯାହା ସ୍ୱଭାବ ରହିଥାଏ ତାକୁ ବଦଳେଇବା ଅତ୍ୟନ୍ତ କଷ୍ଟକର ହୋଇଯାଇଥାଏ। ଉପରକୁ ବେଶ୍ ଭଦ୍ର ଜଣା ପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡି ଗୁଣିଆର ବହୁତ ସରେ**
**ଚାକୁଣ୍ଡା ଶାଗରେ ମରିଚ ଅଡେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ଅନ୍ୟ ଆଡ଼େ ବହୁ ଖର୍ଚ୍ଚ ଅଥଚ ଖାଦ୍ୟ ସଙ୍ଗେ କୃପଣତା ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମହାରାଷ୍ଟ୍ର ପ୍ରଦେଶ ପକ୍ଷରୁ ନାଗପୁରଠାରେ ଏକ କର୍ମୀ ସମ୍ମିଳନୀ ଗୁରୁବାର ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ଯୋଗ ଦେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍‌ର ମୁଖ୍ୟ କେ.ଚନ୍ଦ୍ରଶେଖର ରାଓ ସରକାର ପରିବର୍ତ୍ତନ ସହ 'ଅବ୍ କି ବାର୍ କୃଷକ ସରକାରଙ୍କ' ଆହ୍ୱାନ ଦେବା ସହିତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏଥିରେ ବିଆର୍‌ଏସ୍‌ର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# କପିରେ ଧରାପଡ଼ିଥିବା ଯୁକ୍ତ୨ ଛାତ୍ରୀଛାତ୍ର ୨୯ ସୁଦ୍ଧା ପକ୍ଷ ରଖିବେ

ଭୁବନେଶ୍ୱର,୧୫ା୬ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାରେ କପି କରି ଧରାପଡ଼ିଥିବା ଛାତ୍ରୀଛାତ୍ର ନିଜ ପକ୍ଷ ରଖିବେ। ଆସନ୍ତା ୨୯ ତାରିଖ ଅପରାହ୍ନ ୫ଟା ସୁଦ୍ଧା ପରୀକ୍ଷା ନିୟନ୍ତ୍ରକଙ୍କ ନିକଟରେ ଲିଖିତ ଆକାରରେ ନିଜ ପକ୍ଷ ରଖିବାକୁ ପରିଷଦ ପକ୍ଷରୁ କୁହାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷାରେ କପି କରୁଥିବା ସମୟରେ ଧରାପଡ଼ିଥିବା ଛାତ୍ରୀଛାତ୍ର ପୋଷ୍ଟ ମାଧ୍ୟମରେ କିମ୍ବା ନିଜେ ପରିଷଦ କାର୍ଯ୍ୟାଳୟରେ ଲିଖିତ ପତ୍ର ଦାଖଲ କରିପାରିବେ। ତେବେ ନିର୍ଦ୍ଧାରିତ ତାରିଖ ଓ ସମୟରୁ ବିଳମ୍ବରେ ଲିଖିତ ପତ୍ର ହସ୍ତଗତ ହେଲେ ତାହାକୁ ବିଚାରକୁ ନିଆଯିବ ନାହିଁ। ସେହିପରି ପୋଷ୍ଟ ମାଧ୍ୟମରେ ପହଞ୍ଚିବା ବିଳମ୍ବ ହେଲେ ମଧ ତାହାକୁ ଅଗ୍ରାହ୍ୟ କରାଯିବ। ପରୀକ୍ଷା କକ୍ଷରୁ ସଂପୃକ୍ତ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଆସିଥିବା ରେକର୍ଡକୁ ବୋର୍ଡ ଚୂଡ଼ାନ୍ତ ଭାବେ ବିବେଚନା କରିବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଚଳିତବର୍ଷ ମାର୍ଚ୍ଚ ପହିଲାରୁ ଏପ୍ରିଲ୍ ୫ ପର୍ଯ୍ୟନ୍ତ ଯୁକ୍ତ ୨ ପରୀକ୍ଷା ଚାଲିଥିଲା। ଏହି ପରୀକ୍ଷାରେ ମୋଟ୍ ୫୭୭ଜଣ କପି କରି ଧରାପଡ଼ିଥିଲେ। କଳା ବିଭାଗରେ ୨୯୫ ଜଣ, ବାଣିଜ୍ୟରେ ୧୦୪ ଜଣ, ବିଜ୍ଞାନରେ ୧୭୬ ଜଣ ଓ ଧନ୍ଦାମୂଳକ ବିଷୟରେ ୨ଜଣ କପି କରି ଧରାପଡ଼ିଥିଲେ।

# ଏମ୍‌କେସିଜି ଡାକ୍ତରୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ମୋବାଇଲ ଫୋନ୍ ଜବତ, ତଦନ୍ତ ଜାରି**

ସୁବାସ ଚନ୍ଦ୍ର ପାଢ଼ୀ
ବ୍ରହ୍ମପୁର,୧୫ା୬


ସୁଭାନୀ ପଟ୍ଟନାୟକ

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜର ଜଣେ ଡାକ୍ତରୀ ଛାତ୍ରୀଙ୍କ ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସୁଭାନୀ ପଟ୍ଟନାୟକ(୨୭)। ସୁଭାନୀ ଚର୍ମ ବିଭାଗରେ ପିଜି ପ୍ରଥମ ବର୍ଷର ଛାତ୍ରୀ ଥିଲେ। ମେଡିକାଲ କଲେଜ ମହିଳା ହଷ୍ଟେଲରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଭାନୀଙ୍କ ମୁଣ୍ଡବିନ୍ଧା ଲାଗି ରହୁଥିଲା। ସେ ମାତ୍ରାଧିକ ଔଷଧ ଖାଇଥିବା ସନ୍ଦେହ ହେଉଛି ବୋଲି ତାଙ୍କ ବାପା ରବୀନ୍ଦ୍ର କୁମାର ପଟ୍ଟନାୟକ ଥାନାରେ ଏତଲା ଦେଇଛନ୍ତି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ବିଭିନ୍ନ ଦିଗକୁ ତଦନ୍ତ ଚାଲିଥିବା ପୋଲିସ କହିଛି।

ପୁରୁଷୋତ୍ତମପୁର ରଥସାହିରେ ରବୀନ୍ଦ୍ରଙ୍କ ଘର। ଝିଅ ସୁଭାନୀ ଏମ୍‌କେସିଜି କଲେଜର ମହିଳା ହଷ୍ଟେଲ ସିନିୟର୍ ରେସିଡେନ୍ସରେ ରହି ପାଠ ପଢୁଥିଲେ। ଗୁରୁବାର ପୂର୍ବାହ୍ନରେ କେତେଜଣ ସହପାଠୀ ହସ୍ପିଟାଲ ଯିବାପାଇଁ ସୁଭାନୀଙ୍କୁ ଡାକିବାକୁ ଯାଇଥିବା ବେଳେ ରୁମ୍ ବନ୍ଦ ଥିଲା। ତାଙ୍କୁ ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। ସହପାଠୀମାନଙ୍କର ସନ୍ଦେହ ହେବାରୁ ଏମ୍‌କେସିଜି ଅଧୀକ୍ଷକଙ୍କୁ ଜଣାଇଥିଲେ। ପରେ ଉକ୍ତ ରୁମ୍‌ର କବାଟ ଭାଙ୍ଗି ଭିତରକୁ ଯିବାରେ ସୁଭାନୀ ଖଟରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲେ ମଧ ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ପଞ୍ଚନାମା କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୁଭାନୀ ରହୁଥିବା ସିନିୟର୍ ରେସିଡେନ୍ସ ହଷ୍ଟେଲର ଉକ୍ତ ରୁମ୍ ଯାଞ୍ଚ କରିଛି। ତାଙ୍କ ମୋବାଇଲ ଫୋନ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୩୨୮/୨୩ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସୁଭାନୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଏ ପାନ୍‌ବାଲା ବାବୁ...କଣ୍ଠଶିଳ୍ପୀଙ୍କ ପରଲୋକ

## ଶୋକରେ ବୁଡ଼ିଲା କୋଶଲୀ-ସମ୍ବଲପୁରୀ କଳା ଜଗତ

ବଲାଙ୍ଗୀର, ୧୫ା୬(ବୀରେନ୍ଦ୍ର ଝାଙ୍କର)


ବିଶିଷ୍ଟ କଣ୍ଠଶିଳ୍ପୀ ଅନିଲ ହରିପାଲ

ନବେ ଦଶକରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ କୋଶଲୀ-ସମ୍ବଲପୁରୀ ଗୀତ ଏ ପାନ୍‌ବାଲା ବାବୁର ଗାୟକ ତଥା ଲେଖକ, ସଙ୍ଗୀତଜ୍ଞ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଅନିଲ ହରିପାଲ(୫୮)ଙ୍କ ଗୁରୁବାର ପରଲୋକ ଘଟିଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବୁଧବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମରଶରୀରକୁ ତାଙ୍କ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ରିନବଚନ ସ୍ଥିତ ବାସଭବନକୁ ନିଆଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଅନିଲଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ କଳା ଓ ସଙ୍ଗୀତ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି।

୧୯୯୦ ଡିସେମ୍ବର ୨୦ତାରିଖରେ ରିଲିଜ୍ ହୋଇଥିଲା ଚର୍ଚ୍ଚିତ କୋଶଲୀ-ସମ୍ବଲପୁରୀ ଗୀତ ଏ ପାନ୍‌ବାଲା ବାବୁ। ରାତାରାତି ଏହି ଗୀତ ଓଡ଼ିଶାର ପୁରପଲ୍ଲୀ ସମେତ ପଡୋଶୀ ମଧ୍ୟପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗରେ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିଲା। ଏହି ଗୀତରେ ସେ କୋଶଲୀ-ସମ୍ବଲପୁରୀ ଶବ୍ଦ ସହ ବିହାରୀ, ଛତିଶଗଡି ଏବଂ ବଙ୍ଗଳା ଶବ୍ଦର ପ୍ରୟୋଗ ଗୀତକୁ ଭିନ୍ନ ସ୍ୱାଦର କରି ଗଢ଼ି ତୋଳିଥିଲା। ଏହି ଗୀତର ଆବେଦନ ଏବେ ପ୍ରବଳ ଥିଲା ଯେ, ଛତିଶଗଡି, ବିହାରୀ, ବଙ୍ଗଳ ସମେତ ଓଡ଼ିଆ ଭାଷାରେ ମଧ ଏହି ଗୀତ ରେକର୍ଡିଂ ହୋଇ ପ୍ରଚାରିତ ହୋଇଥିଲା। ଏ ପାନ୍‌ବାଲା ବାବୁ ଗୀତର ରଚୟିତା, ସଙ୍ଗୀତ ନିର୍ଦ୍ଦେଶକ ଏବଂ ଗାୟକ ଥିଲେ ଅନିଲ ହରିପାଲ। ବଲାଙ୍ଗୀର ଜିଲା ଦାବ୍‌କାନୀ ହେଉଛି ତାଙ୍କର ପୈତୃକ ଗ୍ରାମ। ହେଲେ ତାଙ୍କ ପିତାମାତା ସୁନ୍ଦରଗଡ ଜିଲା ବୀରମିତ୍ରପୁରଠାରେ କାମ କରୁଥିବାରୁ ସେଠାରେ ଅନୀଲଙ୍କ ଜନ୍ମ ହୋଇଥିଲା। ପରେ ସେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ନିରବଚନ ଗାଁରେ ସପରିବାର ରହୁଥିଲେ। ସଫଳ ଗାୟକ ଭାବେ ସେ ଆହୁରି ଅନେକ ଲୋକପ୍ରିୟ ଗୀତ ଗାଇଛନ୍ତି। ଦିନେ ଦେଖା ନାଇଁ ଦେଲେ..., ଏସ୍‌ପିଡି ୱାଲି, ଡବର ହିରୋ ଭଳି ଅନେକ ଲୋକପ୍ରିୟ ଗୀତ ଗାଇଥିଲେ। ମହୁଲ ଝାରେ ବରସିଲା ପାନି... ଗୀତ ହେଉଛି ତାଙ୍କର ଅନ୍ୟତମ ସଫଳ ରଚନା। ତାଙ୍କର ଶତାଧିକ ଗୀତ ଗାଇ ଅନେକ କଣ୍ଠଶିଳ୍ପୀ ଓ ଆଲବମ୍ ଲୋକପ୍ରିୟ ହୋଇଛନ୍ତି। ହେଲେ ଆର୍ଥିକ ଦୁଃସ୍ଥିତି କାରଣରୁ ଅନିଲ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପୁଣି ଥରେ ସଙ୍ଗୀତ ଜଗତରୁ ଉଭାନ୍ ହୋଇଯାଇଥିଲେ। ଆର୍ଥିକ ଅନଟନ ତାଙ୍କୁ ଦିନ ମଜୁରିଆ ଭାବେ କାମ କରିବାକୁ ବାଧ କରିଥିଲା। ତାଙ୍କୁ କଳାକାର ଭତ୍ତାଟିଏ ମିଳି ନ ଥିଲା। ତାଙ୍କ ବିୟୋଗରେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ସଙ୍ଗଠକ ଗୋପାଳ ପ୍ରଧାନ, ପ୍ରସନ୍ନ ମିଶ୍ର, ମଧୁସୂଦନ ନାୟକ, ଗୋବର୍ଦ୍ଧନ ପାଣ୍ଡିଆ, ପଶ୍ଚିମ ଓଡିଶା ପ୍ରଯୋଜକ ସଂଘ ସଭାପତି ସୁଧୀର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଶରତ ମହାକୁର, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଶତ୍ରୁଘ୍ନ ଲୁହା, ବାସୁଦେବ ସା ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସିସିଟିଭି ସଂଯୋଗବେଳେ ଅପରେଟରଙ୍କ ମୃତ୍ୟୁ

**ରଥଯାତ୍ରା ପୂର୍ବରୁ ଅଘଟଣ**

- ପ୍ରଶାସନର ଦାୟିତ୍ୱହୀନତାକୁ ଦୋଷଦେଲେ ସମ୍ପର୍କୀୟ
- କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି

ପୁରୀ, ୧୫ା୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉ ୪ଦିନ ବାକି ଥିବାବେଳେ ଗୁରୁବାର ଏକ ଅଘଟଣ ଘଟିଛି। ପୁରୀ ଟାଉନ ଥାନା ଛାତରେ ଖୋଲାଯାଇଥିବା କଣ୍ଟ୍ରୋଲ ରୁମ୍ ଉପରେ ସିସିଟିଭି ସଂଯୋଗ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବ ଅପରେଟରଙ୍କ ଜୀବନ ଯାଇଛି। ମୃତକ ହେଲେ କଟକ ଜିଲା ରାଜାବଗିଚା ଅଞ୍ଚଳର ରାକେଶ ବେହେରା (୨୫)। ତାଙ୍କ ସମ୍ପର୍କୀୟ ଏ ନେଇ ପ୍ରଶାସନ ଉପରେ ଦୋଷ ଲଦିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପ୍ରଶାସନର ଦାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଘୋଷଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ଲାଗି ପ୍ରଶାସନ ପକ୍ଷରୁ ପୁରୀ ଟାଉନ ଥାନାରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମଧ୍ୟାହ୍ନ ସମୟରେ ରାକେଶ କଣ୍ଟ୍ରୋଲ ରୁମ୍ ଉପରେ ସିସିଟିଭି ସଂଯୋଗ କରୁଥିଲେ। ତେବେ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଆଘାତ ପାଇ ଛିଟିକିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଟାଉନ ଥାନା ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାସନର ଦାୟିତ୍ୱହୀନତା କାରଣରୁ ରାକେଶଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସମ୍ପର୍କୀୟ ଭଣଜା ରାଜେଶ ବେହେରା କହିଛନ୍ତି। ପ୍ରଶାସନ ପକ୍ଷରୁ ସେଫ୍ଟି ସରଞ୍ଜାମ ଦିଆ ନ ଯାଇ ତାଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା, ଫଳରେ ଏଭଳି ଭାବେ ତାଙ୍କର ମୃତ୍ୟୁ ଘଟିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ରାକେଶ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଲେବର କାମ କରିବା ପାଇଁ କାହିଁକି କୁହାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସହ ରାକେଶଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ରାଜେଶ ଦାବି କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ବାଇକ୍ ଦୁର୍ଘଟଣାରେ ୩ ମୃତ, ୨ ଗୁରୁତର

ତାରାକାନ୍ତ ପଟ୍ଟନାୟକ
ଠାକୁରମୁଣ୍ଡା,୧୫ା୬

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅଧୀନ ନଦା ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମହୁଲଡ଼ିହା ଥାନା ଅନ୍ତର୍ଗତ ଶାଳଚୁଆ ଗ୍ରାମ ଧୁଡିବାହାଳି ସାହିର ରାଜେନ୍ଦ୍ର ନାଏକ, ଶୁଭ ନାଏକ ଓ ଆନନ୍ଦପୁର ଥାନା ଅନ୍ତର୍ଗତ ଶାଳବଣି ପଞ୍ଚାୟତ ପାଣ୍ଡୁଆ ଗ୍ରାମର ଗଜେନ୍ଦ୍ର ନାଏକ। ଗୁରୁତର ଶାଳଚୁଆ ଗ୍ରାମ ଧୁଡିବାହାଳି ସାହିର ଧର୍ମସେନ ନାଏକ ଓ ଅଜୟ ନାଏକଙ୍କୁ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ ନଦା- ଶାଳଚୁଆ ପ୍ରଧାନମନ୍ତ୍ରୀ ରାସ୍ତାର ନଦା ଗ୍ରାମ ପଟୁ ଏକ ବାଇକ୍ ଯୋଗେ ୫ ଜଣ ଧୁଡିବାହାଳି ଗାଁକୁ ଫେରୁଥିବା ସମୟରେ ଶାଳଚୁଆ ପଟୁ ପାଣ୍ଡୁଆ ଗ୍ରାମର ଗଜେନ୍ଦ୍ର ନାଏକ ଘରକୁ ଫେରୁଥିଲେ। ଏହି ସମୟରେ ନଦା ଗ୍ରାମ ନିକଟ ଘାଟି ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ମହୁଲଡିହା ଥାନା ପୋଲିସ ତଦନ୍ତ ଜାରି ରଖିଛି।

**ପ୍ରଥମ ପୃଷ୍ଠାରୁ...**

## ୩ ଘଣ୍ଟା ନବଯୌବନ...

ସେମାନେ ଶ୍ରୀମନ୍ଦିର ଭିତରବେଢ଼ା ବୁଲିପାରିବେ ଓ ମହାପ୍ରସାଦ ପାଇ ପାରିବେ, କିନ୍ତୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ। ୧୯ ତାରିଖ ପୂର୍ବାହ୍ନ ୮ଟା ସୁଦ୍ଧା ତାଟି ଖୋଲାଯିବ। ୮ଟାରୁ ୧୧ଟା ପର୍ଯ୍ୟନ୍ତ ଦର୍ଶନ ହେବ। ପରେ ଦ୍ୱାର ବନ୍ଦ କରାଯାଇ ନୀତି ଆରମ୍ଭ କରାଯିବ। ସେହିଭଳି ରାତି ୯ଟାରେ ସେନାପଟା ଲାଗି କରାଯିବ ବୋଲି ଦାସମହାପାତ୍ର କହିଛନ୍ତି। ନବଯୌବନ ଦର୍ଶନ ଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ।

## ବ୍ରିଜ୍‌ଭୂଷଣଙ୍କ ମୁକୁଳିବା...

କ୍ଲୋଜର ରିପୋର୍ଟ ଗ୍ରହଣ କରିବେ ନା ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ତାହା ପରବର୍ତ୍ତୀ ଶୁଣାଣିରେ ଜଣାପଡ଼ିବ। ପଟିଆଲା ହାଉସ୍ କୋର୍ଟ ଅତିରିକ୍ତ ସେସନ୍ସ ଜଜ୍ ରାଜିନ୍ଦର ସିଂ ଜୁଲାଇ ୪ରେ କ୍ୟାନ୍ସେଲେଶନ୍ ରିପୋର୍ଟର ବିଚାର ପାଇଁ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷେ ବୟସ୍କା କୁସ୍ତିଯୋଦ୍ଧାଙ୍କ ମାମଲାରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଦୀପକ କୁମାର ଚାର୍ଜଶିଟ୍‌କୁ ଗ୍ରହଣ କରି ଜୁନ୍ ୨୨ରେ ଏହା ଉପରେ ବିଚାର କରାଯିବ ବୋଲି କହିଛନ୍ତି। ଚାର୍ଜଶିଟ୍‌ରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଦଫା ୩୫୪ (ମହିଳାଙ୍କ ସମ୍ମାନହାନି ଉଦ୍ଦେଶ୍ୟରେ ଆଘାତ), ୩୫୪ଏ (ଯୌନ ଉତ୍ପୀଡ଼ନ), ୩୫୪ଡି(ପିଛା କରିବା), ୫୦୬(ଆପରାଧିକ) ଧମକ ଭଳି ଅଭିଯୋଗ ରହିଥିବା ସରକାରୀ ଓକିଲ ଅତୁଲ ଶ୍ରୀବାସ୍ତବ କହିଛନ୍ତି।

ପ୍ରକାଶ ଯେ, ଜୁନ୍ ୩ ରାତିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆନ୍ଦୋଳନରତ କୁସ୍ତିଯୋଦ୍ଧାମାନଙ୍କୁ ନିଜ ବାସଭବନକୁ ଡକାଇ ଆଲୋଚନା କରିଥିଲେ। ଶାହା ଓ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ହୋଇଥିବା ବୈଠକ ନେଇ ଦୁଇଦିନ ପରେ ଜଣାପଡ଼ିଥିଲା, ଯେତେବେଳେ ସେମାନେ ରେଲୱେ ଚାକିରିରେ ପୁନଃ ଯୋଗଦେଇଥିଲେ। ତେବେ ଆଲୋଚନାର ବିଷୟବସ୍ତୁ ପଦାକୁ ଆସି ନ ଥିଲା। କୁସ୍ତିଯୋଦ୍ଧାମାନେ ବ୍ରିଜ୍‌ଭୂଷଣଙ୍କ ଗିରଫଦାରି ଦାବିରେ ଅଡ଼ିବସିଥିବାବେଳେ ଗତ ୭ ତାରିଖରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସେମାନଙ୍କୁ ନୂଆଦିଲ୍ଲୀସ୍ଥିତ ନିଜ ସରକାରୀ ବାସଭବନକୁ ଡକାଇଥିଲେ। କୁସ୍ତିଯୋଦ୍ଧାମାନେ ଅନୁରାଗଙ୍କ ଆଗରେ ୫ ଦାବି ଉପସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ଡବ୍ଲ୍ୟୁଏଫ୍‌ଆଇର ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯାଉ, ମହାସଂଘ ମୁଖ୍ୟ ପଦରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଉ, ଏହାର କୌଣସି ପଦପଦବୀରେ ବ୍ରିଜ୍‌ଭୂଷଣଙ୍କ ପରିବାର ସଦସ୍ୟଙ୍କୁ ସ୍ଥାନ ଦିଆ ନ ଯାଉ। ସେହିପରି ମେ' ୨୮ରେ ନୂଆ ସଂସଦ ଭବନ ଉଦ୍‌ଘାଟନ ବେଳେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବା ସମୟରେ ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଯାଉ। ଏଥିସହ ବ୍ରିଜ୍‌ଭୂଷଣ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରେସ୍‌ଲରମାନେ ଦାବି ଦୋହରାଇଥିଲେ। ଅନୁରାଗ ଜୁନ୍ ୧୫ ସୁଦ୍ଧା ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଅଲିମ୍ପିକ୍ ମେଡାଲିଷ୍ଟ ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଭିନେଶ ଫୋଗଟ୍‌ଙ୍କୁ ଆଶ୍ୱାସନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଏହି ପ୍ରତିଶ୍ରୁତି ମିଳିବା ପରେ କୁସ୍ତିଯୋଦ୍ଧାମାନେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆନ୍ଦୋଳନ ସ୍ଥଗିତ ରଖିଥିଲେ।

## ଭାଜପା ସରକାରଙ୍କ...

ଏହା ବ୍ୟତୀତ ଗୁରୁବାରର କ୍ୟାବିନେଟ ବୈଠକରେ ସ୍କୁଲ୍ ଇତିହାସ ବହିରେ ହୋଇଥିବା ପରିବର୍ତ୍ତନକୁ ବଦଳାଇବା ଏବଂ କୃଷି ବଜାର ଉପରେ ଆଇନ ଆଣିବାକୁ ନିଷ୍ପତ୍ତି ହୋଇଛି। ଗତବର୍ଷ ମେ'ରେ କେନ୍ଦ୍ର ସରକାର ଅଧାଦେଶ ବଳରେ କର୍ଣ୍ଣାଟକରେ ଧର୍ମାନ୍ତରଣ ବିରୋଧରେ ଆଇନ ଗୃହୀତ କରାଇଥିଲେ, ଯେଉଁଥିରେ ବିରୋଧୀ ଦଳଗୁଡ଼ିକର ପ୍ରତିନିଧିତ୍ୱ ନ ଥିଲା। ଆସନ୍ତା ସେପ୍ଟେମ୍ବରରେ ଏହା ବିରୋଧରେ ରାଜ୍ୟ ବିଧାନସଭାରେ ବିଲ୍ ଉପସ୍ଥାପନ କରାଯିବ।

## ସ୍ଥଳଭାଗ ଛୁଇଁଲା...

ବଳର ଯବାନମାନେ ନିୟୋଜିତ ହୋଇଛନ୍ତି। କଚ୍ଛ ଜିଲା, ଦେବଭୂମି ଦ୍ୱାରକା, ଜାମନଗର, ପୋର୍‌ବନ୍ଦର, ରାଜକୋଟ୍, ମୋର୍ବି ଅଞ୍ଚଳ ଏବଂ ଜୁନାଗଡ଼ ଜିଲାରେ ୨୦.୫ ସେଣ୍ଟିମିଟରରୁ ୨୫ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ତେଣୁ ଖାଲୁଆ ଅଞ୍ଚଳରେ ବନ୍ୟା ହେବା ସମ୍ଭାବନା ରହିଥିବା ମହାପାତ୍ର ସତର୍କ କରାଇଛନ୍ତି। ବାତ୍ୟା 'ବିପର୍ଯ୍ୟୟ' ପାକିସ୍ତାନ ଛୁଇଁବା ପୂର୍ବରୁ ସିନ୍ଧ୍ ପ୍ରଦେଶର ୬୭,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ବିଭିନ୍ନ ସହରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ଦେଖାଦେବ ଓ ବନ୍ଧୁ ମିଳନରୁ ଖୁସି ରହିବେ। କିନ୍ତୁ ସନ୍ଧ୍ୟାରେ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତିରେ, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପକ୍ଷପାତିତା ଓ ବ୍ୟବହାରିକ ବ୍ୟତିକ୍ରମ ସକାଶେ ମନ ଭାରାକ୍ରାନ୍ତ ରହିବ।

**ବୃଷ** – ଆଜିର କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ କଷ୍ଟ ଭୋଗ କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ। ପୂର୍ବ ସ୍ଥିରୀକୃତ ଯୋଜନା ଅନୁଯାୟୀ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଶତ୍ରୁତା କରୁଥିବା ଲୋକମାନଙ୍କ ନିକଟରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ହେବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବାଦବିବାଦ କ୍ରମେ ଜଟିଳ ହୋଇପାରେ।

**କର୍କଟ** – ଉନ୍ନତ ଚିନ୍ତାଧାରା ସହିତ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରି କାର୍ଯ୍ୟ ହାସଲ କରିବେ। କିନ୍ତୁ ଈର୍ଷାପରାୟଣ ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିବ। ପରିବାରରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କଲେ ସଫଳତା ପାଇବେ। ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ଦୂରଯାତ୍ରା କରିପାରନ୍ତି।

**ସିଂହ** – ପାରିପାର୍ଶ୍ୱିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନାରେ ସଫଳ ହେବେ। କେତେକ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି। ଘରୋଇ କାମରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସମସ୍ୟା ରହିଥିଲେ ମଧ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ପରିବାରରେ ସାଧାରଣ କଥାକୁ ଗୁରୁତର ସହ ବିଚାର କରି କାମ କରିବା ଭଲ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷାପରାୟଣ ହୋଇ ସମସ୍ୟା ସୃଷ୍ଟି କରିପାରନ୍ତି।

**ତୁଳା** – ଆଜି ନିଜ ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିରଖିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ସାଧାରଣ କଥାରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ।

**ବିଛା** – କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ କିଛି ଅସୁବିଧା ହେବନି। ବନ୍ଧୁଙ୍କ ବିପରୀତ ଆଚରଣରେ ଦୁଃଖୀ ହେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ପ୍ରତିବନ୍ଧକଜନିତ କେତେକ ପରିସ୍ଥିତିରୁ ଚିନ୍ତିତ ରହିପାରନ୍ତି।

**ଧନୁ** – ସ୍ୱାସ୍ଥ୍ୟ ସମସ୍ୟା, ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ବ୍ୟବସାୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ଜମିଜମା, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** – ଦୀର୍ଘଦିନରୁ ପ୍ରତୀକ୍ଷିତ ଖବର ପାଇବା ସାଙ୍ଗକୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ ଦୃଷ୍ଟିକୋଣରୁ ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଗତକାଲିର ଯୋଜନା ମୁତାବକ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**ମୀନ** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ଆଶାକରି ନିରାଶ ହେବେ। ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନ, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ଦିଗକୁ ମୁହାଁଇପାରେ। ନିଜ ପରିସରରେ ଏକ ଛୋଟ ଘଟଣା ଧୀରେ ଧୀରେ ଭିନ୍ନ ଆକାର ଧାରଣ କରିବାର ଆଶଙ୍କା ରହିଛି।

ଆଜି ଆଷାଢ଼ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର, ଜୁନ୍ ୧୬ ତାରିଖ, ଶେଷ ରଜ, ଭୂଦାହ, ଘଣାଲାଗି, ଶ୍ରୀମନ୍ଦିରରେ ଅନବସର ତ୍ରୟୋଦଶୀ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର- କୃତ୍ତିକା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୪ ଗତେ ଘ.୦୬।୫୭ ମଧ୍ୟେ, ଘ.୧୨।୧୩ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୮ ଗତେ ଘ.୧୧।୪୭ ମଧ୍ୟେ ରାହୁ କାଳ।

**୯୨ କଇଁଛ ଉଦ୍ଧାର, ୨ ଗିରଫ**

ପାପଡ଼ାହାଣ୍ଡି,୧୫।୬(ସ୍ୱପ୍ନଜିତ ପଟ୍ଟନାୟକ): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଥାନା ପୋଲିସ ପକ୍ଷରୁ ୯୨ କଇଁଛ ଉଦ୍ଧାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଆମପାଣିର ଚୈତନ୍ୟ ରାଉତ ଓ ଡାବୁଗାଁ ରାଜେଶ ପାଇକ। ଆମପାଣିରୁ ଝରିଗାଁକୁ ସେମାନେ କଇଁଛ ଚାଲାଣ କରୁଥିବା ଥିବା ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍ ସୂଚନା ଦେଇଛନ୍ତି।

# ପୁଣି ଉତ୍ତପ୍ତ ଉପକୂଳ

- ୪୪ ଡିଗ୍ରୀ ଉପରେ ୩ ସହର
- ୧୯ ଯାଏ ହିଟ୍‌ୱେଭ
- ୧୬ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧୫।୬
(ଅନିଲ ଦାସ)

ମେଘୁଆ ପାଗ ପାଇଁ ଦୁଇଦିନ ହେଲା ଆଶ୍ୱସ୍ତ ହୋଇଥିଲେ ଉପକୂଳ ଜିଲାବାସୀ। ହେଲେ ପାରଦ ପୁଣି ଉପରମୁହାଁ ହୋଇଛି। ଉପକୂଳରୁ ଉପାନ୍ତ ସବୁଠି ସମାନ ସ୍ଥିତି ଦେଖିବାକୁ ମିଳିଛି। ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଝାରସୁଗୁଡ଼ାରେ ସର୍ବାଧିକ ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୪.୧, ସୁନ୍ଦରଗଡ଼ ୪୪, ସମ୍ବଲପୁର ୪୩.୯, ସୋନପୁର ୪୩.୮, ରାଉରକେଲା ୪୩.୨, ବାରିପଦା ୪୩.୨, ତାଳଚେର ୪୩, ବୌଦ୍ଧ ୪୨.୯, ବଲାଙ୍ଗୀର ୪୨.୮, ଅନୁଗୋଳ ୪୨.୭, ନୂଆପଡ଼ା ୪୨.୬, ନୟାଗଡ଼ ୪୨.୫, ଢେଙ୍କାନାଳ ୪୨.୫, ଭୁବନେଶ୍ୱର ୪୨.୪, ଟିଟିଲାଗଡ଼ ୪୨.୨, ବରଗଡ଼ ୪୨, ଭଦ୍ରକ ୪୧.୫, କଟକ ୪୧.୫, ଭବାନୀପାଟଣା ୪୧.୨, ମାଲକାନଗିରି ୪୧, ଚାନ୍ଦବାଲି ୪୦.୭, ବାଲେଶ୍ୱର ୪୦.୬ ଏବଂ କେନ୍ଦୁଝରରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୧୯ ତାରିଖ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ) ଜାରିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି।

ରାଜ୍ୟବାସୀଙ୍କୁ ଗରମ ଓ ଗୁଳୁଗୁଳି କଲବଲ କରୁଥିବା ବେଳେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଳମ୍ବ ସ୍ଥିତିକୁ ଆହୁରି ଜଟିଳ କରିଛି। ତାତିରୁ ନିସ୍ତାର ମିଳୁ ନ ଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହେଲାଣି। ଚାଷୀମାନେ ଅଖିମୁଠି ଅନୁକୂଳ କରିଥିଲେ ମଧ୍ୟ ବର୍ଷା ନ ଥିବାରୁ ଧାନବୁଣା କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଆସନ୍ତା ୧୮ରୁ ୨୦ ତାରିଖ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଆରବସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହେବା ପରେ ଏଥିପାଇଁ ପାଗ ଅନୁକୂଳ ହେବ। ସମୁଦ୍ରପଟୁ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି। ଆସନ୍ତା ୧୮ରୁ ୨୧ ମଧ୍ୟରେ ମୌସୁମୀ ପୂର୍ବ ଭାରତର ଅଧିକାଂଶ ଅଞ୍ଚଳକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ମହିମା ପୀଠ କାୟାକଳ୍ପ ବଦଳିବ

- ୧୧୨ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ
- ମେ’ ୨୯ରେ ୫-ଟି ସଚିବ ଗସ୍ତ କରି ଦେଇଥିଲେ ନିର୍ଦ୍ଦେଶ

ଭୁବନେଶ୍ୱର/ଢେଙ୍କାନାଳ, ୧୫।୬
(ଅନିଲ ଦାସ/ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠର କାୟାକଳ୍ପ ସମ୍ପୂର୍ଣ୍ଣ ବଦଳିବ। ଏହାର ଉନ୍ନତୀକରଣ ସମ୍ପର୍କିତ ୧୧୨ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଗତ ମେ’ ୨୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋରନ୍ଦା ପରିଦର୍ଶନ କରି ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାଧୁସନ୍ଥ, ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ। ୧୫ଦିନ ମଧ୍ୟରେ ପ୍ରକଳ୍ପ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଏ ସଂକ୍ରାନ୍ତ ସବିଶେଷ ପ୍ରସ୍ତାବ ଉପସ୍ଥାପନ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ତ୍ୱରିତ ଅନୁମୋଦନ ମିଳିଛି। ଜିଲାପାଳଙ୍କ ପ୍ରସ୍ତାବରେ ସମାଧି ମନ୍ଦିର ପୁନଃନିର୍ମାଣ, କୌପୀନଧାରୀ ମହିମା ଧର୍ମ ଉପାସନାସ୍ଥଳୀ ପୁନଃନିର୍ମାଣ, ପ୍ରାର୍ଥନା ଗୃହ, ପାଚେରି, ପୁଷ୍କରିଣୀ ପୁନରୁଦ୍ଧାର, ବସ୍‌ଷ୍ଟାଣ୍ଡ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ତିଆରି କରାଯିବ। ଆଭ୍ୟନ୍ତରୀଣ ସଡ଼କ ତିଆରି ସହ ପୀଠ ପରିସର ସମ୍ପୂର୍ଣ୍ଣ ଆଲୋକୀକରଣ ହେବ। ଯୋରନ୍ଦା ଜଗନ୍ନାଥ ମନ୍ଦିରଠାରୁ ସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବପଟ ବଡ଼ ପୋଖରୀର ପୁନରୁଦ୍ଧାର ହେବ। ଚୟନ କରାଯାଇଥିବା ସ୍ଥାନରେ ୨୦୦ ତାଳଗଛ ଓ ୨୦୦ ବରଗଛ ଲଗାଯିବ। ସାମୂହିକ ପ୍ରାର୍ଥନାସ୍ଥଳୀ ସହ ସ୍ନାନ, ଶୌଚ କାର୍ଯ୍ୟ ପାଇଁ ୨୦୦ ପାଇଖାନା ବ୍ୟବସ୍ଥା ହେବ। ମହିମାଗାଦିକୁ ରାଜ୍ୟର ପ୍ରମୁଖ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାର ପକ୍ଷରୁ କୁହାଯାଇଛି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ଟାଙ୍ଗୀ,୧୫।୬(ରଘୁନାଥ ସାହୁ)

**ଋଣ ଭାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା ସନ୍ଦେହ**

ରଜ ଉତ୍ସବରେ ସାରା ରାଜ୍ୟ ମୁଖରିତ ହେଉଥିବା ବେଳେ ଗୁରୁବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ବାଲୁଙ୍ଗାଡିହ ପାଟଣାରେ ଏକ ଦୁଃଖଦ ଘଟଣା ଘଟିଛି। ଘର ଭିତରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେମାନେ ହେଲେ ଦୁର୍ଗାଚରଣ ପୃଷ୍ଟି(୫୧) ଓ ତାଙ୍କ ସ୍ତ୍ରୀ ସତ୍ୟଭାମା ପୃଷ୍ଟି(୪୫)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅତ୍ୟଧିକ ଋଣ ଭାର ଯୋଗୁ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ସୂଚନା ମୁତାବକ, ଗତ ୧୩ ତାରିଖ ରାତିରେ ଦୁର୍ଗାଚରଣ ବୁଧବାର ମେଡିକାଲ ଯିବେ ବୋଲି କହି ପୁଅଝିଅଙ୍କୁ ବଡ଼ଭାଇ କିଶୋର ପୃଷ୍ଟିଙ୍କ ଘରେ ଛାଡିଥିଲେ। ହେଲେ ଗୁରୁବାର ସକାଳେ ପିଲାଙ୍କୁ ଆଣିବାକୁ ଯାଇ ନ ଥିଲେ। ଏପରିକି ଘର କବାଟ ଖୋଲି ନ ଥିଲେ। ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀ ସନ୍ଦେହ କରି ଟାଙ୍ଗୀ ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ଏବଂ ଅତିରିକ୍ତ ତହସିଲଦାର ମମତା ଦାସଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇ ମୃତଦେହ ଜବତ କରାଯିବା ସହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି।









ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। -ଶ୍ରୀମା



# ସମ୍ପର୍କରେ ସଂଶୟ



ବ୍ରହ୍ମ ଚେଲାନି

ବିଗତ ଦୁଇ ଦଶନ୍ଧି ମଧ୍ୟରେ ଆମେରିକା-ଭାରତ ଦ୍ୱିପାକ୍ଷିକ ସମ୍ପର୍କ ଯେଭଳି ଶୀଘ୍ର ମଜଭୁତ ହୋଇଛି ତାହା ତୁଳନାରେ ଅନ୍ୟ କୌଣସି ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ସେଭଳି ଘଟିନାହିଁ। ଅବଶ୍ୟ ଆଗକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ଭାବେ ଏହା ତାଙ୍କର ୮ମ ଗସ୍ତ ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ କ୍ଷମତାକୁ ଆସିବା ପରେ ଦ୍ୱିତୀୟ ଥର ଯାଉଛନ୍ତି। ଏହି ସମ୍ପର୍କରୁ ଭାରତ ଯେତିକି ଲାଭ ପାଇବ ତା'ଠାରୁ ଅଧିକ ପାଇବ ଆମେରିକା। ନିକଟରେ ଭାରତ ଜନସଂଖ୍ୟାରେ ଚାଇନାକୁ ଟପିଯାଇଛି। ଯଦିଓ ଭାରତର ଅର୍ଥ ବ୍ୟବସ୍ଥା ଅପେକ୍ଷାକୃତ ଛୋଟ ତଥାପି ଏହା ଖୁବ୍‌ଶୀଘ୍ର ଅଭିବୃଦ୍ଧି ଲାଭ କରୁଛି। ଅବଶ୍ୟ ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ଉଭାହେଉଛି। ଏହାର ମୋଟ ଘରୋଇ ଉତ୍ପାଦ ( ଜିଡିପି)ବ୍ରିଟେନ୍‌କୁ ଟପିଯାଇଛି ଓ ଜର୍ମାନୀକୁ ପଛରେ ପକାଇବାକୁ ଅଗ୍ରସର ହେଉଛି। ଭାରତ ଏବେ ଆମେରିକାର ଏକ ପ୍ରମୁଖ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ମାର୍କେଟ ଭାବେ ସାମ୍ନାକୁ ଆସିଛି। କିନ୍ତୁ ବାଣିଜ୍ୟିକ ଆମଦାନୀ ଓ ରପ୍ତାନି ଏବେ ଆରମ୍ଭ ହେଉଛି। ଦେଖିବାକୁ ଗଲେ ଏକ ତୀବ୍ର ଭୂରାଜନୈତିକ ପ୍ରତିଯୋଗିତା ଯୁଗରେ ଆମେରିକା ତା'ର ଏକ ସହଯୋଗୀ ଚାହୁଁଛି; ଯିଏ କି ତାକୁ ଚାଇନାର ପ୍ରଭାବ ଓ ଆକ୍ରାମକ ମନୋଭାବକୁ ମୁକାବିଲା କରିବାରେ ସାହାଯ୍ୟ କରିବ।

ତଥାକଥିତ ବନ୍ଧୁତ୍ୱ ସହଯୋଗ ମାଧ୍ୟମରେ ଯୋଗାଣ ଶୃଙ୍ଖଳ କ୍ଷମତା ବଢାଇବାକୁ ଆମେରିକାର ସନ୍ଧାନ ଉପରେ ବିଚାର କରାଯାଉ। ଟ୍ରେଜରି ସେକ୍ରେଟାରି ଜାନେଟ ୟେଲେନ କହିଛନ୍ତି , ଭାରତ ହେଉଛି ବିଶ୍ୱସନୀୟ ବାଣିଜ୍ୟିକ ସହଯୋଗୀ, ଯାହା ସହିତ ଆର୍ଥିକ ଏକୀକରଣକୁ ମଜଭୁତ କରିବା ଲାଗି ଆମେରିକା ସକ୍ରିୟତାର ସହ କାର୍ଯ୍ୟକରୁଛି। ଭୂରାଜନୈତିକ ଓ ସୁରକ୍ଷା ବିପଦ ସମ୍ପନ୍ନ ଦେଶଗୁଡ଼ିକରୁ ଏହାର ବାଣିଜ୍ୟକୁ ଦୂରେଇ ନେଇ ଅନ୍ୟ ଦେଶ ସହ କରିବାକୁ ଆମେରିକା ଚେଷ୍ଟା କରୁଥିବାରୁ ଏଭଳି ପଦକ୍ଷେପ ନେଉଛି। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଭାରତ ମଧ୍ୟ ସାମିଲ ହୋଇଛି। ଚାଇନା ସହ ୩୮ ମାସ ହେଲା ଏହାର ମିଲିଟାରି ଗତିରୋଧ ଜାରି ରହିଛି। ପଛକୁ ହଟିବା ଲାଗି ମନାକରିଦେଇ ଚାଇନାର ବିସ୍ତାରବାଦକୁ ଭାରତ ଖୋଲାଖୋଲି ଆହ୍ୱାନ ଦେଉଛି। ଫଳରେ ତାଇୱାନ ଉପରେ କିଛି ପଦକ୍ଷେପ ନେବା ଚାଇନା ପାଇଁ କଠିନ ହେଉଛି। ବାଇଡେନ ଏହି ସଂଘର୍ଷ ସମ୍ପର୍କରେ କିଛି ମନ୍ତବ୍ୟ ଦେଇନାହାନ୍ତି। କିନ୍ତୁ ନିଶ୍ଚିତ ଭାବେ ସେ ଏହା ଉପରେ ନଜର ରଖୁଛନ୍ତି। ଉଭୟ ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସୁଲିଭାନ ଚଳିତ ମାସରେ ନୂଆଦିଲ୍ଲୀ ଗସ୍ତ କରିବା ଏହାର ବାସ୍ତବତାକୁ ପ୍ରକାଶ କରୁଛି। ଅନ୍ୟ କୌଣସି ଦେଶ ତୁଳନାରେ ଆମେରିକା ସହିତ ଭାରତ ଅଧିକ ଯୁଦ୍ଧାଭ୍ୟାସ କରିସାରିଲାଣି। ୨୦୨୦ ସୁଦ୍ଧା ଏହା ଆମେରିକା ସହ ୪ଟି ଚୁକ୍ତି କରିଥିଲା, ଯାହା ଆମେରିକା ତାହାର ମେଣ୍ଟ ଦେଶଗୁଡ଼ିକ ସହ କରିଛି। ଏହାଦ୍ୱାରା ଦୁଇ ଦେଶ ସାମରିକ ସେବା ବା ଜ୍ଞାନକୌଶଳର ପାରସ୍ପରିକ ଆଦାନପ୍ରଦାନ କରିବା ସହ ବିମାନ ଓ ସାଟେଲାଇଟ ସେନ୍‌ସରରୁ ନିର୍ଦ୍ଦିଷ୍ଟ ଅଞ୍ଚଳର ତଥ୍ୟ ଯୋଗାଇପାରିବେ। ଏହି ସମୟରେ ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ସହ ଭାରତ କ୍ୱାଡ୍‌ରେ ସାମିଲ ହୋଇଛି, ଯାହା ସାମରିକ ଏକୀକରଣର ମହତ୍ତ୍ୱକୁ ପ୍ରତିପାଦିତ କରୁଛି।



ଭାରତ ସହ ସାମରିକ ସମ୍ପର୍କ ଦୃଢ କରିବା ଏକ ବିରଳ ପ୍ରସଙ୍ଗ, ଯାହା ଆମେରିକାରେ ଦ୍ୱିଦଳୀୟ ସର୍ବସମ୍ମତି ଦ୍ୱାରା ସୃଷ୍ଟି ହୋଇଛି। ଏବେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିବା ପାଇଁ ମୋଦିଙ୍କୁ ଆମନ୍ତ୍ରଣ କରାଯାଇଛି। ଉଭୟ ଡେମୋକ୍ରାଟିକ ଓ ରିପବ୍ଲିକାନ ନେତୃତ୍ୱ ସମୟରେ ସେ ପ୍ରଥମ ଭାରତୀୟ ଭାବେ ଦୁଇଥର କଂଗ୍ରେସକୁ ସମ୍ବୋଧିତ କରିବାକୁ ଯାଉଛନ୍ତି। କିନ୍ତୁ ଭାରତ ସହ ରଣନୀତିକ ସମ୍ପର୍କ ଦୃଢ କରିବାରେ ଆମେରିକାର ପ୍ରୟାସ ନିରାଶ କରିବ ବୋଲି ପାଶ୍ଚାତ୍ୟର ସଂଶୟବାଦୀମାନେ ବିଶ୍ୱାସ କରୁଛନ୍ତି। ଉଦାହରଣ ସ୍ୱରୂପ,ଏବେ ଜଣେ ସମାଲୋଚକ ଘୋଷଣା କରିଥିଲେ ଯେ, ଭାରତ କେବେ ବି ଆମେରିକାର ଏକ ବନ୍ଧୁ ହୋଇପାରିବ ନାହିଁ। ଅନ୍ୟ ଜଣେ ଯୁକ୍ତି ବାଢିଥିଲେ ଯେ, ଭାରତକୁ ଏକ ମୁଖ୍ୟ ସହଯୋଗୀ ଭାବେ ବିଚାର କରିବା ଆମେରିକାକୁ ଚାଇନା ସହ ଥିବା ଏହାର ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ସାହାଯ୍ୟ କରିବ ନାହିଁ।

ଭାରତ ସାମରିକ ସ୍ୱାଧୀନତା ବଜାୟ ରଖିବାକୁ ପ୍ରତିବଦ୍ଧତା ପ୍ରକାଶ କରିବା ହେଉଛି ଏକ ମୁଖ୍ୟ ବିଷୟ। ମୋଦି କ୍ଷମତାକୁ ଆସିବା ପରଠାରୁ ଭାରତ କ୍ୱଚିତ ଗୋଷ୍ଠୀ ନିରପେକ୍ଷତା ପ୍ରକାଶ କରିଛି, ବରଂ ବହୁ ମେଣ୍ଟରେ ସାମିଲ ହୋଇଛି। ଗଣତାନ୍ତ୍ରିକ ଶକ୍ତିଗୁଡ଼ିକ ସହ ଏହାର ଭାଗୀଦାରିକୁ ଦୃଢ଼ କରୁଥିବାବେଳେ ଏହା ରୁଷିଆ ସହ ତା'ର ପାରମ୍ପରିକ ନିବିଡ଼ତାକୁ ବଜାୟ ରଖିଛି। କିନ୍ତୁ ଆମେରିକା ଓ ରୁଷିଆ ସହ ଭାରତର ସମ୍ପର୍କ ବିପରୀତ ଦିଗରେ ଗତି କରୁଥିବା ମନେହେଉଛି। ଆମେରିକା ସହ ଏକ ବ୍ୟାପକ ଓ ବହୁମୁଖୀ ଭାଗୀଦାରି ଗଢୁଛି ଭାରତ। ମାନବ ଯିବା ଯୋଗ୍ୟ ମହାକାଶଯାନ ନିର୍ମାଣର ସହଯୋଗଠାରୁ ଆରମ୍ଭ କରି ଦୃଢ ସେମିକଣ୍ଡକ୍ଟର ସପ୍ଲାଏ ଚେନ୍ ଏଥିରେ ସାମିଲ ଥିବାବେଳେ ରୁଷିଆ ସହିତ ଭାରତର ସମ୍ପର୍କ ଏବେ ପ୍ରତିରକ୍ଷା ଓ ଶକ୍ତି ମଧ୍ୟରେ ସୀମିତ ରହିଛି। ତେବେ ୟୁକ୍ରେନ୍ ଆକ୍ରମଣ ପରଠାରୁ ପାଶ୍ଚାତ୍ୟ ଯେଭଳି ରୁଷିଆଠାରୁ ଅଲଗା ହୋଇଯାଇଛି ଭାରତ ତା'ଠାରୁ ସେଭଳି ଦୂରେଇ ଯିବାକୁ ପ୍ରସ୍ତୁତ ନୁହେଁ। କାରଣ ଚାଇନାକୁ ମୁକାବିଲା କରିବାକୁ ରୁଷିଆ ଉପଯୋଗୀ ହେବ ବୋଲି ଭାରତ ଏବେବି ବିଚାର କରୁଛି। ଭାରତର ଦୃଷ୍ଟିକୋଣ ହେଉଛି, ଚାଇନା ଓ ରୁଷିଆ ଆଦୌ ପ୍ରକୃତ ବନ୍ଧୁ ନୁହନ୍ତି, ବରଂ ବାସ୍ତବରେ ପ୍ରତିଦ୍ୱନ୍ଦ୍ୱୀ । ଆମେରିକା ନୀତି ଦ୍ୱାରା ଭାରତ ଏହି ଉଭୟ ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ବାଧ ହୋଇଛି। ଭାରତ ଏହାର ନୀତିର ପୁନର୍ବିଚାରରେ ଆମେରିକା ତା'ପାଇଁ କମ୍ ଲାଭଦାୟକ ହେବ, ଯାହା ଭାରତ ପାଇଁ ନୈରାଶ୍ୟର କାରଣ । କେବଳ ଏହି କ୍ଷେତ୍ରରେ ଆମେରିକା ନୀତି ଭାରତର ସୁରକ୍ଷା ସ୍ୱାର୍ଥକୁ ଅଣଦେଖା କରୁଛି ବୋଲି ଭାରତ ବିଶ୍ୱାସ କରୁନାହିଁ ବରଂ ଗଣ ଗିରଫ, ନିଖୋଜ ଓ ନିର୍ଯାତନା ଏକ ନୀତି ହୋଇଥିବା ପାକିସ୍ତାନକୁ କୋଳେଇ ନେଇଥିବାବେଳେ ମ୍ୟାନ୍‌ମାର ଓ ଇରାନ ଉପରେ କଠୋର କଟକଣା ଜାରି ରଖିବାରେ ଆମେରିକାର ଆଗ୍ରହକୁ ବି ଭାରତ ଗୁରୁତ୍ୱର ସହ ନେଉଛି। ଆମେରିକା ଏବେ ବାଂଲାଦେଶର ଧର୍ମନିରପେକ୍ଷ ସରକାରର ଅଧିକାରୀଙ୍କ ବିରୋଧରେ ଭିଜା କଟକଣା ଲଗାଇବା ପାଇଁ ଧମକ ଦେଉଛି। ଦେଖିବାକୁ ଗଲେ ଏହି ଦେଶ ଇସଲାମ ସନ୍ତ୍ରାସବାଦ ବିରୋଧରେ ଲଢୁଛି। ଯଦି ଏହା ବିଶ୍ୱାସ କରାଯାଉଛି ଯେ ତାହା ନିର୍ବାଚନକୁ ଅଣଦେଖା କରୁଛି , ତେବେ ତାହା ଠିକ୍ ନୁହେଁ ବରଂ ଏହା ଆସନ୍ତା ବର୍ଷ ହେବ।

ହ୍ୱାଇଟ୍ ହାଉସର ଏସିଆ ପଲିସି ମୁଖ୍ୟ କ୍ରୁଟ କାମ୍ବେଲ ସ୍ୱୀକାର କରିଛନ୍ତି ଯେ, ଭାରତର ସ୍ୱତନ୍ତ୍ର ରଣନୀତିକ ଚିତ୍ର ରହିଛି ଏବଂ ଏହା ଏକ ସ୍ୱାଧୀନ ତଥା ଶକ୍ତିଶାଳୀ ଦେଶ ହେବାକୁ ଚାହୁଁଛି। ଆମେରିକାର ଗ୍ରାହକ ନ ହୋଇ ବି ଭାରତ ବୃହତ୍ ଶକ୍ତି ହୋଇପାରିବ। କାମ୍ବେଲ ଯାହା କହିଛନ୍ତି ତାହା ଠିକ୍। କିନ୍ତୁ ତାହା ମାନେ ନୁହେଁ ଯେ ସଂଶୟବାଦୀମାନେ ବି ଠିକ୍। ପାରମ୍ପରିକ ଚୁକ୍ତି ଆଧାରିତ ମେଣ୍ଟ କାମ କରୁ ନ ଥିବାବେଳେ ଆମେରିକା ଆରମ୍ଭ କରୁଥିବା ଏହି ପ୍ରକାର କୋହଳ ମେଣ୍ଟରେ ଚୁକ୍ତିର ଆବଶ୍ୟକ ନାହିଁ, ବରଂ କ୍ୟାମ୍ବେଲ ଗୁରୁତ୍ୱ ଦେଇଥିବା ବ୍ୟକ୍ତି-ବ୍ୟକ୍ତିର ସମ୍ପର୍କ ଏବଂ ଟେକ୍‌ନୋଲୋଜି ଓ ସେହିଭଳି ବିଷୟରେ ସହଯୋଗକୁ ବନ୍ଧୁତ୍ୱରେ ସାମିଲ କଲେ ତାହା ଉଭୟ ପକ୍ଷକୁ ଲାଭଦାୟକ ହୋଇପାରିବ। ଭାଗୀଦାରି ରଣନୀତିକ ସ୍ୱାର୍ଥକୁ ନେଇ ଆମେରିକା ଓ ଭାରତ ଏକାଠି ହୋଇଛନ୍ତି। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ଚାଇନାର ଜବରଦସ୍ତିରୁ ମୁକ୍ତ ରଖିବାକୁ ଏଭଳି କରିଛନ୍ତି। କିନ୍ତୁ ଚାଇନା ଯେ ପର୍ଯ୍ୟନ୍ତ ତା'ର ଏବକାର କାର୍ଯ୍ୟକଳାପ ବଜାୟ ରଖିଥିବ ସେ ପର୍ଯ୍ୟନ୍ତ ଭାରତ ଓ ଆମେରିକା ସମ୍ପର୍କ ରହିବ।

**ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ ଷ୍ଟଡିଜ,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଗୁଣସୂତ୍ର ଶୁଦ୍ଧତା ଯାଞ୍ଚ



ଡା. ପ୍ରଫୁଲ୍ଲ କୁମାର ଦାସ

ଭାରତ ସରକାର ଦେଶବାସୀଙ୍କ ଜାତିଗତ ଶୁଦ୍ଧତା ଉପରେ ଯାଞ୍ଚ ପାଇଁ ଡିଏନ୍‌ଏ ପରୀକ୍ଷା କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୧୦ କୋଟି ଟଙ୍କାର କିଟ୍ ଅର୍ଡର କରାଯାଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଦେଶରେ ବିବାଦ ମୁଣ୍ଡ ଟେକିଛି। ବିବାଦ ସୃଷ୍ଟିହେବା ପରେ ଏପରି କୌଣସି ଉଦ୍ଦେଶ୍ୟ ନ ଥିବା ଦର୍ଶାଇ ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି।

ୟୁରୋପ, ଉତ୍ତର ଆମେରିକା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ଅନ୍ୟ କେତେକ ଭାଗରେ ଉଗ୍ର ଜାତୀୟତାବାଦ ବଢ଼ିବାରେ ଲାଗିଛି। ଭାରତରେ ମଧ୍ୟ ଦକ୍ଷିଣପନ୍ଥୀମାନେ ନିଜ ଗୌରବମୟ ଇତିହାସକୁ ନେଇ ଗର୍ବ ଅନୁଭବ କରିଥାନ୍ତି। ବିଶେଷକରି ଉତ୍ତର ଭାରତରେ ଜାତିପ୍ରଥାର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ଉଚ୍ଚ ଜାତିର ଲୋକେ ନିଜକୁ ଆର୍ଯ୍ୟ ବିବେଚନାକରି ନିମ୍ନ ବର୍ଣ୍ଣର ଲୋକଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏହି ପରିପ୍ରେକ୍ଷୀରେ ନୂଆ ବିବାଦକୁ ଇନ୍ଧନ ଦେବା ଭଳି ଏକ ପ୍ରସଙ୍ଗ ସାମ୍ନାକୁ ଆସିଛି। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଷ୍ଟଡିଜ ସହକାରୀ ପ୍ରାଧ୍ୟାପକ ବସନ୍ତ ଏସ୍.ସିନ୍ଦେଙ୍କ ସହ ୨ମାସ ତଳେ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଗୋବିନ୍ଦ ମୋହନ ଓ ଅନ୍ୟ କେତେଜଣ ବିଦ୍ୱାନ ହାଇଦ୍ରାବାଦରେ ବୈଠକ କରିଥିଲେ। ଉକ୍ତ ବୈଠକ ପରେ ୧୪୦ କୋଟି ଭାରତୀୟଙ୍କ ଜିନ୍‌ଗତ ଶୁଦ୍ଧତା ଉପରେ ଅଧ୍ୟୟନ ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆନୁବଂଶିକ ଇତିହାସ ପ୍ରମାଣ କରାଯାଇପାରିବ ବୋଲି କେନ୍ଦ୍ର ସରକାର ବିବେଚନା କରୁଛନ୍ତି। ଡିଏନ୍‌ଏ-ପ୍ରୋଫାଇଲିଂ କିଟ୍ସ ଓ ଅନ୍ୟ ଉପକରଣ କିଣିବା ପାଇଁ ମନ୍ତ୍ରଣାଳୟ ୧୦ କୋଟି ଟଙ୍କା ଆବଣ୍ଟନ କରିଛି। ଆର୍ଯ୍ୟମାନେ ଅନ୍ୟ ଦେଶରୁ ଭାରତକୁ ଆସି ଏଠାକାର ମୂଳ ବାସିନ୍ଦାମାନଙ୍କୁ ବିସ୍ଥାପିତ କରିଥିବା ନେଇ ଏକ ସିଦ୍ଧାନ୍ତ ରହିଛି, ଯାହାକୁ ପ୍ରତ୍ନତତ୍ତ୍ୱବିତ୍ ସିନ୍ଦେ ଖଣ୍ଡନ କରିଛନ୍ତି। ସିନ୍ଦେ କହିଛନ୍ତି, ୧୦,୦୦୦ ବର୍ଷ ପୂର୍ବେ ଭାରତୀୟ ଜନସଂଖ୍ୟାର ମୂଳ ଆନୁବଂଶିକ ଢାଞ୍ଚାରେ ପରିବର୍ତ୍ତନ ଓ ଜିନ୍‌ର ମିଶ୍ରଣ ହୋଇଥିଲା। ଜନସଂଖ୍ୟାରେ ଯୋଗସୂତ୍ରର ସାନ୍ଦ୍ରତା ଓ କେଉଁ ସମୟରେ ଏହି ପ୍ରକ୍ରିୟା ଘଟୁଛି ତାହା ଉପରେ ଆନୁବଂଶିକ ପରିବର୍ତ୍ତନ ନିର୍ଭରକରିଥାଏ। ଏହା ଜାଣିବା ପରେ ଆନୁବଂଶିକ ଇତିହାସ ସମ୍ପର୍କରେ ଆମର ସମ୍ପୂର୍ଣ୍ଣ ଧାରଣା ଆସିଯିବ। ଭାରତରେ ଜାତିଗୁଡ଼ିକର ବିଶୁଦ୍ଧତାକୁ ପରଖିବା ପାଇଁ ଏହା ଏକ ଉଦ୍ୟମ ବୋଲି ସିନ୍ଦେ କହିଛନ୍ତି।

ଆସନ୍ତୁ, ସର୍ବେପ୍ରଥମେ ଜାଣିବା ରେସିଆଲ ପ୍ୟୁରିଟି କ'ଣ? ଏହା ହେଉଛି ଜାତି/ବର୍ଣ୍ଣ ଆଧାରିତ ଗୁଣସୂତ୍ରର ଶୁଦ୍ଧତା। ଏହା ଆଧାରରେ ଜଣେ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନ୍‌ଏ ନମୁନା ସଂଗ୍ରହକରି ଯାଞ୍ଚ କରାଯାଇଥାଏ। ଅଧ୍ୟୟନ ପରେ ମଣିଷ ଜାତିକୁ ଉଚ୍ଚରୁ ନୀଚ ଅନୁକ୍ରମରେ ରଖାଯାଇଥାଏ। ୧୯୦୦-୧୯୨୦ ମଧ୍ୟରେ ଆମେରିକାରେ ଶ୍ୱେତାଙ୍ଗମାନଙ୍କ ସୁରକ୍ଷା ଆଳରେ ଜାତିଗତ ଶୁଦ୍ଧତା ଅଭିଯାନ ଜୋର ଧରିଥିଲା। ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡଲ୍ଫ ହିଟ୍‌ଲର ବିଭିନ୍ନ ଜାତି ଆଧାରରେ ଏକ ରେସିଆଲ ପଲିସି କାର୍ଯ୍ୟକାରୀ କରାଇଥିଲେ। ଏଥିରେ ଆର୍ଯ୍ୟ ଜାତିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ୧୯୩୫ ସେପ୍ଟେମ୍ବର ୧୫ରେ ନ୍ୟୁରେମ୍ବର୍ଗ ଲ ନାମରେ ଏକ ବିବାଦୀୟ ଆଇନ ପ୍ରଣୟନ କରାଯାଇଥିଲା।

କୋଲକାତାସ୍ଥିତ ଭାରତର ନୃତତ୍ତ୍ୱ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ଏଏନ୍‌ଏସ୍‌ଆଇ ଜାତିଗତ ଶୁଦ୍ଧତା ଯାଞ୍ଚ ପ୍ରସଙ୍ଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ପ୍ରକଳ୍ପ କାର୍ଯ୍ୟରୁ ଓହରିଯାଇଛି। ୨୦୧୯ ରେ ପ୍ରକଳ୍ପ ଆରମ୍ଭ ବେଳେ ଏହି ସଂସ୍ଥା ସେଥିରେ ସାମିଲ ଥିଲା। ସେତେବେଳେ ଏଏନ୍‌ଏସ୍‌ଆଇ ପକ୍ଷରୁ କୁହାଯାଇଥିଲା ଯେ, ମଣିଷ ଶରୀରରେ ଥିବା କୋଷିକାକୁ ସମ୍ପୃକ୍ତ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନ୍‌ଏ ନମୁନା ବିକଶିତ କରିବା ପ୍ରକଳ୍ପର ଉଦ୍ଦେଶ୍ୟ। ଏହାକୁ ସାମ୍ପ୍ରତିକ ସମୟରେ ଭାରତୀୟ ଜନସଂଖ୍ୟାର ଗୁଣସୂତ୍ର ଅନୁକ୍ରମ ବହୁରୂପତାରେ ବ୍ୟବହାର କରାଯାଇପାରିବ। ପ୍ରକାଶ ଯେ, ଏଏନ୍‌ଏସ୍‌ଆଇ ଭାରତରେ ବସବାସ କରୁଥିବା ଲୋକଙ୍କ ଜାତିର ଅଗୁଣିତ କୋଷିକାକୁ ପୁନଃ ଅନୁକ୍ରମରେ ରଖି ସେମାନଙ୍କ ଆନୁବଂଶିକ ବିବିଧତାକୁ ବୁଝିବାକୁ ଚାହୁଁଥିବା କହିଥିଲା। କେବଳ ଏତିକି ନୁହେଁ, ଆଧୁନିକ ମାନବକୁ ଆଫ୍ରିକାରୁ ବିସ୍ତାର କରାଇବାରେ ଭାରତର ଭୂମିକାକୁ ପ୍ରମାଣିତ କରିବାକୁ ମଧ୍ୟ ଚାହିଁଥିଲା। ଆଧୁନିକ ମଣିଷମାନେ ଆଫ୍ରିକାରୁ ଆରବ ଦେଇ ଭାରତୀୟ ଉପମହାଦେଶ ପରେ ଦକ୍ଷିଣ-ପୂର୍ବ ଏସିଆ ଏବଂ ଶେଷରେ ଅଷ୍ଟ୍ରେଲିଆକୁ ଯାତ୍ରାକରି ଦକ୍ଷିଣ ମାର୍ଗ ଦେଇ ବିସ୍ତାର ଲାଭ କରିଥାଇପାରନ୍ତି ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିଲା।

**କନ୍‌ସଲଣ୍ଟାଣ୍ଟ, ରେଡିଓଲୋଜିଷ୍ଟ,**
**ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡିକାଲ କଲେଜ, କଟକ,**
**ମୋ: ୯୪୩୭୦୨୩୪୪୩**

## ଏଇ ଭାରତରେ

ବିଜ୍ଞାନର ଅଗ୍ରଗତି ସହ ଦିନକୁ ଦିନ ନୂଆ ଟେକ୍‌ନିକ ସାମ୍ନାକୁ ଆସୁଛି । ସେଥି ମଧ୍ୟରୁ ଝାଡ଼ଖଣ୍ଡର ଇଞ୍ଜିନିୟର ଗୌରବ ଆନନ୍ଦଙ୍କ ଟେକ୍‌ନିକ ଅନ୍ୟତମ। ଯେଉଁଥିରେ ସେ ଗାଡ଼ିଆ ଦଳରୁ ଶାଢ଼ି ତିଆରି କରିପାରିଛନ୍ତି। ଗାଡ଼ିଆରେ ଦଳ ଖୁବ୍‌ଶୀଘ୍ର ବଢ଼ିବା ଫଳରେ ସୂର୍ଯ୍ୟାଲୋକ ପାଣିରେ ପଡ଼େ ନାହିଁ ଓ ଏଥିପାଇଁ ପାଣି ଦୂଷିତ ହୋଇଥାଏ। ଏହି ସମସ୍ୟା ଦୂର କରିବା ଲାଗି ସେ ଦଳରୁ ସୂତା ପ୍ରସ୍ତୁତ କରି ପଶ୍ଚିମବଙ୍ଗ ଶାନ୍ତିପୁରାର ବୁଣାକାରମାନଙ୍କ ଦ୍ୱାରା ଶାଢ଼ି ତିଆରି କରୁଛନ୍ତି। ଏହି ଶାଢ଼ି ଖୁବ୍ ସୁନ୍ଦର ହେଉଛି । ଏହାକୁ କୁହାଯାଉଛି ଫ୍ୟୁଜନ ଶାଢ଼ି। ଏବେ ୨୫ କେ.ଜି. ଦଳରୁ ଗୋଟିଏ ଶାଢ଼ି ତିଆରି ହୋଇପାରୁଛି। ୨୦୨୨ରେ ଶାନ୍ତିପୁରାର ମହିଳାମାନେ ପ୍ରଥମେ ଶାଢ଼ି ବୁଣିଥିଲେ। ଏବେ ଗାଁର ୪୫୦ ମହିଳାଙ୍କୁ ଗୌରବ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଗୌରବ ମଧ୍ୟ 'ସ୍ୱଚ୍ଛତା ପୁକାର' ନାମକ ଏକ ସଂସ୍ଥା ଚଳାଉଛନ୍ତି। ଏହି ସଂସ୍ଥା ଦ୍ୱାରା ନଦୀ ସଫା ଲାଗି ଅଭିଯାନ ଚାଲିଛି। ଏହି ଅଭିଯାନ ଚଳାଉଥିବା ସମୟରେ ପୁଷ୍କରିଣୀରେ ଦଳ ଦେଖି ତାହାର ସମାଧାନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ସେ ସେଥିରୁ ସୂତା ଓ ଶାଢ଼ି ତିଆରି କରିବାକୁ ସକ୍ଷମ ହୋଇଥିଲେ।

## ଚିରନ୍ତନୀ

ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| | 2 | | | | | | 8 | |
| | 8 | | 2 | | 5 | | | 4 |
| | 4 | | | | 3 | | 2 | |
| | | 5 | | 7 | 9 | 3 | | |
| 3 | | | | | 8 | | | 5 |
| 7 | | | | | | | | |
| | | 1 | | | | 2 | | 6 |
| | | | 1 | 3 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 1 | 3 | 6 | 2 | 9 | 4 |
| 4 | 2 | 3 | 8 | 5 | 9 | 1 | 6 | 7 |
| 6 | 1 | 9 | 2 | 7 | 4 | 3 | 8 | 5 |
| 2 | 7 | 4 | 6 | 9 | 3 | 8 | 5 | 1 |
| 8 | 3 | 5 | 7 | 2 | 1 | 6 | 4 | 9 |
| 1 | 9 | 6 | 5 | 4 | 8 | 7 | 3 | 2 |
| 9 | 4 | 1 | 3 | 6 | 7 | 5 | 2 | 8 |
| 7 | 6 | 2 | 4 | 8 | 5 | 9 | 1 | 3 |
| 3 | 5 | 8 | 9 | 1 | 2 | 4 | 7 | 6 |

ଗତକାଲିର ଉତ୍ତର

# ଅନ୍ଧବିଶ୍ୱାସର ସ୍ମୃତିସ୍ତମ୍ଭ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ନିକଟରେ (୨ ଜୁନ୍,୨୦୨୩) ବାଲେଶ୍ୱରର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ଥିଲା ଅଭୂତପୂର୍ବ। ଏଥିରେ ମୃତ୍ୟୁବରଣ କରିଥିଲେ ପ୍ରାୟ ୨୮୯ ଲୋକ, ସେମାନଙ୍କ ମୃତଦେହକୁ ରଖାଯାଇଥିଲା ନିକଟସ୍ଥ ଏକ ବିଦ୍ୟାଳୟ ଗୃହରେ ଏବଂ ସେଠାରୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା ବିଭିନ୍ନ ଡାକ୍ତରଖାନାକୁ। ଅବଶ୍ୟ ଏହି ଦୁର୍ଘଟଣାର ସ୍ମୃତି ଜନମାନସରେ ଦୀର୍ଘସ୍ଥାୟୀ ହେବ। ତେବେ ମୃତବ୍ୟକ୍ତିମାନଙ୍କ 'ଅତୃପ୍ତ ଆତ୍ମା' ସେଠାରେ ପ୍ରେତହୋଇ ବସାବାନ୍ଧି ଥିଲେ ଏବଂ ସେଥିପାଇଁ କିଛି ସ୍ଥାନୀୟ ଲୋକଙ୍କ ପ୍ରରୋଚନାରେ ତାହାକୁ ଭାଙ୍ଗି ନୂତନ ଗୃହ ନିର୍ମାଣ ଲାଗି ସରକାର ନେଇଥିବା ପଦକ୍ଷେପ ନିଶ୍ଚୟ ଭାବେ ଏହାକୁ 'ଅନ୍ଧବିଶ୍ୱାସର ସ୍ମୃତିସ୍ତମ୍ଭ' ରୂପ ଦେବ, ଯାହାକି ଆହୁରି ଦୀର୍ଘଦିନ ଧରି ପ୍ରତିମୁହୂର୍ତ୍ତରେ ଛାତ୍ରୀଛାତ୍ରମାନଙ୍କ ସମେତ ଅନ୍ୟମାନଙ୍କର ବୈଜ୍ଞାନିକ ଚେତନାକୁ ଆନ୍ଦୋଳିତ କରିଚାଲିବ।



ଆଧୁନିକ ଶିକ୍ଷାର ଚରମ ଲକ୍ଷ୍ୟ ହେଲା ବୈଜ୍ଞାନିକ ଚେତନା ସୃଷ୍ଟି। ଭୂତପ୍ରେତରେ ବିଶ୍ୱାସ ଏହାର ଘୋର ପରିପନ୍ଥୀ। କାରଣ ଏବେ ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହୋଇ ସାରିଲାଣି ଯେ, ପ୍ରତ୍ୟେକ ସଜୀବର ଜୀବନୀଶକ୍ତି 'ପରମାତ୍ମା' ତିଆରି କରୁଥିବା 'ଆତ୍ମା' ନୁହେଁ, ବରଂ କେତେକ ଜୈବରାସାୟନିକ କ୍ରିୟା ପ୍ରକ୍ରିୟାର ସନ୍ତୁଳନରୁ ସୃଷ୍ଟି ହୋଇଥାଏ। ଏଥିରେ ବ୍ୟାଘାତ ଆସିଲେ ତା'ର ମୃତ୍ୟୁ ଘଟେ। ଏପରିସ୍ଥଳେ, 'ଆତ୍ମା' ଏବଂ ମୃତ୍ୟୁ ପରେ ତାହା ପ୍ରେତ ପାଲଟିବା ବିଶ୍ୱାସ ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ, ଯେଉଁମାନେ ଏହାର ପ୍ରଚାର ଓ ପ୍ରସାର ଘଟାଉଛନ୍ତି ସେମାନେ ଏହି ପ୍ରଶ୍ନ କେତୋଟିର ଉତ୍ତର ଦେଇ ପାରିବେ କି ?

୧. ପାରମ୍ପରିକ ବିଶ୍ୱାସ ଅନୁସାରେ ପ୍ରତ୍ୟେକ ଜୀବର 'ଆତ୍ମା' ଥିବାର କୁହାଯାଏ। ତେବେ, ଜୀବଜଗତର ସୃଷ୍ଟିକାଳରୁ ଆଜି ମଧ୍ୟରେ ସେମାନଙ୍କ ସଂଖ୍ୟା ଅନେକ ଗୁଣ ବଢ଼ିଛି। 'ପରମାତ୍ମା' କ'ଣ ଏହା ଅଧିକରୁ ଅଧିକ ଗଢ଼ିବାରେ ଲାଗି ରହିଛନ୍ତି ? ୨. ଯଦି ସବୁ ଜୀବଙ୍କର 'ଆତ୍ମା' ଅଛି, ତେବେ ମଲାପରେ କେବଳ ମଣିଷ ଭୂତ ବା ପ୍ରେତ ହେଉଛି, ଅନ୍ୟମାନେ ହେଉନାହାନ୍ତି କାହିଁକି? ସେପରି ହେଉଥିଲେ ପୃଥିବୀ ଏବେ ସେହି ଅଶରୀରୀମାନଙ୍କରେ ଭରି ସାରନ୍ତାଣି। ୩. ପୃଥିବୀର ଜନସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ତେବେ, ସେହି ଅନୁପାତରେ ଭୂତପ୍ରେତଙ୍କ ସଂଖ୍ୟା ବଢୁନି କାହିଁକି ? ୪. ଆମ ବିଶ୍ୱାସ ଅନୁସାରେ ପୁରୁଷମାନେ ମଲେ 'ଭୂତ' ଏବଂ ସ୍ତ୍ରୀମାନେ 'ଡାହାଣୀ' ହୁଅନ୍ତି। ତେବେ 'ଆତ୍ମା'ର କ'ଣ ଲିଙ୍ଗଭେଦ ଅଛି ? ୫. ବୈଜ୍ଞାନିକମାନେ ଏବେ ଜୀବକୋଷ ଗଠନ କରୁଥିବା ଜୈବରାସାୟନିକ ଉପାଦାନମାନ ନେଇ 'ମାଇକୋପ୍ଲାଜ୍‌ମା ଲାବୋରେଟୋରିୟମ୍' ନାମକ ଜୀବାଣୁଟିଏ ତିଆରି କରିଛନ୍ତି। ଏହା ସଜୀବ ଏବଂ ଏହାର ଜନ୍ମ ମୃତ୍ୟୁ ରହିଛି। ବଂଶବୃଦ୍ଧି ଶକ୍ତି ମଧ୍ୟ ରହିଛି। ଏ ବୈଜ୍ଞାନିକମାନେ ଏହାର ସୃଷ୍ଟି ପାଇଁ 'ଆତ୍ମା' ଆଣିଲେ କେଉଁଠୁ?

ଏହିଭଳି ପଚାରି ବସିଲେ ପ୍ରଶ୍ନସଂଖ୍ୟା ଅନେକ ହେବ ତେବେ, ଚାଲନ୍ତୁ ବର୍ତ୍ତମାନ 'ଆତ୍ମା'ର ସତ୍ତାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ନ କରି ବାହାନଗାର ଦୁର୍ଘଟଣାକୁ ଫେରିବା। ପାରମ୍ପରିକ ବିଶ୍ୱାସ ଅନୁସାରେ ମୃତ୍ୟୁପରେ ଆତ୍ମା ଶରୀର ଛାଡ଼ି ଚାଲିଯାଏ। ତେବେ ଏ ଦୁର୍ଘଟଣାରେ ମୃତ୍ୟୁବରଣର ଅନେକ ସମୟ ପରେ ମୃତଦେହଗୁଡ଼ିକୁ ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ଅତଏବ ସେତେବେଳେ ତାଙ୍କ 'ଆତ୍ମା' ଶରୀର ତ୍ୟାଗ କରିସାରିଥିବେ। ଏପରିସ୍ଥଳେ ଏଠାକୁ ତାଙ୍କ ଭୂତ ପ୍ରେତ ଆସିଲେ କିପରି ଯେ, ଏହା ଏବେ ଏକ 'ଭୂତଗୃହ'ରେ ପରିଣତ ହୋଇଗଲା ? ଏଠାରେ କୌଣସି ଭୌତିକକାଣ୍ଡ ଘଟିଥିଲା କି ? ପୁନଶ୍ଚ ଏବେ କୁହାଯାଉଛି ଯେ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନେକ ମୃତଦେହର କେହି ଦାବିଦାର ନାହାନ୍ତି। ଏଣୁ ସେଗୁଡ଼ିକୁ ବିଭିନ୍ନ ମେଡିକାଲ କଲେଜକୁ ଛାତ୍ରୀଛାତ୍ରମାନଙ୍କ ଅଧ୍ୟୟନ ପାଇଁ ପଠାଯିବ। ଯଦି ବିଦ୍ୟାଳୟ ଗୃହକୁ ପ୍ରେତ ଆସି ପାରିଲେ ସେମାନେ ସେଠାକୁ ନ ଯିବେ କାହିଁକି? ଅନ୍ୟପକ୍ଷରେ, ଯଦି ପ୍ରକୃତରେ ଭୂତପ୍ରେତ କିଛି ଥାଆନ୍ତି ସେମାନେ ନୂତନ ହୋଇ ନିର୍ମିତ ବିଦ୍ୟାଳୟ ଗୃହରେ କାହିଁକି ବସା ନ ବାନ୍ଧିବେ?

ଏପରିସ୍ଥଳେ, ସମସ୍ତ ବୈଜ୍ଞାନିକ ଚିନ୍ତାଧାରାକୁ ଜଳାଞ୍ଜଳି ଦେଇ କିଛି ଅନ୍ଧବିଶ୍ୱାସୀଙ୍କ ପ୍ରରୋଚନାରେ ସରକାର ବିଦ୍ୟାଳୟ ଗୃହଟି ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା ଆଦୌ ସ୍ପୃହଣୀୟ ହୋଇନାହିଁ। ପ୍ରଥମତଃ ଏହାଦ୍ୱାରା ସର୍ବସାଧାରଣଙ୍କ ଅର୍ଥର ଅପବ୍ୟୟ ଘଟିଛି, ପୁନଶ୍ଚ ଏହା ବୈଜ୍ଞାନିକ ଚେତନାକୁ ଏକ ପ୍ରଚଣ୍ଡ ଧକ୍କା ପହଞ୍ଚାଇଛି। ଏପରିସ୍ଥଳେ, ଏହା ପାଲଟିଛି ଅନ୍ଧବିଶ୍ୱାସର ସ୍ମୃତିସ୍ତମ୍ଭଟିଏ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯଦି କିଛି ରାଜନୈତିକ ଉଦ୍ଦେଶ୍ୟ ରଖି ସର୍ବସାଧାରଣଙ୍କୁ ସନ୍ତୁଷ୍ଟ କରିବା ଲାଗି ସରକାର ଏହା କରିଥାନ୍ତି, ତା' ହେଲେ ବର୍ତ୍ତମାନ ତାଙ୍କର ରେଳ ଦୁର୍ଘଟଣା ସମ୍ପର୍କରେ ସମସ୍ତ ଅନୁସନ୍ଧାନ ବନ୍ଦ କରିଦେବା ଏବଂ କର୍ତ୍ତବ୍ୟ ଅବହେଳା କାରଣରୁ ଗିରଫ ହୋଇଥିବା ସମସ୍ତଙ୍କୁ ଦୋଷମୁକ୍ତ କରିଦେବା ଯୁକ୍ତିଯୁକ୍ତ ହେବ। କାରଣ, ସ୍ଥାନୀୟ ଲୋକେ ଏବେ କହିଲେଣି ଯେ, ସେମାନେ ପୂଜାକରି ଆସୁଥିବା ନିକଟସ୍ଥ ଏକ ତେନ୍ତୁଳି ଗଛକୁ କାଟି ଦେବାରୁ ଏ ଦୁର୍ଘଟଣା ଘଟିଲା। ସରକାର ଏ ମତକୁ ସମ୍ମାନ ଦେଇ ଏହାକୁ ତା'ର କାରଣ ରୂପେ ଗ୍ରହଣ ନ କରିବେ କାହିଁକି?

**ଉଷାନିବାସ, ୧୨୪/୨୪୪୫**
**ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ-୯୯୩୭ ୩୦୧୪୬୦**

## ପାଠକ ଶ୍ରେଷ୍ଠ ବିଚାରକ

### ଛତିଶଗଡ଼ ବିରୋଧରେ ଅଭିଯୋଗ ହେଉ

ମହାଶୟ,

ଓଡ଼ିଶାର ଉପରମୁଣ୍ଡରେ ବିନା ପରାମର୍ଶରେ ବନ୍ଧ ନିର୍ମାଣ କରି ଜଳ ପ୍ରତିରୋଧ କରିଛି ଛତିଶଗଡ। ଏହା ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଅଛି। ସୁପ୍ରିମକୋର୍ଟରେ ଏବେ ସାନି ରିଟ୍ ପିଟିଶନ ଦାଖଲ କରାଯାଉ। ଅଦାଲତରେ ଅବମାନନା କରି ଛତିଶଗଡ଼ର ମନମୁଖି ପଦକ୍ଷେପ ସମ୍ପୂର୍ଣ୍ଣ ବେଆଇନ। ତେବେ ଏଥିପାଇଁ କୋର୍ଟରେ ସହମତି ଭିତ୍ତିରେ ସମସ୍ୟା ସମାଧାନ କରାଯାଉ। ଓଡ଼ିଶାର ଚାଷୀମାନେ ବିଶେଷତଃ ଜଳ ଉପରେ ନିର୍ଭର କରିଥାନ୍ତି। ମହାନଦୀ ଜଳ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଓଡ଼ିଶାରେ ଚାଷ ପାଇଁ କେବଳ ବର୍ଷାଜଳ ପର୍ଯ୍ୟାପ୍ତ ହେଉନାହିଁ। ଏଣୁ ମାହାନଦୀ ଜଳ ବିବାଦର ତୁରନ୍ତ ସମାଧାନ ହେଲେ ବିଶେଷକରି ଚାଷୀମାନେ ଅଧିକ ଉପକୃତ ହୋଇପାରିବେ। ଉଭୟ ରାଜ୍ୟକୁ ଡକାଯାଇ ଚୂଡାନ୍ତ ନିଷ୍ପତ୍ତି ହେଉ। ଏଥିପାଇଁ ନ୍ୟାୟପାଳିକା ଓ ଉଭୟ ରାଜ୍ୟ ସରକାର ସକ୍ରିୟତା ପ୍ରକାଶ କରିବା ଉଚିତ।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

### ସିବିଆଇ ତଦନ୍ତକୁ ଡର କାହିଁକି

ଓଡ଼ିଶା ସରକାରରେ ଥିବା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗଳିକରି ହତ୍ୟା କରାଯିବାର ଅନେକ ଦିନ ବିତିଗଲାଣି। ତାଙ୍କ ହତ୍ୟା ପଛରେ କହାର ହାତ ରହିଥିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ବିରୋଧୀ ତ ନିଶାଣ କରୁଛନ୍ତି। ଯଦି କେହି ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ନୁହନ୍ତି, ତା'ହେଲେ ସିବିଆଇ ତଦନ୍ତ କରିବାକୁ ସରକାର ଡରୁଛନ୍ତି କାହିଁକି ? ଯଥାଶୀଘ୍ର ହତ୍ୟାର ଅସଲ କାରଣ ଜନସାଧାରଣଙ୍କ ସମ୍ମୁଖକୁ ଆଣିଲେ ସମସ୍ତଙ୍କ ସନ୍ଦେହ ଦୂର ହେବ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ରଜ ବେପାର ମାନ୍ଦା


ୟୁନିଟ୍-୧ ମାର୍କେଟରେ ଗ୍ରାହକଙ୍କ ଅପେକ୍ଷାରେ ଫଳ ବ୍ୟବସାୟୀ।

**ଭୁବନେଶ୍ୱର,୧୫।୬(ଅଭିଜିତ ଦାସ)**

ରଜରେ ଭଲ ବେପାର ହେବ ବୋଲି ଚାହିଁ ବସିଥିଲେ ରାଜଧାନୀର ବ୍ୟବସାୟୀ। କେହି କେହି ମାସକ ଆଗରୁ ଦୋକାନରେ ମାଲ୍ ଭର୍ତ୍ତି କରିଥିଲେ ତ ଆଉ କିଏ ଆଗୁଆ ଅର୍ଡର ରଖିଥିଲେ। ହେଲେ ପୋଷାକ ଓ ଷ୍ଟେଶନାରିକୁ ଛାଡ଼ିଦେଲେ ଅନ୍ୟ ଦୋକାନରେ ପୂର୍ବପରି ବେପାର ହୋଇ ନ ଥିବା ଜଣାପଡିଛି। ଏପରିକି ରଜପାନ ବେପାର ସେପରି ଜମି ନ ଥିବାବେଳେ ଫଳ ଦୋକାନରେ ମଧ୍ୟ ଭିଡ଼ ନ ଥିଲା। ପ୍ରବଳ ଖରା ରଜ ବଜାରକୁ ମାନ୍ଦା କରିଦେଇଥିବାବେଳେ ଖରାଛୁଟି କାଟିବାକୁ ଏବର୍ଷ ଅଧିକାଂଶ ପରିବାର ଗାଁକୁ ଚାଲିଯାଇଥିବାରୁ ଭୁବନେଶ୍ୱରରେ ରଜ ବେପାର କମିଯାଇଥିବା କୁହାଯାଉଛି।

### ଜମିଲାନି ଆମ୍ବ, ପଣସ ବେପାର

ରଜରେ ଆମ୍ବ ଓ ପଣସର ବେଶ୍ ଚାହିଦା ଥାଏ। ପିଠାପଣା ସାଙ୍ଗକୁ ଆମ୍ବ ପଣସ ଖାଇବାର ମଜା ଅଲଗା। ପୁଣି ଝିଅ ଘରକୁ ଯାଉଥିବା ରଜ ଭାରରେ ଏହି ଦୁଇ ଫଳ ନିହାତି ରହିଥାଏ। କିନ୍ତୁ ଏବର୍ଷ ଏସବୁ ବେପାର ପୂରା ମାନ୍ଦା। ଭୁବନେଶ୍ୱର ୟୁନିଟ୍-୧ ମାର୍କେଟର ପୁନିଆ ମଙ୍ଗରାଜ ନାମକ ଜଣେ ଫଳ ବେପାରୀଙ୍କ କହିବା ଅନୁଯାୟୀ, ପୂର୍ବରୁ ରଜରେ ଆମ୍ବ, ପଣସର ବେପାର ଭଲ ଥିଲା। କିନ୍ତୁ ଏବେ କମି କମିଯାଉଛି। ଏବର୍ଷ ରଜ ବଜାରରେ ବେପାର ପୂରା ମାନ୍ଦା ହୋଇଛି।


ଦୋକାନରେ ରଜ ପାନ ପ୍ରସ୍ତୁତ କରାଯାଉଛି।

### ଦୋଳିର ଚାହିଦା ନାହିଁ

ଦୋଳି ବିନା ରଜ ପର୍ବ ଅଧୁରା। ଗାଁରେ ବାଉଁଶ ଦୋଳିଠାରୁ ଆରମ୍ଭ କରି ଭଳିକି ଭଳି ଦୋଳି ଲାଗିଥାଏ। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ଦୋଳି ଖେଳି ରଜ ପର୍ବକୁ ପାଳନ କରନ୍ତି। କିନ୍ତୁ ସହରରେ ସେପରି ରଜ ମଉଜ ନାହିଁ। ଦୋକାନ ବଜାରରେ ରଜ ଦୋଳିର ଚାହିଦା ନ ଥିବାବେଳେ କେଉଁଠି କେମିତି ଦୋଳି ଖେଳ ଦେଖିବାକୁ ମିଳୁଛି। ବିଶେଷକରି ବିଭିନ୍ନ ଅନୁଷ୍ଠାନ, ସଂସ୍କୃତି ବିଭାଗ, ଗାଁ କମିଟି ଓ କ୍ଲବ୍ ପକ୍ଷରୁ ଆୟୋଜିତ ରଜ ଉତ୍ସବର ଆୟୋଜନ କରାଯାଇଥିଲେ ମଧ୍ୟ ଯୁବତୀ ବା ମହିଳାଙ୍କ ସେପରି ଭିଡ଼ ଲାଗୁନି। ସନ୍ଧ୍ୟାରେ ପାର୍କ ଦୋଳିରେ ପିଲାଙ୍କୁ ଝୁଲାଇ ବୁଝାଇ ଦେଇଥିଲେ ମଧ୍ୟ ପୂର୍ବଭଳି ବଜାରରୁ ଦୋଳି କିଣି ଘରେ ରଜ ପାଳନ କରିବା କମିଯାଇଛି।


ସହରର ଏକ ରାସ୍ତା ପାର୍ଶ୍ୱରେ ଜଣେ ବ୍ୟବସାୟୀ ଦୋଳି ବିକ୍ରି କରୁଛନ୍ତି।

### ରଜ ପାନ ବେପାର କମିଲା

ରଜ ପାଇଁ ପାନ ଦୋକାନୀମାନେ ମାସକ ପୂର୍ବରୁ ଦୋକାନ ସଜେଇ ରଖିଥାନ୍ତି। ବିଭିନ୍ନ ପାନ ମସଲା ସହ ମିଠାପାନ ମହଜୁଦ ରଖିଥାନ୍ତି। ଏପରିକି ରଜ ପାନ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ବା ଦୋକାନ ପଡିଥାଏ। ବିଶେଷକରି ବିଭିନ୍ନ କିସମର ରଜପାନ ଯଥା ମିଠାପାନ, ବନାରସୀ ପାନ, କାଳି ବଙ୍ଗଳା ପାନର ଚାହିଦା ବେଶି ରୁହେ। ସେହିପରି ବିଭିନ୍ନ ଫ୍ଲେଭର ଯଥା ଚକୋଲେଟ, ଅରେଞ୍ଜ ଭଳି ରଜପାନ ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରେ। କିନ୍ତୁ କରୋନା ପରଠାରୁ ରଜପାନର ଚାହିଦା କମିଯାଇଥିବାବେଳେ ଏବର୍ଷ ବେପାର ନ ଥିବା କହିଲେ ଚଳେ ବୋଲି ଶହୀଦନଗରର ଜଣେ ପାନ ଦୋକାନୀ କହିଛନ୍ତି।

### ତାସ କି ବାଗୁଡ଼ି ଖେଳ ସ୍ୱପ୍ନ

ରଜରେ ଗାଁ ପଡିଆରେ ବାଗୁଡ଼ି ଖେଳ ହୁଏ। ଗଛ ମୂଳେ, ଆମ୍ବତୋଟାରେ ତାସଖେଳର ଆସର ଜମେ। ପାରମ୍ପରିକ ବାଦ୍ୟର ତାଳେ ତାଳେ ଗାଁର ଯୁବକମାନେ ବାଗୁଡ଼ି ଖେଳନ୍ତି ଓ ନିଜ ଭାଇଚାରା ବଜାଇ ରଖନ୍ତି। କିନ୍ତୁ ରାଜଧାନୀର ଚିତ୍ର ପୂରା ଅଲଗା। ଯଦିଓ ପଡିଆ ଅଛି, କିନ୍ତୁ ଯୁବକମାନେ ବାଗୁଡ଼ି ଖେଳ କ'ଣ ଜାଣି ନାହାନ୍ତି। ବର୍ତ୍ତମାନ ଯୁବପିଢିମାନେ ସୋସିଆଲ ମିଡିଆରେ ବ୍ୟସ୍ତ ରହିବା ସହ ଅନ୍‌ଲାଇନରେ ଗେମ ଖେଳି ସମୟ ବିତାଉଛନ୍ତି।

## ରଜ ବଜାରରେ ଲୁଟେରା ସକ୍ରିୟ

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ଭୁବନେଶ୍ୱର ୧୫।୬(ସତ୍ୟଜିତ୍ ରାଉତ)**

ରଜପର୍ବ ପାଇଁ ସବୁଠି ଉତ୍ସବମୁଖର ପରିବେଶ ଲାଗି ରହିଥିବାବେଳେ ରାଜଧାନୀର ରଜ ବଜାରରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଗୁରୁବାର ଶହୀଦନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ୨ ଲୁଟେରା ଚମ୍ପଟ ମାରିଛନ୍ତି। ଲୁଟ୍‌ର ଶିକାର ମହିଳା ହେଲେ ହଂସପାଳରେ ରହୁଥିବା ଅଂଶୁବାଳା ପାଢ଼ୀ (୩୮)। ଘଟଣା ସଂକ୍ରାନ୍ତରେ ଅଂଶୁବାଳା ସ୍ୱାମୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସହ ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରାହ୍ନ ପ୍ରାୟ ୫ଟା ୪୫ରେ ଅଂଶୁବାଳାଙ୍କୁ ବାଇକ୍‌ରେ ବସାଇ ରାଜେନ୍ଦ୍ର କୌଣସି କାମରେ ଶହୀଦନଗର ଆସିଥିଲେ। ବିଏମ୍‌ସି ଭବାନୀ ମଲ୍ ନିକଟସ୍ଥ ମୁଖରୁଚି ନମ୍‌କୀନ୍ ସୁଇଟ୍‌ସ ଦୋକାନ ନିକଟରେ ସ୍ତ୍ରୀଙ୍କୁ ଛାଡ଼ି ସେ ସାଙ୍ଗଙ୍କୁ ଦେଖା କରିବାକୁ ଯାଉଥିଲେ। ଅଂଶୁବାଳା କିଣାକିଣି କରିବାକୁ ମୁଖରୁଚି ନମ୍‌କୀନ୍ ସୁଇଟ୍‌ସ ଦୋକାନକୁ ଯାଉଥିବାବେଳେ ହେଲମେଟ୍ ପିନ୍ଧିଥିବା ଦୁଇ ଲୁଟେରା ବାଇକ୍‌ରେ ଆସି ତାଙ୍କ ବେକରୁ ୨ଟି ଚେନ୍ ଝାମ୍ପି ନେଇଥିଲେ। ଅଂଶୁବାଳା ଚିତ୍କାର କରିବାରୁ ଲୁଟେରାଦ୍ୱୟ ଶାନ୍ତିପଲ୍ଲୀ ବସ୍ତି ଆଡ଼େ ପଳାଇଥିଲେ। ତେବେ ଲୁଟ୍ ହୋଇଥିବା ଚେନ୍ ମଧ୍ୟରୁ ଗୋଟିଏ ଇମିଟେଶନ ରହିଥିବାବେଳେ ଅନ୍ୟଟି ୧୨ ଗ୍ରାମର ସୁନା ଚେନ୍ ବୋଲି ଅଂଶୁବାଳା ଏତଲାରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ପରିତ୍ୟକ୍ତ ଘରୁ ଯୁବତୀ ଉଦ୍ଧାର

**ବାଲିପାଟଣା,୧୫।୬(ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଅନ୍ତର୍ଗତ ସିଙ୍ଗିରି ଶାସନ ଗ୍ରାମରୁ ଗୁରୁବାର ପୋଲିସ ଏକ ପରିତ୍ୟକ୍ତ ଘରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀ ଜଣଙ୍କ ମାନସିକଗ୍ରସ୍ତ ରୋଗୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ମେଡିକାଲକୁ ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଯୁବତୀଙ୍କୁ ପରିବାର ଲୋକେ ନିଜ ଘରେ ନ ରଖି କାହିଁକି ମାଉସୀ ଘରେ ରଖିଥିଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

### କବିତା ଆସର

**ପୁରୁଣା ଭୁବନେଶ୍ୱର,୧୫।୬ (ସୁବାସ ଚନ୍ଦ୍ର ପ୍ରଧାନ):** ସ୍ଥାନୀୟ ଗୁଡିଆ ପୋଖରୀ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ବଣମଲ୍ଲୀ ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଟ୍ୟକାର ରବିନ୍ଦ୍ରନାଥ ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ବିଶିଷ୍ଟ କବି ଡ.ରଜନୀ ରଞ୍ଜନ ଦାଶ ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରଘୁନାଥ ଜେନା ଯୋଗଦେଇଥିଲେ। ସଂସଦର ସମ୍ପାଦକ ତଥା କବି ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମକୁ କବି ନିରଞ୍ଜନ ନାୟକ ଏବଂ ଆଶୁତୋଷ ଦାସ ସଂଯୋଜନା କରିଥିଲେ। କବୟିତ୍ରୀ ସରୋଜିନୀ ଜେନା, ବୈଜୟନ୍ତି ସାହୁ, କବି ମାଗୁଣି ସ୍ୱାଇଁ, ସନ୍ତୋଷ ଦାଶ, ତ୍ରିନାଥ ପରିଡା, କଳ୍ପଲତା ପାଲ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ

**ବାଲିପାଟଣା,୧୫।୬(ଅଭିମନ୍ୟୁ ନାୟକ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ମୌଳିକ କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଏହା ଏକ ଉଦ୍ୟମ ବୋଲି ବିଡିଓ ଆଦିକନ୍ଦ ବେହେରା କହିଥିଲେ। ଅତିଥିଭାବେ ତହସିଲଦାର ବୁଲ୍‌ବୁଲ୍ ବେହେରା, ସିଡିପିଓ ରୁନୁବାଳା ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଝୋଟି, ବିଭିନ୍ନ ପିଠା ଓ ରଜଗୀତ ପ୍ରତିଯୋଗିତା ହୋଇଥିଲା। ଗୀତ ପ୍ରତିଯୋଗିତାରେ ଗାୟତ୍ରୀ ଭୋଇ ପ୍ରଥମ, ଅମ୍ବିକା ଜେନା ଦ୍ୱିତୀୟ ଏବଂ କାଞ୍ଚନ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଝୋଟିରେ ହରପ୍ରିୟା ଭୋଇ ପ୍ରଥମ, ସୁନିତା ସାହୁ ଦ୍ୱିତୀୟ, ସବିତା ପ୍ରଧାନ ଓ ଗାୟତ୍ରୀ ଭୋଇ ଯୁଗ୍ମ ଭାବେ ତୃତୀୟ ହୋଇଥିଲେ। ପିଠା ପ୍ରତିଯୋଗିତାରେ ଦେଉଳିଧରପୁର ପ୍ରଥମ, ନାରିଶୋ ଦ୍ୱିତୀୟ, କୁରୁଞ୍ଜିପୁର ଓ ଅମନାକୁଦକୁ ତୃତୀୟ ଗୋଷ୍ଠୀଗତ ଭାବେ ବିଜୟୀ ଘୋଷଣା କରାଯାଇଥିଲା। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ଜୟଦେବ ଗୋଟିପୁଅ ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବିଭିନ୍ନ ମହିଳା ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ

**କଟଣୀ,୧୫।୬(ରବୀନ୍ଦ୍ର ନାଥ ମହାକୁଡ଼)** ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ପାଳିତ ହୋଇଯାଇଛି। ହରିପୁର ଗ୍ରାମ ଷ୍ଟେଶନ ନିକଟ ଲେଭଲ କ୍ରସିଂ ଗେଟ ସଂଖ୍ୟା କେପି-୨୦ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ସଚେତନତା ପାଇଁ ଲେଭଲ କ୍ରସିଂ ଗେଟଠାରେ ସୁରକ୍ଷା ସତର୍କତା ପାଇଁ ଜନ ପରାମର୍ଶ, ଲିଫ୍‌ଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ଏବଂ ସ୍ଲୋଗାନ ଆଦି ପରିବେଷଣ କରାଯାଇଥିଲା। ଖୋର୍ଦ୍ଧାରୋଡ଼ ସିଭିଲ ଡିଫେନ୍ସ ସଙ୍ଗଠନର ସଦସ୍ୟଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ମଧ ଆୟୋଜିତ ହୋଇଥିଲା। ଟ୍ରେନ ଫାଟକ ଅତିକ୍ରମ କରିବା ପାଇଁ ମାତ୍ର କିଛି ସେକେଣ୍ଡ ସମୟ ନେଇଥାଏ, ତେଣୁ ଫାଟକ ବନ୍ଦ ଥିବା ସମୟରେ ଜନସାଧାରଣ ଧୈର୍ଯ୍ୟ ରଖନ୍ତୁ ଆଉ ଗେଟ୍ ବନ୍ଦ ଥିବା ବେଳେ ରେଳ ଟ୍ରାକ ଅତିକ୍ରମ କରନ୍ତୁ ନାହିଁ ଭଳି ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ମଣ୍ଡଳ ନିରାପତ୍ତା ଅଧିକାରୀ ଏମ୍.ଏନ୍.ଏସ୍. ରମେଶ, ଅତିରିକ୍ତ ମଣ୍ଡଳ ନିରାପତ୍ତା ଅଧିକାରୀ ଡି.କେ. ମଲ୍ଲିକ, ପୂର୍ବତଟ ରେଳ ବିଭାଗର ମୁଖ୍ୟ ଷ୍ଟାଟିଷ୍ଟିକାଲ୍ ଇନ୍‌ସପେକ୍ଟର ମୃଣ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତିପିଲାଙ୍କ ସହ ରଜ ପାଳନ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଓଡ଼ିଶାର ଗଣପର୍ବ ରଜ ପାଳନ ପାଇଁ ବିଭିନ୍ନ ଅଞ୍ଚଳରେ ରଜ ଉତ୍ସବର ଆୟୋଜନ କରାଯାଇଛି। ହେଲେ ରାଜଧାନୀର ବିଭିନ୍ନ ବସ୍ତି ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୩ଦିନିଆ ରଜ ମହୋତ୍ସବ ଆୟୋଜନ କରିଛି ଜୟ ଓଡ଼ିଶା। ଭୁବନେଶ୍ୱରର ପ୍ରାୟ ୧୨ଟି ବସ୍ତି ଅଞ୍ଚଳରେ ପହଞ୍ଚି କୁନି କୁନି ପିଲାଙ୍କ ସହ ରଜ ପାଳନ କରୁଛନ୍ତି ଅନୁଷ୍ଠାନର ସ୍ୱେଚ୍ଛାସେବୀ। ଛୋଟ ପିଲାଙ୍କ ପାଇଁ ନାଚଗୀତ ସହିତ ବିଭିନ୍ନ ରୋମାଞ୍ଚକର ଖେଳ ପ୍ରତିଯୋଗିତା ଆୟୋଜନ କରିବା ସହ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି। ଏପରିକି କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ରଜ କୁଇନ୍ ମୁକୁଟ ପିନ୍ଧାଇ ଉତ୍ସାହିତ କରିବା ସହ ସେମାନଙ୍କ ମୁହଁରେ ହସ ଫୁଟାଯାଉଛି। ଛୋଟ ପିଲାଙ୍କ ବ୍ୟତୀତ ସମସ୍ତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଖୁବ୍ ଉପଭୋଗ କରୁଛନ୍ତି। ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ସଂଗଠନର ସଦସ୍ୟମାନେ ଏହାକୁ ପରିଚାଳନା କରୁଛନ୍ତି।


ଜୟ ଓଡ଼ିଶା ପକ୍ଷରୁ ବସ୍ତି ପିଲାଙ୍କୁ ନେଇ ରଜ ଉତ୍ସବ ପାଳନ କରାଯାଉଛି।

# ନାରୀ ସମ୍ମାନର ପ୍ରତୀକାତ୍ମକ ପର୍ବ ହେଉଛି ରଜ

**ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଆଜିର ସୃଜନୀ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସାହିତ୍ୟ ପତ୍ରିକା 'ଆଜିର ସୃଜନୀ' ଉନ୍ମୋଚିତ ହୋଇଥିଲା। ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଡ. ସେବା ମହାପାତ୍ର ଓ ରୀନା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ଅନନ୍ୟ ପର୍ବ ରଜ ହେଉଛି ନାରୀ ସମ୍ମାନର ଏକ ପ୍ରତୀକାତ୍ମକ ପର୍ବ। ବସ୍ତି ଅଞ୍ଚଳର ମହିଳା ଓ ଶିଶୁଙ୍କ ବିକାଶ ଦିଗରେ ଆଜିର ସୃଜନୀ ଏକ ଚିରନ୍ତନ ସତ୍ୟ ଲକ୍ଷ୍ୟରେ ଆଗକୁ ବଢ଼ିଚାଲିଛି। ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ଏହି ସାମାଜିକ ଅନୁଷ୍ଠାନର ପ୍ରୟାସ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦଙ୍କ ସଭାପତିତ୍ୱରେ ବସ୍ତି ଅଞ୍ଚଳର କିଶୋରୀଙ୍କ ମଧ୍ୟରେ 'ରଜ କୁଇନ' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରଜ କୁଇନ୍ ବିଜୟିନୀଙ୍କୁ ୧୫ହଜାର ଟଙ୍କାର ଚେକ୍ ଓ ରୁପା ମୁକୁଟ ଏବଂ ଦୁଇଜଣ ରନର୍ସଅପ୍‌ଙ୍କୁ ୨ ହଜାର ଓ ୩ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଚିବ ସୁଜାତା ରାୟ ଓ ସାଂସ୍କୃତିକ ସଚିବ ଜ୍ୟୋତ୍ସ୍ନା ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱର୍ଣ୍ଣପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଆଜିର ସୃଜନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ରଜ ସଂକ୍ରାନ୍ତିରେ ନନ୍ଦନକାନନ ବୁଲିଲେ ୨୧,୫୫୧ ପର୍ଯ୍ୟଟକ

**ବାରଙ୍ଗ,୧୫।୬(ଲିଙ୍ଗରାଜ ରାଉତ)**

ପହିଲି ରଜରେ ନନ୍ଦନକାନନକୁ ୧୨,୮୩୬ ପର୍ଯ୍ୟଟକ ଆସିଥିବାବେଳେ ରଜ ସଂକ୍ରାନ୍ତିରେ ୨୧,୫୫୧ ପର୍ଯ୍ୟଟକ ଆସିଥିବା ଟିକଟ ବିକ୍ରିରୁ ଜଣାପଡିଛି। ଅତ୍ୟଧିକ ଗରମ ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ଗୁରୁବାର ନନ୍ଦନକାନନକୁ ଅଫ୍‌ଲାଇନରେ ୨୧, ୩୧୮ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିବାବେଳେ ଅନ୍‌ଲାଇନରେ ୨୨୦ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିଲେ। ଏହାସହିତ ୧୩ଜଣ ଦିବ୍ୟାଙ୍ଗ ମାଗଣାରେ ପ୍ରବେଶ କରିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ରଜ ସଂକ୍ରାନ୍ତିରେ ୭୭୫ଜଣ ପର୍ଯ୍ୟଟକ ଆସିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ମଧ୍ୟରେ ବିଭିନ୍ନ ଛକ ଜାଗାରେ ରେଞ୍ଜର ଓ ଏସିଏଫ୍‌ମାନେ ନିୟୋଜିତ ହୋଇଥିଲେ। ଏହାସତ୍ତ୍ୱେ ଫାଉଣ୍ଟେନ ଛକ, ଭାଲୁ ଛକ ଓ ସଫାରି ରହଣି ସ୍ଥଳରେ ନିର୍ମିତ ହୋଇଥିବା ଶୁଦ୍ଧପାନୀୟ ଜଳ ପ୍ରକଳ୍ପ ୨ଘଣ୍ଟା ବନ୍ଦ ରହିଥିଲା। ଫଳରେ ପାଣି ପାଇଁ ପର୍ଯ୍ୟଟକମାନେ ନାହିଁ ନ ଥିବା ହଇରାଣ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଏକ ଗାଡ଼ି ଯୋଗେ ନନ୍ଦନକାନନ କର୍ମଚାରୀମାନେ ବିଶୁଦ୍ଧ ପାନୀୟଜଳ ବିଭିନ୍ନ ସ୍ଥାନରେ ବାଣ୍ଟିଥିଲେ। ଭିଡ଼ର ସୁଯୋଗରେ କେତେକ ମହିଳା ପର୍ଯ୍ୟଟକ ପକେଟମାରଙ୍କ ଶିକାର ହୋଇ ମନିପର୍ସ ଓ ମୋବାଇଲ ହରାଇଥିବା ଗେଟ୍‌ପାଖରେ ଥିବା ସିକ୍ୟୁରିଟି କର୍ମଚାରୀମାନଙ୍କ ପାଖରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସିଥିବା କେତେକ ମଦୁଆଙ୍କ ଉତ୍ପାତ ଯୋଗୁ ଛୋଟମୋଟ ଗଣ୍ଡଗୋଳ ହୋଇଥିଲା। ଭିଡ ନିୟନ୍ତ୍ରଣ ପାଇଁ କିନ୍ତୁ ବଟାନିକାଲ ଗାର୍ଡେନ ଦାୟିତ୍ୱରେ ରହିଥିବା ଏସିଏଫ୍ ନନ୍ଦନକାନନରେ ବୁଲାବୁଲି କରୁଥିଲେ।

### ୩ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ବନ୍ଦ ନେଇ ଅସନ୍ତୋଷ

# ନିଆଁରେ ଚାଲିଲେ ମାନସିକଧାରୀ

**ଯାଁଳା,୧୫।୬(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡ଼ା ଗ୍ରାମରେ ରହିଛି ମୃଗେଶ୍ୱର ଦେବଙ୍କ ମନ୍ଦିର। ଏଠାରେ ବିଭିନ୍ନ ସମୟରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରୁ ରଜପର୍ବ ଅନ୍ୟତମ। ରାଜ୍ୟର ବିଭିନ୍ନ ସ୍ଥାନରେ ଚୈତ୍ରମାସରେ ଝାମୁ ଅନୁଷ୍ଠିତ ହେଉଥିବା ବେଳେ ମୃଗେଶ୍ୱରଙ୍କ ପୀଠରେ ପହିଲି ରଜ ଓ ରଜ ସଂକ୍ରାନ୍ତିରେ ପାଳିତ ହୁଏ ଝାମୁଯାତ୍ରା। ଚଳିତବର୍ଷ ଏହି ଝାମୁଯାତ୍ରାରେ ୨୦ଜଣ ମାନସିକଧାରୀ ରଜ ସଂକ୍ରାନ୍ତି ତିନିଦିନ ପୂର୍ବରୁ ମନ୍ଦିରରେ ରହି ଉପବାସ କରି ବ୍ରତ ପାଳନ କରିଥିଲେ। ପହିଲି ରଜରେ ତଥା ବୁଧବାର ମେରୁ ଗଡ଼ିବା (ସାଲରା କଣ୍ଟା ଉପରେ) ସହିତ ଓର୍ଦ୍ଧତୋପ ଅନୁଷ୍ଠିତ ହୋଇଥିଲା। ବାଜା, ବାଣ, ଶଙ୍ଖ, ହୁଳହୁଳିରେ ପରିବେଶ କମ୍ପିଥିଲା। ଗୁରୁବାର ରଜ ସଂକ୍ରାନ୍ତିରେ ମାନସିକଧାରୀମାନେ ନିଆଁରେ ଚାଲି ବ୍ରତ ଭଙ୍ଗ କରିଛନ୍ତି। ଏଠାରେ ଯେଉଁମାନେ ବ୍ରତ କରିଥା'ନ୍ତି ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଏହି ଝାମୁଯାତ୍ରା ରଜରେ ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ରଜ ମଉଜକୁ ଏକ ଭିନ୍ନ ସ୍ୱାଦ ଦେଇଥାଏ। ଏହି ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

# ୧୧ ଦିବ୍ୟାଙ୍ଗ ଯୁବତୀଙ୍କୁ 'ରଜରାଣୀ' ସମ୍ମାନ

**ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ହରିହର ଡ୍ୟାନ୍ସ କଲ୍‌ଚର ଏକାଡେମୀ ପକ୍ଷରୁ ସୂଚନା ଭବନରେ ଗୁରୁବାର 'ରଜ ରାଣୀ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଯୁବତୀଙ୍କ ମୁହଁରେ ହସ ଫୁଟାଇବା ସହ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଏହି ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଯୁବତୀମାନେ ନୃତ୍ୟ ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ନିଜ ପ୍ରତିଭାକୁ ଉଜ୍ଜୀବିତ କରିଥିଲେ। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ନୃତ୍ୟ ଗୁରୁ ହରିହର ଦେଓଙ୍କ ପରିଚାଳନାରେ ୧୦୦ ଜଣ ଦିବ୍ୟାଙ୍ଗ ଯୁବତୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୧ଜଣଙ୍କୁ 'ରଜରାଣୀ' ସମ୍ମାନ ପ୍ରଦାନ କରାଯାଇଥିଲା। ରଞ୍ଜନ ଡ୍ୟାନ୍ସ କୋରିଓଗ୍ରାଫିରେ ବହୁ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ କୁନି କୁନି ପିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା, ଓଡିଶା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ୟାସିର ନୱାଜ, ସମାଜସେବୀ ନିତ୍ୟାନନ୍ଦ ସାହୁ, ଯାତ୍ରା ଅଭିନେତା ଦୈତାରି ପଣ୍ଡା, ସମାଜସେବୀ ଧୀରେନ ରାଉତରାୟ, ଗୌରାଙ୍ଗ ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



'ରଜରାଣୀ' ସମ୍ମାନ ପାଇଥିବା ଦିବ୍ୟାଙ୍ଗଙ୍କ ସହ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଜଗଧାତ୍ରୀ ବେଶରେ ଦର୍ଶନ ଦେଲେ ମା'ହରଚଣ୍ଡୀ

ରଜ ସଂକ୍ରାନ୍ତି ଲାଗି ଦେବଦେବୀପୀଠ ଚଳଚଞ୍ଚଳ



ନିଶ୍ଚିନ୍ତକୋଇଲି ୧୫।୬,(ଅଶୋକ କୁମାର ମହାପାତ୍ର): ରଜ ସଂକ୍ରାନ୍ତି ଉପଲକ୍ଷେ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଦେବଦେବୀ ପୀଠରେ ମହିଳାମାନଙ୍କ ଭିଡ ଦେଖିବାକୁ ମିଳିଛି। ନେମାଳ ଅଚ୍ୟୁତାନନ୍ଦ ମହାପୁରୁଷ, କେରିଲୋ ହରଚଣ୍ଡୀ ପୀଠ ଓ କେଣ୍ଡାଳ ରଘୁନାଥ ମଠରେ ବହୁ ଭକ୍ତ ସମାଗମ ହୋଇଥିଲା। ହରଚଣ୍ଡୀ ପୀଠରେ ତିନିଦିନ ଧରି ମା'ଙ୍କ ପୂଜା ଅର୍ଚ୍ଚନା କରାଯାଇଛି। ଗୁରୁବାର ମା'ଜଗଧାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଯଥାବିଧି ଅନୁସାରେ ପୂଜାର୍ଚ୍ଚନା ପରେ ମା'ଙ୍କୁ ବେଶ କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା। ଏହି ଉତ୍ସବ ପାଇଁ ସ୍ଥାନୀୟ ଅଞ୍ଚଳକୁ ସୁସଜ୍ଜିତ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ରଜ ମହୋତ୍ସବ ଆୟୋଜନ କରାଯାଇଥିଲା। ସେଠାରେ ବିଭିନ ଦୋଳି ସାଙ୍ଗକୁ ମୀନାବଜାର ଆୟୋଜନ କରାଯାଇଥିଲା ।

### ଅମଲା ସଂଘ ପକ୍ଷରୁ ଦାବିପୂରଣ ପାଇଁ ଦୀପଦାନ

ସାଲେପୁର,୧୫।୬(ଅରବିନ୍ଦ ଭୂୟାଁ) କଟକ ଜିଲା ସ୍ତରୀୟ ମିଳିତ ଅମଲା ସଂଘ ଡାକରାରେ ୧ତାରିଖଠାରୁ ଅମଲାମାନେ ସମାନ କାମକୁ ସମାନ ଦରମା ତଥା ଲେବଲ୍-୪ରୁ ଲେବଲ-୯କୁ ଦରମା ବୃଦ୍ଧି ନେଇ ଚାଲିଥିବା ସାମୂହିକ ଛୁଟି ଆନ୍ଦୋଳନ ଜାରି ରହିଛି। ଏହି ଅବସରରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, କିଶୋରନଗର ଅଞ୍ଚଳରେ କାର୍ଯ୍ୟରତ ଅମଲାମାନଙ୍କୁ ନେଇ ଗଠିତ ସାଲେପୁର ଜୋନ୍ ସଂଘ ପକ୍ଷରୁ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନିମନ୍ତେ ଏକ ସାମୂହିକ ଦୀପଦାନ ସାହେଶ୍ୱରୀ ମନ୍ଦିର ପରିସରରେ ହୋଇଯାଇଛି। ରାଜସ୍ୱ ଅମଲା ସଂଘ ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ମିଳିତ ଅମଲା ମଞ୍ଚର ସଦସ୍ୟ ରମାକାନ୍ତ ସାହୁ ଏଥିରେ ଯୋଗଦେଇ ରାଜ୍ୟ ସରକାର ଅମଲାମାନଙ୍କ ଦାବିପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିବା ସେ ପ୍ରକାଶ କରିଛନ୍ତି। ଅମଲାମାନେ ୧୪ଦିନ ହେବ ସାମୂହିକ ଛୁଟିରେ ରହିଥିଲେ ମଧ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନେଇ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ମୁଖ୍ୟ ସଚିବ ୨ଥର ଅମଲା ସଂଘ ନେତାମାନଙ୍କ ସହ ଆଲୋଚନା କରିଥିଲେ ମଧ ଅଦ୍ୟାବଧି କୌଣସି ସମାଧାନ ହୋଇନାହିଁ। ଅମଲାମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶୁଭାଶିଷ ରାଉତ, ଦିବ୍ୟଲୋଚନ ସାହୁ, ପ୍ରଶାନ୍ତ ବିଶ୍ୱାଳ, ଅବକାଶ ସାମଲ, ଜୟନ୍ତୀ ସେଠୀ, ସନ୍ଦିପ ଭୂୟାଁ, ଅଶ୍ୱିନୀ ଶରଣ, ଅଶୋକ ଶରଣ, ପ୍ରମୁଖ ଉପସ୍ଥିତ ଥିଲେ।

# ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ

## ଗୋରେଖନାଥ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

- ଅନେକ ସୁନାଚେନ,ପର୍ସ ଓ ମୋବାଇଲ ଫୋନ ଚୋରି
- ଟ୍ରାଫିକ ଜାମରେ ଫସି ରହିଲେ ଯାତ୍ରୀ

ରଘୁନାଥପୁର,୧୫।୬ (ରାଜେନ୍ଦ୍ର ନାରାୟଣ ସିଂହ)



ରଜ ସଂକ୍ରାନ୍ତି ଉପଲକ୍ଷେ ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼ ।

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ରଜସଂକ୍ରାନ୍ତି ଉପଲକ୍ଷେ ଗୁରୁବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଭୁଙ୍କ ପ୍ରାତଃ ଅବକାଶ ପରେ ପୀଠ ମଧକୁ ଯାତ୍ରୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଏପରିକି ପୀଠ ପରିସର ଏବଂ ଚତୁଃପାର୍ଶ୍ୱ ପ୍ରବେଶ ପଥ ରାସ୍ତା ଲୋକାରଣ୍ୟ ହୋଇଯାଇଥିଲା। ବିଜେସ୍ଥଳୀରେ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧରେ ଏକପ୍ରକାର ପ୍ରତିଯୋଗିତା ହୋଇଥିଲା। ମାତ୍ର ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ସେଠାରେ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏହାର ସୁଯୋଗନେଇ କେତେଜଣ ମହିଳାଙ୍କ ବେକରୁ ସୁନାଚେନ ଓ ଯାତ୍ରୀଙ୍କ ମନିପର୍ସ ଏବଂ ମୋବାଇଲ ଫୋନ ଆଦି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଗଳଧାରୀ ନାଉଗାଁର ବିନତା ରାଉତ, ରଘୁନାଥପୁରର ସସ୍ମିତା ଦାସ ଓ କିଶନ ନଗର ଥାନା ବସ୍ତୁପୁରର ପ୍ରତିମା ସୁନ୍ଦରରାୟଙ୍କ ସୁନାଚେନ ଚୋରି ହୋଇଥିବା ନେଇ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ସେହିପରି ବାଲିକୁଦା ଇଚ୍ଛାପୁର ବିରୂପାକ୍ଷ ସାହୁ, ପଥୁରିଆ ଅଗପାଳ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ମନିପର୍ସ ଓ ଆହୁରି ଅନେକ ବ୍ୟକ୍ତିଙ୍କ ମୋବାଇଲ ଫୋନ ଚୋରି ହୋଇଥିବା ନେଇ ମଧ ସେଠାରେ ଅଭିଯୋଗ ହୋଇଥିଲା। ଟ୍ରଷ୍ଟବୋର୍ଡ ପକ୍ଷରୁ ସେମାନଙ୍କୁ ଥାନାରେ ଅଭିଯୋଗ କରିବା ପାଇଁ କୁହାଯାଇଥିଲା। ଶୃଙ୍ଖଳିତ ଦର୍ଶନ ଓ ବିଜେ ସ୍ଥଳରେ ପୋଲିସ ସୁରକ୍ଷା ନ ଥିବା ନେଇ ଭକ୍ତମାନେ ଅଭିଯୋଗ କରିଥିଲେ। ସେହିପରି ପୀଠକୁ ଆସିବା ପାଇଁ ଥିବା ଚତୁର୍ପାର୍ଶ୍ୱ ରାସ୍ତାରେ ଟ୍ରାଫିକ ଜାମ ଯୋଗୁ ଶତାଧିକ କାର ଓ ବାଇକ ଖରାରେ ଫସି ରହିଥିଲା। ଭିଡକୁ ଶୃଙ୍ଖଳିତ କରିବା ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ମାତ୍ର ୯ ଜଣ ପୋଲିସ କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଫଳରେ ଅନେକ ଯାତ୍ରୀ ପୀଠ ନିକଟକୁ ଆସି ନପାରି ବାହୁଡିଯାଇଥିଲେ। ଗତ ବର୍ଷ ପରି ଚଳିତ ବର୍ଷ ଯାତ୍ରୀଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲେ ଏପରି ସମସ୍ୟା ଉପୁଜି ନଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହଛନ୍ତି। ରଥ ଡ୍ୟୁଟି ପାଇଁ ଫୋର୍ସ ଚାଲିଯାଇଥିବାରୁ କମ୍ ପୋଲିସ ମୁତୟନ କରାଯାଇଥିଲା ବୋଲି ତିର୍ତ୍ତୋଲ ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।



ରଜ ସଂକ୍ରାନ୍ତି ଉପଲକ୍ଷେ କଟକ ଶିଖରପୁର ଜଗନ୍ନାଥ ମଠରେ ଆୟୋଜିତ ସାମୂହିକ ପଙ୍ଗତରେ ବଢ଼ାଯାଇଥିବା ଠାକୁରଙ୍କ ପ୍ରସାଦକୁ ଏକାଠି ଖାଉଛନ୍ତି ।

### ରଜ ପାଇଁ ନିଆରା ପରମ୍ପରା

କଟକ,୧୫ ।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ହଜାର ବର୍ଷର ଭାଇଚାରାର ସହର କଟକରେ ଦେଖିବାକୁ ମିଳିଛି ଏକ ନିଆରା ପରମ୍ପରା। ଗୁରୁବାର ରଜ ସଂକ୍ରାନ୍ତିରେ ଆୟୋଜିତ ହୋଇଛି ପଙ୍ଗତ। ଶିଖରପୁର ସାହିରେ ଶହ ଶହ ବର୍ଷ ଧରି ଚାଲିଆସିଥିବା ଏହି ପଙ୍ଗତ ପରମ୍ପରା ଭାଇଚାରା ଖେଳାଇବା ସହ ଜାତି, ବର୍ଣ୍ଣ ଓ ବର୍ଗ ମଧ୍ୟରେ ଥିବା ଭେଦଭାବକୁ ଦୂର କରିବା ପାଇଁ ବାଣ୍ଟିଛି ବାର୍ତ୍ତା। ରଜ ସଂକ୍ରାନ୍ତି ଦିନ ଶିଖରପୁର ସାହିରେ ଥିବା ଜଗନ୍ନାଥ ମଠରେ ପଙ୍ଗତର ଆୟୋଜନ କରାଯାଇଛି। ନିଜ ନିଜ ଭିତରେ ଭାଇଚାରା ସ୍ଥାପନ କରିବା ପାଇଁ ଶତାଧିକ ବର୍ଷ ଧରି ଚାଲିଆସିଥିବା ଏହି ପରମ୍ପରାକୁ ଏବେ ବି ବଜାୟ ରଖିଛନ୍ତି ସାହିବାସିନ୍ଦା। ପ୍ରଥମେ ବାଣ ଫୁଟାଇ ତା'ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ସମସ୍ତେ ଏକାଠି ବସି ଯାଆନ୍ତି ଖାଇବା ପାଇଁ। ଏକାକାର ପତ୍ରରେ ବଢ଼ାଯାଇଥିବା ଠାକୁରଙ୍କ ପ୍ରସାଦକୁ ଜାତି ଗୋତ୍ର ନିର୍ବିଶେଷରେ ସମସ୍ତେ ମିଳିମିଶି ଭୋଜନ କରିଥାଆନ୍ତି।

### ପରିତ୍ୟକ୍ତ ଘରୁ ଯୁବତୀ ଉଦ୍ଧାର

ବାଲିପାଟଣା,୧୫।୬ (ଅଭିମନ୍ୟୁ ନାୟକ):

ବାଲିପାଟଣା ଥାନା ଅନ୍ତର୍ଗତ ସିଙ୍ଗିରି ଶାସନ ଗ୍ରାମରୁ ଗୁରୁବାର ପୋଲିସ ଏକ ପରିତ୍ୟକ୍ତ ଘରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀ ଜଣଙ୍କ ମାନସିକଗ୍ରସ୍ତ ରୋଗୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ମେଡିକାଲକୁ ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଯୁବତୀଙ୍କୁ ପରିବାର ଲୋକେ ନିଜ ଘରେ ନ ରଖି କାହିଁକି ମାଉସୀ ଘରେ ରଖିଥିଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

## ରଜ ଉତ୍ସବ: ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଭାଗନେଲେ

ବାଙ୍କୀ,୧୫।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତରେ ରଙ୍ଗଣୀ ସାହି ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରଘୁନାଥ ଦେବଙ୍କ ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସଂସ୍କୃତ ପଣ୍ଡିତ ବୀରେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଶରତ ପ୍ରଧାନ, ତୁଳସୀପୁର ତନ୍ତୁବାୟ ସହଯୋଗ ସମିତି ସମ୍ପାଦକ ରାଜକିଶୋର ରାଉତ, ସମିତି ସଭ୍ୟ ନାରାୟଣ ଜେନା ସମ୍ମାନିତ ଅତିଥି ଓ ମାନସୀ ବେହେରା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ନିରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସାମାଜିକକର୍ମୀ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଝୋଟି, ମ୍ୟୁଜିକ୍ ଚେୟାର, ଗୁପ୍‌ଚୁପ୍ ଖାଇବା, ବଲ୍‌ବାଲ୍ଟି ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗନେଇଥିଲେ। ବିଚାରକ ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ରୂପାଲି ପାଣି, ଶିକ୍ଷାବିତ୍ ଭଜ କିଶୋର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଲ୍, ଅବସରପ୍ରାପ୍ତ ଶିକ୍ଷାବିତ୍ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଚିତ୍ତରଞ୍ଜନ ସାହୁ, ରଞ୍ଜନ କୁମାର ସାହୁ, ନୟାଗଡ଼ ଲୋପମୁଦ୍ରା ପ୍ରଧାନ ଓ ଡାକସେବା କର୍ମଚାରୀ ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା କଳାକାରମାନଙ୍କୁ ପ୍ରଶଂସାପତ୍ର ଓ ଅର୍ଥ ପୁରସ୍କାରଭାବେ ପ୍ରଦାନ କରାଯାଇଥିଲା। ବର୍ଷା ପ୍ରିୟଦର୍ଶିନୀଙ୍କୁ ରଜ କୁଇନ୍ ଓ ରୂପାଲି ସେନାପତିଙ୍କୁ ରନର୍ସଅପ୍ ମୁକୁଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ ଉପସ୍ଥାପକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଭ୍ରମରବର ରାଉତ, ସୁଦର୍ଶନ ସାହୁ, ଅଇଁଠୁ ଦାଶ, ଅବଧୂତ ବେହେରା ଏବଂ ବାନାମ୍ବର ସାହୁ ପ୍ରମୁଖ ଏହାକୁ ସଫଳ କରାଇବାରେ ସହଯୋଗ କରିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

## ରଜ ଦୋଳି ଖେଳିଲେ କିନ୍ନର

ଫୁଲନଖରା,୧୫।୬ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠରେ ରାହୁଲ ଜୀ ସେବା ଟ୍ରଷ୍ଟ ଓ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପ୍ରତାପନଗରୀ ପକ୍ଷରୁ ୩ଦିନ ଧରି ରଜ ମହୋତ୍ସବ ପାଳନ କରାଯାଉଛି। ୫୮ ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ କୁନିପିଲାଙ୍କୁ ନେଇ କଳା, ସଂସ୍କୃତି ଓ ଐତିହ୍ୟ ଉପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିବା ବେଳେ ଗୁରୁବାର ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନରୁ ବହୁ କିନ୍ନର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ରଜ ମହୋତ୍ସବ ପାଳନ କରିଥିଲେ। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ପ୍ରମୋଦ ବେହେରା, ଶରତ ଜେନା, ରବୀନ୍ଦ୍ର ସ୍ୱାଇଁ, ପୁଳିନ ମହାପାତ୍ର, ମାରୁତି ସ୍ୱାଇଁ, ପାର୍ଥସାରଥି ସାହୁ, ନିର୍ମଳା ରାଉତ, ସନ୍ତୋଷ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାହୁଲ ଜୀ ସେବା ଟ୍ରଷ୍ଟର ସଭାପତି ଲିଟନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



କିନ୍ନରମାନେ ରଜ ଦୋଳି ଖେଳୁଛନ୍ତି ।

## ମନ ମୋହିଲା ଗୋଟିପୁଅ ନୃତ୍ୟ

### ଗୋପମଥୁରାରେ ରଜ ମହୋତ୍ସବ

ବଡ଼ମ୍ବା,୧୫।୬(ମାୟାଧର ମଲ୍ଲିକ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇ ଗୋପମଥୁରା ଗ୍ରାମ ଏକ ବୀର ଓ କଳା, ସଂସ୍କୃତିର ମାଟି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପମଥୁରା ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବ ଯୋଗଦେଇ ରଜ ମହୋତ୍ସବର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଏହି ଅବସରରେ ନୃତ୍ୟଭୂମି ଡ୍ୟାନ୍ସ ଏକାଡେମୀ ଓ ପୁରୀ ତରଫରୁ ଗୋଟିପୁଅ ନୃତ୍ୟ ଓ ସୁରୀୟା ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ଚିତ୍ତାକର୍ଷକ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ମହୋତ୍ସବ ପଡ଼ିଆ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରଙ୍ଗିନ ଆଲୋକ ମାଳାରେ ସଜ୍ଜିତ ହେବା ସହ ପଡିଆରେ ପଡ଼ିଥିବା ବିଭିନ୍ନ ଷ୍ଟଲଗୁଡିକରେ ପ୍ରବଳ ଭିଡ ଜମିଥିଲା। କର୍ମକର୍ତ୍ତା ଜ୍ଞାନରଞ୍ଜନ ମଲ୍ଲିକ, ସଞ୍ଜୟ କୁମାର ନାୟକ, ଅଭିମନ୍ୟୁ ସାହୁ, ହରିହର ରାଉତ, ପ୍ରମୋଦ କୁମାର ଦଳବେହେରାଙ୍କ ସମେତ ସମସ୍ତ କମିଟି ସଦସ୍ୟ ଏହାକୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୁଲେଇସୁଣୀ ପୀଠରେ ରଜ ମହୋତ୍ସବ



ରଜ ମହୋତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

କଟକ ସଦର,୧୫।୬(ସୁଶାନ୍ତ ଜେନା)

ଭାରତ ମସଲା ଓ କଟକ ସଦର ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ କୁଲେଇସୁଣୀ ପୀଠରେ ରଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଜେଡି ନେତା ପ୍ରଫୁଲ୍ଲ କୁମାର ସିଂହ, ସମର ବେହେରା, ରଜନୀକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳୀ, ପୂର୍ବତନ ଜିଲା ପରିଷଦ ସଭ୍ୟା ଝିନୁ ବେହେରା, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବସୁନ୍ଧରାର ପରିଚାଳିକା ଅର୍ଚ୍ଚନା ମହାନ୍ତି, ଦିନେଶ ଗୁପ୍ତ, ବିକ୍ରମ ଆଚାର୍ଯ୍ୟ, ରବିନାରାୟଣ ଦାଶ, ଡ.କିଶୋର ଚନ୍ଦ୍ର ମହାନ୍ତି, ଅଶୋକ ପଟ୍ଟନାୟକ, ସନ୍ତୋଷ ପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ପରିଡ଼ା, ରାଜୀବ ବେଉରା, ଲୋଚନ ପରିଡ଼ା, ସଞ୍ଜୀବ ବେଉରା, କିଶୋର ହରି ପ୍ରମୁଖ ପରିଚାଳନା କରିଥିବା ବେଳେ ଅଥଙ୍ଗା, ଲକ୍ଷ୍ମୀନାରାୟଣପୁର ଗ୍ରାମର ମୁରବି, ଯୁବକମାନଙ୍କ ସହଯୋଗ କରିଥିଲେ। ନୃତ୍ୟରେ ରୁଦ୍ରାଣୀ ପ୍ରିୟଦର୍ଶିନୀ ହରି ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷାବିତ୍ ଚୈତନ୍ୟ ରାଉତ ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ ଶିବିର: ୫୦ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୧୫।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ବୋତଲମା ପଞ୍ଚାୟତ ଭବନରେ ବୁଧବାର ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରେଡକ୍ରସ ବ୍ୟାଙ୍କ୍ ତରଫରୁ ଡାକ୍ତର ଶିଶାଂସୁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଏହି ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ସମୁଦାୟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପ ନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା ଓ ସ୍ଥାନୀୟ ସାମାଜିକ କର୍ମୀ ହୃଦାନନ୍ଦ ମାନସିଂହ, ଧୀରେନ ମଙ୍ଗରାଜ, ପ୍ରଶାନ୍ତ ରଣା, ଲାଲ୍‌ମୋହନ ଖଟୁଆ, ଶଶିକାନ୍ତ ବେହେରା, ଚିତ୍ତରଞ୍ଜନ ମହାପାତ୍ର ଓ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

## ରଜ ହେଉଛି କୃଷିଭିତ୍ତିକ ଗଣପର୍ବ

### ପାଞ୍ଚଗାଁ ରଜ ମହୋତ୍ସବ

ତିଗିରିଆ, ୧୫।୬(ଜାଫର ଖାନ୍ )

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁଠାରେ ସ୍ଥାନୀୟ ଯୁବକ ସଂଘ ଦ୍ୱାରା ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମୁଖ୍ୟବକ୍ତାଭାବେ ଅଧାପକ ଡ.ମନୋରଞ୍ଜନ ମହାନ୍ତି ଯୋଗଦେଇ ରଜ ହେଉଛି ଓଡିଶାର କୃଷିଭିତ୍ତିକ ଗଣପର୍ବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଶର୍ମିଳା ନାୟକ, ପୁଷ୍ପିତା ସ୍ୱାଇଁ, ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଞ୍ଜୟ ମଲ୍ଲିକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ବୋର୍ଡ ସଭ୍ୟ ଗୌରହରି ପରିଡା ଯୋଗଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥିଭାବେ ଓଡ଼ିଆ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟଶ୍ରୀ ଡ୍ୟାନ୍ସ ଏକାଡେମୀ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପାଞ୍ଚଗାଁ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ପାଞ୍ଚଗାଁ ଯୁବକ ସଂଘ ସମ୍ପାଦକ ସୁଜିତ ବାରିକ ପ୍ରକାଶ କରିଛନ୍ତି।



ରଜ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ପରିତ୍ୟକ୍ତ ଘରୁ ଯୁବତୀ ଉଦ୍ଧାର

ବାଲିପାଟଣା,୧୫।୬(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅନ୍ତର୍ଗତ ସିଙ୍ଗିରି ଶାସନ ଗ୍ରାମରୁ ଗୁରୁବାର ପୋଲିସ ଏକ ପରିତ୍ୟକ୍ତ ଘରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀ ଜଣଙ୍କ ମାନସିକଗ୍ରସ୍ତ ରୋଗୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ମେଡିକାଲକୁ ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଯୁବତୀଙ୍କୁ ପରିବାର ଲୋକେ ନିଜ ଘରେ ନ ରଖି କାହିଁକି ମାଉସୀ ଘରେ ରଖିଥିଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

### ୨ ସଡ଼କ ଦୁର୍ଘଟଣା, ୪ ଆହତ

ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ନିମାପଡ଼ା ବଡ଼ ବଜାର ଓ ଭାଟବନ୍ଧ ହାଇସ୍କୁଲ ଛକ ନିକଟରେ ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।
ଭାଟବନ୍ଧ ହାଇସ୍କୁଲ ଛକ ନିକଟରେ ଏକ ଅଟୋରିକ୍ସା ସହ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ଦ୍ୱୟ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଡହବାରୀ ଗ୍ରାମର କାନ୍ତିବୀର ଦାସ(୨୬) ଓ ତାଙ୍କ ବଡ଼ ଭାଇ ପିୟୁଷକାନ୍ତ ଦାସ(୩୧)। ଦୁହିଁଙ୍କୁ ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅଟୋରିକ୍ସାଟି ବାଇକ୍‌କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଅନ୍ୟ ଏକ କାର୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଛି। ସେହିପରି ନିମାପଡ଼ା ବଡ଼ ବଜାରଠାରେ ଏକ କାର୍ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେବାରୁ ୨ଜଣ ସ୍କୁଟି ଆରୋହୀ (ବାଳିକା) ଆହତ ହୋଇଛନ୍ତି। ବାଳିକା ଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ସେ ହେଲେ ସ୍ଥାନୀୟ ଥାନା ଅଧୀନ ପାଟପୁର ମୁଦୁଲି ସାହି ଗ୍ରାମର ଅନୁରାଧା ପ୍ରିୟଦର୍ଶିନୀ (୧୬)। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ଘଟାଇଥିବା ଚାଳକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଓ ନିମାପଡ଼ା ମେଡିକାଲରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ବୋଲି କୁହାଯାଉଛି। ପୋଲିସ ଉଭୟ ଦୁର୍ଘଟଣା ସ୍ଥଳରେ ଓ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ସଙ୍ଗୀତରେ ବ୍ୟାସକବିଙ୍କ ସ୍ମୃତିଚାରଣ

ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ) ଏଚ୍‌ଡିଆଇ ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରଶ୍ମି ଦାସଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅକ୍ଷୟ କୁମାର ପାଣି, ଗୁରୁ ପ୍ରସାଦ ମିଶ୍ର ଓ ରମେଶ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ବ୍ୟାସକବିଙ୍କ ରଚିତ ଜଗତର ସୁଖ ଦୁଃଖ ଆନନ୍ଦ ଉତ୍ସବ, ପଳାଶ ଗଛ ତ ଅଛି ତୋଟାରେ, ନଦୀ ରୂପେ ମୋ ଜୀବନ ଯାଉଛି ବହି, ଦେଖି ନାହିଁ ମରୁଭୂମି ଶୁଣିଛି ନାମ, ଶ୍ରୀ ଚୈତନ୍ୟ ଦେବ ନାଚି ନାଚି ଗୀତ ଗାଇ, ପଠାଇଛୁ ମତେ ହେ ପ୍ରଭୁ ଜଗତେ ଆଦିକୁ ସଙ୍ଗୀତ ରୂପରେ ପରିବେଷଣ କରି ସ୍ମୃତିଚାରଣ କରିଥିଲେ।

# ଶ୍ରୀମନ୍ଦିରରେ ପହଞ୍ଚିଲା ପାଟବସ୍ତ୍ର, ସୂତାଲୁଗା

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)



ଆସନ୍ତା ୨୦ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପକ୍ଷରୁ ଚାଲିଛି ପ୍ରସ୍ତୁତି। ଅନ୍ୟପଟେ ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଓ ପାଟବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଥମ ପର୍ଯ୍ୟାୟରେ ସୂତାଲୁଗା ପହଞ୍ଚିଥିବା ବେଳେ ଏବେ ରଥଯାତ୍ରା ଲାଗି ମହାପ୍ରଭୁଙ୍କ ପାଟବସ୍ତ୍ର ଓ ସୂତାଲୁଗା ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚା ଯାଇଥିବା ବୁଣାକାର ଗୋପୀନାଥ ଦାସ କହିଛନ୍ତି।

ଗୋପୀନାଥଙ୍କ ପରିବାର ଦୀର୍ଘ ୩୦ବର୍ଷ ହେବ ରଥଯାତ୍ରା ଏବଂ ମହାପ୍ରଭୁଙ୍କ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ଲାଗି ସୂତା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି ବୋଲି ଗୋପୀନାଥ କହିଛନ୍ତି। ସ୍ନାନପୂର୍ଣ୍ଣିମୀ, ଅଣସର, ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ସମେତ ଦୈନିକ ନୀତିକାନ୍ତିରେ ମହାପ୍ରଭୁ ବିଭିନ୍ନ ବସ୍ତ୍ର ପରିଧାନ କରିଥାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଲିକା ପାଇବା ପରେ ବୁଣାକାରମାନେ ଅକ୍ଷୟ ତୃତୀୟାଠାରୁ କାମ ଆରମ୍ଭ କରିଥା'ନ୍ତି। ସ୍ନାନଯାତ୍ରା ପୂର୍ବରୁ କାର୍ଯ୍ୟ ଶେଷ ହୋଇଥାଏ। ଏଥର ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡ଼ଣୀ, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ବଡ଼ସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଳୋକ (କଂସାରୀ ରପି ସଂସାର, ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ) ଏବଂ ଚନ୍ଦନ ଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳି ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଗୀତଗୋବିନ୍ଦ ପାଟ ରହିଛି। ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା, ବସ୍ତ୍ର ପଠାଯାଇଛି।

ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରକୁ ଯାଉଥିବାରୁ ରାଉତପଡ଼ା ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗୋପୀନାଥ କହିଛନ୍ତି, ବାପା ମଧୁସୂଦନ ୧୯୯୩ରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ଏହାପରଠାରୁ ଏହି ସେବାରେ ଆମ ପରିବାର ସମେତ ଗ୍ରାମର ୨୨ ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି। ଏହି ସେବାରେ ଗୋପୀନାଥଙ୍କ ଭାଇ ରାମଚନ୍ଦ୍ର, ଭଗବାନ ଓ ଗୋବିନ୍ଦ ଚନ୍ଦ୍ରଙ୍କ ପରିବାରର କୈଳାସ, ରବୀନ୍ଦ୍ର, ଅଶୋକ, ନିମାଇଁ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ବୁଣାକାରମାନେ କହିଛନ୍ତି।

## ମହାପ୍ରଭୁଙ୍କୁ ଲାଗି ହେଲା ସାତ୍ତ୍ୱିକ ପାଟ

ଖୋର୍ଦ୍ଧା ଅଫିସ,୧୫।୬(ପ୍ରଭାତ ପାଣିଗ୍ରାହୀ)

ଚଳିତବର୍ଷ ଖଳିଲାଗି ଏକାଦଶୀରେ ନୂତନ ପଦ୍ଧତିରେ ପ୍ରସ୍ତୁତ ଚତୁର୍ଦ୍ଧା ବିଗ୍ରହଙ୍କୁ ସାତ୍ତ୍ୱିକ ପାଟ ଲାଗି ହୋଇଛି। ରେଶମ ପୋକ ନ ମରାଯାଇ ଏହି ପାଟବସ୍ତ୍ର ବୁଣାଯାଇଥିଲା। ସୂଚନାଥାଉ କି, ପୂର୍ବରୁ ରେଶମ ପୋକ ମରାଯାଇ ପାଟବସ୍ତ୍ର ବୁଣାଯାଉଥିଲା। ଏଥିଲାଗି ୪ରୁ ୬ଲକ୍ଷ ପର୍ଯ୍ୟନ୍ତ ପୋକ ମରାଯାଉଥିଲା। ରାଜ୍ୟ ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ପରୀକ୍ଷାମୂଳକଭାବେ ପୋକ ନ ମାରି ସେଥିରୁ ପାଟ ବାହାର କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ରାଉତପଡ଼ା ଗ୍ରାମର ଗୋପୀନାଥ ଦାସଙ୍କ ପରିବାର ୮୮ମିଟର ପାଟବସ୍ତ୍ର ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଖଳିଲାଗି ଏକାଦଶୀରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଲାଗି ଏକ ସେଟ୍ ଜୟଦେବ ଗୀତଗୋବିନ୍ଦ ଶ୍ଳୋକ ଲେଖାଥିବା ପାଟବସ୍ତ୍ର ପଠାଇଥିଲେ। ଖଳିଲାଗି ଏକାଦଶୀରେ ନୂତନ ପଦ୍ଧତିରେ ପ୍ରସ୍ତୁତ ଏହି ପାଟବସ୍ତ୍ର ଚତୁର୍ଦ୍ଧା ବିଗ୍ରହଙ୍କୁ ଲାଗି ହୋଇଥିଲା। ବୁଣାକାର ଅଶୋକ ଦାସ କହିଛନ୍ତି, ଏଣିକି ପାଟବସ୍ତ୍ର ଲାଗି ଆଉ ପୋକ ମରାଯିବନି। ଏହା ମନକୁ ଆନନ୍ଦ ଦେଇଛି। ସବୁବେଳେ ବସ୍ତ୍ର ବୁଣିବା ବେଳେ ଏଥିଲାଗି ମାନସିକ ଅଶାନ୍ତି ମଧ ରହୁଥିଲା। ଗୋଟିଏ ସେଟ ବୁଣିବା ଲାଗି ଲକ୍ଷାଧିକ ପୋକକୁ ମାରିବାକୁ ପଡୁଥିଲା। ଏଥିରୁ ମୁକ୍ତି ମିଳିଲା ବୋଲି ସେ କହିଛନ୍ତି।

## ବ୍ୟାସକବିଙ୍କ ଗଳ୍ପ, ଉପନ୍ୟାସ ସାଧାରଣ ପାଠକଙ୍କୁ ଆକୃଷ୍ଟ କରିଥିଲା

ଭୁବନେଶ୍ୱର,୧୫।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ବ୍ୟାସକବିଙ୍କ ୧୦୫ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବାଣୀବିହାରସ୍ଥିତ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସାରସ୍ୱତ ସମାବେଶରେ ସଂସଦର ସଭାପତି ଜୀବନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ଡ. ଅଜୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଫକୀର ମୋହନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। କଥିତ ଲୌକିକ ଭାଷାର ପ୍ରୟୋଗ ଦ୍ୱାରା ବ୍ୟାସକବିଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ଜ୍ଞାନ ଓ ବୁଦ୍ଧିର ଭାଷାକୁ ଅତିକ୍ରମ କରି ସାଧାରଣ ପାଠକବର୍ଗଙ୍କ ଦ୍ୱାରା ଗୃହୀତ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ବିଶିଷ୍ଟ ଐତିହାସିକ ପ୍ରଫେସର ଅମୀୟ ପଟ୍ଟନାୟକ ଭାଷା ଆନ୍ଦୋଳନ କିପରି ଆମ ଭାଷାକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି ତାହା ଦର୍ଶାଇଥିଲେ। ସାଧାରଣ ସମ୍ପାଦକ ବିରାଜ କୁମାର ଦାସ ପ୍ରାରମ୍ଭିକ ବିରାଜ ମୋହନ ଦାସ ସ୍ୱାଗତ ଭାଷଣ ଓ ସଂଗଠନର ସମ୍ପାଦକ ଅଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ



ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି।

ଜଟଣୀ,୧୫।୬(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ପାଳିତ ହୋଇଯାଇଛି। ହରିପୁର ଗ୍ରାମ ଷ୍ଟେଶନ ନିକଟ ଲେଭଲ କ୍ରସିଂ ଗେଟ ସଂଖ୍ୟା କେପି-୨୦ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ସଚେତନତା ପାଇଁ ଲେଭଲ କ୍ରସିଂ ଗେଟଠାରେ ସୁରକ୍ଷା ସତର୍କତା ପାଇଁ ଜନ ପରାମର୍ଶ, ଲିଫ୍‌ଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ଏବଂ ସ୍ଲୋଗାନ ଆଦି ପରିବେଷଣ କରାଯାଇଥିଲା। ଖୋର୍ଦ୍ଧାରୋଡ଼ ସିଭିଲ ଡିଫେନ୍ସ ସଙ୍ଗଠନର ସଦସ୍ୟଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା। ଟ୍ରେନ ଫାଟକ ଅତିକ୍ରମ କରିବା ପାଇଁ ମାତ୍ର କିଛି ସେକେଣ୍ଡ ସମୟ ନେଇଥାଏ, ତେଣୁ ଫାଟକ ବନ୍ଦ ଥିବା ସମୟରେ ଜନସାଧାରଣ ଧୈର୍ଯ୍ୟ ରଖନ୍ତୁ ଆଉ ଗେଟ୍ ବନ୍ଦ ଥିବା ବେଳେ ରେଳ ଟ୍ରାକ ଅତିକ୍ରମ କରନ୍ତୁ ନାହିଁ ଭଳି ବିଭିନ୍ନ ସତର୍କତାମୂଳକ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ କହିଥିଲେ, ସମସ୍ତଙ୍କ ଜୀବନ ଅମୂଲ୍ୟ। ଲେଭଲ କ୍ରସିଂ ଫାଟକ ଅତିକ୍ରମ କରୁଥିବା ବେଳେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଖୋର୍ଦ୍ଧାରୋଡ଼ ମଣ୍ଡଳରେ ୨୦୧୯ଠାରୁ କୌଣସି ଲେଭଲ୍ କ୍ରସିଂ ଦୁର୍ଘଟଣା ରେକର୍ଡ ହୋଇନଥିବା ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଏମ୍.ଏନ୍.ଏସ୍. ରମେଶ, ଅତିରିକ୍ତ ମଣ୍ଡଳ ନିରାପତ୍ତା ଅଧିକାରୀ ଡି.କେ. ମଲ୍ଲିକ, ପୂର୍ବତଟ ରେଳ ବିଭାଗର ମୁଖ୍ୟ ଷ୍ଟାଟିଷ୍ଟିକାଲ୍ ଇନ୍‌ସ୍ପେକ୍ଟର ମୃଣ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଅସ୍ତରଙ୍ଗ,୧୫।୬(ପ୍ରଶାନ୍ତ ଜେନା)

ଅସ୍ତରଙ୍ଗ ବ୍ଲକର ପୂର୍ବତନ ସରପଞ୍ଚ କେଳୁଚରଣ ବିଶ୍ୱାଳଙ୍କର (୯୪) ବୟସରେ ଗୁରୁବାର ନଇଗୁଆଁସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି। ସେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କର ଜଣେ ଘନିଷ୍ଠ ବନ୍ଧୁ ସହ ନଇଗୁଆଁ ପଞ୍ଚାୟତରୁ ୪ଥର ସରପଞ୍ଚ ହୋଇଥିଲେ। ତାଙ୍କ ସମୟରେ ବହୁ ଜନହିତକର କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। କେଳୁଚରଣଙ୍କ ମୃତ୍ୟୁ ଖବରପାଇ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଏମ୍‌ପି ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସାଇଁ, ବିଜେଡି ନେତା କୁଞ୍ଜବିହାରୀ ପ୍ରଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ଜିଲା ପରିଷଦ ସଭ୍ୟା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତି ସ୍ୱାଇଁ, ସ୍ୱପନେଶ୍ୱର ସାହୁ, ଚକ୍ରଧର ସାଇଁ, ପର୍ଶୁରାମ ସାଇଁ, ସୁଶାନ୍ତ ତ୍ରିପାଠୀ, ଜୟନ୍ତ ତ୍ରିପାଠୀ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ବିଶ୍ୱାଳଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇଥିଲେ। ଏହି ଖବର ଶୁଣି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।କେଳୁ ବିଶ୍ୱାଳଙ୍କ ମୃତ୍ୟୁ ଖବରପାଇ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ଶ୍ରୀଜଗନ୍ନାଥ, ରଥଯାତ୍ରା ସଂକ୍ରାନ୍ତ ଚିତ୍ରଶିଳ୍ପୀ ଶିବିର



ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ପୁରୀ, ୧୫।୬: (ଅଜିତ୍ ମହାନ୍ତି):

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଉପଲକ୍ଷେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ୨୮ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଗୁରୁବାର ସ୍ଥାନୀୟ ପାନ୍ଥନିବାସରେ ଯୁବ ଚିତ୍ରଶିଳ୍ପୀ ଶିବିର ଆରମ୍ଭ ହୋଇଛି। ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ୪ଦିନ ଧରି ଶିଳ୍ପୀମାନେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଉପରେ ବିଭିନ୍ନ ଆଧ୍ୟାତ୍ମିକ ଚିତ୍ର ଅଙ୍କନ କରିବେ। ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଶାର ପରିଚୟ ଏବଂ ଏହାକୁ ନେଇ ଶିଳ୍ପୀମାନେ ଚିତ୍ର ଅଙ୍କନ କଲେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଶିଳ୍ପୀଙ୍କ ତୂଳୀରୁ ବଳିଷ୍ଠ ଚିତ୍ରକଳା ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ୪ଦିନ ତାଲିମ

ଦିଲ୍ଲୀରୁ ଚିତ୍ରଶିଳ୍ପୀ ଜ୍ୟୋତି ପ୍ରକାଶ ପ୍ରଧାନ, ବିକାଶ ସେନାପତି, ସତ୍ୟରଞ୍ଜନ ଦାସ, ସନ୍ତୋଷ ରାଉତରାୟ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ମନୋଜ କୁମାର ମହାନ୍ତି, ହାଇଦ୍ରାବାଦରୁ ଜ୍ୟୋତିର୍ମୟ ପଟ୍ଟନାୟକ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସୁମିତ୍ରାରାଣୀ ଦାସ, ବିପିନ୍ ବିହାରୀ ଓଝା, ସିଦ୍ଧାର୍ଥ ଶଙ୍କର ଦାସ, କୃପାସିନ୍ଧୁ ଦୀକ୍ଷିତ, ଜୟଶ୍ରୀ ଜେନା, ମାନସ କୁମାର ଦାସ, ଶୁଭେନ୍ଦୁ ମିଶ୍ର, ସନ୍ତୋଷ ରାଉତରାୟ, ମୃତ୍ୟୁଞ୍ଜୟ ବାରିକ, କୁଲ୍‌ଦୀପ ବର୍ମା, ବିକାଶ ଚନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ଦାସ, ଡାକୋଜି ଶିବା ଆଚାର୍ଯ୍ୟ, ଦେବାଶିଷ ମହାରଣା, ବିଶ୍ୱଜିତ୍ ଗିରି, ଆକାଶ ଶ୍ରୀଚନ୍ଦନ ରାମ, ବିଶ୍ୱଦର୍ଶୀ ଦାସ, ତାପସ କର, ଚିତ୍ରସେନ ବିଶୋଇ, ଶିତିକାନ୍ତ ସାମନ୍ତସିଂହାର, ସୁମିତ୍ରା ମହାରଣା ଏବଂ ପ୍ରତାପ ବଡ଼ତିଆ ପ୍ରମୁଖ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ବିଷୟବସ୍ତୁକୁ ନେଇ ସୃଜନଶୀଳ ଚିତ୍ରମାନ ଅଙ୍କନ କରିବେ। ଏହି ଶିବିର ୧୮ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ଶିବିର ଶେଷଦିନରେ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ନାଟକ 'ଦାନବୀର ହରିଶ୍ଚନ୍ଦ୍ର' ମଞ୍ଚସ୍ଥ

ବେଗୁନିଆ,୧୫।୬(ହରପ୍ରସନ୍ନ ପଣ୍ଡା)

ରଜ ପର୍ବ ବେଗୁନିଆ ବ୍ଲକର ପୁରପଲ୍ଲୀରେ ଗୁରୁବାର ଉତ୍ସାହର ସହ ପାଳିତ ହୋଇଯାଇଛି। ବେଗୁନିଆ ସଦର ମହକୁମା ସ୍ଥିତ ପ୍ରଭୁ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ରଜ ମହୋତ୍ସବ ଧୁମଧାମରେ ପାଳିତ ହୋଇଥିଲା। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବର ଦ୍ୱିତୀୟ ଦିବସରେ ମହୋତ୍ସବ କମିଟିର ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବେଗୁନିଆ ମନ୍ଦିର କମିଟିର ସଭାପତି ଦୀନବନ୍ଧୁ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଭାଗୀରଥି ପରିଡା ବକ୍ତା ଏବଂ ସୁରେନ୍ଦ୍ର ନାଥ ଦାଶ, ସମ୍ପାଦକ ଗଙ୍ଗାଧର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବର୍ଷା ପ୍ରିୟଦର୍ଶିନୀ ବିଶୋୟୀ ଓଡ଼ିଶୀ ନୃତ୍ୟ ସଙ୍ଗୀତ ପରିବେଷଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କମିଟିର ଉପଦେଷ୍ଟା ଦିବାକର ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ପରେ ନୟାଗଡ଼ ଜିଲା ଦର୍ପନାରାୟଣପୁର ଗ୍ରାମର କଳାକାରମାନଙ୍କୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକ 'ଦାନବୀର ହରିଶ୍ଚନ୍ଦ୍ର' ଦର୍ଶକଙ୍କୁ ବିମୋହିତ କରିଥିଲା। ସକାଳେ ଯୁବତୀ ଓ ମହିଳାମାନେ ଦୋଳି ଖେଳି ଖୁସି ମନାଇଥିଲେ। ପରେ ଅନ୍ତାକ୍ଷରୀ, ମ୍ୟୁଜିକ ଚେୟାର, ଝୋଟି, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ମହିଳାମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶକୁନ୍ତଳା ଦାଶ ପ୍ରଥମ, ନର୍ମଦା ବରାଳ ଦ୍ୱିତୀୟ ଓ ସୁଶ୍ରୀତା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦଣ୍ଡ ପ୍ରଣାମ କରି ରାଜସ୍ଥାନରୁ ପୁରୀ

ପୁରୀ, ୧୫।୬(ଅଜିତ୍ ମହାନ୍ତି)

- ଶ୍ରୀରାମଙ୍କୁ ୬ମାସ ୮ ଦିନ ସମୟ ଲାଗିଲା
- ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଟାଣିଆଣିଲା

ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ ଉଦ୍ଦେଶ୍ୟରେ ରାଜସ୍ଥାନରୁ ଜଣେ ଭକ୍ତ ଦଣ୍ଡ ପ୍ରମାଣ କରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି। ଏହି ଭକ୍ତ ଜଣଙ୍କ ହେଉଛନ୍ତି ରାଜସ୍ଥାନର ଶ୍ରୀରାମ ଗୁଜ୍ଜର। ଶ୍ରୀରାମ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ତାଙ୍କ ମନରେ ଇଚ୍ଛା ଜାଗ୍ରତ ହୋଇଥିଲା। ତେଣୁ ସେ ୨୦୨୨ ଡିସେମ୍ବର ୭ରେ ରାଜସ୍ଥାନର ତାଙ୍କ ଗ୍ରାମରୁ ବାହାରିଥିଲେ। ବାଟ ସାରା ଦଣ୍ଡ ପ୍ରଣାମ କରି କରି ପୁରୀ ଆସିଛନ୍ତି। ତାଙ୍କୁ ପୁରୀରେ ପହଞ୍ଚିବା ପାଇଁ ୬ମାସ ୮ ଦିନ ସମୟ ଲାଗିଛି। ସେ ସମୁଦାୟ ୧୮, ୫୦୦ କିଲୋମିଟର ଦଣ୍ଡ ପ୍ରଣାମ କରି ଆସିଛନ୍ତି। ଶ୍ରୀମନ୍ଦିରରେ ପହଞ୍ଚି ତାଙ୍କୁ ବହୁତ ଆନନ୍ଦ ମିଳୁଛି। ତାଙ୍କର କୌଣସି ମାନସିକ ନାହିଁ, କେବଳ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପ୍ରଥମ ଥର ଦଣ୍ଡ ପ୍ରଣାମ କରି ପୁରୀ ଆସିଥିବାବେଳେ ବାଟରେ କୌଣସି ସମସ୍ୟା ହୋଇନାହିଁ। ତାଙ୍କ ସାଥିରେ ତାଙ୍କର ଦୁଇ ଭାଇ ଆସିଛନ୍ତି। ଦେଶରେ ଭକ୍ତି ଭାବ ସୃଷ୍ଟି କରିବା ସହ ସମସ୍ତଙ୍କୁ ମହାପ୍ରଭୁ ଭଲରେ ରଖନ୍ତୁ ବୋଲି ସେ ପ୍ରାର୍ଥନା କରିଥିବା ଶ୍ରୀରାମ କହିଛନ୍ତି।



# ଗୋରୁଙ୍କୁ ବ୍ୟାପୁଛି ଏକଟାଙ୍କିଆ ରୋଗ

ସାକ୍ଷୀଗୋପାଳ,୧୫।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)



ସତ୍ୟବାଦୀର କିଛି ଅଞ୍ଚଳରେ ଗୋରୁ ବାଛୁରୀଙ୍କୁ ଏକଟାଙ୍କିଆ ରୋଗ ବ୍ୟାପୁଥିବା ନେଇ ଗୋପାଳକ ଅଭିଯୋଗ କରିଛନ୍ତି। ଗୋରୁଙ୍କୁ ହଠାତ୍ ପ୍ରବଳ ଜ୍ୱର ଆସି ପାଟିରୁ ଲାଳ ବାହାରିବା ସହ ଗୋଡ଼ ଫୁଲି ଦରଜ ହୋଇ ଅଚଳ ହେବାରୁ ଗୋରୁ ଖାଦ୍ୟ ଛାଡ଼ି ନିସ୍ତେଜ ହୋଇଯାଉଛନ୍ତି। ଘରେ ହେଉ ନଚେତ୍ ବାହାରେ ଯେଉଁଠି ନାଇଁ ସେଇଠି ରାତି ଦିନ ଶୋଇ ପଡୁଛନ୍ତି। ଅନେକ ଜାଗାରେ ବାହାରେ ଥିବା ଗୋରୁଙ୍କ ରକ୍ଷା ପାଇଁ ତାଙ୍କ ଉପରେ ପଲିଥିନ ଘୋଡାଇ ମଶା ଧୂପ ଦେଇ ସାରା ରାତି ଜଗି ବସୁଛନ୍ତି। ଡାକ୍ତରଙ୍କ ଚିକିତ୍ସା ପରେ ଗୋରୁ ସୁସ୍ଥ ହେଉଥିଲେ ମଧ ଦୁହାଁଳିଆ ଗୋରୁ କ୍ଷୀର ଦେଉନାହାନ୍ତି ଓ ଗର୍ଭିଣୀ ଗାଈ ଅଧିକ ବିପଦରେ ପଡୁଥିବା ଜଣାପଡିଛି। ଏହି ରୋଗରେ ଆକ୍ରାନ୍ତ ଛୋଟ ଛୋଟ ବାଛୁରୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ପ୍ରାଣୀ ଚିକିତ୍ସା ଅଧିକାରୀ ବାଣୀକାନ୍ତ ଖଟୁଆଙ୍କୁ ପଚାରିବାରେ, ଏହି ରୋଗ ସମ୍ପର୍କରେ ସେମାନେ ଅବଗତ ଥିବା କହିଥିଲେ। ଏହି ରୋଗ ହେଉଛି ଏକ ଋତୁଗତ ରୋଗ। ପ୍ରାୟତଃ ଅତ୍ୟଧିକ ରୌଦ୍ର ତାପ ଓ ଜଳବାୟୁ ଗରମ ରହିଲେ ଏହି ରୋଗ ହୋଇଥାଏ। ଗୋରୁଙ୍କୁ ହଠାତ ଜ୍ୱର ଆସିବା ସହ ସେମାନେ ଖାଦ୍ୟ ଖାଇ ନ ଥାଆନ୍ତି। ଏହାର କୌଣସି ସ୍ଥାୟୀ ପ୍ରତିକାର ନ ଥିଲେ ମଧ ଜ୍ୱର ପାଇଁ ଦିଆଯାଉଥିବା ଔଷଧ ଦେଇ ଭଲ କରୁଥିବା କହିଥିଲେ। ଆଗକୁ ଏହି ରୋଗ ଯେଭଳି ଅଧିକ ନ ବ୍ୟାପେ ସେଥିପାଇଁ କର୍ମଚାରୀଙ୍କୁ ଏ ସମ୍ପର୍କରେ ସଠିକି ତଥ୍ୟ ସଂଗ୍ରହ କରିବା ସହ ପୀଡିତ ଗୋରୁଙ୍କ ସମସ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ଧ୍ୟାନ ଦେଉଛନ୍ତି। ଏହି ରୋଗରେ ସାରଙ୍ଗ ଯୋଡ଼ି ଅଞ୍ଚଳର ଗୋପାଳକ ବୁଲୁ ବେହେରା, ସୁବା ବେହେରା, ପୂର୍ଣ୍ଣ ବେହେରା, ପଞ୍ଚାନନ ବେହେରାଙ୍କ ଗୋରୁ ଏକଟାଙ୍କିଆ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଗୋପ,୧୫।୬(ଭାରତୀ ଭୂଷଣ ଉପାଧ୍ୟାୟ)- ସାଧାରଣ ଲୋକମାନଙ୍କ ରହିଥିବା ଷ୍ଟେଟ ବ୍ୟାଙ୍କ ଏବେ ପ୍ରତ୍ୟେକ ପରିବାରରେ ପହଞ୍ଚିବା ସହ ଜମାକାରୀମାନେ କିଭଳି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଫଳପ୍ରଦ ହେବେ ତାହା ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ ବୋଲି ବୁଧବାର ଗୋପ କୁଶୁପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଷ୍ଟେଟ ବ୍ୟାଙ୍କର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ଓଏଫଏସ୍‌ର ଡାଇରେକ୍ଟର ସୁଷମା କିଣ୍ଡୋ ଉପସ୍ଥିତ ଜମାକାରୀଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ସୌରଭ ରଥ, ଲିଙ୍ଗରାଜ ନାୟକ, ତପନ କୁମାର ସାହୁ, ସଞ୍ଜୟ କୁମାର ଝା, ଗୋପ ପଞ୍ଚାୟତର ସରପଞ୍ଚ ସୁଲୋଚନା ଦାସ ପ୍ରଥମ ଯୋଗ ଦେଇ ଏହି ୨ଟି ଯୋଜନା ଉପରେ ସମସ୍ତ ତଥ୍ୟ ରଖିଥିଲେ। ପ୍ରତ୍ୟେକ ଜମାକାରୀଙ୍କ ଜମାଖାତାରୁ ପ୍ରତ୍ୟେକ ବର୍ଷ ବୀମା ଟଙ୍କା ଅର୍ଥ କଟିବା ପରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆର୍ଥିକ ରାଶି ମିଳିବ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ରାଜକୁମାର ମହାନ୍ତି ପରିଚାଳନା କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଅସ୍ତରଙ୍ଗ,୧୫।୬(ପ୍ରଶାନ୍ତ ଜେନା)- ଅସ୍ତରଙ୍ଗ ବ୍ଲକର ପୂର୍ବତନ ସରପଞ୍ଚ କେଳୁଚରଣ ବିଶ୍ୱାଳଙ୍କର (୯୪) ବୟସରେ ଗୁରୁବାର ନଇଗୁଆଁସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି। ସେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କର ଜଣେ ଘନିଷ୍ଠ ବନ୍ଧୁ ସହ ନଇଗୁଆଁ ପଞ୍ଚାୟତରୁ ୪ଥର ସରପଞ୍ଚ ହୋଇଥିଲେ। ତାଙ୍କ ସମୟରେ ବହୁ ଜନହିତକର କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। କେଳୁଚରଣଙ୍କ ମୃତ୍ୟୁ ଖବରପାଇ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଏମ୍‌ପି ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସାଇଁ, ବିଜେଡି ନେତା କୁଞ୍ଜବିହାରୀ ପ୍ରଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ଜିଲା ପରିଷଦ ସଭ୍ୟା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତି ସ୍ୱାଇଁ, ସ୍ୱପନେଶ୍ୱର ସାହୁ, ଚକ୍ରଧର ସାଇଁ, ପର୍ଶୁରାମ ସାଇଁ, ସୁଶାନ୍ତ ତ୍ରିପାଠୀ, ଜୟନ୍ତ ତ୍ରିପାଠୀ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ବିଶ୍ୱାଳଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇଥିଲେ। ଏହି ଖବର ଶୁଣି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।କେଳୁ ବିଶ୍ୱାଳଙ୍କ ମୃତ୍ୟୁ ଖବରପାଇ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

### ବ୍ଲକସ୍ତରୀୟ ଲୋକକଳା ଦିବସ

କୃଷ୍ଣପ୍ରସାଦ,୧୫।୬(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାରଠାରେ ବ୍ଲକସ୍ତରୀୟ ଲୋକକଳା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଶିକ୍ଷାବିତ୍ ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୩୫ ମୌଜା ପରିଚାଳନା କମିଟି ସଭାପତି ତଥା ସୁସାହିତ୍ୟିକ ଡ.ଅଭିମନ୍ୟୁ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ବାହାର କରି ରାଜ୍ୟ ଓ ଜାତୀୟସ୍ତରରେ ପରିଚିତ କରିବା ବ୍ଲକସ୍ତରୀୟ ଲୋକକଳା ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦାମୋଦର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ସୁସ୍ଥ ହେଲେ ମହାପ୍ରଭୁ

**ପୁରୀ, ୧୫।୬(ଅଜିତ୍ ମହାନ୍ତି):**

ଆଷାଢ଼ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀନଅରକୁ ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜାଙ୍କୁ ଶ୍ରୀବିଗ୍ରହମାନଙ୍କ ସୁସ୍ଥତା ସମ୍ପର୍କରେ ଜଣାଇବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ଓ ପତିମହାପାତ୍ର ସେବକମାନେ ଶ୍ରୀବିଗ୍ରହମାନଙ୍କର ଗୁପ୍ତ ସେବା ଜାରି ରଖିଛନ୍ତି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡ଼ିଆ ମଠ ପକ୍ଷରୁ ଆସିଥିବା ଫୁଲୁରିତେଲ ଏବଂ ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଦଶମ ତିଥିରେ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ବୁଧବାର ଖଳିଲାଗି ଏକାଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କୁ ଖଳି ଓ ତୁଳସୀ ସମେତ ଦଶମୂଳ ମୋଦକ ଲାଗି କରାଯାଇଥିଲା। ଏହାପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।

ପରମ୍ପରା ଅନୁଯାୟୀ, ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜନଅରକୁ ବିଜେ କରାଯାଏ।



ଜଣେ କୁନି ଦଇତାପତିଙ୍କୁ ଶାଢି ବନ୍ଧାଯାଉଛି ।



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ରାଜନଅରରେ ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ସୁସ୍ଥତା ସମ୍ପର୍କରେ ଅବଗତ କରାଉଛନ୍ତି ।

### ଗଜପତି ମହାରାଜାଙ୍କୁ ଜଣାଇଲେ ଦଇତାପତି

ସେହି ଅନୁସାରେ ଗୁରୁବାର ଶ୍ରୀମନ୍ଦିରରେ ସକାଳଧୂପ ଓ ଭୋଗମଣ୍ଡପ ନୀତି ସରିବା ପରେ ଦଇତାପତି ସେବକମାନେ ଅଣସର ଘର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ପାଟବସ୍ତ୍ର ପକାଇ ଦେଇଥିବା ରୂପାଥାଳିଗୁଡ଼ିକୁ ଦଇତାପତି ସେବକମାନେ ନେଇ ଅଣସରଘରକୁ ଯାଇଥିଲେ। ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସେହି ଥାଳିଗୁଡ଼ିକରେ ସଜାଇ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା ପାହାଡ଼ା ବା କପଡ଼ା ଉପରେ ଏହି ଥାଳିଗୁଡ଼ିକୁ ରଖିଥିଲେ। ପରେ ଘଣ୍ଟ, ଛତା ଓ କାହାଳୀ ସହ ଥାଳିଗୁଡ଼ିକୁ ଦଇତାପତି ଏବଂ ପତିମହାପାତ୍ର ସେବକମାନେ ନେଇ ଶ୍ରୀନଅରକୁ ପଟୁଆରରେ ଯାଇଥିଲେ। ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିଗୁଡ଼ିକୁ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ରାଜଗୁରୁ ଥାଳିଗୁଡ଼ିକୁ ସଂସ୍କାର କରି ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢି ବନ୍ଧାଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଶାଢି ବନ୍ଧା ପରେ ଦଇତାପତିମାନେ ଦାରୁବିଗ୍ରହ ସୁସ୍ଥ ହେବା ଖବର ଗଜପତି ମହାରାଜାଙ୍କୁ ଜଣାଇଥିଲେ। ଏଥିସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ଓ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବା ସମ୍ପର୍କରେ ଦଇତାପତି ସେବକମାନଙ୍କ ସହ ଗଜପତି ମହାରାଜା ଆଲୋଚନା କରିଥିଲେ। ଏହାପରେ ଦଇତାପତି ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ତ୍ରୟୋଦଶୀ ଅବସରରେ ଶୁକ୍ରବାର ଶ୍ରୀବିଗ୍ରହମାନଙ୍କୁ ଘଣା ଲାଗିକରାଯିବ।

## ଶେଷ ପର୍ଯ୍ୟାୟରେ ତିନିରଥ ନିର୍ମାଣ କାମ



### ରଥଖଳାରୁ ...

**ପୁରୀ ୧୫।୬, (ଅଜିତ୍ ମହାନ୍ତି):**

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ନିର୍ମାଣର ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ସରିଲାଣି। ତିନିରଥର ୪ଟି ହିସାବରେ ୧୨ଟି 'ଦୁଆରବେଢ଼ା' ରଥ ଉପରକୁ ଉଠିବା ସହ ତିନିରଥ ନିମ୍ନଭାଗରେ ୮ଟି ଲେଖାଏ ୨୪ଟି ରଷିପଟା ବାଡ଼ିଆ ସରିବା ପରେ ଗୁରୁବାର ପ୍ରଭା ଫିଟିଂ ପାଇଁ ଦୁଇଟି ଲେଖାଏ 'ଧୂଳିଦଣ୍ଡା' ପଛଆଣି ଚଉଦ ନାହାକାରେ ବାଡ଼ିଆ ଯାଇଛି। ବାକି ଥିବା ରଥ ଉପର ଚାରିପାର୍ଶ୍ୱ କୋଣଗୁଡ଼ିକରେ ପଟା ପଡ଼ିବା ଶେଷ ହୋଇଛି। 'ଦୁଆରବେଢ଼ା'ଗୁଡ଼ିକୁ ବାନ୍ଧି ରଖିବା ପାଇଁ ଗୋଟିଏ ଗୋଟିଏ 'ଧ୍ୱଜବତା' ଦୁଆରବେଢ଼ା ଚନ୍ଦ୍ରଶାଳି କାପରେ ସେଟିଂ କରାଯାଇ ମଝି ଭୂଇଁ ଛକାଠିରେ ଫିଟିଂ କରାଯାଇଛି। ତିନି ରଥର ଚାରିପାର୍ଶ୍ୱ କୋଣରେ ୩ଟି ଲେଖାଏ 'କଣିଫାଉଡା' ପ୍ରତି ଭୂଇଁକୋଣରେ ଫିଟିଂ କରାଯାଇଛି। ଏଥିସହ ଏହି କୋଣ ଫାଉଡା ଉପରେ ପ୍ରଥମ ପୋଟଳଠାରୁ ପ୍ରଥମ ଭୂଇଁ ପର୍ଯ୍ୟନ୍ତ ତିନୋଟି ଲେଖାଏ 'ମଣ୍ଡଣିବତା' ବା ପତଳା କାଠ ବଟନ ବାଡ଼ିଆଯାଇଛି। ତତ୍‌ପରେ ପ୍ରଥମ ପୋଟଳଠାରୁ ଚନ୍ଦ୍ରଶାଳି ପର୍ଯ୍ୟନ୍ତ ଦୁଇଟି ଲେଖାଏ 'ହାତିଆଳମାଳ' (ବଟନ) ବାଡ଼ିଆ ଯାଉଛି। ଫଳରେ ରଥର ଗଠନ ଶୈଳୀ ସୁନ୍ଦର ଦିଶିବା ସହ ରଥକନା ପଡ଼ିବାରେ ସହାୟକ ହେବ। ରୂପକାର ସେବକମାନେ ତିନିରଥର 'ପ୍ରଭା'ରେ ରୂପ ଖୋଦେଇ ଶେଷକରି ଘୋଡ଼ା ସେଟିଂ ପାଇଁ ୧୩ଫୁଟର ୩ଟି 'ଈଶଳୁଆଳି', ୩ଟି ଲେଖାଏ ଆଶାବାଡ଼ି, ନନ୍ଦିଘୋଷ ଏବଂ ତାଳଧ୍ୱଜ ରଥ ସାରଥୀଙ୍କ 'ସାରଥୀ କିରଣ' ନିର୍ମାଣ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ବେଦି ତିନିପାର୍ଶ୍ୱରେ ଗାଇପଲ ଚିତ୍ର ଅଙ୍କନ ସାରି ଘୋଡ଼ାଗୁଡ଼ିକ ସମେତ ରଥ ବାହ୍ୟଅଂଶ ଏବଂ ପ୍ରଭାରେ ରଙ୍ଗ ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଦରଜି ସେବକମାନେ ସାରଥୀ ପୋଷାକ, ଛତି, ପୋଲିସ ପତାକା, ଭୋଇ ସେବକଙ୍କ ପତାକା ଏବଂ ଚାନ୍ଦୁଆ କାର୍ଯ୍ୟ କରୁଛନ୍ତି। ସେହିପରି ଦୋଳବେଦି କମାରଶାଳରେ ଓଝା ସେବକମାନେ ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ କରୁଛନ୍ତି।

## ଶ୍ରୀଜଗନ୍ନାଥ, ରଥଯାତ୍ରା ସଂକ୍ରାନ୍ତ ଚିତ୍ରଶିଳ୍ପୀ ଶିବିର




ଚିତ୍ରଶିଳ୍ପୀ ଶିବିରକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରୁଛନ୍ତି ।

### ୪ଦିନ ତାଲିମ

**ପୁରୀ, ୧୫।୬: (ଅଜିତ୍ ମହାନ୍ତି):**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଉପଲକ୍ଷେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ୨୮ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଗୁରୁବାର ସ୍ଥାନୀୟ ପାନ୍ଥନିବାସରେ ଯୁବ ଚିତ୍ରଶିଳ୍ପୀ ଶିବିର ଆରମ୍ଭ ହୋଇଛି। ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ୪ଦିନ ଧରି ଶିଳ୍ପୀମାନେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଉପରେ ବିଭିନ୍ନ ଆଧାତ୍ମିକ ଚିତ୍ର ଅଙ୍କନ କରିବେ। ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଶାର ପରିଚୟ ଏବଂ ଏହାକୁ ନେଇ ଶିଳ୍ପୀମାନେ ଚିତ୍ର ଅଙ୍କନ କଲେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଶିଳ୍ପୀଙ୍କ ତୂଳୀରୁ ବଳିଷ୍ଠ ଚିତ୍ରକଳା ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲ୍ଲୀରୁ ଚିତ୍ରଶିଳ୍ପୀ ଜ୍ୟୋତି ପ୍ରକାଶ ପ୍ରଧାନ, ବିକାଶ ସେନାପତି, ସତ୍ୟରଞ୍ଜନ ଦାସ, ସନ୍ତୋଷ ରାଉତରାୟ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ମନୋଜ କୁମାର ମହାନ୍ତି, ହାଇଦ୍ରାବାଦରୁ ଜ୍ୟୋତିର୍ମୟ ପଟ୍ଟନାୟକ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସୁମିତ୍ରାରାଣୀ ଦାସ, ବିପିନ୍ ବିହାରୀ ଓଝା, ସିଦ୍ଧାର୍ଥ ଶଙ୍କର ଦାସ, କୃପାସିନ୍ଧୁ ଦୀକ୍ଷିତ, ଜୟଶ୍ରୀ ଜେନା, ମାନସ କୁମାର ଦାସ, ଶୁଭେନ୍ଦୁ ମିଶ୍ର, ସନ୍ତୋଷ ରାଉତରାୟ, ମୃତ୍ୟୁଞ୍ଜୟ ବାରିକ, କୁଲ୍‌ଦୀପ ବର୍ମା, ବିକାଶ ଚନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ଦାସ, ଡାକୋଜି ଶିବା ଆଚାର୍ଯ୍ୟ, ଦେବାଶିଷ ମହାରଣା, ବିଶ୍ୱଜିତ୍ ଗିରି, ଆକାଶ ଶ୍ରୀଚନ୍ଦନ ରାମ, ବିଶ୍ୱଦର୍ଶୀ ଦାସ, ତାପସ କର, ଚିତ୍ରସେନ ବିଶୋଇ, ଶିତିକାନ୍ତ ସାମନ୍ତସିଂହାର, ସୁମିତ୍ରା ମହାରଣା ଏବଂ ପ୍ରତାପ ବଡ଼ତିଆ ପ୍ରମୁଖ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ବିଷୟବସ୍ତୁକୁ ନେଇ ସୃଜନଶୀଳ ଚିତ୍ରମାନ ଅଙ୍କନ କରିବେ। ଏହି ଶିବିର ୧୮ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ଶିବିର ଶେଷଦିନରେ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଅଭିରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ତମ ଜୟନ୍ତୀ ଉଦ୍‌ଯାପିତ

**କଣାସ,୧୫।୬(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଆଳିବାଡ଼ ଗ୍ରାମପଞ୍ଚାୟତର କରମଳା ଗ୍ରାମରେ ପ୍ରତିଷ୍ଠିତ ଅଭିରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ୨ ଦିନିଆ ୫୦ତମ ଜୟନ୍ତୀ ମହାସମାରୋହରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶୀଲ ମହାପାତ୍ର ସଭାରେ ପୌରୋହିତ୍ୟ କରିଥିଲେ। ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ବନବିହାରୀ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ଡ. ରବିନାରାୟଣ ରଥ, ରସା ସୁଷମା ସାହୁ, ଭାସ୍କର ଚନ୍ଦ୍ର ନାୟକ, କୁମାର ମାର୍ଥା, ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ରନାଥ ଜେନା, ବୃନ୍ଦାବନ ସାହୁ, ପୂର୍ବତନ ଛାତ୍ରସଂସଦ ସଭାପତି ଚକ୍ରଧର ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ରାୟ ପ୍ରମୁଖ ଯୋଗ ଦେଇଥିଲେ। ୫୦ବର୍ଷ ତଳେ ସୁଦୁର ପଲ୍ଲୀ ଗ୍ରାମରେ ରାସ୍ତାଘାଟ ନ ଥିବାବେଳେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଖୋଲିଥିବା ମହାନ୍ ବ୍ୟକ୍ତିଙ୍କ ଆଶା ଆଜି ସାକାର ହୋଇଥିବାରୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କୁ ଉପଢୌକନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଅଭିରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

### ବସ୍-କାର୍ ଧକ୍କା, ୨ ଗୁରୁତର

**ବେଗୁନିଆ,୧୫।୬(ହରପ୍ରସନ୍ନ ପଣ୍ଡା):**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାଘମାରୀ ଥାନା ସାରୁଅ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ବସ୍-କାର୍ ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଯାଇଛି। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନୟାଗଡ଼ ପଟୁ ଏକ କାର୍ (ଓଆର ୨୧ସି -୪୯୯୭) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ପଟୁ ଆସୁଥିବା ଏକ ଘରୋଇ ବସ୍ ସହ ଧକ୍କା ହୋଇଥିଲା। ଏଥିରେ କାର୍ ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

## ଗୋପବନ୍ଧୁଙ୍କ ଜୟନ୍ତୀ, ଶ୍ରାଦ୍ଧୋତ୍ସବରେ ଷଠିଘର ଓ ପାର୍କ ପ୍ରବେଶ ଶୁଳ୍କ ଛାଡ଼ ଦାବି

**ସାକ୍ଷୀଗୋପାଳ,୧୫।୬(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ରାଜ୍ୟ ସରକାର ଐତିହ୍ୟ ପ୍ରକଳ୍ପ ସୁଆଣ୍ଡୋ 'ଷଠିଘର ଓ ପାର୍କ' ପରିଦର୍ଶନ ନିମନ୍ତେ ପ୍ରବେଶ ଶୁଳ୍କ ଛାଡ଼ କରାଯାଉ। ଏଥିନିମନ୍ତେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ୩୩ ନଂ. ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପୁରୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଲିଖିତ ଭାବେ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ମାଟି 'ସୁଆଣ୍ଡୋ'କୁ ଜାତୀୟ ଐତିହ୍ୟ ପ୍ରକଳ୍ପ ରୂପେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯିବା ପରେ ଏହି ସ୍ଥାନକୁ ଦର୍ଶନ କରିବା ପାଇଁ ଦୈନନ୍ଦିନ ଦର୍ଶକଙ୍କ ଭିଡ଼ ଲାଗୁଛି। ଚଳିତ ମାସ ୧୮ ତାରିଖ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନେତ୍ରୋତ୍ସବରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପଡୁଛି। ଏହିଦିନ ଅଞ୍ଚଳବାସୀଙ୍କ ସହ ଗୋପବନ୍ଧୁପ୍ରେମୀ ସାଧାରଣ ଜନତା, ସ୍ୱେଚ୍ଛାସେବୀ ସଂଗଠନ ଓ ଛାତ୍ରୀଛାତ୍ର ପୁଣ୍ୟାତ୍ମାଙ୍କ ଷଠୀଘର ପରିଦର୍ଶନ କରି ପଣ୍ଡିତ ଗୋପବନ୍ଧୁଙ୍କ ନିକଟରେ ଭକ୍ତି ଅର୍ଘ୍ୟ ପ୍ରଦାନ କରିଥାନ୍ତି। ଏଥିପାଇଁ ପ୍ରଥମେ ଉକ୍ତ ଦିନ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ଷଠୀଘର ଓ ପାର୍କର ପ୍ରବେଶ ଶୁଳ୍କ ଛାଡ଼ କରାଯାଉ ବୋଲି କହିଛନ୍ତି।

## ଦଣ୍ଡ ପ୍ରଣାମ କରି ରାଜସ୍ଥାନରୁ ପୁରୀ

**ପୁରୀ, ୧୫।୬(ଅଜିତ୍ ମହାନ୍ତି)**

- ଶ୍ରୀରାମଙ୍କୁ ୬ମାସ ୮ ଦିନ ସମୟ ଲାଗିଲା
- ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଟାଣିଆଣିଲା

ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ ଉଦ୍ଦେଶ୍ୟରେ ରାଜସ୍ଥାନରୁ ଜଣେ ଭକ୍ତ ଦଣ୍ଡ ପ୍ରମାଣ କରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି। ଏହି ଭକ୍ତ ଜଣଙ୍କ ହେଉଛନ୍ତି ରାଜସ୍ଥାନର ଶ୍ରୀରାମ ଗୁଜର। ଶ୍ରୀରାମ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ତାଙ୍କ ମନରେ ଇଚ୍ଛା ଜାଗ୍ରତ ହୋଇଥିଲା। ତେଣୁ ସେ ୨୦୨୨ ଡିସେମ୍ବର ୭ରେ ରାଜସ୍ଥାନର ତାଙ୍କ ଗ୍ରାମରୁ ବାହାରିଥିଲେ। ବାଟ ସାରା ଦଣ୍ଡ ପ୍ରଣାମ କରି କରି ପୁରୀ ଆସିଛନ୍ତି। ତାଙ୍କୁ ପୁରୀରେ ପହଞ୍ଚିବା ପାଇଁ ୬ମାସ ୮ ଦିନ ସମୟ ଲାଗିଛି। ସେ ସମୁଦାୟ ୧୮୫୦ କିଲୋମିଟର ଦଣ୍ଡ ପ୍ରଣାମ କରି ଆସିଛନ୍ତି। ଶ୍ରୀମନ୍ଦିରରେ ପହଞ୍ଚି ତାଙ୍କୁ ବହୁତ ଆନନ୍ଦ ମିଳୁଛି। ତାଙ୍କର କୌଣସି ମାନସିକ ନାହିଁ, କେବଳ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପ୍ରଥମ ଥର ଦଣ୍ଡ ପ୍ରଣାମ କରି ପୁରୀ ଆସିଥିବାବେଳେ ବାଟରେ କୌଣସି ସମସ୍ୟା ହୋଇନାହିଁ। ତାଙ୍କ ସାଥିରେ ତାଙ୍କର ଦୁଇ ଭାଇ ଆସିଛନ୍ତି। ଦେଶରେ ଭକ୍ତି ଭାବ ସୃଷ୍ଟି କରିବା ସହ ସମସ୍ତଙ୍କୁ ମହାପ୍ରଭୁ ଭଲରେ ରଖନ୍ତୁ ବୋଲି ସେ ପ୍ରାର୍ଥନା କରିଥିବା ଶ୍ରୀରାମ କହିଛନ୍ତି।



## ଗୋରୁଙ୍କୁ ବ୍ୟାପୁଛି ଏକଟାଙ୍କିଆ ରୋଗ

**ସାକ୍ଷୀଗୋପାଳ,୧୫।୬ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀର କିଛି ଅଞ୍ଚଳରେ ଗୋରୁ ବାଛୁରୀଙ୍କୁ ଏକଟାଙ୍କିଆ ରୋଗ ବ୍ୟାପୁଥିବା ନେଇ ଗୋପାଳକ ଅଭିଯୋଗ କରିଛନ୍ତି। ଗୋରୁଙ୍କୁ ହଠାତ୍ ପ୍ରବଳ ଜ୍ୱର ଆସି ପାଟିରୁ ଲାଳ ବାହାରିବା ସହ ଗୋଡ଼ ଫୁଲି ଦରଜ ହୋଇ ଅଚଳ ହେବାରୁ ଗୋରୁ ଖାଦ୍ୟ ଛାଡ଼ି ନିସ୍ତେଜ ହୋଇଯାଉଛନ୍ତି। ଘରେ ହେଉ ନଚେତ୍ ବାହାରେ ଯେଉଁଠି ନାଇଁ ସେଇଠି ରାତି ଦିନ ଶୋଇ ପଡୁଛନ୍ତି। ଅନେକ ଜାଗାରେ ବାହାରେ ଥିବା ଗୋରୁଙ୍କ ରକ୍ଷା ପାଇଁ ତାଙ୍କ ଉପରେ ପଲିଥିନ ଘୋଡାଇ ମଶା ଧୂପ ଦେଇ ସାରା ରାତି ଜଗି ବସୁଛନ୍ତି। ଡାକ୍ତରଙ୍କ ଚିକିତ୍ସା ପରେ ଗୋରୁ ସୁସ୍ଥ ହେଉଥିଲେ ମଧ୍ୟ ଦୁହାଁଳିଆ ଗୋରୁ କ୍ଷୀର ଦେଉନାହାନ୍ତି ଓ ଗର୍ଭିଣୀ ଗାଈ ଅଧିକ ବିପଦରେ ପଡୁଥିବା ଜଣାପଡିଛି। ଏହି ରୋଗରେ ଆକ୍ରାନ୍ତ ଛୋଟ ଛୋଟ ବାଛୁରୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ପ୍ରାଣୀ ଚିକିତ୍ସା ଅଧିକାରୀ ବାଣୀକାନ୍ତ ଖଟୁଆଙ୍କୁ ପଚାରିବାରେ, ଏହି ରୋଗ ସମ୍ପର୍କରେ ସେମାନେ ଅବଗତ ଥିବା କହିଥିଲେ। ଏହି ରୋଗ ହେଉଛି ଏକ ଋତୁଗତ ରୋଗ। ପ୍ରାୟତଃ ଅତ୍ୟଧିକ ରୌଦ୍ର ତାପ ଓ ଜଳବାୟୁ ଗରମ ରହିଲେ ଏହି ରୋଗ ହୋଇଥାଏ। ଗୋରୁଙ୍କୁ ହଠାତ ଜ୍ୱର ଆସିବା ସହ ସେମାନେ ଖାଦ୍ୟ ଖାଇ ନ ଥାଆନ୍ତି। ଏହାର କୌଣସି ସ୍ଥାୟୀ ପ୍ରତିକାର ନ ଥିଲେ ମଧ୍ୟ ଜ୍ୱର ପାଇଁ ଦିଆଯାଉଥିବା ଔଷଧ ଦେଇ ଭଲ କରୁଥିବା କହିଥିଲେ। ଆଗକୁ ଏହି ରୋଗ ଯେଭଳି ଅଧିକ ନ ବ୍ୟାପେ ସେଥିପାଇଁ କର୍ମଚାରୀଙ୍କୁ ଏ ସମ୍ପର୍କରେ ସଠିକ ତଥ୍ୟ ସଂଗ୍ରହ କରିବା ସହ ପୀଡିତ ଗୋରୁଙ୍କ ସମସ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ଧ୍ୟାନ ଦେଉଛନ୍ତି। ଏହି ରୋଗରେ ସାରଙ୍ଗ ଯୋଡ଼ି ଅଞ୍ଚଳର ଗୋପାଳକ ବୁଲୁ ବେହେରା, ସୁବା ବେହେରା, ପୂର୍ଣ୍ଣ ବେହେରା, ପଞ୍ଚାନନ ବେହେରାଙ୍କ ଗୋରୁ ଏକଟାଙ୍କିଆ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି।



ଏକଟାଙ୍କିଆ ରୋଗରେ ଆକ୍ରାନ୍ତ ବାଛୁରୀକୁ ଟିକା ଦିଆଯାଉଛି ।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା, ୫ ଗିରଫ



### ଜଣେ ଫେରାର, କାର ସହ ମାରଣାସ୍ତ୍ର ଜବତ

**ଭୁବନେଶ୍ୱର,୧୫।୬(ସୂର୍ଯ୍ୟକାନ୍ତ ବେହେରା):** ଚନ୍ଦ୍ରଶେଖର ଥାନା ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନାକୁ ପଣ୍ଡ କରିଛି ପୋଲିସ। ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ କାର, ୨ ସ୍କୁଟି, ୬ ମୋବାଇଲ, ଗୋଟିଏ କଟୁରୀ, ଗୋଟିଏ ଭୁଜାଲି ଓ ଗୋଟିଏ ଛୁରୀ ସହିତ କିଛି ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରରେ ରହୁଥିବା ପାପୋନା ବିଶ୍ୱଜିତ ସାହୁ (୨୫), ରିତିକ ନାୟକ ଓରଫ ବିକା, ଜୟକୃଷ୍ଣ ଦାସ, ତାରିଣୀ ପ୍ରସାଦ ବେହେରା ଓ ଅଦ୍ୱୈତ ପ୍ରସାଦ ଦୋରା। ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସ୍ଥାନୀୟ ଭାରତ ପେଟ୍ରୋଲ ପମ୍ପରୁ ସଶସ୍ତ୍ର ଡକାୟତି କରିବା ନିମନ୍ତେ ଯୋଜନା କରୁଥିଲେ ବୋଲି ପଚରାଉଚରାବେଳେ ପୋଲିସ ସେମାନଙ୍କଠାରୁ ଜାଣିବାକୁ ପାଇଛି। ସୂଚନାନୁସାରେ, ଓମ୍ଫେଡ ଛକ ନିକଟରେ ଥିବା ଏକ ନିର୍ଜନ ସ୍ଥାନରେ ଏକତ୍ରିତ ହୋଇ ସଶସ୍ତ୍ର ଡକାୟତି କରିବା ନିମନ୍ତେ ଯୋଜନା କରୁଥିବା ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ତେବେ ଘଟଣାସ୍ଥଳରୁ ପୋଲିସ ୫ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଖସିଯାଇଥିବା ଜଣାପଡିଛି। ଫେରାର ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ ଜାରି ରଖିଛି ପୋଲିସ।

### ସମବାୟ ସମିତି ସଭାପତି ଦିଗମ୍ବରଙ୍କ ପରଲୋକ

**ବାଲିଅନ୍ତା,୧୫।୬(ନୀଳମାଧବ ସାହୁ):** ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ସେବା ସମବାୟ ସମିତି ସଭାପତି ତଥା ବରିଷ୍ଠ ସମବାୟବିତ୍ ଦିଗମ୍ବର ମଙ୍ଗରାଜ(୮୧)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥତା ଯୋଗୁ ଭୁବନେଶ୍ୱରସ୍ଥିତ ବାସଭବନରେ ରହୁଥିଲେ। ସ୍ୱର୍ଗତ ମଙ୍ଗରାଜ ବେଣୁପୁର ସମିତିର ୩ ଥର ସଭାପତି ଥିଲେ। ପୂର୍ବରୁ ସେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ମଧ୍ୟ ଥିଲେ। ସେ ଜଣେ ଆଧ୍ୟତ୍ମିକ, ମେଳାପୀ, ପରୋପକାରୀ ବ୍ୟକ୍ତି ଥିଲେ। ଜଣେ ମୁରବି ହିସାବରେ ସେ ଅଞ୍ଚଳରେ ଜଣାଶୁଣା। ଗୁରୁବାର ଭୋର ୪ଟା ସମୟରେ ତାଙ୍କ ମରଶରୀରକୁ ଜନ୍ମମାଟି ବେଣୁପୁରକୁ ନିଆଯାଇଥିଲା। ପରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ବାପି ମଙ୍ଗରାଜ ମୁଖାଗ୍ନି ଦେଇଥିଲେ।

# ରାଜଧାନୀବାସୀଙ୍କୁ ମିଳିବ 'କ୍ୟାଟେଲ୍ ଥେରାପି'

**ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)**

ରାଜଧାନୀବାସୀଙ୍କୁ ମିଳିବ 'କ୍ୟାଟେଲ ଥେରାପି'। ଏଥିପାଇଁ ଭୁବନେଶ୍ୱରସ୍ଥିତ ଜାମୁକୋଲିଠାରେ ନିର୍ମାଣ ହେବ ଆଉଏକ ବୃହତ୍ ଗୋଶାଳା। ଅତ୍ୟାଧୁନିକ ସୁବିଧା ସହ ଏଠାରେ ଏକ ସଙ୍ଗରେ ପ୍ରାୟ ୫ହଜାର ଗୋରୁ ରହିବା ପାଇଁ ବ୍ୟବସ୍ଥା କରାଯିବ। ତେବେ ଏହି ଗୋଶାଳାକୁ ବେଙ୍ଗାଲୁରୁ ଢାଞ୍ଚାରେ ନିର୍ମାଣ କରାଯିବ। ଏନେଇ ବିଏମ୍‌ସିର ଏକ ସ୍ୱତନ୍ତ୍ର ଟିମ୍ ବେଙ୍ଗାଲୁରୁରେ ଥିବା ଶ୍ରୀଶ୍ରୀ ଗୋଶାଳା ବୁଲି ଦେଖିବା ସହ ଏହାର ମଡେଲକୁ ଅନୁକରଣ କରିଛନ୍ତି। ଏହି ଗୋଶାଳାରେ ଅତ୍ୟାଧୁନିକ ସୁବିଧା ଯେପରିକି – ଗୋରୁଙ୍କ ପାଇଁ ଥିବା ପାଣି କୁଣ୍ଡରେ ସେନ୍ସର ଦ୍ୱାରା ପାଣି ଭର୍ତ୍ତି କରାଯିବ। ଗୋବର ସଫା କରିବାକୁ ପଡିବ ନାହିଁ, ଏହା ଆପେ ଆପେ ଯାଇ ବାୟୋଗ୍ୟାସ୍ ଚାମ୍ବରରେ ପଡିବ। ଅପରପକ୍ଷେ ପ୍ରଥମ କରି ଏଠାରେ ଲୋକମାନେ କ୍ୟାଟେଲ ଥେରାପି ପାଇପାରିବେ। ଗାଈ କିମ୍ବା



ଷଣ୍ଢଙ୍କୁ କୁଣ୍ଢାଇ ଧରି ତାଙ୍କ ବେକରେ ଓହଳିବା ଦ୍ୱାରା ଉଚ୍ଚ ରକ୍ତଚାପ କମିଥାଏ ବୋଲି ଗବେଷଣାରୁ ଜଣାପଡିଛି। ବେଙ୍ଗାଲୁରୁର ଗୋଶାଳାରେ ଏଭଳି ଥେରାପି କରାଯାଉଛି। ତେଣୁ ଏଠାରେ ମଧ୍ୟ ସେଭଳି ଏକାଧିକ ବ୍ୟବସ୍ଥା କରାଯିବ। ସେହିପରି ଏଠାକୁ ଆସିବାକୁ ଥିବା ପରିଦର୍ଶକଙ୍କ ରହଣି ବ୍ୟବସ୍ଥା କରାଯିବ। ଦିନେ ଦୁଇଦିନ ରହି କ୍ୟାଟେଲ ଥେରାପି ନେଇପାରିବେ ବୋଲି ବିଏମ୍‌ସି ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଗୋଶାଳାରେ ଗୋରୁଙ୍କ ପାଇଁ ସ୍ୱତନ୍ତ୍ର ଶେଡ୍ ଓ ଘାସଚାଷ ଲାଗି ଜାଗା

**ବେଙ୍ଗାଲୁରୁ ଢାଞ୍ଚାରେ ନିର୍ମାଣ ହେବ ନୂତନ ଗୋଶାଳା**

- ବାୟୋଗ୍ୟାସ୍ ପ୍ଲାଣ୍ଟ୍ ସହ ଗୋମୂତ୍ରରୁ ଔଷଧୀୟ ଉତ୍ପାଦ ପ୍ରସ୍ତୁତ ହେବ
- ଖୋଲାଯିବ ମେଡିକାଲ ହେଲ୍‌ଥ ସେଣ୍ଟର
- ୪ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ

ରହିବ। ଏହା ପରିସରରେ ଗଛ ଲାଗିବ। ଗୋରୁମାନେ ବାହାରେ ବୁଲିବା ସହ ବିଶ୍ରାମ ନେଇପାରିବେ। ସେହିପରି ଅତ୍ୟାଧୁନିକ ମେଶିନ ଲଗାଯିବ। ନୂତନ ଗୋଶାଳାରେ ବାୟୋଗ୍ୟାସ ପ୍ଲାଣ୍ଟ ନିର୍ମାଣ ହେବ। ଗୋ–ମୂତ୍ରରୁ ଔଷଧୀୟ ଉତ୍ପାଦ ମଧ୍ୟ ପ୍ରସ୍ତୁତ କରାଯିବ। ୭ଦିନ ମଧ୍ୟରେ ଆର୍କିଟେକ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ଏବେ ପାଚେରି ନିର୍ମାଣ କାମ ଚାଲିଛି। ଜୁନ୍ ଶେଷସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ୪ମାସ ମଧ୍ୟରେ ନିର୍ମାଣକାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଜେନା ସୂଚନା ଦେଇଛନ୍ତି।

ଜାମୁକୋଲି ପାଖରେ ଥିବା ପ୍ରାୟ ୨୨ଏକର ଜମିରେ ଏହି ନୂତନ ଗୋଶାଳା ନିର୍ମାଣ କରାଯିବ। ଏଥିରେ ବୁଲା ଗୋରୁଙ୍କୁ ରଖିବାର ବ୍ୟବସ୍ଥା କରାଯିବ। ଏଠାରେ ଏକ ମେଡିକାଲ ହେଲ୍‌ଥ ସେଣ୍ଟର ରହିବ। ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବେଙ୍ଗାଲୁରୁରେ ଥିବା ଗୋଶାଳା ବୁଲି ଦେଖିଥିଲେ। ଏହି ଟିମ୍‌ରେ କର୍ପୋରେଟର ରାଜକିଶୋର ଦାସ, ଅଜିତ୍ ବେହେରା, ଆର୍କିଟେକ୍ଟର, ଇଂଜିନିୟରିଂ ଟିମ୍ ପ୍ରମୁଖ ଥିଲେ। ବିଏମ୍‌ସି ଅଞ୍ଚଳରେ ଦିନକୁ ଦିନ ବୁଲା ଗୋରୁଙ୍କ ସଂଖ୍ୟା ବଢ଼ିଚାଲିଛି। ଜାମୁକୋଲିଠାରେ ଥିବା ଗୋଶାଳାର ଆୟତନ କମ୍ ହୋଇଥିବାରୁ ସେଠାରେ ସମସ୍ତଙ୍କୁ ରଖିବା ପାଇଁ ଅସୁବିଧା ହେଉଛି। ତେବେ ନୂତନ ଗୋଶାଳା ନିର୍ମାଣ ହେବା ପରେ ଏହି ସମସ୍ୟା ଆଉ ରହିବ ନାହିଁ ବୋଲି କୁହାଯାଇଛି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ।

### ଜନ୍ମମାଟିରେ ରାମକୃଷ୍ଣ ପତିଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଅନ୍ତା,୧୫।୬(ନୀଳମାଧବ ସାହୁ):** ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ସାରଥୀ, ପୂର୍ବତନ ବିଧାୟକ ସ୍ୱର୍ଗତ ରାମକୃଷ୍ଣ ପତିଙ୍କ ୩୭ତମ ଶ୍ରାଦ୍ଧୋତ୍ସବ ଗୁରୁବାର ତାଙ୍କ ଜନ୍ମମାଟି ୪ନଂ. ୱାର୍ଡର ବଙ୍ଗୁଆରୀ ଗ୍ରାମରେ ପାଳିତ ହୋଇଯାଇଛି। ରାମକୃଷ୍ଣ ପତି ସ୍ମୃତି ସଂସଦ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଶ୍ରାଦ୍ଧୋତ୍ସବରେ ପ୍ରଥମେ ନଦୀରେ ତିଳତର୍ପଣ କରାଯାଇଥିଲା। ପରେ ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଲା ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ଶିକ୍ଷାବିତ୍ ଶତ୍ରୁଘ୍ନ ସାହୁ, ନିମଳଚନ୍ଦ୍ର ସାହୁ, ପ୍ରବୀର ମହାନ୍ତି, ଅକ୍ଷୟ ଲେଙ୍କା, ଦୁଃଶାସନ ସାହୁ, ବଂଶୀଧର ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଶ୍ରାଦ୍ଧାଞ୍ଜଳି ଦେଇଥିଲେ।

# ବ୍ୟାସକବିଙ୍କ ଗଳ୍ପ, ଉପନ୍ୟାସ ସାଧାରଣ ପାଠକଙ୍କୁ ଆକୃଷ୍ଟ କରିଥିଲା





ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଫକୀରମୋହନ ସେନାପତିଙ୍କ ୧୦୫ତମ ଶ୍ରାଦ୍ଧୋତ୍ସବ**

**ଭୁବନେଶ୍ୱର,୧୫।୬ (ଶର୍ମିଷ୍ଠା ପାଣିଗ୍ରାହୀ)**

ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ବ୍ୟାସକବିଙ୍କ ୧୦୫ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବାଣୀବିହାରସ୍ଥିତ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସାରସ୍ୱତ ସମାବେଶରେ ସଂସଦର ସଭାପତି ଜୀବନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ଡ. ଅଜୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଫକୀର ମୋହନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। କଥିତ ଲୌକିକ ଭାଷାର ପ୍ରୟୋଗ ଦ୍ୱାରା ବ୍ୟାସକବିଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ଜ୍ଞାନ ଓ ବୁଦ୍ଧିର ଭାଷାକୁ ଅତିକ୍ରମ କରି ସାଧାରଣ ପାଠକବର୍ଗଙ୍କ ଦ୍ୱାରା ଗୃହୀତ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ବିଶିଷ୍ଟ ଐତିହାସିକ ପ୍ରଫେସର ଅମୀୟ ପଟ୍ଟନାୟକ ଭାଷା ଆନ୍ଦୋଳନ କିପରି ଆମ ଭାଷାକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି ତାହା ଦର୍ଶାଇଥିଲେ। ସାଧାରଣ ସମ୍ପାଦକ ବିରାଜ କୁମାର ଦାସ ପ୍ରାରମ୍ଭିକ ବିରାଜ ମୋହନ ଦାସ ସ୍ୱାଗତ ଭାଷଣ ଓ ସଂଗଠନର ସମ୍ପାଦକ ଅଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ପଠାଣି ସାମନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଖାରବେଳନଗରସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିପରିଷଦ ପରିସରରେ ଗୁରୁବାର ସାମନ୍ତ ଚନ୍ଦ୍ରଶେଖରଙ୍କ ୧୧୯ତମ ଶ୍ରଦ୍ଧାଞ୍ଜଳି ସଭା ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପସଭାପତି ଡ. ଜୟଦେବ କର ଯୋଗଦେଇ ଚନ୍ଦ୍ରଶେଖରଙ୍କ ଜୀବନୀ ଓ ବିଶ୍ୱ ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଜ୍ୟୋତିର୍ବିଦ୍ୟାରେ ଅଧିକ ଗବେଷଣା ହେବା ଆବଶ୍ୟକ ସଭାପତି ସାହୁ କହିଥିଲେ। ପରିଷଦ ସମ୍ପାଦକ ନାରାୟଣ ମଲ୍ଲିକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ନାରାୟଣ ନାୟକ ମଙ୍ଗଳାଚରଣ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ନାରାୟଣ ମିଶ୍ର ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

### ସଙ୍ଗୀତରେ ବ୍ୟାସକବିଙ୍କ ସ୍ମୃତିଚାରଣ

**ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଏଚ୍‌ଡିଆଇ ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରଶ୍ମି ଦାସଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅକ୍ଷୟ କୁମାର ପାଣି, ଗୁରୁ ପ୍ରସାଦ ମିଶ୍ର ଓ ରମେଶ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ବ୍ୟାସକବିଙ୍କ ରଚିତ ଜଗତର ସୁଖ ଦୁଃଖ ଆନନ୍ଦ ଉତ୍ସବ, ପଳାଶ ଗଛ ତ ଅଛି ତୋଟାରେ, ନଦୀ ରୂପେ ମୋ ଜୀବନ ଯାଉଛି ବହି, ଦେଖି ନାହିଁ ମରୁଭୂମି ଶୁଣିଛି ନାମ, ଶ୍ରୀ ଚୈତନ୍ୟ ଦେବ ନାଚି ନାଚି ଗୀତ ଗାଇ, ପଠାଇଛୁ ମତେ ହେ ପ୍ରଭୁ ଜଗତେ ଆଦିକୁ ସଙ୍ଗୀତ ରୂପରେ ପରିବେଷଣ କରି ସ୍ମୃତିଚାରଣ କରିଥିଲେ। ଜୟନ୍ତ କୁମାର ସାମନ୍ତରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ନମ୍ବରରେ ଚାଲୁଛି ଏକାଧିକ ଗାଡ଼ି

**ଭୁବନେଶ୍ୱର,୧୫।୬ (ସୂର୍ଯ୍ୟକାନ୍ତ ବେହେରା)**

**୮ ମାସରେ ଧରାପଡ଼ିଲେଣି ୨୦ଜଣ**

ଟ୍ରାଫିକ ନିୟମ ଉଲ୍ଲଂଘନ ନ କରି କିମ୍ବା ଘରେ ଗାଡି ରହିଥିବାବେଳେ ବି ଅନେକ ସମୟରେ ମୋବାଇଲ୍‌କୁ ଚାଲାଣ କଟିବାର ମେସେଜ୍ ଆସୁଛି। ଗାଡି ନମ୍ବରକୁ ଅପବ୍ୟବହାର କରି ନିୟମ ଉଲ୍ଲଂଘନକାରୀମାନେ ରାସ୍ତାରେ ଯାତାୟତ କରୁଥିବାବେଳେ ଚାଲାଣ ବୋଝ ବୋହୁଛନ୍ତି ପ୍ରକୃତ ମାଲିକ। ଅର୍ଥାତ୍ ଗୋଟିଏ ନମ୍ବରରେ ଚାଲୁଛି ଏକାଧିକ ଗାଡ଼ି। ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଯାନବାହନ ଯାଞ୍ଚ ସହିତ ଅନ୍‌ଲାଇନରେ ଚାଲାଣ କଟାଯାଉଥିବାରୁ ଅମାନିଆ ଆପଣାଉଛନ୍ତି ଏପରି ନୂଆ ପନ୍ଥା। କିଏ ଫାଇନରୁ ବର୍ତ୍ତିବା ପାଇଁ ତ ପୁଣି କିଏ ଅପରାଧ କରି ଖସି ଯିବା ପାଇଁ ଅନ୍ୟ ଗାଡି ନମ୍ବରକୁ ବ୍ୟବହାର କରୁଛନ୍ତି। ସେହିପରି ଆଉ କେହି ଫାଇନାନ୍ସ କର୍ମଚାରୀଙ୍କଠାରୁ ବର୍ତ୍ତିବାକୁ ଏଭଳି ପନ୍ଥା ଆପଣାଉଥିବା ଜଣାପଡିଛି। ଗତ କିଛିଦିନ ତଳେ ନମ୍ବର ପ୍ଲେଟର କିଛି ନମ୍ବର ଲିଭାଇବା, ଚୁଇଙ୍ଗମ ଲଗାଇବା ଓ ରୁମାଲ ଭିଡି ଦ୍ରୁତ ଗତିରେ ଖସି ଯାଉଥିବାବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ଏପରିକି ଗୋଟିଏ ନମ୍ବରରେ ଦୁଇଟି ଗାଡି ଚାଲୁଥିବା ମଧ୍ୟ ଧରାପଡିଛି। ରାଜଧାନୀ ଭୁବନେଶ୍ୱରରେ ଏଭଳି ମାଳ ମାଳ ଗାଡି ଚାଲୁଥିବା ଜଣାପଡିଛି। ଗତ ୮ ମାସ ମଧ୍ୟରେ ଏଭଳି ୨୦ଜଣ ଅମାନିଆଙ୍କୁ ଟ୍ରାଫିକ ପୋଲିସ ଧରିବାରେ ସଫଳ ହୋଇଛି। କିଏ ଅଟୋ ନମ୍ବରକୁ ବାଇକରେ ତ ପୁଣି କିଏ ବାଇକ ନମ୍ବରକୁ ସ୍କୁଟିରେ ବ୍ୟବହାର କରୁଥିବା ସୂଚନା ମିଳିଛି। ଏଭଳି ଅମାନିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗାଡି ଜବତ କରାଯିବ ବୋଲି ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି। ଏହାସହ ଯେଉଁ ବ୍ୟକ୍ତି ଘରୁ ବାହାରକୁ ଗାଡି ନ ନେଇ ଚାଲାଣ କଟିବାର ମେସେଜ୍ ପାଉଛନ୍ତି, ସେମାନେ ତୁରନ୍ତ ଟ୍ରାଫିକ୍ ପୋଲିସ ଅଫିସ ଆସି ଜଣାଇବାକୁ ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି। ଫଳରେ ଅପରାଧୀ ବା ନିୟମ ଉଲ୍ଲଂଘନକାରୀଙ୍କୁ ସହଜରେ ଧରି ହେବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଆଗକୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚକୁ କଡାକଡି କରାଯିବ। ଏପରିସ୍ଥଳେ ନିୟମ ଉଲ୍ଲଂଘନକାରୀମାନେ ଅଧିକ ସଂଖ୍ୟାରେ ଧରାପଡିବେ ଓ ଏପରି ନକଲି ନମ୍ବରରେ ଗାଡି ଚଳାଚଳ କମିଯିବ ବୋଲି ଆଶା କରାଯାଉଛି।





ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସରେ ଗୁରୁବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସାଇକେଲରେ ୩ ଦେଶ ବୁଲିଲେଣି ରାମ ପ୍ରସାଦ

**ପରିବେଶ ସଚେତନତା ବାର୍ତ୍ତା ନେଇ ଭୁବନେଶ୍ୱରରେ ଶିକ୍ଷକ**

**ଭୁବନେଶ୍ୱର,୧୫।୬(ଅଭିଜିତ ଦାସ):** ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ଏବେ ବିଶ୍ୱ ସମସ୍ୟା ପାଲଟିଛି। ଏଥିପାଇଁ ଗୋଟିକ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସୁଛି। ଏହି ବିପଦରୁ ରକ୍ଷା ପାଇବା ପାଇଁ 'ପ୍ରଦୂଷଣମୁକ୍ତ ବିଶ୍ୱ ଓ ଜୀବନ ରକ୍ଷା' ବାର୍ତ୍ତା ନେଇ ସାଇକେଲରେ ଦେଶ ଦେଶ ବୁଲି ସଚେତନ କରୁଛନ୍ତି ପଶ୍ଚିମବଙ୍ଗର ୪୫ବର୍ଷୀୟ ରାମପ୍ରସାଦ ନାସ୍କର। ପଶ୍ଚିମବଙ୍ଗରୁ ୨୫ଦିନର ସାଇକେଲ ଯାତ୍ରା ପରେ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ୩ ଦେଶ ବୁଲିସାରିଥିବା ରାମ ପ୍ରସାଦ ପେଶାରେ ସରକାରୀ ସ୍କୁଲର ଭୂଗୋଳ ଶିକ୍ଷକ। ବିଦ୍ୟାଳୟରେ ପାଠପଢ଼ାଇବା ସମୟରେ ପୃଥିବୀର ଭୌଗୋଳିକ ପରିବର୍ତ୍ତନକୁ ନେଇ ପିଲାଙ୍କୁ ଜଣାଇବା ସହ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଉତ୍ସାହିତ କରିଥାନ୍ତି। ଏଥିସହ ସମୟ ମିଳିଲେ ଲୋକଙ୍କୁ ସଚେତନ କରିଥାନ୍ତି। ନିଜ ଭଳି ସାଇକେଲ ଚଲାଇବାକୁ ଅନ୍ୟମାନଙ୍କୁ ମଧ୍ୟ ପ୍ରବର୍ତ୍ତାଇଥାନ୍ତି। ୨୦୧୩ରେ ପ୍ରଥମେ ସାଇକେଲ ଚଳାଇ ଭାରତର ସମସ୍ତ ରାଜ୍ୟରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ୬ ମାସରେ ଭାରତ ଭ୍ରମଣ ପରେ ୨୦୧୭ରେ ସେ ବାଂଲାଦେଶ



ଯାତ୍ରା କରିଥିଲେ। ୨୦୨୧ରେ ୮୦ ଦିନ ଧରି ନେପାଳରେ ସଚେତନତା ବାର୍ତ୍ତା ବାଣ୍ଟି ପଶ୍ଚିମବଙ୍ଗ ଫେରିଥିଲେ। ଦିନକୁ ସେ ୧୩୦ କିମି ଯାତ୍ରା କରନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ ଟା ଯାଏ ସାଇକେଲ ଚଳାନ୍ତି। ରାମ ପ୍ରସାଦଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ସହ ଦିନକୁ ଦିନ ଭୂତଳ ଜଳ ସ୍ତର କମିବାରେ ଲାଗିଛି। ବାରମ୍ବାର ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଯାଉଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ସୌର ଶକ୍ତି ଥିବା ସତ୍ତ୍ୱେ ମଧ୍ୟ ବ୍ୟବହାର କରିବାକୁ ରାଜି ନାହାନ୍ତି। ତେବେ ଗାଡିମୋଟର ବ୍ୟବହାର କମାଇବାକୁ ସେ ସାଇକେଲ ଧରି ଲୋକଙ୍କ ମଧ୍ୟରେ ଏପରି ପରିବେଶ ସୁରକ୍ଷାର ବାର୍ତ୍ତା ଜାରି ରଖିବେ ବୋଲି ସେ କହିଛନ୍ତି।

# ମୌସୁମୀ ଆସୁଛି, ସରୁନି ଡ୍ରେନ୍ କାମ

**ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)**

ଆସନ୍ତା ୨୦ ତାରିଖ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ହେଲେ ଏଯାଏ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଡ୍ରେନ୍ କାମ ସରିପାରି ନାହିଁ। ତେଣୁ ଚଳିତବର୍ଷ ମଧ୍ୟ ରାଜଧାନୀରେ ଜଳ ନିଷ୍କାସନ ସମସ୍ୟା ଉପୁଜିବା ସହ ସହର ବର୍ଷାଜଳରେ ଉବୁଟୁବୁ ହେବା ନେଇ ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି। ବର୍ଷ ଆରମ୍ଭରୁ ଡ୍ରେନ୍ ସ୍ଥିତି ନେଇ ବାରମ୍ବାର ବୈଠକ ହେଉଛି। କମିଶନରଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ୩ରେ ଏକ ସମନ୍ୱୟ ବୈଠକ ମଧ୍ୟ ବସିଥିଲା। ୧୫ଦିନ ମଧ୍ୟରେ ସହରର ସମସ୍ତ ଡ୍ରେନ୍‌ର ସ୍ଥିତି ଅନୁଧ୍ୟାନ କରି ଜଳବନ୍ଦୀ ଥିବା ସ୍ଥାନରେ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜୁନ୍ ୩ ସୁଦ୍ଧା ସହରର ସମସ୍ତ ଡ୍ରେନ୍‌କୁ ସଫା କରିବାକୁ କୁହାଯାଇଥିଲା। ମାତ୍ର ତାହା ଠିକ୍‌ଭାବେ କାର୍ଯ୍ୟକାରୀ ନ ହେବାରୁ ଜୁନ୍ ୧୨ରେ ମେୟରଙ୍କ ଅଧ୍ୟକ୍ଷତାରେ ଆଉ ଏକ ବୈଠକ ବସିଥିଲା। ୭ଦିନ ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ମୁଖ୍ୟ ଓ ଶାଖା ଡ୍ରେନଗୁଡିକ ସଫା କରିବାକୁ ସମସ୍ତ ଏଜେନ୍ସିଙ୍କୁ ମେୟର ନିର୍ଦ୍ଦେଶ ଦେଇଥିଲେ। ନଚେତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଥିଲା। ତେବେ ଆଉ ୩ଦିନ ସମୟ ରହିଥିବାବେଳେ ଏଯାବତ୍ ସହରର ଅନେକ ଡ୍ରେନ୍‌ର ୫୦ ପ୍ରତିଶତ ମଧ୍ୟ ସଫା ହୋଇପାରି ନାହିଁ। ଏଜେନ୍ସିମାନେ ନିର୍ଦ୍ଦେଶକୁ ଖାତିର କରୁ ନ ଥିବାରୁ ବିଏମ୍‌ସିର ଚିନ୍ତା ବଢ଼ିଛି।

ବିଏମ୍‌ସିର ତଥ୍ୟ ଅନୁଯାୟୀ, ଚଳିତବର୍ଷ ସହରର ୬୭ଟି ଡ୍ରେନ୍ ସଫା ଓ ପୁନରୁଦ୍ଧାର ପାଇଁ ବିଏମ୍‌ସି ୫୭କୋଟି ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟ ଅଟକଳ ରଖିଛି।

**ବିଏମ୍‌ସିର ସଫେଇ ଚିନ୍ତା**



- ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ସଫେଇ ଏଜେନ୍ସି
- ଶାଖା ଡ୍ରେନ୍‌ର ୨୫୨.୭ କି.ମି. ଏଯାଏ ସଫା ହୋଇନି
- ୱାର୍ଡ ନଂ. ୪୬ରେ ଡ୍ରେନ୍ ସଫେଇ ସବୁଠୁ ନୈରାଶ୍ୟଜନକ

୧୦ଟି ମୁଖ୍ୟ ଡ୍ରେନ୍‌ର ସଫେଇ ସାଙ୍ଗକୁ ବିଏମ୍‌ସିର ସିଧାସଳଖ ତଦାରଖରେ ଥିବା ୱାର୍ଡ ନଂ.୪, ୫ ଓ ୫୦ର ଡ୍ରେନ୍ କାମ ପାଇଁ ୨୨ଟି ପ୍ରକଳ୍ପରେ ୪କୋଟି ୨୬ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏସବୁ ଡ୍ରେନ୍ ସଫା କରିବାକୁ ୧୦ଟି ପ୍ୟାକେଜ୍‌ରେ ବିଭିନ୍ନ ଏଜେନ୍ସିକୁ ଦିଆଯାଇଛି। ସେଥିମଧ୍ୟରୁ ୱାର୍ଡ ନଂ.୧,୨,୬,୭,୮,୧୩ ଓ ୧୪କୁ ଗୋଟିଏ ପ୍ୟାକେଜ୍ କରି ଏଜେନ୍ସିକୁ ଦିଆଯାଇଛି। ୱାର୍ଡ ନଂ.୧ରେ ଥିବା ଡ୍ରେନ୍‌ର ଲମ୍ବ ୧୫.୬କିମି. ଥିବାବେଳେ ୱାର୍ଡ ନଂ. ୨ରେ ୬କି.ମି., ୱାର୍ଡ ନଂ. ୬ରେ ୧୩.୬ କି.ମି, ୱାର୍ଡ ନଂ.୭ରେ ୨.୭ କି.ମି., ୱାର୍ଡ ନଂ. ୮ରେ ୭ କି.ମି., ୱାର୍ଡ ନଂ.୧୩ରେ ୬କି.ମି. ଏବଂ ୱାର୍ଡ ନଂ.୧୪ରେ ୮କି.ମି. ଲମ୍ବର ଡ୍ରେନ୍ ରହିଛି। ୭ଟି ୱାର୍ଡରେ ମୋଟ ୫୮.୪ କି.ମି. ଡ୍ରେନ୍ ରହିଥିବାବେଳେ ୪୨.୪ କି.ମି ଅର୍ଥାତ୍ ୭୩ % ଡ୍ରେନ୍ ସଫା କରାଯାଇଛି। ୱାର୍ଡ ନଂ. ୩, ୯, ୧୦, ୧୨, ୧୬, ୨୦, ୨୧ ଓ ୨୬ରେ ଥିବା ମୋଟ ୭୪.୧ କି.ମି. ଡ୍ରେନ୍‌କୁ ସଫା କରିବା ପାଇଁ ପ୍ୟାକେଜ୍–୨ ଅନ୍ତର୍ଗତ ଅନ୍ୟଏକ ଏଜେନ୍ସିକୁ ଦିଆଯାଇଛି। ସେହିପରି ଅନ୍ୟ ୱାର୍ଡରେ ଥିବା ଡ୍ରେନ୍‌ଗୁଡ଼ିକୁ ବିଭିନ୍ନ ପ୍ୟାକେଜ କରାଯାଇଛି। ବିଏମ୍‌ସି ଅଞ୍ଚଳରେ ୭୭ କି.ମି. ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ ଓ ୯୨୪.୨୭ କି.ମି. ଶାଖା ଡ୍ରେନ୍ ରହିଛି। ଏଥିମଧ୍ୟରୁ ୬୭୨.୨୦କି.ମି. ଡ୍ରେନ୍ ସଫା ହୋଇଥିବାବେଳେ ଆହୁରି ୨୫୨.୭ କି.ମି. ଡ୍ରେନ୍‌ର ସଫେଇ ବାକି ରହିଛି। ୱାର୍ଡ ନଂ. ୧୩, ୩, ୧୦, ୧୨, ୧୬, ୨୨, ୧୭ ଓ ୩୩ରେ ଡ୍ରେନ୍ କାମ ଶତପ୍ରତିଶତ ସରିଥିବା ସୂଚନା ଦିଆଯାଇଛି। ତେବେ ୱାର୍ଡ ନଂ. ୪୬ରେ ସବୁଠାରୁ କମ୍ କାମ ହୋଇଛି। ଏଠାରେ ୨.୫କି.ମି.ର ଡ୍ରେନ୍ ଥିବାବେଳେ ମାତ୍ର ୧୨ ପ୍ରତିଶତ ଅର୍ଥାତ୍ ୦.୩ ମିଟର କାମ ହୋଇଛି। ୱାର୍ଡ ନଂ.୩୦ରେ ୨୯.୮ କିମି.ର ଡ୍ରେନ୍‌ରୁ ମାତ୍ର ୪.୩କି.ମି ଅର୍ଥାତ୍ ୧୪ ପ୍ରତିଶତ କାମ ହୋଇଛି। ୱାର୍ଡ ନଂ. ୩୫ରେ ୧୩କି.ମି ଲମ୍ବର ଡ୍ରେନ୍ ଥିବାବେରେ ୪କି.ମି ଅର୍ଥାତ୍ ୩୧% କାମ ହୋଇଛି। ୱାର୍ଡ ନଂ. ୪୪ରେ ୧୫କି.ମି ଲମ୍ବର ଡ୍ରେନ୍‌ରୁ ମାତ୍ର ୩କି.ମି. ଅର୍ଥାତ୍ ୨୦% କାମ ହୋଇଛି।

## ସଂକ୍ଷେପରେ

### ଝରକା ଗ୍ରୀଲ୍ ତାଡ଼ି ୩ ଲକ୍ଷ ଟଙ୍କାର ସୁନାଗହଣା, ୩୦ ହଜାର ଟଙ୍କା ଚୋରି

ଟାଙ୍ଗୀ,୧୫।୬(ରଘୁନାଥ ସାହୁ): ଟାଙ୍ଗୀ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ରହୁଥିବା ସୁଶାନ୍ତ କୁମାର ପଟ୍ଟନାୟକଙ୍କ ଘରୁ ୩ଲକ୍ଷ ଟଙ୍କାର ସୁନାଗହଣା ଓ ୩୦ହଜାର ଟଙ୍କା ଚୋରି ହୋଇଛି। ଏନେଇ ଗୁରୁବାର ଅଭିଯୋଗ ପରେ ଟାଙ୍ଗୀ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସୁଶାନ୍ତ, ତାଙ୍କ ସହଧର୍ମିଣୀ ଓ ଝିଅ ବୁଧବାର ରାତିରେ ଘରେ ଶୋଇଥିଲେ। ତେବେ ସୁଶାନ୍ତଙ୍କ ଅନ୍ୟ ଏକ ରୁମର ଝରକା ଗ୍ରୀଲ୍ ତାଡ଼ି ଦୁର୍ବୃତ୍ତମାନେ ଆଲମିରାରେ ଥିବା ୩ଲକ୍ଷ ଟଙ୍କାର ସୁନାଗହଣା, ୩୦ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିଲେ। ଗୁରୁବାର ସକାଳେ ଘରୁ ଚୋରି ହୋଇଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘର ନିକଟରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିବା ସହ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ବସ୍-କାର୍ ଧକ୍କା, ୨ ଗୁରୁତର

ବେଗୁନିଆ,୧୫।୬(ହରପ୍ରସନ୍ନ ପଣ୍ଡା): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାଘମାରୀ ଥାନା ସାରୁଅ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ବସ୍-କାର୍ ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଯାଇଛି। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନୟାଗଡ଼ ପଟୁ ଏକ କାର୍ (ଓଆର ୨୧ସି -୪୯୯୭) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ପଟୁ ଆସୁଥିବା ଏକ ଘରୋଇ ବସ୍ ସହ ଧକ୍କା ହୋଇଥିଲା। ଏଥିରେ କାର୍ ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ମେଡିକାଲ ପଠାଇଥିଲେ।

### ବ୍ଲକସ୍ତରୀୟ ଲୋକକଳା ଦିବସ

କୃଷ୍ଣପ୍ରସାଦ,୧୫।୬(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାରଠାରେ ବ୍ଲକସ୍ତରୀୟ ଲୋକକଳା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଶିକ୍ଷାବିତ୍ ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୩୫ ମୌଜା ପରିଚାଳନା କମିଟି ସଭାପତି ତଥା ସୁସାହିତ୍ୟିକ ଡ.ଅଭିମନ୍ୟୁ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ବାହାର କରି ରାଜ୍ୟ ଓ ଜାତୀୟସ୍ତରରେ ପରିଚିତ କରିବା ବ୍ଲକସ୍ତରୀୟ ଲୋକକଳା ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦାମୋଦର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ ପାଲା ଗାୟକ କେଦାର ନାଥ କର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। କଳା ସଂସ୍କୃତି ସଂଘର ସହ ସମ୍ପାଦକ ଅଶୋକ କୁମାର ଦଳେଇ, ଯୋଗେନ୍ଦ୍ର ନାଥ ଜେନା, ବାଙ୍କନିଧି ସାହୁଙ୍କ ସହଯୋଗରେ ୧୦ ମେଳ ସଂକୀର୍ତ୍ତନ, ୨ ମେଳ ପାଲା ଏବଂ ଦାସକାଠିଆ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# 'ରଜ ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିଛି'



ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

## ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା,୧୫।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବରୁଣେଇ ପୀଠରେ ୧୫ତମ ରଜ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଅନୁଷ୍ଠାନ ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ମନ୍ତ୍ରୀ ପଣ୍ଡା କହିଥିଲେ, ଉତ୍କଳୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ରଜ ପର୍ବ। ଓଡ଼ିଶାରେ ଏହି ପର୍ବର ଏକ ବିଶେଷତା ରହିଛି। ଖୋର୍ଦ୍ଧାର ଗୌରବମୟ ଇତିହାସ ରହିଛି। ଏଠାରୁ ଆରମ୍ଭ ହୋଇଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ। ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ପାଇକ ବୀରଙ୍କ ବୀରତ୍ୱ, ତ୍ୟାଗ, ବଳିଦାନ ପାଇଁ ଏ ମାଟି ଗୌରବାନ୍ୱିତ ହୋଇଛି। ସଂସ୍କୃତି, ପରମ୍ପରା ସମ୍ପର୍କକୁ ଯୋଡିଥାଏ। କଳା, ସଂସ୍କୃତି, ଭାସ୍କର୍ଯ୍ୟ, ସାରସ୍ୱତ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ନିଜକୁ ଓଡ଼ିଆ ବୋଲି ଗର୍ବ କରିବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ। ଅତିଥିଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ, ଗୋଟିଏ ଜାତି ତା'ର ସଂସ୍କୃତିକୁ ନେଇ ଗର୍ବ କରେ। ସଂସ୍କୃତି ପଛରେ ଏକ ଐତିହ୍ୟମୟ ଗରିମା ରହିଥାଏ। ଗୌରବମୟ ସଂସ୍କୃତି ହିଁ ସମାଜର ସମୃଦ୍ଧି ଆଣେ। ବିଧାୟକ ମିତ୍ର ସଭାପତିତ୍ୱ ଭାଷଣରେ କହିଥିଲେ, ରଜ ଶବ୍ଦର ଅର୍ଥ ହେଉଛି ରଜବତୀ ହେବା। ପୃଥିବୀକୁ ମା' ବୋଲି ସମ୍ବୋଧନ କରି ବର୍ଷାର ଆଗମନରେ ମାଟି ମା ରଜସ୍ୱଳା ହେବା ଓ ନୂତନ ଶସ୍ୟ ଜନ୍ମ ହେବାର ସଙ୍କେତ ପ୍ରଦାନ କରେ। ଏହି ଅବସରରେ ଚାଷୀପୁଅ ବସୁମତୀ ଓ ହଳଲଙ୍ଗଳ ପୂଜା କରିବା ସହିତ ତିନି ଦିନ ଚାଷ କାମ ବନ୍ଦ ରଖିଥାଏ। ଏହି ଦିନ ଧରିତ୍ରୀ ମାତାଙ୍କୁ ସମ୍ମାନ ଜଣାଇ କେହି ଭୂମି ଉପରେ ପାଦରେ ଚାଲନ୍ତି ନାହିଁ। ରଜସ୍ୱଳା ନାରୀଭାବେ ଧରଣୀ ମା'କୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ଯେପରି ବିଶ୍ରାମ ଦେଇଥାନ୍ତି। କେହି ଖାଲିପାଦରେ ମାଟି ଉପରେ ଚାଲିବା ମନା ହୋଇଥାଏ। ନାରୀ ଓ ପ୍ରକୃତି ଉପାସନାର ଏକ ଅନ୍ୟନ୍ୟ ପର୍ବ ହେଉଛି ରଜ ବୋଲି ସେ କହିଥିଲେ। ଦିଶାନ୍ତର ସମ୍ପାଦକ ଦିଲୀପ କୁମାର ପରିଡ଼ା ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ସଞ୍ଜୀବ ପରିଡା ଓ ଉପସଭାପତି ନିରଞ୍ଜନ ନାୟକ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ପ୍ରଥମ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପୂର୍ବାହ୍ନରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହୋତ୍ସବ ଅବସରରେ ବରୁଣେଇ ପାଦଦେଶରେ ବିଭିନ୍ନ ଦୋକାନ, ଫାଷ୍ଟଫୁଡ୍, ଘରକରଣ ସାଜସଜ୍ଜା, ପିଲାଙ୍କ ଖେଳଣା ପସରା ମେଲିଛି। ଶତାଧିକ ପର୍ଯ୍ୟଟକ, ଶ୍ରଦ୍ଧାଳୁ, ଦର୍ଶକଙ୍କ ଭିଡ ଜମିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯାଇଥିବା ବେଳେ ୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ମହାଲକ୍ଷ୍ମୀ ବୁଡ଼ରେ ହୁଏ ମାଛଭୋଗ



## ମା'ଉଗ୍ରତାରାଙ୍କ ପୀଠରେ ନିଆରା ରଜପର୍ବ

ନିରାକାରପୁର,୧୫।୬ (ମାନସ ଚନ୍ଦ୍ର ପଟ୍ଟନାୟକ)

ମା'ଉଗ୍ରତାରାଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ରଜ ପର୍ବ ଅନ୍ୟତମ। ଏହି ପର୍ବ ଚାରିଦିନ ଧରି ପାଳନ କରାଯାଇଥାଏ। ଏହି ସମୟରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଥାଏ। ପହିଲି ରଜରେ ଚୁଡ଼ାଘଷା, ଖଇ, କୋରା ରହିଥାଏ। ଭକ୍ତମାନେ ଆଣିଥିବା ଭୋଗକୁ ମା'ଙ୍କୁ ଲାଗି କରାଯାଇଥାଏ। ସନ୍ଧ୍ୟା ୭ଟାରେ ବାଲଭୋଗ କରାଯିବା ପରେ ମା' ବିଶ୍ରାମ ନେଇଥାନ୍ତି। ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତିରେ ସକାଳେ ମା'ଙ୍କୁ କ୍ଷୀରରେ ସ୍ନାନ କରାଯାଇ ମସ୍ତକରେ ଫୁଲ ଓ ବେଲପତ୍ର ଚଢ଼ାଯାଇଥିଲା। ମଧ୍ୟାହ୍ନରେ ଆଳତି, ବାଲଭୋଗ, ସନ୍ଧ୍ୟାରେ ପୁନଃ ଆଳତି ଓ ଶୁଖିଲା ଭୋଗ ହୋଇଥିଲା। ତୃତୀୟ ଦିନ ଭୂଇଁ (ଭୁଇଁଦହଣ)ସମାନ ରୀତିନୀତିରେ ଭୋଗ ଲାଗି କରାଯାଇଥାଏ। ଚତୁର୍ଥ ଦିବସରେ ମହାଲକ୍ଷ୍ମୀ ବୁଡରେ ମା'ଙ୍କୁ ହଳଦୀ, ମହୁ, ଚନ୍ଦନ, ପଇଡ ପାଣି ଦ୍ୱାରା ବସୁମତୀ ସ୍ନାନ କରାଯିବା ପରେ ଭକ୍ତମାନେ ଆଣିଥିବା ଭୋଗକୁ ମା'ଙ୍କୁ ଲାଗି ହୋଇଥାଏ। ମଧ୍ୟାହ୍ନରେ ଅନ୍ନଭୋଗରେ ମାଛ, ଭାତ, ଡାଲି, ଖଟା, ଖିରି ମା'ଙ୍କୁ ଲାଗି କରାଯାଇଥାଏ। ସନ୍ଧ୍ୟା ପରେ ଭୋଗ ପରେ ମା'ବିଶ୍ରାମ ନେଇଥାନ୍ତି । ଏଭଳି ନୀତିକାନ୍ତିରେ ରଜ ଚାରିଦିନ ପୂଜାର୍ଚ୍ଚନା ଓ ଭୋଗଲାଗି କରାଯାଇଥାଏ ବୋଲି ପୂଜକ ମନୋଜ କୁମାର ସାମନ୍ତରାୟ କହିଛନ୍ତି। ଏଠାରେ ବିଭିନ୍ନ ଦୋକାନ ଫାଷ୍ଟଫୁଡ, ଘରକରଣ ସାଜସଜ୍ଜା, ପିଲାଙ୍କ ଖେଳଣା ପସରା ମେଲିଛି। ଶତାଧିକ ପର୍ଯ୍ୟଟକ, ଶ୍ରଦ୍ଧାଳୁ, ଦର୍ଶକଙ୍କ ଭିଡ ଜମୁଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଛି। ଉପଜିଲାପାଳ, ବିଡିଓ ଏବଂ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏହି ପର୍ବ ପରିଚାଳନା ହେଉଛି।

# ନିଆଁରେ ଚାଲିଲେ ମାନସିକଧାରୀ



ମାନସିକଧାରୀମାନେ ନିଆଁରେ ଚାଲୁଛନ୍ତି।

ଯାଁଳା,୧୫।୬(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡ଼ା ଗ୍ରାମରେ ରହିଛି ମୃଗେଶ୍ୱର ଦେବଙ୍କ ମନ୍ଦିର। ଏଠାରେ ବିଭିନ୍ନ ସମୟରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରୁ ରଜପର୍ବ ଅନ୍ୟତମ। ରାଜ୍ୟର ବିଭିନ୍ନ ସ୍ଥାନରେ ଚୈତ୍ରମାସରେ ଝାମୁ ଅନୁଷ୍ଠିତ ହେଉଥିବା ବେଳେ ମୃଗେଶ୍ୱରଙ୍କ ପୀଠରେ ପହିଲି ରଜ ଓ ରଜ ସଂକ୍ରାନ୍ତିରେ ପାଳିତ ହୁଏ ଝାମୁଯାତ୍ରା। ଚଳିତବର୍ଷ ଏହି ଝାମୁଯାତ୍ରାରେ ୨୦ଜଣ ମାନସିକଧାରୀ ରଜ ସଂକ୍ରାନ୍ତି ତିନିଦିନ ପୂର୍ବରୁ ମନ୍ଦିରରେ ରହି ଉପବାସ କରି ବ୍ରତ ପାଳନ କରିଥିଲେ। ପହିଲି ରଜରେ ତଥା ବୁଧବାର ମେରୁ ଗଡ଼ିବା (ସାଲରା କଣ୍ଟା ଉପରେ) ସହିତ ଓର୍ଘତୋପ ଅନୁଷ୍ଠିତ ହୋଇଥିଲା। ବାଜା, ବାଣ, ଶଙ୍ଖ, ହୁଳହୁଳିରେ ପରିବେଶ କମ୍ପିଥିଲା। ଗୁରୁବାର ରଜ ସଂକ୍ରାନ୍ତିରେ ମାନସିକଧାରୀମାନେ ନିଆଁରେ ଚାଲି ବ୍ରତ ଭଙ୍ଗ କରିଛନ୍ତି। ଏଠାରେ ଯେଉଁମାନେ ବ୍ରତ କରିଥା'ନ୍ତି ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଏହି ଝାମୁଯାତ୍ରା ରଜରେ ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ରଜ ମଉଜକୁ ଏକ ଭିନ୍ନ ସ୍ୱାଦ ଦେଇଥାଏ। ଏହି ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

## ମା'ମଙ୍ଗଳାଙ୍କ ପୀଠରେ ରଜ ଉତ୍ସବ

ନିରାକାରପୁର,୧୫।୬ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ପଞ୍ଚାୟତ ସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ୧୪ ତମ ବାର୍ଷିକ ରଜ ଉତ୍ସବ ମା'ମଙ୍ଗଳା କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟା ୭ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ପ୍ରଥମ ଦିବସରେ ପାଲା, ଦ୍ୱିତୀୟ ଦିନ କାଳୀୟଦଳନ, ତୃତୀୟ ଦିନ ରାମ ନାଟକ, ଚତୁର୍ଥ ଦିନ ରାମନାଟକ କାର୍ଯ୍ୟକ୍ରମ ରହିଛି। ଗୁରୁବାର ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ନରେନ୍ଦ୍ର, ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନନ୍ଦ କିଶୋର ମଲ, ବୈକୁଣ୍ଠ ମଲ, ଶିଖର ପଣ୍ଡା, ବିଶ୍ୱ ରଞ୍ଜନ ମଲ, ଶଶାଙ୍କ ଶେଖର ମଲ, କିଷାନ ଜେନା, ସଂଗ୍ରାମ ପଟ୍ଟନାୟକ, ନୃସିଂହ ଶଙ୍କର ମଲ, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରଜ ସଂକ୍ରାନ୍ତିରେ କୋଶଳାଶୁଣୀଙ୍କ ପୀଠରେ ହୁଏ ଆମିଷ

ବୋଲଗଡ଼,୧୫।୬(ଦେବବ୍ରତ ହୋତା)

ରଜ ସଂକ୍ରାନ୍ତିରେ ତଥା ଗୁରୁବାର ବୋଲଗଡ଼ ବ୍ଲକ ଆରିକିମା ଜଙ୍ଗଲରେ ପୂଜା ପାଉଥିବା ମା'କୋଶଳାଶୁଣୀଙ୍କ ପୀଠରେ ମାଛ ତରକାରି ରନ୍ଧା ହୋଇଥିଲା। ପରେ ଏହି ତରକାରିକୁ ମା'ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ଶ୍ରଦ୍ଧାଳୁମାନେ ସେବନ କରି ଘରକୁ ଫେରିଥିଲେ। ଏଠାରେ କାହିଁ କେଉଁକାଳରୁ ଏଭଳି ପରମ୍ପରା ରହିଆସିଛି। ସୂଚନାଥାଉ କି, ମା'କୋଶଳାଶୁଣୀ ସ୍ଥାନୀୟ ଅଞ୍ଚଳରେ ଏକ ଶକ୍ତିପୀଠ ଭାବେ ପରିଗଣିତ ହେଉଥିବା ବେଳେ ବୈଷ୍ଣବୀ ରୀତିନୀତି ଅନୁଯାୟୀ ମା'ପୂଜା ପାଇଥାନ୍ତି। କେବଳ ରଜ ସଂକ୍ରାନ୍ତି ରାତିରେ ଏଠାରେ ମାଛ ତରକାରି ସମର୍ପଣ ହୋଇଥାଏ। ସ୍ଥାନୀୟ ନେଳିଆ ପୋଖରୀରୁ ସକାଳେ ମାଛ ଧରାଯାଇ ରାତ୍ରିରେ କୋଶଳାଶୁଣୀଙ୍କ ପୀଠକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସେଠାରେ ଏହି ମାଛକୁ ସମସ୍ତଙ୍କୁ ମାଗଣାରେ ବଣ୍ଟନ କରାଯାଇଥାଏ। ଶ୍ରଦ୍ଧାଳମାନେ ମାଛ ନେଇ ଭିନ୍ନଭିନ୍ନ ଭାବେ ମାଛ ତରକାରି ରୋଷେଇ କରିବା ପରେ ତରକାରିକୁ ମା'ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ପରେ ଉପସ୍ଥିତ ସମସ୍ତ ପରିବାର ଓ ବନ୍ଧୁ ବାନ୍ଧବମାନେ ସେବନ କରିଥାନ୍ତି।

# ସୁସ୍ଥ ହେଲେ ଶ୍ରୀଅନନ୍ତ ପୁରୁଷୋତ୍ତମ

ଖୋର୍ଦ୍ଧା ଅଫିସ,୧୫।୬ (ପ୍ରଭାତ ପାଣିଗ୍ରାହୀ)

ସୁସ୍ଥ ହୋଇଛନ୍ତି ଶ୍ରୀ ଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)। ଖଳିଲାଗି ଏକାଦଶୀ ଅବସରରେ ଶ୍ରୀବିଗ୍ରହଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ପାରମ୍ପରିକ ରୀତିରେ ପ୍ରସ୍ତୁତ ଦଶମୂଳ ପାଚାନ ମହାପ୍ରଭୁଙ୍କୁ ଲାଗି କରାଯାଇଛି। ଶ୍ରୀବିଗ୍ରହଙ୍କ ସୁସ୍ଥତା ନେଇ ମନ୍ଦିର ସେବାୟତ (ମହନ୍ତ, ବାବାଜୀ) ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଛନ୍ତି। ଦଶମୂଳ ଅର୍ପଣ ପରେ ମହାପ୍ରଭୁ ସୁସ୍ଥ ହୋଇଥିବା ନେଇ ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ଜଣାଇଛନ୍ତି। ଆସନ୍ତା ୧୯ ତାରିଖରେ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ। ୨୦ ତାରିଖରେ ଚତୁର୍ଦ୍ଧାବିଗ୍ରହ ରଥାରୂଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିବେ।

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ସୁବାସିତ ଜଳରେ ସ୍ନାନ ପରେ ଶ୍ରୀ ଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଗୃହରେ ଶ୍ରୀଜୀଉଙ୍କ ଗୁପ୍ତ ନୀତି ଆରମ୍ଭ ହୋଇଥିଲା। ଅଣସରର ତୃତୀୟ ଦିନରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି ପରେ ଦଶମୀରେ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ଏହା ପରେ ଚକଟା ଓ ପଣାଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ନୀତି ହୋଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ବେଶଲାଗି, ଫୁଲ ତୁଳସୀ ଲାଗି କରାଯାଇଥିଲା। ଦଶମୂଳ ସଂସ୍କାର ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ବିଜେ କାହାଳୀ, ଘଣ୍ଟା ବାଜିଥିଲା। ୧୪ଦିନ ପରେ ମନ୍ଦିରରେ ପୁଣି ବିଜେ କାହାଳୀ ବାଜିଥିଲା। ଅନ୍ୟପଟେ ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଗୋମୁଣ୍ଡିଆରେ ରଜ ମହୋତ୍ସବ

କୃଷ୍ଣପ୍ରସାଦ,୧୫।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

ରଜ ପାଇଁ କୃଷ୍ଣପ୍ରସାଦର ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି। ଗୋମୁଣ୍ଡିଆରେ ରଜ ମଉଜ ଆରମ୍ଭ ହୋଇଛି। ଏହି ଅବସରରେ ମା'ସଞ୍ଜୀବ ଦୁର୍ଗା ଯୁବ ସଂସଦ ଆନୁକୂଲ୍ୟରେ ଗୋମୁଣ୍ଡିଆ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ଶିକ୍ଷାବିତ୍ ଗଣେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଗୋପାଳ କୃଷ୍ଣ ଜେନା, ସମ୍ପାଦକ ସାଧୁ ଚରଣ ନାୟକ, ସଞ୍ଜୀବ ସନ୍ତୋଷ ଜେନା, ପବିତ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ବୁଲାମଣି ନାୟକ, ଧୁଶାସନ ନାୟକ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସୁରେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଦୋଳି, ପୁଚି, ସମରକଳା ପାଇକଆଖଡ଼ା ଆଦି ପ୍ରଦର୍ଶନ ହୋଇଥିଲା।

# ରଜ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୫।୬(ରଘୁନାଥ ସାହୁ)

ଟାଙ୍ଗୀ ସାହିତ୍ୟ ଘର ପକ୍ଷରୁ ମା'ରତ୍ନମାଳି ମନ୍ଦିର ପରିସରରେ ଅନୁଷ୍ଠିତ ରଜ ଉତ୍ସବର ଦ୍ୱିତୀୟ ଦିବସରେ ଯୁବତୀ ଓ ମହିଳାମାନଙ୍କ ମଧ୍ୟରେ ପୁଚି, ରଙ୍ଗୋଲି, କାନ୍ଦଣା, ଶଙ୍ଖଫୁଙ୍କା, ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ବିଚାରକଭାବେ ଦିବ୍ୟଲୋଚନ ଭାରିମଲ୍ଲ, ବୀରେନ ସାହୁ, ପ୍ରସନ୍ନ ଶ୍ରୀଚନ୍ଦନ, ମାଧବ ମହାରଣା, ଉମେଶ ପ୍ରସାଦ ଧଳ, ସୁଶୀଲ ରଣା, କାହ୍ନୁଚରଣ ମିଶ୍ର ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗିତାକୁ କୁନ୍ତଳା ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ, ସଂଘମିତ୍ରା ସାହୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୮ ତାରଖରେ ଏକ ବିଶେଷ ଉତ୍ସବରେ ସମ୍ମାନିତ କରାଯିବ। ମହିଳାଙ୍କ ମଧ୍ୟରେ କାନ୍ଦଣା ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଜଣେ ୫ବର୍ଷର ଝିଅ ଭାଗନେବା ଉତ୍ସବର ବିଶେଷ ଆକର୍ଷଣ ଥିଲା। ସାହିତ୍ୟ ଘର ସଭାପତି ବିଜୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଯୁବ ସଙ୍ଗଠକ ରମେଶ ଚନ୍ଦ୍ର ବେହେରା, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ଯୁବ ଶିଳ୍ପୋଦ୍ୟୋଗୀ ଭଗବାନ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, କବି ବାସୁଦେବ ସିଂ, ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟ ଘରର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସଂଯୋଜକ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାରେ ଟାଙ୍ଗୀ, ଚାନ୍ଦପୁର, କାଲୁପଡା ଅଞ୍ଚଳର ଶତାଧିକ ଯୁବତୀ ଓ ମହିଳା ଯୋଗଦେଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଧାରଣା

ବୋଲଗଡ଼,୧୫।୬(ଦେବବ୍ରତ ହୋତା)

ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଗୁରୁବାର ବୋଲଗଡ଼ ମଣ୍ଡଳ ଭାଜପା ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ମଣ୍ଡଳ ସଭାପତି ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ଲୋତକବିନ୍ଦୁ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଅଜିତ ପଟ୍ଟନାୟକ, ପ୍ରଭାରୀ ସୁବାସ ମିଶ୍ର, ଉପସଭାପତି ବିନୋଦ ମହାରଣା, ଅଭିମନ୍ୟୁ ପଟ୍ଟନାୟକ, ଯୁବମୋର୍ଚ୍ଚା ସଭାପତି ଅଜିତ୍ ମହାପାତ୍ର, ଜଗବନ୍ଧୁ ମୁଦୁଲି, ବ୍ରଜବନ୍ଧୁ ସାହୁ, କିଶୋର ପାତ୍ର, ଲକ୍ଷ୍ମୀଧର ବଳିୟାରସିଂହ, ବସନ୍ତ ପରିଡ଼ା, ଯୋଗୀ ପ୍ରଧାନ, ପବିତ୍ର ସିଂ, ପ୍ରସନ୍ନ ସାହୁ, ହାଲୁ ସେଠୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବିଜୁଳି ବିତରଣ ପାଇଁ ଅନୁବନ୍ଧିତ ହୋଇଥିବା ଗୋଟିଏ ଘରୋଇ କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅହେତୁକ ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠାଇବା ସହ ଆଗାମୀ ଦିନରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ନ ଦେଲେ ଜନ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦେଇଥିଲେ।




ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

# 'ମାତୃଭାଷା, ସଂସ୍କୃତିକୁ ଭଲ ପାଆନ୍ତୁ'

ଖୋର୍ଦ୍ଧା ଅଫିସ,୧୫।୬ (ପ୍ରଭାତ ପାଣିଗ୍ରାହୀ)



ଉତ୍ସବରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କଳା ଓ ସଂସ୍କୃତି ବିକାଶ ପରିଷଦ ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ଗୀତଭବନରେ ଚାଲିଥିବା ରଜ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ଶକ୍ତି ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସୁବାର୍ତ୍ତାର ସମ୍ପାଦକ ତଥା ବରିଷ୍ଠ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ଖୋର୍ଦ୍ଧା ଏକ ଐତିହ୍ୟ ସଂସ୍କୃତି ସମ୍ପୂର୍ଣ୍ଣ ମାଟି। ପାଇକ ବୀରଙ୍କ ବୀରତ୍ୱ ପାଇଁ ଏ ମାଟି ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। ଯେଉଁମାଟି ଦିନେ ନିଜ ଐତିହ୍ୟ ଗୌରବ ଲାଗି ସାରା ଦେଶରେ ବୀରତ୍ୱ ବିଜୟ ବୈଜୟନ୍ତ ଉଡାଇଥିଲା, ସେହି ଜାତିର ଆଜି ଅସ୍ମିତା ଲୁପ୍ତ ହେବାକୁ ବସିଛି। ନିଜ ମାଟି, ମାତୃଭାଷା, ସଂସ୍କୃତିକୁ ଭଲ ପାଆନ୍ତୁ। ପରିବାରରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ବାତାବରଣ ଆଣନ୍ତୁ। ପିଲାଙ୍କ ମଧ୍ୟରେ ସକାରାତ୍ମକ ଭାବ ଜାଗ୍ରତ ହେବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ରଜ ଓଡ଼ିଶାର ଗଣପର୍ବ। ସହରଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଉତ୍ସାହ ଭରି ରହିଛି। ସଂସ୍କୃତି ପରସ୍ପରକୁ ଯୋଡିଥାଏ। ଏଭଳି ଉତ୍ସବ ପିଲାଙ୍କ ପ୍ରତିଭା ବିକାଶର ଉପଯୁକ୍ତ ପ୍ଲାଟଫର୍ମ। ଖୋର୍ଦ୍ଧାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରି ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଭାବର ଆଦାନପ୍ରଦାନ ଲାଗି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଦାଶ ବିବରଣୀ ପାଠ ଓ ସ୍ୱାଗତ ଭାଷଣ ଏବଂ ଶିକ୍ଷାବିତ୍ ମିହିର ବିଧାର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶୋଭନ ଘୋଷ, କ୍ଷିତୀଶ ମୋହନ ଦାସ, ସୃଜନ ମିଶ୍ର ଓ ଅନ୍ୟମାନେ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇ ଜଣଙ୍କ ବିଦ୍ୟାର୍ଥୀଙ୍କ ଲିଖିତ ଇଂରାଜୀ ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କୁନି ପିଲାମାନେ ଶ୍ରୀଜଗନ୍ନାଥଙ୍କ ଭଜନ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।

# ରଜରେ ଆଜାଦୀ କା ଅମୃତ ମହୋତ୍ସବ

## ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷଙ୍କ ବେଶରେ ସ୍କୁଲ ଛାତ୍ରୀଛାତ୍ର

ପିପିଲି,୧୫।୬(ପ୍ରଭାତ ମହାପାତ୍ର)

ପିପିଲି ନୂଆଶାସନ ଗ୍ରାମରେ ରଜ ମହୋତ୍ସବ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଚଉଦମାଣ ଗ୍ରାମ ମେଳଣ ପଡ଼ିଆରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହୋଇଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଏବଂ ରଜ ଉପଲକ୍ଷେ ଏହି ଉତ୍ସବ ପାଳନ କରାଯାଇଛି। ପରିଷଦର ଉପଦେଷ୍ଟା ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଡ.କମଲଜିତ ସିଂ, ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ.ପ୍ରସନ୍ନ କୁମାର ସ୍ୱାଇଁ, ଅଭିନେତା ବବି




ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ମିଶ୍ର ପ୍ରମୁଖ ଯୋଗଦେଇ ରଜ ଉତ୍ସବରେ ଏଭଳି କାର୍ଯ୍ୟକ୍ରମ ହେଉଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବହୁ ପ୍ରଶଂସା କରିଥିଲେ। ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ୭୧ ମସିହା ଯୁଦ୍ଧ ସମୟରେ ନିଜ ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଷଦ ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦିନବନ୍ଧୁ ବେହୁରା, ସରପଞ୍ଚ ଶ୍ରଦ୍ଧାଞ୍ଜଳି ଦାସ, ପୂର୍ବତନ ସରପଞ୍ଚ ସୌମ୍ୟକାନ୍ତ ଦାଶ ଏବଂ ଗ୍ରାମ ମୁରବୀ ପଦ୍ମନାଭ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ସ୍ଥାନୀୟ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷମାନଙ୍କ ବେଶ ଧାରଣ କରି ଏକ ଶୋଭାଯାତ୍ରାରେ ବାହାରି ଅତିଥିଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସଭାରେ ଅତିଥିମାନେ ସ୍ୱାଧିନତା ସଂଗ୍ରାମୀମାନଙ୍କୁ ମନେପକାଇ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଆଜାଦୀ କା ଅମୃତ ମହୋତ୍ସବ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ପରେ ଦେଶ ପ୍ରତି ଅବଦାନ ରହିଥିବା ସ୍ଥାନୀୟ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ବିଭିନ୍ନ ମହାପୁରୁଷଙ୍କ ବେଶଧାରୀ ଛାତ୍ରଛାତ୍ରୀ, କୁନିକୁନି ପ୍ରତିଭା କଳାକାରଙ୍କୁ ଟ୍ରଫି, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସଭ୍ୟ ହେମନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଦିନବନ୍ଧୁ ବେହୁରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ସ୍ଥାନୀୟ ପଲ୍ଲବୀ ଓ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ରକ୍ତଦାନ ଜୀବନ ଦାନ ସମ୍ପର୍କିତ ସଚେତନତା

ପିପିଲି,୧୫।୬(ଦୁର୍ଗାମାଧବ ମିଶ୍ର): ପିପିଲି ବ୍ଲକ ସହଜପୁର ପଞ୍ଚାୟତ ଅନ୍ତର୍ଗତ ସୁହାଗପୁର ଶାଖାରେ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ରକ୍ତଦାନ ଜୀବନ ଦାନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସଭାପତି ପୂର୍ବ ପ୍ରାନ୍ତ ସତ୍ୟବାଦୀ ଦାସ, ସାଧାରଣ ସମ୍ପାଦକ ନବଘନ ଶତପଥୀ, ସହ ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ରକ୍ତଦାନ ଏକ ମହତ୍ ଦାନ। ରକ୍ତ ଦାନ କଲେ ସମ୍ପର୍କ ବଢ଼ିଥାଏ ବୋଲି କହିଥିଲେ। ଏଥିରେ ପଞ୍ଚାୟତ ସ୍ତରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଶାଖା ତରଫରୁ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବସ୍ତିଆଙ୍କୁ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଛି। ଏଥିସହ ପଞ୍ଚାୟତର ସମସ୍ତ ରକ୍ତଦାତାଙ୍କୁ ସମ୍ମାନିତ କରିବା ସହ ରକ୍ତଦାତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜଣେ ଦିବ୍ୟାଙ୍ଗ ରକ୍ତଦାତା ଭାବେ ସଦାନନ୍ଦ ପୃଷ୍ଟିଙ୍କୁ ସ୍ୱତନ୍ତ୍ର ସମ୍ମାନିତ କରାଯାଇଥିଲା। ରକ୍ତଦାନ ଜୀବନ ଦାନ ବା ମହତ ଦାନ ସମ୍ପର୍କରେ ରକ୍ତଦାତା ଆଦ୍ୟାଶା ମହାପାତ୍ର ନିଜର ଅନୁଭୂତି ଅବଗତ କରିଥିଲେ। ପୂର୍ବତନ ସରପଞ୍ଚ ବସ୍ତିଆ ଆଗାମୀ ଦିନରେ ପଞ୍ଚାୟତରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରକ୍ତ ଦାନ ପାଇଁ ରକ୍ତଦାତା ପଦ୍ମଲୋଚନ ମହାପାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସୀମାଚଳ ମହାପାତ୍ର, ମୋନାଲିସା ମହାପାତ୍ର, ମହେଶ୍ୱର ସାହୁ, ବାସୁଦେବ ସାହୁ, ଦେବାଶିଷ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ପିପିଲି,୧୫।୬(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର): ପିପିଲିର ବରିଷ୍ଠ ଖବରଦାତା ତଥା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ମାତା ଶଶିବାଳା ସ୍ୱାଇଁ(୯୮)ଙ୍କର ଗୁରୁବାର ସକାଳେ କଣ୍ଟି ପଞ୍ଚାୟତ କାକୁଡିଆସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ୩ ପୁଅ, ବୋହୂ, ନାତିନାତୁଣି ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଖବର ପାଇ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ,



ଡେଲାଙ୍ଗ ପିପିଲି ଜନ କଲ୍ୟାଣ ମଞ୍ଚର ଆବାହକ ରାଧାମୋହନ ଓ ଉପଦେଷ୍ଟା ଜନ୍ମେଜୟ ଜେନା, ପିପିଲି ସମ୍ବାଦ ସାହିତ୍ୟଘର ସମ୍ପାଦକ ନରେନ୍ଦ୍ର ମୁଦୁଲି, ନଗେନ ପ୍ରଧାନ, ଅର୍ଜୁନ ବେହେରା, ପିପିଲି ପେସାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର, ଖବରଦାତା ଦୁର୍ଗାମାଧବ ମିଶ୍ର, ଚନ୍ଦ୍ରମାଧବ ମିଶ୍ର, ପ୍ରଶାନ୍ତ କୁମାର ଦୀକ୍ଷିତ ପ୍ରମୁଖ କାକୁଡିଆସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ପୂର୍ବତନ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଆମ୍ମା ଅଧକ୍ଷ ପ୍ରକାଶ ଧଳ, ବିରଜା ପଟ୍ଟନାୟକ, କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ରାଜ୍ୟ ସଭାପତି ମନୋଜ ଦାସ ପ୍ରମୁଖ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ଶେଷରେ ସ୍ୱର୍ଗତା ଶଶିବାଳାଙ୍କୁ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଲକ୍ଷ୍ମୀଧର, ବେଣୁଧର ଓ ରାଜକିଶୋର ସ୍ୱର୍ଗତା ଶଶିବାଳାଙ୍କୁ ମୁଖାଗ୍ନି ଦେଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ।

# ରଜ ଉତ୍ସବ ଏକତାର ପର୍ବ

ଗୋପ,୧୫।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଓଡ଼ିଆ ଘରର ରଜ ପର୍ବ ଏକ କୃଷି ଭିତ୍ତିକ ଓ ଗଣପର୍ବ ଭାବରେ ପାଳିତ ହେଉଥିବା ବେଳେ ଏହା ଏକତାର ପର୍ବ ବୋଲି ଗୁରୁବାର ଗୋପ ଅଖଣ୍ଡଳେଶ୍ୱର ମନ୍ଦିର ପରିସରରେ ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ଆୟୋଜିତ ରଜ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ସତ୍ୟବ୍ରତ ପାତ୍ର କହିଥିଲେ। ତୁଳସୀ ମଞ୍ଚର ପୂର୍ବତନ ମହିଳା ସଭାପତି ମନୋରମା ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବରିଷ୍ଠ କବି ଓ ଲେଖକ ପୂର୍ଣ୍ଣେଶ କୁମାର ସେନାପତି, ରାଜ୍ୟ ସମବାୟ ବ୍ୟାଙ୍କର ଉପସଭାପତି ତୃପ୍ତିମୟୀ ପ୍ରଧାନ, ଅଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନ ସଭାପତି ଜ୍ୟୋତ୍ସ୍ନାରାଣୀ ସେନାପତି, ସମ୍ପାଦିକା ଶୈଳବାଳା ପରମାଣିକ ଓ ସୁକାନ୍ତି ଦେଇ ଯୋଗଦେଇ ଏହି ପର୍ବ ଓଡ଼ିଆ ଘରର ପିଠା ପଣା ସହିତ କୃଷି ଭିତ୍ତିକ ପର୍ବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ପିଠା, ରଜ ପାନ, ଦୋଳି ଖେଳ, ହୁଳହୁଳି, ଶଙ୍ଖ ସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଗୋପ ବ୍ଲକରେ ଶିକ୍ଷା ଓ କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଞ୍ଚ ପକ୍ଷରୁ ସାର୍ଟିଫିକେଟ ଓ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକର କେତେଜଣ କବି, ରାଜନେତା ଓ ଆଉ କେତେକ ବ୍ୟକ୍ତିଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ନେତ୍ରୀ ସୁଲୋଚନା ସିଂ, ରିତାରାଣୀ ଦାସ, ମମତା ସିଂ ପ୍ରମୁଖ ପରିଚାଳନା କରିଥିଲେ।



ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ଜଣେ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

# ଲିଟିଲଷ୍ଟାର ଗ୍ରୁପର ପ୍ରତିଷ୍ଠା ଦିବସ ସମାରୋହ




ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଗଣ।

ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଶିଶୁବିକାଶ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପର ୨୧ତମ ପ୍ରତିଷ୍ଠା ଦିବସ, ସମ୍ବର୍ଦ୍ଧନା ସମାରୋହ ଓ ରଜ ଉତ୍ସବ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ବାବା ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡା. ବନବିହାରୀ ଦାଶ, ଶିଶୁ ସାହିତ୍ୟିକ ଡ. ସୁଷମା ମିଶ୍ର, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ପ୍ରଣବ ସ୍ୱାଇଁ , ରବୀନ୍ଦ୍ରନାଥ ପାଢ଼ୀ, ବସନ୍ତ ସ୍ୱାଇଁ, କବି କାଳିକିଙ୍କର ପ୍ରମୁଖ ଯୋଗଦେଇ ଗ୍ରୁପର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଶିଶୁଙ୍କ ମାନସିକ, ବୌଦ୍ଧିକ, ଶିକ୍ଷା ବିକାଶ କ୍ଷେତ୍ରରେ ଲିଟିଲଷ୍ଟାର ଗ୍ରୁପର ପ୍ରୟାସ, ଉଦ୍ୟମ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି କାଳିକିଙ୍କର କବିତା ସଂକଳନ ପୁସ୍ତକ 'ସରଗର ଶେଷସ୍ୱର' ଓ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସମ୍ପାଦିତ ଶିଶୁ ପତ୍ରିକା 'ବାନରସେନା'ର ରଥଯାତ୍ରା ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରତିଭା ସମ୍ମାନ ସମାରୋହରେ ଡ. ବନବିହାରୀ ମିଶ୍ରଙ୍କୁ ରଜ ଉତ୍ସବ ସମ୍ମାନ, ଡ. ସୁଷମା ମିଶ୍ରଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନ, ଗଣମାଧ୍ୟମ ପ୍ରତିନିଧି ସରୋଜ ଦାସଙ୍କୁ ହଟକିଶୋର ସ୍ୱାଇଁ ସମ୍ମାନ, ଶିକ୍ଷୟିତ୍ରୀ ଈପ୍ସିତା ପ୍ରଧାନଙ୍କୁ ବିଜୟ ମହାପାତ୍ର ସ୍ମୃତି ସମ୍ମାନ ସହ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲିଟିଲଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଉତ୍ସବରେ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାରୋହରେ ବହୁ କବି, ସାହିତ୍ୟିକ, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ, କୁନିକୁନି ଛାତ୍ରୀଛାତ୍ର, ଅଭିଭାବକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶିକ୍ଷକ ନିର୍ମଳ ମିଶ୍ର, ସାମାଜିକ କର୍ମୀ ଅଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ସଡ଼କ ଦୁର୍ଘଟଣା, ୪ ଆହତ

ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ନିମାପଡ଼ା ବଡ଼ ବଜାର ଓ ଭାଟବନ୍ଧ ହାଇସ୍କୁଲ ଛକ ନିକଟରେ ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ଭାଟବନ୍ଧ ହାଇସ୍କୁଲ ଛକ ନିକଟରେ ଏକ ଅଟୋରିକ୍ସା ସହ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ଦ୍ୱୟ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଉହବାରୀ ଗ୍ରାମର କାନ୍ତିବୀର ଦାସ(୨୬) ଓ ତାଙ୍କ ବଡ଼ ଭାଇ ପିୟୁଷକାନ୍ତ ଦାସ(୩୧)। ଦୁହିଁଙ୍କୁ ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅଟୋରିକ୍ସାଟି ବାଇକ୍‌କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଅନ୍ୟ ଏକ କାର୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଛି। ସେହିପରି ନିମାପଡ଼ା ବଡ଼ ବଜାରଠାରେ ଏକ କାର୍ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେବାରୁ ୨ଜଣ ସ୍କୁଟି ଆରୋହୀ (ବାଳିକା) ଆହତ ହୋଇଛନ୍ତି। ବାଳିକା ଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ସେ ହେଲେ ସ୍ଥାନୀୟ ଥାନା ଅଧୀନ ପାଟପୁର ମୁଦୁଲି ସାହି ଗ୍ରାମର ଅନୁରାଧା ପ୍ରିୟଦର୍ଶିନୀ (୧୬)। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ଘଟାଇଥିବା ଚାଳକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଓ ନିମାପଡ଼ା ମେଡିକାଲରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ବୋଲି କୁହାଯାଉଛି। ପୋଲିସ ଉଭୟ ଦୁର୍ଘଟଣା ସ୍ଥଳରେ ଓ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ଫିକା ପଡ଼ିଛି ଗଣପର୍ବ ରଜ

କଣାସ,୧୫।୬(ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଆଙ୍କ ବାରମାସରେ ତେରପର୍ବ ମଧ୍ୟରୁ ରଜପର୍ବ ମୁଖ୍ୟପର୍ବ ଭାବେ ପୂର୍ବରୁ ପାଳନ କରାଯାଏ। ହେଲେ ଏଥର କଣାସ ଅଞ୍ଚଳରେ ରଜ ପର୍ବ ଫିକା ପଡ଼ିଛି। ଗାଁରେ ଝିଅ, ବୋହୂଙ୍କ ରଜ ଦୋଳି ଗୀତ ଶୁଣିବାକୁ ମିଳୁ ନାହିଁ କି ପୋଡ଼ ପିଠାର ବାସ୍ନା ମହକୁନି। ଓଡ଼ିଆମାନେ ରଜକୁ ମୁଖ୍ୟତଃ ୪ ଦିନ ଧରି ପାଳନ କରିଥାନ୍ତି। ପୂର୍ବରୁ ଗାଁମୁଣ୍ଡରେ ଥିବା ବଡ଼ବଡ଼ ବୃକ୍ଷରେ ଦୋଳି ବାନ୍ଧି ଝିଅ ବୋହୂମାନେ ଦୋଳି ଖେଳୁଥିଲେ। ଦୋଳି ଖେଳିବା ସ୍ଥାନରେ ଝିଅ ବୋହୂଙ୍କ ଗହଳି ଓ ତାଙ୍କ ରଜ ଦୋଳି ଗୀତ ଶୁଣି ରାସ୍ତାରେ ଯାଉଥିବା ଲୋକ ସେଠାରେ ଟିକେ ସମୟ ଅଟକିଯାଆନ୍ତି। କିନ୍ତୁ ଏବେ ଗାଁରେ ବଡ଼ବଡ଼ ବୃକ୍ଷ ନ ଥିବାରୁ ରଜ ଦୋଳି ବନ୍ଧା ହୋଇଥିବା ଦେଖିବାକୁ ମିଳୁନି। କାଁ ଭାଁ କିଏ ଡେରା କରି ସେଥିରେ ଦୋଳି ବାନ୍ଧି ଖେଳୁଥିବା ଦେଖିବାକୁ ମିଳିଥିଲା।

## ସେଣ୍ଟ ଜନ୍ ଆମ୍ବୁଲାନ୍ସର ୨ ମହିଳା ବିଗ୍ରେଡ୍ ହେବ

ପୁରୀ,୧୫।୬(ଅଜିତ ମହାନ୍ତି):

ରଥଯାତ୍ରା ଉପଲକ୍ଷେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସେଣ୍ଟ ଜନ ଆମ୍ବୁଲାନ୍ସର ତିନିଦିନିଆ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସଂପାଦକ ନିଧିକୁମାର ରାଉତରାୟଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଜିଲା ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ମୋଟ ୯୦ ଜଣ ତାଲିମ ସମାପ୍ତ କରିଛନ୍ତି। ଏହି ଉଦଯାପନ କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସର ରାଜ୍ୟ ଯୁଗ୍ମ ସମ୍ପାଦକ ନାରାୟଣ ତ୍ରିପାଠୀ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ଡାକ୍ତର ସୁଦର୍ଶନ ବେହେରା, ଶିକ୍ଷାବିତ୍ ଅଭିମନ୍ୟୁ ଭୂୟାଁ ଏବଂ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଖୁବ୍ ଶୀଘ୍ର ପୁରୀରେ ଆମ୍ବୁଲାନ୍ସର ଦୁଇଟି ମହିଳା ବିଗ୍ରେଡ୍ ଗଠନ ହେବା ସହ ରଥଯାତ୍ରା ପାଇଁ ଆସନ୍ତା ୧୬ରୁ ଜୁଲାଇ ୧ ତାରିଖ ନୀଳାଦ୍ରି ବିଜୟ ପର୍ଯ୍ୟନ୍ତ ସେଣ୍ଟ ଜନ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀମାନେ ଭକ୍ତ-ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବେ ବୋଲି ନିଧିକୁମାର ରାଉତରାୟ ଓ ମଧୁସୂଦନ ମିଶ୍ର ମିଳିତ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ମା' ଭଗବତୀ ପୀଠରେ ଜମୁଛି ରଜ



ରଜ ଉତ୍ସବରେ ମଞ୍ଚାସୀନ ଅତିଥି ।

କୋଣାର୍କ,୧୫।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ମା' ଭଗବତୀଙ୍କ ପୀଠରେ ଅର୍କଶ୍ରୀ ଓ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନ ତରଫରୁ ୪ଦିନ ବ୍ୟାପୀ ରଜ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ସାମାଜିକ ଅନୁଷ୍ଠାନ ଅର୍କଶ୍ରୀ ଏବଂ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନର ମିଳିତ ଉଦ୍ୟମରେ ଏହି ଉତ୍ସବ ହୋଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅର୍କପ୍ରଭା, ଅର୍କଶ୍ରୀ ଓ ରଜ ସମ୍ମାନରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ରଜ ସଂକ୍ରାନ୍ତି ଦିନ ମହିଳାଙ୍କ ମଧ୍ୟରେ ଗୀତ, କାନ୍ଦଣା, ହୁଳହୁଳି ବିଭିନ୍ନ ପ୍ରତିଯୋଗିତା ସହ ପାନ ଓ ପୋଡ଼ପିଠା ପ୍ରସ୍ତୁତି ହୋଇଥିବା ବେଳେ ପୁରୁଷଙ୍କ ପାଇଁ କବାଡି, ନଡ଼ିଆ ଲଢେଇ, ତାସ ଓ ଲୁଡୁ ପ୍ରତିଯୋଗିତା କରାଯାଇଛି। ଏଥିସହ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନର ୮ମ ବାର୍ଷିକ ଉତ୍ସବ ପାଳନ କରୁଛି। ଏହି ଅବସରରେ ପ୍ରତିଦିନ ସାଧାରଣ ସଭା, ସାହିତ୍ୟ ଆସର, ଆଲୋଚନା, ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ ନୃତ୍ୟ ଗୀତର କାର୍ଯ୍ୟକ୍ରମ ହେଉଛି। ଦ୍ୱିତୀୟ ଦିନରେ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍. ଶାହା ଅନସାରୀ ପ୍ରମୁଖ ଯୋଗଦେଇ ଓଡ଼ିଶାର ଗଣପର୍ବ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏଠାକୁ ଆସୁଥିବା ପର୍ଯ୍ୟଟକ ଦୋଳିରେ ଖେଳିବା ସହ ପିଠା ପଣା ଖାଇ ମଉଜ କରୁଥିଲେ। ଉତ୍ସବକୁ ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ନିଶିଗନ୍ଧା ସମ୍ପାଦକ ବଳରାମ ତରାଇ, ମଞ୍ଚ ପରିଚାଳକ ପ୍ରତାପ ରାଉତ, ପଞ୍ଚାନନ ବରାଳ, ଲିଙ୍ଗରାଜ ନାୟକ ଓ ସୁରେଶ ସ୍ୱାଇଁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ନିଟ୍‌ରେ ୩ ଛାତ୍ରୀଛାତ୍ରଙ୍କ ସଫଳତା

କଣାସ,୧୫।୬(ବିଭୂତି ଭୂଷଣ ତ୍ରିପାଠୀ)



ଆଦିତ୍ୟ ସାମନ୍ତରାୟ ଭାରତୀ ଜେନା ସ୍ୱାଧୀନ ହରିଚନ୍ଦନ

ନିଟ୍ ପରୀକ୍ଷାରେ କଣାସ ବ୍ଲକରୁ ୩ଜଣ ଛାତ୍ରୀଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ କାଦୁଆ ପଞ୍ଚାୟତ ସାନଓରା ଗ୍ରାମର ଆଦିତ୍ୟ ସାମନ୍ତରାୟଙ୍କ ସର୍ବଭାରତୀୟ ର୍‍ୟାଙ୍କ ୧୨୩୧୨, ଗୋପୀନାଥପୁର ପଞ୍ଚାୟତ ପାଇକମରା ଗ୍ରାମର ଭାରତୀ ଜେନାଙ୍କ ସର୍ବଭାରତୀୟ ର୍‍ୟାଙ୍କ ୧୯୩୦୫, ଗଡ଼ିଶାଗୋଡା ପଞ୍ଚାୟତ ଗଡ଼ିଶାଗୋଡା ଗ୍ରାମର ସ୍ୱାଧୀନ ହରିଚନ୍ଦନଙ୍କ ସର୍ବଭାରତୀୟ ର୍‍ୟାଙ୍କ ୧୨୦୦୬।

# ଅଁଳାଯୋଡ଼ିରେ ପ୍ରତିଷ୍ଠା ହେଲା ପୋଷ୍ଟ ଅଫିସ

ପୁରୀ, ୧୫।୬(ଅଜିତ୍ ମହାନ୍ତି)

କଣାସ ବ୍ଲକ୍ ଅନ୍ତର୍ଗତ ଅଁଳାଯୋଡ଼ି ପଞ୍ଚାୟତରେ ନୂତନ ପୋଷ୍ଟ ଅଫିସ ଖୋଲିଛି। ଡାକ ବିଭାଗର ବରିଷ୍ଠ ଅଧିକାରୀ ରତନ ଜାନା ଏବଂ ଆଇଟିଡିସିର ଚେୟାରମ୍ୟାନ୍ ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଗୁରୁବାର ଏହି ନୂତନ ପୋଷ୍ଟ ଅଫିସକୁ ଉଦ୍‌ଘାଟନ କରିଛନ୍ତି। ପାତ୍ର କହିଛନ୍ତି, ପୋଷ୍ଟ ଅଫିସ ପ୍ରତିଷ୍ଠା ହେବା ଦ୍ୱାରା ଅଞ୍ଚଳବାସୀ ସହଜରେ ଡାକ ବିଭାଗର ସଞ୍ଚିତ ସେବା ଓ ବ୍ୟାଙ୍କିଂ ସେବା ସହିତ ଯୋଡ଼ି ହୋଇପାରିବେ। ସେହିପରି ସ୍ଥାନୀୟ ଅଞ୍ଚଳର ଅର୍ଥନୀତିରେ ବୃଦ୍ଧି ଘଟିବ। ପୋଷ୍ଟ ଅଫିସ ଉକ୍ତ ଅଞ୍ଚଳକୁ ସମାଜର ମୁଖ୍ୟସ୍ରୋତରେ ଯୋଡ଼ିବାରେ ସହାୟକ ହେବ। ଅନେକ ଦିନରୁ ଅଁଳାଯୋଡ଼ି ପଞ୍ଚାୟତବାସୀ ଡାକସେବା ଓ ବ୍ୟାଙ୍କିଂ ସେବା ପାଇବାରୁ ବଞ୍ଚିତ ଥିଲେ। ଏନେଇ ଆଇଟିଡିସିର ଚେୟାରମ୍ୟାନ୍ ପାତ୍ର ଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବି ରକ୍ଷା କରି କେନ୍ଦ୍ର ମନ୍ତ୍ରୀ ବୈଷ୍ଣବ ଅଁଳାଯୋଡ଼ିରେ ପୋଷ୍ଟ ଅଫିସ ପ୍ରତିଷ୍ଠା ପାଇଁ ଅନୁମତି ଦେଇଥିଲେ। ଏଥିଯୋଗୁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରିଛି।



ଅତିଥିମାନେ ଜଣେ ହିତାଧିକାରୀଙ୍କୁ ପାସ୍‌ବୁକ୍ ବଣ୍ଟନ କରୁଛନ୍ତି ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା ଭାଜପା

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ପ୍ରତିବାଦ

ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ମଣ୍ଡଳ ଭାଜପା ପକ୍ଷରୁ ଶତାଧିକ ଭାଜପା କର୍ମୀ ଗୁରୁବାର ଦିଘାଳୋସ୍ଥିତ (ଟିପିସିଓଡିଏଲ୍) ବିଦ୍ୟୁତ୍ ବିଭାଗ ଡିଭିଜନ୍ ଅଫିସ ଘେରାଉ କରିବା ସହ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଘୋଷିତ ବିଦ୍ୟୁତ୍ କାଟ, ଅସହ୍ୟ ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ଭାଜପା ପୁରୀ ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆନ୍ଦୋଳନସ୍ଥଳରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଅତିଥି ଭାବେ ଭାଜପା ରାଜ୍ୟ କମିଟି ବରିଷ୍ଠ ନେତା ଦିଲୀପ ନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ




ବିଦ୍ୟୁତ୍ ବିଭାଗ ଡିଭିଜନ ଅଫିସ ସମ୍ମୁଖରେ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନାୟକ, ପୁରୀ ଜିଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡ଼ା ଏନ୍‌ଏସି ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ବରିଷ୍ଠ ଭାଜପା ନେତା ସୌଦାମିନୀ ସେନାପତି, କୃଷ୍ଣଚନ୍ଦ୍ର ସ୍ୱାଇଁ, ମାନସ ପ୍ରଧାନ, ପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇ ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବା, ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାର, କଳଙ୍କିତ ଏକଛତ୍ରବାଦ ବିଜେଡି ସରକାରଙ୍କ କୁଶାସନ, ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ଦିଘାଳୋ ମହାଦେବଙ୍କ ପୀଠରୁ ଏକ ଶୋଭାଯାତ୍ରା ବାହାରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲା। ଆନ୍ଦୋଳନ ବେଳେ ବିଦ୍ୟୁତ୍ ବିଭାଗ ଡିଭିଜନ ଅଫିସ ବନ୍ଦ ରହିଥିଲା।

## ସଂକ୍ଷେପରେ

### ଗାଡ଼ଭାଲୁ ଉଦ୍ଧାର

ଚୌଦ୍ୱାର,୧୫।୬(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ଗ୍ରାମରେ ଥିବା ସାଧୁସୁନ୍ଦର ବିଦ୍ୟାପୀଠ ପଛପଟ ଗାଡ଼ିଆ କୂଳରୁ ଗୁରୁବାର ଏକ ଗାଡ଼ଭାଲୁ ଉଦ୍ଧାର କରିଛି ବନ ବିଭାଗ। ରାସ୍ତାକଡ଼ରେ ଥିବା ଏହି ପୋଖରୀ କୂଳରେ ଭାଲୁ ବୁଲୁଥିବା ସ୍ଥାନୀୟ ଲୋକ ଦେଖି ହଠାତ୍ ଚିହ୍ନଟ କରିପାରି ନଥିଲେ। ଫଳରେ ଗ୍ରାମବାସୀ ଭୟଭୀତ ହୋଇ ଗାଡିଆ କୂଳରେ ରୁଣ୍ଡ ହୋଇ ଯାଇଥିଲେ। ପରେ ଗ୍ରାମର ଜଣେ ବ୍ୟକ୍ତି ବୈରୀ ରେଞ୍ଜ ଅଫିସକୁ ଖବର ଜଣାଇଥିଲେ। ବୈରୀ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜାଲ ବିଛାଇ ଗାଡଭାଲୁଟିକୁ ଉଦ୍ଧାର କରିଥିଲେ। ୩ବର୍ଷର ଗାଡଭାଲୁଟି ଲୋକଙ୍କ ଘଉଡ଼ାଇବାରେ ଘାଇଲା ହୋଇଯାଇଥିବା ଓ ତାକୁ ରେଞ୍ଜ ଅଫିସରେ ରଖାଯାଇ ସ୍ଥାନୀୟ ମଙ୍ଗରାଜପୁର ଜଙ୍ଗଲରେ ଛାଡି ଦିଆଯିବ ବୋଲି ଡାଳିଯୋଡା ଫରେଷ୍ଟ ରେଞ୍ଜର ଅଭିରାମ ଜେନା କହିଛନ୍ତି। ତେବେ ଜନଗହଳିପୂର୍ଣ୍ଣ ରାସ୍ତାକଡରେ ଥିବା ପୋଖରୀକୁ କିପରି ଭାଲୁଟି ଆସିଲା ତାହା ଚର୍ଚ୍ଚା ହେଉଛି।

### ରଜ ସଂକ୍ରାନ୍ତିରେ ନନ୍ଦନକାନନ ବୁଲିଲେ ୨୧,୫୫୧ ପର୍ଯ୍ୟଟକ

**୩ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ବନ୍ଦ ନେଇ ଅସନ୍ତୋଷ**

ବାରଙ୍ଗ,୧୫।୬(ଲିଙ୍ଗରାଜ ରାଉତ): ପହିଲି ରଜରେ ନନ୍ଦନକାନନକୁ ୧୨,୮୩୬ ପର୍ଯ୍ୟଟକ ଆସିଥିବାବେଳେ ରଜ ସଂକ୍ରାନ୍ତିରେ ୨୧,୫୫୧ ପର୍ଯ୍ୟଟକ ଆସିଥିବା ଟିକଟ ବିକ୍ରିରୁ ଜଣାପଡିଛି। ଅତ୍ୟଧିକ ଗରମ ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ଗୁରୁବାର ନନ୍ଦନକାନନକୁ ଅଫ୍‌ଲାଇନରେ ୨୧, ୩୧୮ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିବାବେଳେ ଅନ୍‌ଲାଇନରେ ୨୨୦ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିଲେ। ଏହାସହିତ ୧୩ଜଣ ଦିବ୍ୟାଙ୍ଗ ମାଗଣାରେ ପ୍ରବେଶ କରିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ରଜ ସଂକ୍ରାନ୍ତିରେ ୭୭୫ଜଣ ପର୍ଯ୍ୟଟକ ଆସିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ମଧରେ ବିଭିନ୍ନ ଛକ ଜାଗାରେ ରେଞ୍ଜର ଓ ଏସିଏଫ୍‌ମାନେ ନିୟୋଜିତ ହୋଇଥିଲେ। ଏହାସତ୍ତ୍ୱେ ଫାଉଣ୍ଟେନ ଛକ, ଭାଲୁ ଛକ ଓ ସଫାରି ରହଣି ସ୍ଥଳରେ ନିର୍ମିତ ହୋଇଥିବା ଶୁଦ୍ଧପାନୀୟ ଜଳ ପ୍ରକଳ୍ପ ୨ଘଣ୍ଟା ବନ୍ଦ ରହିଥିଲା। ଫଳରେ ପାଣି ପାଇଁ ପର୍ଯ୍ୟଟକମାନେ ନାହିଁ ନ ଥିବା ହଇରାଣ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଏକ ଗାଡ଼ି ଯୋଗେ ନନ୍ଦନକାନନ କର୍ମଚାରୀମାନେ ବିଶୁଦ୍ଧ ପାନୀୟଜଳ ବିଭିନ୍ନ ସ୍ଥାନରେ ବାଣ୍ଟିଥିଲେ। ଭିଡ଼ର ସୁଯୋଗରେ କେତେକ ମହିଳା ପର୍ଯ୍ୟଟକ ପକେଟମାରଙ୍କ ଶିକାର ହୋଇ ମନିପର୍ସ ଓ ମୋବାଇଲ ହରାଇଥିବା ଗେଟ୍‌ପାଖରେ ଥିବା ସିକ୍ୟୁରିଟି କର୍ମଚାରୀମାନଙ୍କ ପାଖରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସିଥିବା କେତେକ ମଦୁଆଙ୍କ ଉତ୍ପାତ ଯୋଗୁ ଛୋଟମୋଟ ଗଣ୍ଡଗୋଳ ହୋଇଥିଲା। ଭିଡ ନିୟନ୍ତ୍ରଣ ପାଇଁ କିନ୍ତୁ ବଟାନିକାଲ ଗାର୍ଡେନ ଦାୟିତ୍ୱରେ ରହିଥିବା ଏସିଏଫ୍ ନନ୍ଦନକାନନରେ ବୁଲାବୁଲି କରୁଥିଲେ।

# ସଫେଇ କର୍ମଚାରୀଙ୍କୁ ମିଳୁନି ନୀତି ମୁତାବକ ସେବା

କଟକ,୧୫।୬(ସୁପ୍ରିୟା ପ୍ରିୟଦର୍ଶିନୀ)



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜାତୀୟ ସଫେଇ କର୍ମଚାରୀ ଆୟୁକ୍ତର ସଦସ୍ୟ ଡ. ପି.ପି ଭାଭା, ଜିଲାପାଳ ଓ ଅନ୍ୟମାନେ।

- **ଅସନ୍ତୋଷ ଜାହିର କଲେ ଜାତୀୟ ସଫେଇ କର୍ମଚାରୀ କମିଶନ ସଦସ୍ୟ**
- **କେନ୍ଦ୍ରର ଯୋଜନାକୁ ରାଜ୍ୟ ସରକାର ଲାଗୁ କରନ୍ତୁ**

କଟକ ମହାନଗର ଅଞ୍ଚଳରେ ସଫେଇ କର୍ମଚାରୀମାନେ ସରକାରୀ ନୀତି ମୁତାବକ ସେବା ପାଉନାହାନ୍ତି। ତାଙ୍କ ପ୍ରାପ୍ୟ ଅନୁଯାୟୀ ପାଉଣା ମିଳୁନି। ଯାହାକୁ ନେଇ ଗୁରୁବାର ସିଏମ୍‌ସି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିଛନ୍ତି ଜାତୀୟ ସଫେଇ କମିଶନର ସଦସ୍ୟ। ଭାରତ ସରକାରଙ୍କର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଜାତୀୟ ସଫେଇ କର୍ମଚାରୀ ଆୟୁକ୍ତର ବରିଷ୍ଠ ସଦସ୍ୟ ଡ. ପି.ପି ଭାଭା କଟକ ଗସ୍ତ କରି ସହର ତଥା ଜିଲାର ସଫେଇ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ଏ ନେଇ ଜିଲାପାଳ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଡ.ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ସଫେଇ କର୍ମଚାରୀ ସଙ୍ଘ ସହିତ କମିଶନ ସଦସ୍ୟ ମତ ବିନିମୟ କରିଛନ୍ତି। ୨୦୨୧ ନଭେମ୍ବର ୧୭ରେ କଟକ ମହାନଗର ନିଗମ କାର୍ଯ୍ୟାଳୟରେ ହୋଇଥିବା ସମୀକ୍ଷା ବୈଠକରେ ଆଗତ ହୋଇଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ସମସ୍ତ ସମୀକ୍ଷା ପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଭାଭା। ସହରରେ ସଫେଇ କର୍ମଚାରୀଙ୍କସ୍ଥିତ ଦୟନୀୟ ଅବସ୍ଥା ରହୁଛି। ଏଥିସହ ମଇଳା ଟାଙ୍କି ସଫେଇ ଏବଂ ସ୍ୱରେଜ ଲାଇନ ସଫେଇ କାମ ବେଳେ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଉ ନଥିବା ହେତୁ ଡ.ଭାବା ବିରକ୍ତି ହୋଇଛନ୍ତି।

ଦେଶର ବିଭିନ୍ନ ରାଜ୍ୟରେ ସଫେଇ କର୍ମଚାରୀଙ୍କୁ ଦୈନିକ ପାରିଶ୍ରମିକ ୭୦୦ରୁ ୮୦୦ଟଙ୍କା ମିଳୁଥିବାବେଳେ ଓଡ଼ିଶାରେ କାହିଁକି ୩୪୫ଟଙ୍କା ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ସଫେଇ କର୍ମଚାରୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ଲାଗୁ କରିଥିବା ଯୋଜନା ସେମାନଙ୍କୁ ଦିଆଯାଉ। ଏପରିକି କେନ୍ଦ୍ର ସରକାର ସଫେଇ କର୍ମଚାରୀଙ୍କ ଆର୍ଥିକ ସହାୟତା ପାଇଁ ସଫେଇ ବ୍ୟାଙ୍କ ନିଗମ ସ୍ଥାପନ କରି ୫୦ ପ୍ରତିଶତ ସବ୍‌ସିଡି ଯୋଗାଉଛନ୍ତି। ସଫେଇ କର୍ମଚାରୀଙ୍କ କାର୍ଯ୍ୟଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା କେନ୍ଦ୍ର ସରକାର କରିଛନ୍ତି। ଯାହାକୁ ରାଜ୍ୟ ସରକାର ଲାଗୁ କରନ୍ତୁ। ସେମାନେ ବିପଦପୂର୍ଣ୍ଣ ଓ ଅସ୍ୱାସ୍ଥ୍ୟକର ପରିବେଶରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଭାଭା ମତବ୍ୟକ୍ତ କରିଥିଲେ। ଜିଲାରେ କଟକ ସମେତ ଚୌଦ୍ୱାର, ଆଠଗଡ, ବାଙ୍କିରେ ସମୁଦାୟ ୫୧୯ଜଣ ସଫେଇ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଯେଉଁ ସଫେଇ କର୍ମଚାରୀ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଯୋଜନାର ଉପଭୋକ୍ତା ହୋଇନାହାନ୍ତି, ସେମାନେ ତୁରନ୍ତ ଆବେଦନ କଲେ କଟକ ମହାନଗର ନିଗମ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ନିଗମ ଆୟୁକ୍ତ ନିଖିଳ ପୱନ କଲ୍ୟାଣ କହିଥିଲେ। ୨୦୨୧, ନଭେମ୍ବର ୧୭ ସମୀକ୍ଷା ଭିତ୍ତିରେ ସଫେଇ କର୍ମଚାରୀଙ୍କ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଡ. ଭାବା ୨୦ଜଣ ସଫେଇ କର୍ମଚାରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କଟକ ଜିଲା ପରିଷଦ ଅମ୍ବର କର, ଅତିରିକ୍ତ ପୋଲିସ ଉପଆୟୁକ୍ତ ଅନିଲ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସତ୍ୟବ୍ରତ ଛୋଟରାୟ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନଙ୍କ ସମେତ ଚୌଦ୍ୱାର ପୌରପାଳିକାର ନିର୍ବାହୀ ଅଧିକାରୀ, ଆଠଗଡ ନିର୍ବାହୀ ଅଧିକାରୀ ଓ ବାଙ୍କୀ ଏନ୍‌ଏସସି ଅଧିକାରୀଙ୍କ ସମେତ ବିଭିନ୍ନ ବେସରକାରୀ ସଫେଇ କର୍ମଚାରୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବିକ୍ଷୋଭ

ଆଠଗଡ,୧୫।୬(ସତ୍ୟପ୍ରକାଶ ରଥ)

ରାଜ୍ୟ ଭାଜପାର ନିର୍ଦ୍ଦେଶକ୍ରମେ ରାଜ୍ୟ ତଥା ଆଠଗଡ ସହର ଓ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ବିରୋଧରେ ପ୍ରତିବାଦ କରାଯାଇଛି। ଏ ନେଇ ଭାଜପା ପକ୍ଷରୁ ଗୁରୁବାର ବିଦ୍ୟୁତ୍ ବିତରକ ସଂସ୍ଥା ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଜେନ୍ଦ୍ର ରାଏଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ଓ ସମର୍ଥକ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଉପସଭାପତି ବିଚିତ୍ରାନନ୍ଦ ଜେନା, ହେମ ମଞ୍ଜରୀ ଭଞ୍ଜଦେଓ, ଆଠଗଡ ବିଧାନସଭା ସଂଯୋଜକ ବିକ୍ରମ ଦାଶ, କ୍ୟାପଟେନ ପ୍ରଫୁଲ୍ଲ ପରିଡା, ସତ୍ୟଜିତ ମଲ୍ଲିକ, ଆଠଗଡ ନଗର ମଣ୍ଡଳ ସଭାପତି ହେମନ୍ତ ମହାନ୍ତି, ଆଠଗଡ଼ ବ୍ଲକ ବିଭିନ୍ନ ଗ୍ରାମୀଣ ମଣ୍ଡଳର ସଭାପତି ତପନ ଲେଙ୍କା, ଉମେଶ ସାମଲ, ନିର୍ମଳ କୁମାର, ନୂଆପାଟଣା ମଣ୍ଡଳ ସଭାପତି ଚିନ୍ମୟ ମଲ୍ଲିକ, ରଞ୍ଜନ ସେନାପତି, ମିଥୁନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



ବିଦ୍ୟୁତ୍ କାଟ ବିରୋଧରେ ଭାଜପା ପକ୍ଷରୁ ଆଠଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୭ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୫।୬(ସଚ୍ଚିଦାନନ୍ଦ ପଣ୍ଡା)

- **ଖରାରେ ୩ କିମି ବାଲିରେ ଚାଲି ପୀଠକୁ ଗଲେ**
- **ପୋଲ କାର୍ଯ୍ୟ ସରି ନ ଥିବାରୁ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ**

ଗୁରୁବାର ରଜ ସଂକ୍ରାନ୍ତି ଅବସରରେ କଟକ ମହାନଦୀ ପଠାରେ ଥିବା ବାବା ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପ୍ରଚଣ୍ଡ ଖରାକୁ ଖାତିର ନ କରି ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ। ପ୍ରତ୍ୟୁଷରୁ ଧବଳେଶ୍ୱରଙ୍କୁ ନୀତିପାଳିଆ ଗଗନ ବିହାରୀ ପତ୍ରି ଓ ପୂଜକମାନେ ମହାପ୍ରଭୁଙ୍କ ଦ୍ୱାର ଖୋଲି ପହଡ଼ ଭାଙ୍ଗିବା ପରେ ମଙ୍ଗଳ ଆଳତି, ସ୍ନାନ ନୀତି, ଖେଚୁଡ଼ି ଭୋଗ ଆଦି କାର୍ଯ୍ୟକ୍ରମ କରିବା ପରେ ଭୋର ୫ଟାରେ ଭକ୍ତଙ୍କ ପାଇଁ ଦ୍ୱାର ଖୋଲାଯାଇଥିଲା। ପରେ ପରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତିରେ ବିଭିନ୍ନ ଜିଲାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। କଂକ୍ରିଟ ପୋଲ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଲୋକେ ଅସ୍ଥାୟୀ ବାଲି ରାସ୍ତାରେ ପ୍ରଚଣ୍ଡ ଖରାରେ ୩ କିଲୋମିଟର ପିଲାଛୁଆଙ୍କୁ ଧରି ଚାଲି ଚାଲି ପୀଠକୁ ଯାଇଥିଲେ। ପୋଲ କାର୍ଯ୍ୟ ମେ' ସୁଦ୍ଧା ସରିବ ବୋଲି ପ୍ରଶାସନ କହିଥିଲେ ସୁଦ୍ଧା ତାହା ସରି ନ ଥିବାରୁ କେତେଜଣ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏବେ ଦେବୋତ୍ତର ବିଭାଗ ସଫେଇ ଦେଉଛି ଆଉ ୧୫ ଦିନ ମଧ୍ୟରେ ବର୍ଷା ପୂର୍ବରୁ ସେତୁ କାମ ସମ୍ପୂର୍ଣ୍ଣ ହୋଇଯିବ। ଅପରାହ୍ନ ଗୋଟାଏ ପରଠାରୁ ଭିଡ଼ କମି ଯାଇଥିଲେ ମଧ୍ୟ ପୁଣି ଅପରାହ୍ନ ୩ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା ବୋଲି ଦେବୋତ୍ତର ବିଭାଗର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ସାଗର ପତ୍ରି କହିଛନ୍ତି।


କଟକ ଧବଳେଶ୍ୱର ପୀଠ।


କଟକ ଶହୀଦ ଭବନରେ ଶନିବାର ସୁର ମନ୍ଦିର ପକ୍ଷରୁ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ପାଳନ ଅବସରରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

### ସୁର ମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ରଜ ମହୋତ୍ସବ

କଟକ,୧୫।୬:(କାର୍ତ୍ତିକ ସାହୁ)

ନୃତ୍ୟାନୁଷ୍ଠାନ ସୁର ମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ରଜ ମହୋତ୍ସବ ସହିଦ ଭବନରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଏମ୍‌ଜିଏମ୍ ମିନେରାଲ ଲିମିଟେଡ୍ କମ୍ପାନିର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି, ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଏମ୍‌ଡି ପ୍ରବୋଧ ମହାନ୍ତି ଯୋଗଦେଇ ରଜପର୍ବର ମହାନତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିସହ ସୂର୍ଯ୍ୟା କ୍ରିଷ୍ଣମୂର୍ତ୍ତିଙ୍କୁ ସୁର ମନ୍ଦିର ଜୀବନବ୍ୟାପୀ ସାଧନା ସମ୍ମାନ ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଛଉ ନୃତ୍ୟଶିଳ୍ପୀ ଶୁଭଶ୍ରୀ ମୁଖାର୍ଜୀ, ଅଭିନେତ୍ରୀ ଏଲିନା ଦାଶ ଓ ସାମାଜିକ କର୍ମୀ ରୋଜାଲିନ ପାଇଶାଣୀ ମିଶ୍ରଙ୍କୁ ପ୍ରିୟ ଓଡ଼ିଆଣି ସମ୍ମାନ ପ୍ରଦାନ କରାଯାଇଥିଲା। ସୁର ମନ୍ଦିରର କଳାକାରମାନେ ରଜ ସଂକ୍ରାନ୍ତି ନୃତ୍ୟ ପରିବେଷଣ କରିଥିଲେ। ରଜପର୍ବକୁ ଓଡ଼ିଶୀ ନୃତ୍ୟର ସୁମଧୁର ଝଙ୍କାରରେ ଦର୍ଶକଙ୍କୁ ଅଭିଭୂତ କରିଥିଲା। ସେହିପରି ପଦ୍ମଶ୍ରୀ ଅରୁଣା ମହାନ୍ତି ଏକକ ନୃତ୍ୟ, ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରତିଶା ମହାପାତ୍ରଙ୍କ ଦ୍ୱୈତ୍ୟ ନୃତ୍ୟ ଏବଂ ଗୁରୁ ଜ୍ୟୋତି ରାଉତ ଓ ସାଥୀଙ୍କ ସମ୍ମିଳିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

# ଟିଏମ୍‌ସି ପରିଚାଳନାରେ ଅନିୟମିତତା: ତଦନ୍ତରେ ବିଳମ୍ବ

କଟକ ସଦର,୧୫।୬(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ପରିଚାଳନାରେ ଅନିୟମିତତାର ଅଭିଯୋଗ ପରେ ରାଜ୍ୟ ସରକାର ଏହାର ତଦନ୍ତ କରିବା ପାଇଁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ସୁଦ୍ଧା ଏହାର ତଦନ୍ତରେ କୌଣସି ଅଗ୍ରଗତି ହୋଇ ନାହିଁ। ଫଳରେ ଏହି ଅନିୟମିତତାକୁ ଚାପିଦେବା ପାଇଁ ଉଦ୍ୟମ ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏବେ କଟକ ସଦର ବ୍ଲକର ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେଲ ଗଲା ପରେ ଏହି ସନ୍ଦେହ ଆହୁରି ଘନୀଭୂତ ହେବାରେ ଲାଗିଛି। ଏ ନେଇ ମେ' ୨୨ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗକାରୀ ସାମାଜିକ କାର୍ଯ୍ୟକର୍ତ୍ତା ଅତିରିକ୍ତ ଜିଲାପାଳ ଶିବୋ କୁମାର ଟପୋଙ୍କ ନିକଟରେ ଗୁହାରି କରିଥିଲେ। ଏହା ଉପରେ ଶୀଘ୍ର ତଦନ୍ତ କରାଯିବ ବୋଲି ଟପୋ ସର୍ବସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତଦନ୍ତ ଆରମ୍ଭ ହୋଇ ନାହିଁ।

ଘଟଣା ଅନୁଯାୟୀ, ୨୦୨୦ ଜୁନଠାରୁ ସେପ୍ଟେମ୍ବର ମଧ୍ୟରେ ଉକ୍ତ ବ୍ଲକ ଅଞ୍ଚଳର ୨୩ଟି ସରକାରୀ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସରପଞ୍ଚ, ଅତିରିକ୍ତ ସହକାରୀ ଯନ୍ତ୍ରୀ ଓ ବିଡିଓଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିଲା। ଏଥିପାଇଁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ୨୩ଟି ସ୍କୁଲର ବିଦ୍ୟୁତ୍ ବିଲ୍ ବାବଦକୁ ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାବେଳେ ତାହା ପଞ୍ଚାୟତ ପକ୍ଷରୁ ପଇଠ କରାଯାଇ ନ ଥିଲା। ଶେଷରେ ୨୩ଟି ସ୍କୁଲର କର୍ତ୍ତୃପକ୍ଷ ପିଲାଙ୍କଠାରୁ ଚାନ୍ଦା କରି ଉକ୍ତ ବିଲ୍ ପୈଠ କରିଥିଲେ ବୋଲି ବାରଦା ଉଚ୍ଚ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କହିଛନ୍ତି। ଏ ଅନିୟମିତତା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ପାଇଁ ଉକ୍ତ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୧୮୪୮/୧୪।୧୧।୨୨ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଜିଲାପାଳ ଏହି ଅଭିଯୋଗର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପତ୍ରସଂଖ୍ୟା ୧୪/୧୦।୧।୨୩ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଡିଓ ତାଙ୍କ ଅଧୀନରେ ନ ଥିବାରୁ ତଦନ୍ତ କରିବା ସମ୍ଭବ ନୁହେଁ ବୋଲି ଡିଇଓ କହି ପତ୍ର ସଂଖ୍ୟା ୪୫୧୦/୧୫।୩।୨୦୨୩ରେ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଅପରପକ୍ଷେ ଉକ୍ତ ବିଲ୍ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁ ନିକଟରେ ଭିଜିଲାନ୍ସରେ ଧରାପଡ଼ି ଜେଲରେ ଥିବାବେଳେ ଏବେ ଏହାର ତଦନ୍ତ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଅତିରିକ୍ତ ଜିଲାପାଳ ଟପୋଙ୍କୁ ଯୋଗାଯୋଗ କରିବାରେ ସମ୍ଭବ ହୋଇପାରି ନାହିଁ।

# ଧରାପଡ଼ିଲା ବାଇକ୍ ଚୋରି ର୍‍ୟାକେଟ୍

କଟକ,୧୫।୬(କାର୍ତ୍ତିକ ସାହୁ)

**୩ ଗିରଫ: ୨୦ ହଜାର ଟଙ୍କା, ୬ ବାଇକ୍ ଜବତ**

ମଙ୍ଗଳାବାଗ ଥାନା ପୋଲିସ ଗୁରୁବାର ଏକ ବାଇକ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଛି। ବାଇକ ଚୋରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ନଗଦ ୨୦ ହଜାର ଟଙ୍କା ସହ ୬ଟି ବାଇକ ଜବତ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ବରହମପୁରର ପିଣ୍ଟୁ ଓରଫ ସୌରଭ ସ୍ୱାଇଁ (୨୧), ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ାରେ ରହୁଥିବା ପଶ୍ଚିମବଙ୍ଗର ଅଜମତ ହାଲସନା (୩୯) ଏବଂ କଟକ ସଦର ଥାନା ଅନ୍ତର୍ଗତ ତେନ୍ତୁଳିକଳିରେ ରହୁଥିବା ଉତ୍ତରପ୍ରଦେଶର ନସିମ୍ (୩୦)।

ପୋଲିସ ସୂଚନା ଅନୁଯାୟୀ, ଅନୁସାରେ, ଏସ୍‌ସିବି ମେଡିକାଲର ଏଆର୍‌ଟି କେନ୍ଦ୍ରରେ ଡାଏଟ୍ ସେକ୍ସନର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଗତ ୧୩ ତାରିଖରେ କେନ୍ଦ୍ର ସମ୍ମୁଖରେ ନିଜ ବାଇକ ରଖି ଡ୍ୟୁଟି କରିବାକୁ ଯାଇଥିଲେ। ଡ୍ୟୁଟି ସାରି ଫେରିବା ପରେ ବାଇକକୁ ଆଉ ପାଇ ନ ଥିଲେ। ସେ ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ.୧୭୩/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ଏକ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ମୁଖ୍ୟ ଅଭିଯୁକ୍ତ ସୌରଭଙ୍କୁ ଧରିବା ପରେ ତାଙ୍କୁ ତାଙ୍କୁ ପଚରାଉଚରା କରିଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ବାଇକଗୁଡ଼ିକୁ ଜବତ କରିଥିଲା।


ଗିରଫ ତିନି ଅଭିଯୁକ୍ତ।


ଜବତ୍ ହୋଇଥିବା ଚୋରା ବାଇକ୍।

# ଗ୍ରହଣଖଣ୍ଡିଆ ଶିଶୁଙ୍କ ଓଠରେ ହସ ଫୁଟାଉଛି ରେଲୱେ

କଟକ,୧୫।୬(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ସୁବାସ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

**ମିଶନ ସ୍ମାଇଲ ଦେଉଛି ନିଃଶୁଳ୍କ ସର୍ଜରି ସେବା**

ଗ୍ରହଣ ଖଣ୍ଡିଆ ଦ୍ୱାରା ଶିଶୁର ମୁହଁରେ ବିକୃତି ଆସିଥାଏ। ଶିଶୁ ଠିକ୍ ଭାବେ ଖାଇ ନ ପାରି ଅପପୁଷ୍ଟିର ଶିକାର ହୋଇଥାଏ। ଭାରତୀୟ ରେଲୱେ ଏଭଳି ଗ୍ରହଣ ଖଣ୍ଡିଆ ଶିଶୁଙ୍କ ଓଠରେ ହସ ଫୁଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଭଳି ଶିଶୁମାନଙ୍କୁ ଘରୁ ଆଣି ସର୍ଜରି କରିବା ସହ ରହିବା, ଖାଇବା ଓ ଘରକୁ ଫେରିବା ନିମନ୍ତେ ସମସ୍ତ ଖର୍ଚ୍ଚ ବହନ କରାଯାଉଛି। ସର୍ଜରି ମିଶନ ସ୍ମାଇଲ୍ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍‌ର ସିଏମ୍‌ଡି ସେଲି ବର୍ମା ଏହି ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଲେ, ମଣିଷ କେବଳ ହସିପାରେ। ଆମେ ସମସ୍ତେ ହସିବା ଆବଶ୍ୟକ। ଶିଶୁଙ୍କୁ ହସ ଦେବାରେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ଗ୍ରହଣ ଖଣ୍ଡିଆ ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା ସେବା ମାଧ୍ୟମରେ ଏହାକୁ ସମ୍ଭବ କରାଯାଇପାରୁଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂହ ଯୋଗଦେଇ କହିଲେ, ପିଲାଙ୍କ ମୁହଁରେ ହସ ଫୁଟିବା ଆବଶ୍ୟକ। କଟକ ହେଉଛି ସ୍ୱାସ୍ଥ୍ୟ ରାଜଧାନୀ। ସ୍ୱାସ୍ଥ୍ୟସେବା ମାଧ୍ୟମରେ ଏହା ସମ୍ଭବ ହୋଇପାରିବ। ଅନ୍ୟତମ ସମ୍ମାନିତ ଅତିଥି ପରିବେଶବିତ୍ ଡ. ଆଶୁତୋଷ ଦେବତା କହିଲେ, ହସ ହେଉଛି ଦଇବର ଦାନ। ଗ୍ରହଣ ଖଣ୍ଡିଆ ଶିଶୁଙ୍କ ଚିକିତ୍ସା ଉପଯୁକ୍ତ ସମୟରେ କରାଗଲେ ସେମାନଙ୍କ ଓଠରେ ହସ ଫୁଟିପାରିବ। ଗ୍ରହଣ ଖଣ୍ଡିଆ ହେବାରେ ପରିବେଶ ମଧ୍ୟ ଦାୟୀ। କେବଳ ସର୍ଜରି ମାଧ୍ୟମରେ ଏହାକୁ ଠିକ କରାଯାଇପାରିବ। ଅନ୍ୟତମ ଅତିଥି ଡା. ସଂଗ୍ରାମ ପାତ୍ର ଗ୍ରହଣ ଖଣ୍ଡିଆ ଶିଶୁଙ୍କୁ ସହାୟତା ପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ।

ମିଶନ ସ୍ମାଇଲ୍‌ର ସିଇଓ କନ୍‌ରାଡ୍ ଜି. ଡେନିସ୍ ଗ୍ରହଣ ଖଣ୍ଡିଆ ଶିଶୁଙ୍କ ଚିକିତ୍ସା ସମ୍ପର୍କରେ ସୂଚନା ଦେଇ କହିଲେ, ଓଡ଼ିଶାରେ ଏବେ ୩ଟି କେନ୍ଦ୍ର(କଟକ, ବ୍ରହ୍ମପୁର ଓ ଭୁବନେଶ୍ୱର) ରହିଛି। କଟକସ୍ଥିତ କେନ୍ଦ୍ର ମାଧ୍ୟମରେ ପୂର୍ବ ଓଡ଼ିଶାରେ ଗ୍ରହଣ ଖଣ୍ଡିଆ ଚିକିତ୍ସା ସମ୍ପର୍କରେ ପ୍ରଚାର ପ୍ରସାର କରାଯାଇ ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ। ବିଶେଷ କରି ୬ମାସରୁ ୧ବର୍ଷ ବୟସର ଶିଶୁଙ୍କଠାରେ ଏଭଳି ସର୍ଜରି ଅତ୍ୟନ୍ତ ଫଳପ୍ରଦ ହୋଇଥାଏ। ମିଶନ ସ୍ମାଇଲ୍ ପକ୍ଷରୁ ଏବେ ସୁଦ୍ଧା ୨୦୨ ଜଣଙ୍କଠାରେ ସର୍ଜରି କରାଯାଇଛି। ତନ୍ମଧ୍ୟରୁ ଆସାମରେ ୭୫, ଝାଡ଼ଖଣ୍ଡରେ ୮୪ ଏବଂ ଓଡ଼ିଶାରେ ୮୪ ଜଣଙ୍କ ଗ୍ରହଣ ଖଣ୍ଡିଆ ସର୍ଜରି ହୋଇଯାଇଛି। କଟକ କେନ୍ଦ୍ରର ନିର୍ଦ୍ଦେଶକ ଡା. ଅଭିତୋଷ ଦେବତା ପ୍ରାରମ୍ଭିକ ସୂଚନା ଦେଇଥିଲେ। ମିଶନ ସ୍ମାଇଲ୍ ମାଧ୍ୟମରେ ଅନେକ ଗ୍ରହଣ ଖଣ୍ଡିଆ ଶିଶୁ ଆରୋଗ୍ୟ ଲାଭ କରିଥିବା ସେ ପ୍ରକାଶ କରିଥିଲେ।

# ଶୋଇପଡ଼ିଲେ ଫାଣ୍ଡି ଅଧିକାରୀ, ଚମ୍ପଟ ମାରିଲେ ଅଭିଯୁକ୍ତ

ଗୋପ,୧୫।୬
(ଭାରତୀ ଭୂଷଣ ଉପାଧ୍ୟାୟ)

- ବାହାରପଟୁ କବାଟ ଶିକୁଳି ଦେଇଦେଲେ
- ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ମା

ପୁରୀ ଜିଲା ଗୋପ ଥାନାର ନୟାହାଟ ଫାଣ୍ଡିରୁ ବୁଧବାର ଅପରାହ୍ନରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଫାଣ୍ଡି ଅଧିକାରୀ ଓ କର୍ମଚାରୀମାନେ ଶୋଇଥିବାବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ବାହାର ପଟୁ କବାଟରେ ଶିକୁଳି ଦେଇ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଫାଣ୍ଡି ଅନ୍ତର୍ଗତ ଧୁମାଳ ଗାଁର ଅଜୟ କୁମାର ଖଟୋଇ (୩୭)। ଏହି ଘଟଣା ପ୍ରଘଟ ହେବା ପରେ ପୁଅକୁ ଉଠାଇ ଆଣି ହତ୍ୟା କରାଯାଇଥିବା ନେଇ ଅଭିଯୁକ୍ତଙ୍କ ମା’ ଶୈଳବାଳା ଖଟୋଇ ଅଭିଯୋଗ କରିଛନ୍ତି। ପୋଲିସ ଏବେ ଫାଣ୍ଡିରୁ ଖସିଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ତେବେ ଅଭିଯୁକ୍ତଙ୍କୁ ପୋଲିସ କେମିତି ରଖିଥିଲା, ଖସିଯିବାବେଳେ ପୋଲିସ କିଭଳି ଜାଣିପାରିଲାନି, ନା ପୋଲିସ ଜାଣିଶୁଣି ଖସେଇ ଦେଲା ତାହା ଏବେ ପୋଲିସ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଅଭିଯୁକ୍ତ ଅଜୟଙ୍କ ନାମରେ ଗୋପ, ନୟାହାଟ ଓ ନିମାପଡ଼ା ସହିତ ଆଉ କେତେକ ଥାନା ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ମାମଲା ରହିଥିଲା। ତେଣୁ ସେ କିଛିଦିନ ହେବ ଫେରାର ମଧ୍ୟ ଥିଲେ। ତେବେ ଏବେ ସେ ଗାଁରେ ଥିବା ନେଇ ବିଶେଷସୂତ୍ରରୁ ପୋଲିସ ଜାଣିବା ପରେ ଧରିବା ପାଇଁ ବୁଧବାର ଭୋର୍ ସମୟରେ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନ ଓ ଆଉ କେତେଜଣ ପୋଲିସ କର୍ମଚାରୀ ଧୁମାଳ ଗାଁରେ ଥିବା ଘରେ ଚଢ଼ାଉ କରି ଅଭିଯୁକ୍ତ ଅଜୟଙ୍କୁ ଗିରଫ କରିଥିଲା। ଏହାପରେ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଚୋରି ହୋଇଥିବା ୩ଟି ମୋବାଇଲ ସହିତ ଆଉ କେତେକ ଚୋରି ସାମଗ୍ରୀ ଜବତ କରିଥିଲେ। ପରେ ପୋଲିସ ତାଙ୍କୁ ଆଣି ଫାଣ୍ଡିରେ ରଖି ପଚରାଉଚରା କରିଥିଲା। ହେଲେ ଅପରାହ୍ନ ପ୍ରାୟ ୩ଟା ସମୟରେ ଫାଣ୍ଡି ଅଧିକାରୀ ଓ ଅନ୍ୟ କର୍ମଚାରୀ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ କୌଶଳକ୍ରମେ ଫାଣ୍ଡିର ବାହାର ପଟୁ କବାଟରେ ଶିକୁଳି ଦେଇ ଚମ୍ପଟ ମାରିଥିଲେ। ଏହି ଖବର ଜଣାପଡ଼ିବା ପରେ ଅଭିଯୁକ୍ତଙ୍କ ମା ସହିତ ଆଉ କେତେଜଣ ମହିଳା ଫାଣ୍ଡିକୁ ଆସି ମୋ ପୁଅ କୁଆଡ଼େ ଗଲା ବୋଲି ପୋଲିସକୁ ପ୍ରଶ୍ନ କରିଥିବା ବେଳେ ପୁଅକୁ ମାରିଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସୂଚନା ଥାଉକି, ଏହି ଫାଣ୍ଡିରେ ୪ଟି ହାଜତ ରହିଛି। କିନ୍ତୁ ଏହି ସବୁ ହାଜତ ଘରେ ପୋଲିସ ରୋଷେଇ ଘର କରିଥିବା ବେଳେ ଖଟିଆ ପକାଇ ରହୁଥିବା ଜଣାପଡିଛି। ଜଣେ କୁଖ୍ୟାତ ଅପରାଧୀଙ୍କୁ ପୋଲିସ ଗିରଫ କରିବା ପରେ ହାଜତ ଭିତରେ ନ ରଖି ବାହାରେ କାହିଁକି ରଖିଲେ ସେନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହେଉଛି। ଅନ୍ୟପଟେ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କ ବଦଳି ହୋଇଯାଇଥିଲେ ମଧ୍ୟ କାହିଁକି ଫାଣ୍ଡିକୁ ଛାଡୁ ନାହାନ୍ତି ତାହା ମଧ୍ୟ ପୋଲିସ ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ପ୍ରସଙ୍ଗରେ ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ରଙ୍କୁ ପଚାରିବାରେ ଅଭିଯୁକ୍ତ ଖସିଯିବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ ହେଉଛି। ଅପରାଧୀ ବିରୋଧରେ ପୂର୍ବରୁ ମାମଲା ରହିଥିବାବେଳେ ଆଉ ଗୋଟିଏ ମାମଲା ରୁଜୁକରାଯାଇଛିବୋଲିକହିଥିଲେ।



ପୁଅକୁ ଖୋଜିବା ଦାବିରେ ଅଭିଯୁକ୍ତଙ୍କ ମା’ ଓ ପରିବାର ଲୋକେ ଫାଣ୍ଡିରେ ବସିଛନ୍ତି।

### ଡ୍ୟୁଟିରେ ଥିବା କନଷ୍ଟେବଲ ନିଲମ୍ବିତ

ନୟାହାଟ ଫାଣ୍ଡିରୁ କୁଖ୍ୟାତ ଅପରାଧୀ ଅଜୟ୍ ଖଟୋଇ ପୋଲିସକୁ ଶିକୁଳି ଦେଇ ଚମ୍ପଟ ମାରିଛନ୍ତି। ଏହି ଘଟଣା ସମ୍ପର୍କରେ ଜିଲା ଏସ୍‌ପି କନୱର ବିଶାଲ ସିଂ ଜାଣିବା ପରେ ଉକ୍ତ ଫାଣ୍ଡିରେ ଡ୍ୟୁଟିରେ ଥିବା କନଷ୍ଟେବଲ ରାଜନ ମିଞ୍ଜିଙ୍କୁ ଗୁରୁବାର ନିଲମ୍ବିତ କରିଛନ୍ତି। ବୁଧବାର ଫାଣ୍ଡିରୁ ଜଣେ ଅପରାଧୀ ଖସିଯିବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।




୧୫।୬।୨୦୨୩

| ୧,୬୮,୦୫୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୨୭ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ରଜ ମଉଜ, ସରସତୀ ମଣ୍ଡପ, ଅପରାହ୍ନ ୪ଟା।
- ସଂସ୍କାର ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ‘ଜୁଏଲ୍ସ ଅଫ୍ ଓଡ଼ିଶା’, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୪୫।
- ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମିଳନୀ ଆନୁକୂଲ୍ୟରେ ‘ରଜୋତ୍ସବ’, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ନୀଳାଚଳ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ‘ଉତ୍ସବ’, ଉତ୍କଳ ହାଇଟ୍‌ସ, ସନ୍ଧ୍ୟା ୭ଟା।

ବାଲିଅନ୍ତା
- ରଜ ମହୋତ୍ସବ ପାଳନ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ଭୁବନପୁର ମା’ ଉତ୍ତରମୁଖୀ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ରଜ ପର୍ବ ପାଳନ ଅବସରରେ ବାଦୀପାଲା ପରିବେଷଣ, ଗଡ଼-ନହରକଣ୍ଠା ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ ପଡ଼ିଆ, ରାତି ୭ଟା।


ପୁରୀର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥରେ ଲଗାଯିବାକୁ ଥିବା ଘୋଡାଗୁଡ଼ିକରେ ରଙ୍ଗ ଦିଆଯାଉଛି।

# ଶ୍ରୀମନ୍ଦିରରେ ପୂଜା ହେଲା ୮ କେଜିର ରୁପାପାଦୁକା

ପୁରୀ ୧୫।୬ (ଅଜିତ୍ ମହାନ୍ତି)

### ଅଯୋଧ୍ୟା ରାମ ମନ୍ଦିରରେ ସ୍ଥାପନ କରାଯିବ

ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରରେ ହାଇଦ୍ରାବାଦର ଜଣେ ଭକ୍ତଙ୍କ ଦ୍ୱାରା ରୁପାପାଦୁକା ସ୍ଥାପନ ହେବ। ସମ୍ପୃକ୍ତ ଭକ୍ତ ଶ୍ରୀନିବାସ ଶାସ୍ତ୍ରୀ ଏହି ରୁପାପାଦୁକା ପୂଜା କରିବା ପାଇଁ ଗୁରୁବାର ପୁରୀ ଶ୍ରୀମନ୍ଦିର ଆଣିଥିଲେ। ଅଯୋଧ୍ୟାରେ ସ୍ୱତନ୍ତ୍ର କୁଶଳୀ କାରିଗରଙ୍କ ଦ୍ୱାରା ଏହି ପାଦୁକା ନିର୍ମାଣ କରାଯାଇଛି। ଦେଶର ବିଭିନ୍ନ ତୀର୍ଥ ଓ ଧର୍ମସ୍ଥଳୀ ପରିଦର୍ଶନ କରି ଶାସ୍ତ୍ରୀ ପୁରୀରେ ଆସି ପହଞ୍ଚିଥିଲେ। ଅପରାହ୍ନରେ ସେ ଶ୍ରୀମନ୍ଦିର ଯାଇ ମନ୍ଦିର ପ୍ରଦକ୍ଷିଣ କରିବା ସହ ପାଦୁକା ପୂଜା କରିଛନ୍ତି। ଏହି ପାଦୁକାର ଓଜନ ୮ କେଜି ହୋଇଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ରୁପାରେ ତିଆରି ହୋଇଛି। ପାଦୁକାରେ ଶଙ୍ଖ, ଚକ୍ର, ଗଦା, ପଦ୍ମଚିହ୍ନ ସହ ନଖରେ ବିଭିନ୍ନ ପ୍ରକାର ମୂଲ୍ୟବାନ ପଥର ଲଗାଯାଇଛି। ପୁରୀରୁ ଫେରିବା ପରେ ସେ ରାମେଶ୍ୱର ସମେତ ଭାରତର ବିଭିନ୍ନ ତୀର୍ଥସ୍ଥାନ ପରିଦର୍ଶନ କରି ରୁପାପାଦୁକା ପୂଜା କରିବା ପରେ ପଦଯାତ୍ରାରେ ଯାଇ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଏହାକୁ ଅର୍ପଣ କରିବେ ବୋଲି ଶାସ୍ତ୍ରୀ କହିଛନ୍ତି।



# ୨ଜଣଙ୍କୁ ‘ଉତ୍କଳ ଶ୍ରୀ ସମ୍ମାନ’

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟ ଓ ଦିବ୍ୟ ଦିଗନ୍ତ ଅନୁଷ୍ଠାନ ପକ୍ଷରୁ ରଜ ସଂକ୍ରାନ୍ତି ଉତ୍ସବ ସହ ଅନୁଷ୍ଠାନର ୬ଷ୍ଠ ବାର୍ଷିକ ଉତ୍ସବ ଉତ୍କଳ ରଙ୍ଗମଞ୍ଚଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜ ପିଠା, ରଜ ପାନ, ଦୋଳି, ଦଉଡି ଡିଆଁ, ପୁଚି ଖେଳର ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ପ୍ରଥମଥର ପାଇଁ ଡ. ବିଦ୍ୟୁତ ଦାଶ ଓ ଡ. କୃଷ୍ଣକେଶବ ଷଡଙ୍ଗୀଙ୍କୁ ସମାଜ ସେବା ନିମନ୍ତେ ‘ଉତ୍କଳ ଶ୍ରୀ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜରେ ସମର୍ପିତ ଭାବ ନେଇ ଜନସାଧାରଣଙ୍କ ସେବାରେ କାର୍ଯ୍ୟ କରିଥିବା ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ‘ସେବା ରତ୍ନ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ସମ୍ପାଦକ ଡ. ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଡ. ଶ୍ୟାମାମଣି ଦେବୀ, ଡ. ଶାନ୍ତନୁ ରଥ, ନୀଳାଦ୍ରି ଶତପଥୀ, ଶାଶ୍ୱତୀ ମିଶ୍ର ପ୍ରମୁଖ ଯୋଗଦେଇ ରଜ ପର୍ବ ପାଳନ ବିଷୟରେ କହିଥିଲେ। ଟ୍ରଷ୍ଟ କୋଷାଧ୍ୟକ୍ଷ ଉମାନାଥ ମିଶ୍ର, ମନୋଜ କୁମାର ରାଉଳ, ଦିଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ ଏବଂ ଦିବ୍ୟ ଦିଗନ୍ତ ଅନୁଷ୍ଠାନର ସହ ପ୍ରତିଷ୍ଠାତା ଜୟ ପ୍ରକାଶ ମିଶ୍ର, ମମତା ବିଶାଳ, ଅଚ୍ୟୁତ ପ୍ରସାଦ ବେହେରା, ଲଳିତ ମୋହନ ଖୁଣ୍ଟିଆ,ଆଦର୍ଶ ପଟ୍ଟନାୟକ, ରାହୁଲ ପଲେଇ ଓ ସୋନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅର୍ଚ୍ଚନା


@ ରାକେଶ


@ ସନ୍ତୋଷ


@ ବାମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସମାଜ ପାଇଁ ସଚେତନ ନାଗରିକଙ୍କ ଆବଶ୍ୟକତା ରହିଛି

### ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସାମାଜିକ ପରିବର୍ତ୍ତନ କଥା ଭାବୁଥିବା ମଣିଷ ହିଁ ପ୍ରକୃତରେ ଯୁବା। ସମାଜ ପାଇଁ ଏବେ ଏମାନଙ୍କ ଭଳି ସଚେତନ ନାଗରିକଙ୍କ ଆବଶ୍ୟକତା ରହିଛି। କଥା କଥାରେ ଇଂଲିଶ କହିଦେଲେ ଆମେ ଭାବୁ ଆମ ଭାଷା ଅବହେଳିତ ହେଉଛି। କିନ୍ତୁ ଆମ ପିଲାମାନେ ଯଦି ଭଲରେ ଇଂଲିଶ କହି ଜାଣନ୍ତେ, ତା’ହେଲେ ବାହାରେ ଆଗେଇ ପାରନ୍ତେ ବୋଲି ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ କହିଛନ୍ତି। ଗୁରୁବାର ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ମଣ୍ଡପଠାରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଥାଗତ କହିଲେ, ଛୋଟଘରୁ ସବୁବେଳେ ବିପ୍ଳବ ଆରମ୍ଭ ହୋଇଛି। ଏହି ଛୋଟଘରୁ ହିଁ ଭାଷା ପାଇଁ ସାମାଜିକ ପରିବର୍ତ୍ତନ ପାଇଁ ବିପ୍ଳବ ହେବା ଆବଶ୍ୟକ। ଏଥିପାଇଁ ଆମେମାନେ ଆଗେଇ ଆସିବା ଦରକାର। ଉତ୍କଳ ସମ୍ମିଳନୀର ଇତିହାସ ସମ୍ପର୍କରେ ସମସ୍ତଙ୍କୁ ଜଣାଅଛି। ସମ୍ମିଳନୀ ତାହାର ଉଦ୍ଦେଶ୍ୟ ପୂରଣ କରିବାରେ ସକ୍ଷମ ହେଉ ବୋଲି ସେ କହିଛନ୍ତି।

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ଏହି ପତ୍ରିକା ଓଡ଼ିଶାର ସମସ୍ତ ବିଚ୍ଛିନ୍ନାଞ୍ଚଳ ସହ ପ୍ରବାସୀ ଓଡ଼ିଆଙ୍କ ପାଖରେ ମାଗଣାରେ ପହଞ୍ଚିବ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା କୃପାସିନ୍ଧୁ ସାହୁ ଓ ପ୍ରଫେସର ଡ. ଜୟନ୍ତ କୁମାର ପରିଡା ଯୋଗଦେଇ ଉତ୍କଳ ସମ୍ମିଳନୀର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସ, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ସଂସ୍କୃତି ବିଭାଗର ଅବସରପ୍ରାପ୍ତ ଅନୁସଚିବ ଲକ୍ଷ୍ମୀଧର ବେହେରା, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ ଜେଠୀଙ୍କ ସହିତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।



ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚନ ଅବସରରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ, ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା ଓ ଅନ୍ୟମାନେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା।

### ‘ଫକୀରମୋହନ ସେନାପତି: ଦ ମେକିଂ ଅଫ୍ ଆନ୍ ଅଥର’ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଉତ୍ସବ ଅବସରରେ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଦେବେନ୍ଦ୍ର କୁମାର ଦାଶ ଓ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ରଚିତ ‘ଫକୀରମୋହନ ସେନାପତି: ଦ ମେକିଂ ଅଫ୍ ଆନ୍ ଅଥର୍’ ପୁସ୍ତକ ରାଜ୍ୟ ସଂଗ୍ରହାଳୟରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମାଲୋଚକ ଓ ଅନୁବାଦକ ହିମାଂଶୁ ମହାପାତ୍ର, ଶିକ୍ଷାବିତ୍ ଅଭିରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକର ସହ-ଲେଖକ ଦୀପ୍ତିରଞ୍ଜନ ପଟ୍ଟନାୟକ ପୁସ୍ତକ ପ୍ରସ୍ତୁତିକାଳୀନ ଦୀର୍ଘ ଅଙ୍ଗେଲିଭା କଥା, ପୁସ୍ତକର ମୌଳିକ ଉଦ୍ଦେଶ୍ୟ ବଖାଣିଥିଲେ। ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ସଭା ସଂଯୋଜନା କରିଥିବାବେଳେ ବିଦ୍ୟାପୁରୀ ପ୍ରକାଶନୀର ପ୍ରକାଶକ ଜୀବାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଡ଼ିଆଙ୍କ ପସନ୍ଦର ରିଆଲିଟି ଶୋ ‘ରଜ କୁଇନ୍’

ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଏଥର ଓଡ଼ିଶା ଟେଲି ଦୁନିଆର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ’ ହୋଇଛି ଜୀ ସାର୍ଥକର ‘ରଜ କୁଇନ୍ ଉଡିଯା ଆକାଶଟା ତୋର...’। ରାଜ୍ୟ ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ଲୋକପ୍ରିୟ ରିଆଲିଟି ଶୋ ଏପ୍ରିଲ ୨୨ରୁ ଆରମ୍ଭ ହୋଇ ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହୋଇଆସୁଛି। ୧୧ ବର୍ଷରେ ପଦାର୍ପଣ କରୁଥିବା ଜୀ-ସାର୍ଥକର ଏହି ରିଆଲିଟି ଶୋ’ ବହୁ ବିଜେତା ଓ ପ୍ରତିଯୋଗୀଙ୍କ ଭବିଷ୍ୟତ ଗଢିବାରେ ଏକ ପ୍ରମୁଖ ମାଧ୍ୟମ ହୋଇପାରିଛି। ଏଥର ମଧ୍ୟ ବହୁତ ବଡ଼ ଆକାରରେ ଆରମ୍ଭ ହୋଇଥିବା ‘ରଜ କୁଇନ୍’ ଗାଲା ରାଉଣ୍ଡରେ ପହଞ୍ଚିଛି। ପ୍ରତିଯୋଗୀମାନେ ଗୀତ ଗାଇବା ରାଉଣ୍ଡରେ ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଏହି ପ୍ରତିଯୋଗିତା ଶେଷ ପର୍ଯ୍ୟାୟରେ ଉପନୀତ ହେବ। ତେଣୁ ଏବେ ଆରମ୍ଭ ହେବାକୁ ଯାଉଛି ଏଲିମିନେଶନ ରାଉଣ୍ଡ୍। ଏହି ରିଆଲିଟି ଶୋ’ର ପ୍ରମୁଖ ଆକର୍ଷଣ ସାଜିଥିବା ଓଡିଆ ସିନେମା ଜଗତର ୩ଜଣ ଲୋକପ୍ରିୟ କଳାକାର ସିଦ୍ଧାନ୍ତ ମହାପାତ୍ର, ଏଲିନା ସାମନ୍ତରାୟ ଓ ଶ୍ରୀତମ ଦାସଙ୍କ ପରି ବିଚାରକମାନେ ପ୍ରତିଯୋଗୀଙ୍କୁ ସେମାନଙ୍କ ଦକ୍ଷତା ଅନୁଯାୟୀ ପରଖି ପରବର୍ତ୍ତୀ ରାଉଣ୍ଡକୁ ନେବେ। କାର୍ଯ୍ୟକ୍ରମ ସମ୍ପର୍କରେ ଜୀ-ସାର୍ଥକର ଚିଫ୍ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ୍ ପ୍ରତୀକ ସିଲ କହିଛନ୍ତି, ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇ ‘ରଜ କୁଇନ୍’ ଏଥର ବହୁଳ ଭାବରେ ଲୋକାଦୃତ ହୋଇଛି। ବରିଷ୍ଠ ସିନେ ଆର୍ଟିଷ୍ଟମାନେ ଏଥର ଜଜ୍ ହୋଇଥିବାବେଳେ ମେଣ୍ଟର୍ସଙ୍କ ମଧ୍ୟରେ ଅଛନ୍ତି ମେଗା ଧାରାବାହିକ ‘ଖୁସିର ଛୁଙ୍କ’ର ଖୁସି , ‘ମୁଁ ବି ବିଜୟିନୀ’ର ସ୍ତୁତି , ‘ଝିଲ୍ଲୀ’ର ଝିଲ୍ଲୀ ଓ ‘ସାଥିରେ’ର ଧାରା।



## ଅଂଶୁଘାତରେ ଯୁବଚାଷୀଙ୍କ ମୃତ୍ୟୁ ଅଭିଯୋଗ

ସୋନପୁର,୧୫।୬(ମୃତ୍ୟୁଞ୍ଜୟ ଶତପଥୀ ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଖୁଣ୍ଟୁଲାପାଲି ଗ୍ରାମର ଯୁବଚାଷୀ କୀର୍ତ୍ତିଚନ୍ଦ୍ର ପଧାନ(୩୬)ଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । କୋଟସମଲାଇ ପଞ୍ଚାୟତ ଖୁଣ୍ଟୁଲାପାଲି ଗ୍ରାମର କୀର୍ତ୍ତିଚନ୍ଦ୍ର ବୁଧବାର ମଧ୍ୟାହ୍ନରେ ଜମିରେ ରବି ଧାନ ଅମଳ କାମରେ ନିୟୋଜିତ ଥିଲେ । ପ୍ରଚଣ୍ଡ ଖରା ଯୋଗୁ ସେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ସଂକ୍ଷେପରେ

### ଇଗ୍ନୁରେ ୪ ନୂଆ ଏମ୍ଏସ୍ସି ପାଠ୍ୟକ୍ରମ ପାଇଁ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର,୧୫।୬ (ଅନୁରାଧା ମହାରଣା) - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଚଳିତବର୍ଷରୁ ଏମ୍ଏସ୍ସିରେ ୪ଟି ନୂତନ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଉକ୍ତ ପାଠ୍ୟକ୍ରମଗୁଡିକ ହେଲା ଭୂଗୋଳ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍, ପଦାର୍ଥ ବିଜ୍ଞାନ ଓ ଜିଓଇନ୍ଫରମେଟିକ୍ସ। ଏହି ସମସ୍ତ ପାଠ୍ୟକ୍ରମ ସାରା ଦେଶରେ ବିଭିନ୍ନ ଷ୍ଟଡ଼ି ସେଣ୍ଟର ମାଧ୍ୟମରେ ପ୍ରଦାନ କରାଯିବ। ତେବେ ଏଥିରେ ନାମଲେଖା ଲାଗି ଜୁନ୍ ୩୦ ମଧ୍ୟରେ ଆବେଦନ କରିପାରିବେ ବୋଲି ଇଗ୍ନୁ ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏମ୍ଏସ୍ସି ଭୂଗୋଳରେ ନାମ ଲେଖାଇବା ପାଇଁ ଆବେଦନକାରୀ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଏହି ପାଠ୍ୟକ୍ରମର ଅବଧି ୨ବର୍ଷ ହୋଇଥିବାବେଳେ ଏହା ୪ବର୍ଷ ଯାଏ ବୈଧ ରହିବ। ଷ୍ଟାଟିଷ୍ଟିକ୍ କିମ୍ବା ଗଣିତରେ ସ୍ନାତକ କରିଥିବା ଛାତ୍ରୀଛାତ୍ର ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ରେ ଏମ୍ଏସ୍ସି ପାଇଁ ଆବେଦନ କରିପାରିବେ। ପଦାର୍ଥ ବିଜ୍ଞାନରେ ଏମଏସ୍ସି କରିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ର ପଦାର୍ଥ ବିଜ୍ଞାନ ସମ୍ମାନରେ ସ୍ନାତକ କରିଥିବା ଆବଶ୍ୟକ। ସେହିଭଳି ଜିଓଇନଫରମେଟିକ୍ସରେ ନାମ ଲେଖାଇବା ପାଇଁ ବିଏସ୍ସି ଇଞ୍ଜିନିୟରିଂ, ଆର୍କିଟେକ୍ଚର, ପ୍ଲାନିଂ, କମ୍ପ୍ୟୁଟର ଆପ୍ଲିକେଶନ, ଇନ୍ଫରମେଶନ ଟେକ୍ନୋଲୋଜି ମଧ୍ୟରୁ ଯେକୌଣସି ଗୋଟିଏରେ ସ୍ନାତକ କରିଥିବା ଆବଶ୍ୟକ।

### ଜାମଶେଦପୁର ଏୟାରଲିଫ୍ଟ ହେଲେ ୮ ଗୁରୁତର

#### ଟାଟା ଷ୍ଟିଲ୍ ଦୁର୍ଘଟଣା ମାମଲା

ଢେଙ୍କାନାଳ,୧୫।୬(ରତନ ନାୟାର): ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟରେ ଗତ ୧୩ ତାରିଖରେ ଷ୍ଟିମ୍ ପାଇପ ଲାଇନ୍ ଲିକ୍ ହୋଇ ଉତ୍ତପ୍ତ ଗ୍ୟାସ୍ ନିର୍ଗମନ ହେବାରୁ ୧୯ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତନ୍ମଧ୍ୟରୁ ୮ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଗୁରୁବାର ଜାମସେଦପୁରସ୍ଥିତ ଟାଟାର ମୁଖ୍ୟ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ସେମାନଙ୍କୁ ସ୍ୱତନ୍ତ୍ର ବର୍ନକେୟାର ୟୁନିଟ୍ରେ ଚିକିତ୍ସା କରାଯାଉଛି। ସେହିପରି ଦୁର୍ଘଟଣା ପରେ ଆତଙ୍କିତ ହୋଇ ତଳକୁ ଖସିପଡ଼ି କାହ୍ନୁ କାଳିଆ ନାମକ ଜଣେ କର୍ମଚାରୀ କ୍ଷତାକ୍ତ ହୋଇଥିଲେ। ସୁସ୍ଥ ହେବା ପରେ ତାଙ୍କୁ ଡିସ୍ଚାର୍ଜ କରାଯାଇଛି। ଅପରପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ, ରାଜ୍ୟ ସରକାର ବିଭିନ୍ନ ବିଭାଗର ଅଧିକାରୀ ଦୁର୍ଘଟଣାସ୍ଥଳରେ ତଦାରଖ କରିଛନ୍ତି। ଏଥିସହ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ଟାଟା ଷ୍ଟିଲ୍ର ଅଧିକାରୀ ଆହତ କର୍ମଚାରୀଙ୍କ ପରିବାର ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ସେମାନଙ୍କୁ ନିୟମିତ ସୂଚନା ଓ ସହାୟତା ଯୋଗାଇ ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### ଫେରାର ଥିବା ଆଉ ଜଣେ ଅଭିଯୁକ୍ତ ଗିରଫ

#### ସାମାଜିକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ଭୁବନେଶ୍ୱର,୧୫।୬, (ସୂର୍ଯ୍ୟକାନ୍ତ ବେହେରା): ସାମାନ୍ୟ କଥାକୁ ନେଇ ଜଣେ ସାମାଜିକ କର୍ମୀଙ୍କୁ ଚେୟାରରେ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ଆଉଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲାର ସନ୍ତୋଷ କୁମାର ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଏପ୍ରିଲ ୨୩ରେ ସାମାଜିକ କର୍ମୀ ଜଣକ ତାଙ୍କର ଜଣେ ସହକର୍ମୀଙ୍କ ସହ ଏକାମ୍ର ହାଟରେ ଥିବା ଏକ ହୋଟେଲକୁ ମଧ୍ୟାହ୍ନ ଭୋଜନ ଲାଗି ଯାଇଥିଲେ। ସେଠାରେ ପୂର୍ବରୁ କେତେଜଣ ଯୁବତୀଯୁବକ ମଧ୍ୟ ବସିଥିଲେ। ହେଲେ ସେମାନେ ଉଠିଯିବା ସମୟରେ ଏକ ଚେୟାର ସାମାଜିକ କର୍ମୀଙ୍କ ଗୋଡରେ ବାଜିବାରୁ ସେ ଦେଖିକି ଯିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ସାମାଜିକ କର୍ମୀ ଓ ତାଙ୍କ ସହକର୍ମୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଚେୟାର ଉଠାଇ ବାରମ୍ବାର ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସାମାଜିକ କର୍ମୀ ଜଣକ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅଭିଯୋଗପରେ, ଖାରବେଳନଗର ଥାନା ପୋଲିସ ମାମଲାର ତଦନ୍ତ କରିବା ସହିତ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏହି ଘଟଣାରେ ବ୍ୟବହୃତ ଏକ କାରକୁ ମଧ୍ୟ ଜବତ କରିଥିଲା।

# ରାସ୍ତାରେ ପାର୍କିଂରୁ ବଢୁଛି ଦୁର୍ଘଟଣା

## କୋହଳ ମନୋଭାବରୁ ଅସ୍ଥାୟୀ ପାର୍କିଂ ପାଇଁ ଚିହ୍ନଟ ହେଉନାହିଁ ଜମି

- ରାସ୍ତାକଡ଼ରେ ଦୀର୍ଘ ସମୟ ଠିଆ ହେଉଛି ଭାରିଯାନ
- ଜିଲା ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି
- ମନ୍ଥର ଗତିରେ ଚାଲିଛି ବଲାଙ୍ଗୀର ଏନ୍ଏଚ୍, ପିଡବ୍ଲ୍ୟୁଡି ବାଇପାସ୍ କାମ

ବଲାଙ୍ଗୀର, ୧୫।୬
(ବୀରେନ୍ଦ୍ର ଝାଙ୍କର)

ବଲାଙ୍ଗୀର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସହର ଉପକଣ୍ଠ ବୀରମୁଣ୍ଡା ଛକ ନିକଟରେ ମଙ୍ଗଳବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ ପୁଣି ଥରେ ବଲାଙ୍ଗୀର ବାଇପାସ୍ ନିର୍ମାଣ ପ୍ରସଙ୍ଗ ଆଲୋଚନାର ବିଷୟ ହୋଇଛି। ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନ ଥିବାରୁ ଭାରିଯାନଗୁଡିକ ଯିବା ଆସିବା କରିବାରେ ଅସୁବିଧା ହେଉଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇଛି। ବଲାଙ୍ଗୀରବାସୀ ବାଇପାସ୍ ରାସ୍ତା ତିଆରି ପାଇଁ ବାରମ୍ବାର ଦାବି ଓ ଆନ୍ଦୋଳନ କରିଆସିଛନ୍ତି। ଦୀର୍ଘବର୍ଷର ବ୍ୟବଧାନ ପରେ ବଲାଙ୍ଗୀର-ଭବାନୀପାଟଣା ରାସ୍ତାରେ ଏନ୍ଏଚ୍ ବାଇପାସ୍ ଏବଂ ବଲାଙ୍ଗୀର-ପାଟଣାଗଡ଼ ରାସ୍ତାରେ ପିଡବ୍ଲ୍ୟୁଡି ବାଇପାସ୍ ରାସ୍ତା କାମ ଆରମ୍ଭ ହୋଇଛି। ତେବେ ଏହି ଦୁଇ ବାଇପାସ୍ ରାସ୍ତା କାମ ମନ୍ଥର ଗତିରେ ଚାଲିଛି। ବାଇପାସ୍ ରାସ୍ତା ତିଆରି ହୋଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନହାନି ପରେ ବଲାଙ୍ଗୀରବାସୀଙ୍କ ଦାବିକୁ ଗ୍ରହଣ କରି ଜିଲା ପ୍ରଶାସନ ସକାଳ ୬ଟାରୁ ରାତି ୧୧ଟା ମଧ୍ୟରେ ବଲାଙ୍ଗୀର ସହର ଭିତରକୁ ଭାରିଯାନ ପ୍ରବେଶ ଉପରେ ନିଷେଧାଜ୍ଞା ଜାରି କରିଛି। ଅର୍ଥାତ୍ ରାତି ୧୧ଟାରୁ ୬ଟା ମଧ୍ୟରେ ଭାରୀଯାନଗୁଡିକ ବଲାଙ୍ଗୀର ସହର ମଧ୍ୟଦେଇ ଯିବା ଆସିବା କରୁଛି। ଫଳରେ ସହର ଉପକଣ୍ଠରେ ଭାରିଯାନଗୁଡିକର ଲମ୍ବାଲାଇନ୍ ଲାଗୁଛି। ରାସ୍ତାର ଉଭୟ କଡରେ ଭାରିଯାନଗୁଡିକର ଲମ୍ବାଲାଇନ୍ ଯୋଗୁ ସହର ଉପକଣ୍ଠରେ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଘଟୁଛି। ଗତ ମଙ୍ଗଳବାର ରାତିରେ ବଲାଙ୍ଗୀର-ବରଗଡ ଜାତୀୟ ରାଜପଥ କଡରେ ଠିଆ ହୋଇଥିବା ଏଭଳି ଏକ ଭାରିଯାନରେ କାର୍ ପିଟି ହୋଇ ୫ ଜଣଙ୍କ ଜୀବନ ଦୀପ ଲିଭି ଯାଇଥିଲା।

ସହର ଉପକଣ୍ଠ ଭାରିଯାନ ସମ୍ପର୍କିତ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଏଡାଇବା ପାଇଁ ଜିଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଗତ ଜାନୁୟାରୀ ୧୧ତାରିଖରେ ଜିଲାସ୍ତରୀୟ ବୈଠକ ବସିଥିଲା। ଉକ୍ତ ବୈଠକରେ ସହର ଉପକଣ୍ଠ ଭିରୀଯାନ ସମ୍ପର୍କିତ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ପ୍ରସଙ୍ଗ ଉଠିବା ପରେ କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଥିଲେ। ସମସ୍ୟାର ସମାଧାନ ପାଇଁ ବଲାଙ୍ଗୀର-ବରଗଡ଼-ଭାବାନୀପାଟଣା ୨୬ନମ୍ବର ଏବଂ ବଲାଙ୍ଗୀର-ସୋନପୁର ୫୭ନମ୍ବର ଜାତୀୟ ରାଜପଥ କଡ ସରକାରୀ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜମିରେ ଭାରୀଯାନଗୁଡିକର ଅସ୍ଥାୟୀ ପାର୍କିଂ କରାଯିବ ବୋଲି ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ରାସ୍ତା ଓ କୋଠା ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ତହସିଲଦାରଙ୍କ ସହ ଏଦିଗରେ ଆଲୋଚନା କରିବାକୁ କହିଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍ଟିଓ)ଚାରିଚକିଆ ଗାଡିଗୁଡିକର ହାଲୋଜେନ୍ ଲାଇଟ୍ ଏବଂ କ୍ଷିପ୍ରତା ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏଭଳି ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ନାୟକଙ୍କୁ ପଚାରିବାରୁ ପାର୍କିଂସ୍ଥଳ ପାଇଁ ଉପଯୁକ୍ତ ଜମି ଖୋଜା ଚାଲିଛି ବୋଲି କହିଛନ୍ତି।

# କ୍ୟାନ୍ସର ରୋଗୀଙ୍କ ପାଇଁ କେଶ ଦାନକଲେ ସ୍ମୃତିସୁଧା

ଭୁବନେଶ୍ୱର,୧୫।୬
(ଶର୍ମିଷ୍ଠା ପାଣିଗ୍ରାହୀ)


ସ୍ମୃତିସୁଧା ସାହୁ

କ୍ୟାନ୍ସର ହେଲେ କେଶ ଝଡ଼ିବା ସମସ୍ୟା ଦେଖାଯାଇଥାଏ। ବିଶେଷକରି କେମୋ ଥେରାପି ସମୟରେ ପ୍ରବଳ ମାତ୍ରାରେ କେଶ ଝଡ଼ିଥାଏ। ଯେଉଁ ଝିଅମାନେ ତାଙ୍କ କେଶକୁ ଅଧିକ ଭଲ ପାଉଥିବେ ଏହି ସମୟରେ କେଶ ଝଡ଼ିବାଠୁ ବଡ଼ କଷ୍ଟ ସେମାନଙ୍କ ପାଇଁ ଆଉ କିଛି ନୁହେଁ। ଯଦି ମୋ କେଶ ଦାନ ଦ୍ୱାରା ଆଉ ଜଣଙ୍କ ମୁହଁରେ ହସ ଫୁଟି ପାରିବ, ତା'ହେଲେ ସେ ଖୁସିଠୁ ବଡ଼ ଖୁସି ମୋ ପାଇଁ କିଛି ନାହିଁ ବୋଲି ସ୍ମୃତିସୁଧା ସାହୁ କହିଛନ୍ତି। କ୍ୟାନ୍ସର ପୀଡିତଙ୍କୁ ନିଜ କେଶ ଦାନ କରିବା ପରେ ସେ ଏପରି ଖୁସି ବ୍ୟକ୍ତ କରିଛନ୍ତି।

ବୟସ ୨୪ବର୍ଷ। ଘର କୋରାପୁଟ ଜିଲାରେ। ସବୁ ଝିଅଙ୍କ ପରି ତାଙ୍କର ମଧ୍ୟ କେଶ ପସନ୍ଦ। କିନ୍ତୁ ଆଜି କ୍ୟାନ୍ସର ପୀଡିତଙ୍କ ଖୁସିର କାରଣ ସାଜିଛନ୍ତି ସ୍ମୃତିସୁଧା। ସେ କହିଛନ୍ତି, ଏହି କାମ କରିବା ପାଇଁ ତାଙ୍କ ବାପା ଗୋଲକ ବିହାରୀ ସାହୁ ଓ ମା ପ୍ରଭାତି ସାହୁ, ଘନିଷ୍ଠ ବନ୍ଧୁ ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରେରଣା ଯୋଗାଇଛନ୍ତି। ସେ ବି.ଏଡ୍ ଶେଷ କରିବା ପରେ ଏବେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହି ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଗତ ୧୦ ତାରିଖରେ ସେ କ୍ୟାନ୍ସର ପୀଡିତଙ୍କ ପାଇଁ କାର୍ଯ୍ୟ କରୁଥିବା ସୋପଭା ଫାଉଣ୍ଡେଶନକୁ ତାଙ୍କ କେଶ ଦାନ କରିଛନ୍ତି। କେଶ ଦାନ କରିବାକୁ ବି ପଇସା ଲାଗିଥାଏ। ମାତ୍ର ସେ ଏମିତି ଏକ ପ୍ଲାଟଫର୍ମ ଖୋଜୁଥିଲେ ଯେଉଁଠି ମୁକ୍ତ ଭାବେ କେଶ ଦିଆଯାଇପାରିବ। ତେଣୁ ସେ ସମ୍ପୂର୍ଣ୍ଣ ଲଣ୍ଡା ହୋଇ ତାଙ୍କ କେଶକୁ କ୍ୟାନ୍ସର ପୀଡିତଙ୍କ ଲାଗି ଉକ୍ତ ଫାଉଣ୍ଡେଶନକୁ ଦାନ କରିଛନ୍ତି। ଏ ନେଇ ସ୍ମୃତିସୁଧାଙ୍କ ମାଉସୀ ହେନା ସ୍ୱାଇଁ କହିଛନ୍ତି, ଏଭଳି ଝିଅ ମିଳିବା କଷ୍ଟ। ଯେଉଁ ଝିଅ ତା' କେଶ ପାଇଁ ଗର୍ବ କରେ, ସେ ଆଜି ଆଉ କାହା ମୁହଁରେ ହସ ଫୁଟାଇ ପାରୁଛି। ଆମେ ମଧ୍ୟ ସେମାନଙ୍କ ଉଦ୍ଦେଶ୍ୟରେ ଆମ କେଶ ଦାନ କରିବୁ। ଆମ ସାହି ପଡିଶାର ଲୋକମାନେ ମଧ୍ୟ ସ୍ମୃତିସୁଧା ପାଇଁ ଖୁସି ବ୍ୟକ୍ତ କରୁଥିବା ସେ କହିଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନିଟ୍ ମେଧାବୀ

ଭୁବନେଶ୍ୱର,୧୫।୬ (ଅନୁରାଧା ମହାରଣା)

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ୟୁଜି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରୁଥିବା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ୩ଜଣ ବିଦ୍ୟାର୍ଥୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ସେମାନେ ହେଲେ ସର୍ବଭାରତୀୟ ସ୍ତରରେ ୮ମ ର୍ୟାଙ୍କ୍ରେ ରହିବା ସହ ରାଜ୍ୟ ଟପ୍ପର ହୋଇଥିବା ଛାତ୍ର ସ୍ୱୟଂଶକ୍ତି ତ୍ରିପାଠୀ, ୩୫ତମ ସର୍ବଭାରତୀୟ ର୍ୟାଙ୍କ୍ ସହ ରାଜ୍ୟରେ ଦ୍ୱିତୀୟ ହୋଇଥିବା ସୂର୍ଯ୍ୟପ୍ରତାପ ମିଶ୍ର ଓ ସର୍ବଭାରତୀୟ ସ୍ତରରେ ୬୩ତମ ସ୍ଥାନରେ ରହିବା ସହ ରାଜ୍ୟର ତୃତୀୟ ଟପ୍ପର ଅଭିପ୍ସା ଚୌଧୁରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସାକ୍ଷାତ ସମୟରେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଉପସ୍ଥିତ ଥିଲେ।

# ପ୍ରାକୃତିକ ସମ୍ପଦ ଉପରେ ସମସ୍ତଙ୍କ ଅଧିକାର ଅଛି: ବିଶ୍ୱଭୂଷଣ

ଭୁବନେଶ୍ୱର, ୧୫।୬(ସୁନିତ୍ ମିଶ୍ର)

ବିଶ୍ୱ ମାନବିକ ଅଧିକାର ସୁରକ୍ଷା ସଂସ୍ଥା ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ 'ମାଟି, ମା' ଓ ମଣିଷର ସୁରକ୍ଷା ପାଇଁ ମାନବିକ ଅଧିକାର' ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଛନ୍ତି। ଏହି ଅବସରରେ ବିଶ୍ୱଭୂଷଣ କହିଛନ୍ତି, ମାଟି, ମା', ବନ, ଲତା, ପାହାଡ଼, ନଦୀ ଆଦି ପ୍ରାକୃତିକ ସମ୍ପଦ ଉପରେ ସମସ୍ତଙ୍କ ଅଧିକାର ଅଛି। ଏହି ଅଧିକାରକୁ କିଏ କାହାକୁ ଦିଏ ନାହିଁ, ଅଧିକାର ସାବ୍ୟସ୍ତ କରିବାକୁ ପଡ଼େ। କେବଳ ପୀଡ଼ିତ, ଦଳିତ, ନିଷ୍ପେଷିତ ମାନବିକ ଅଧିକାରରୁ ବଞ୍ଚିତ ହେଉନାହାନ୍ତି ବରଂ ଆମର ଚତୁଃପାର୍ଶ୍ୱରେ ଥିବା ପ୍ରାଣୀ ସମ୍ପଦ, ଜଙ୍ଗଲ ସମ୍ପଦ, ଜଳ ସମ୍ପଦ ଆଦି ଅପବ୍ୟୟିତ ଓ ପ୍ରଦୂଷିତ ହେଉଛି। ଆମ ଚତୁଃପାର୍ଶ୍ୱରୁ ଦିନକୁ ଦିନ ଗଛଲତା ଆଦି ହ୍ରାସ ପାଇବାରେ ଲାଗିଛି ଯାହାର ପ୍ରଭାବ ଏବେ ଆମ ଉପରେ ପଡ଼ିବାରେ ଲାଗିଛି। ବର୍ତ୍ତମାନ ପୃଥିବୀର ଉତ୍ତାପ ଯେଉଁଭଳି ବୃଦ୍ଧି ପାଉଛି ତାହା ବିଶ୍ୱବାସୀଙ୍କୁ ଚିନ୍ତିତ କରିଛି। ଉତ୍ତାପ ବୃଦ୍ଧି ଯୋଗୁ ପ୍ୟାରିସ୍ରେ ଅନୁଷ୍ଠିତ କନ୍କ୍ଲେଭରେ ପୃଥିବୀର ଉତ୍ତାପକୁ ୨ ଶତକଡ଼ା କମାଇବା ପାଇଁ ବିଶ୍ୱର ସବୁ ଦେଶ ଯଦିଓ ରାଜି ହୋଇଥିଲେ କିନ୍ତୁ ତାହା ପାଳନ କଲେନାହିଁ। ମାଟି, ମା', ମଣିଷ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଆମର ପରମ ଦାୟିତ୍ୱ ଓ ଏହା ଆମର ଅଧିକାର। ଏହାକୁ ହାସଲ କରିବା ପାଇଁ ମୁହଁ ଖୋଲିବା ସହ ପ୍ରତିବାଦ ଏବଂ ଲଢ଼େଇ ଆବଶ୍ୟକ ବୋଲି ବିଶ୍ୱଭୂଷଣ କହିଛନ୍ତି।

# ୨୪ ଘଣ୍ଟା ପରେ ବି ମିଳିଲାନି ପରିଚୟ

## ଥାନା ସମ୍ମୁଖ ଝୁମ୍ପୁଡ଼ିରୁ ଯୁବକଙ୍କ ରକ୍ତାକ୍ତ ମୃତଦେହ ମିଳିବା ଘଟଣା

ଭୁବନେଶ୍ୱର,୧୫।୬
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ସାମ୍ନାରେ ଥିବା ଏକ ଝୁମ୍ପୁଡି ଭିତରୁ ବୁଧବାର ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ଇତିମଧ୍ୟରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ପୋଲିସ ଉକ୍ତ ଯୁବକଙ୍କ ପରିଚୟ ପାଇପାରି ନାହିଁ। ଏପରିକି ମୃତଦେହର କୌଣସି ଦାବିଦାର ମଧ୍ୟ ଥାନାରେ ଅଭିଯୋଗ କରିନାହାନ୍ତି। ଅପରପକ୍ଷରେ ମୃତ୍ୟୁର କାରଣ ଜାଣିବା ପାଇଁ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖାଯାଇଛି। ପୋଲିସ ଟିମ୍ ମୃତ ଯୁବକଙ୍କ ପରିଚୟ ପାଇବା ପାଇଁ ସ୍ଥାନୀୟ ଡ୍ରାଇଭର ଓ ଦୋକାନୀମାନଙ୍କୁ ପଚରାଉଚରା କରୁଛି। ଏପରିକି ଯୁବକଙ୍କ ଫଟୋ ଦେଖାଇ ଆଖପାଖ ବସ୍ତି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ପଚରାଉଚରା କରୁଛି। ହେଲେ ଏପର୍ଯ୍ୟନ୍ତ ମୃତ ଯୁବକଙ୍କ ସମ୍ପର୍କରେ କିଛି ବି ସୂଚନା ମିଳିପାରୁ ନ ଥିବାରୁ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଥାନା ନିକଟରେ ଟ୍ରକ୍ ପାର୍କିଂ କରୁଥିବା ଡ୍ରାଇଭର ଓ ହେଲ୍ପରମାନେ ରାସ୍ତା କଡ଼ରେ ଏକ ଅସ୍ଥାୟୀ ଝୁମ୍ପୁଡ଼ି ଘର ନିର୍ମାଣ କରିଛନ୍ତି। ସେଠାରେ ସେମାନେ ବସାଉଠା କରିଥାନ୍ତି। ଉକ୍ତ ଘରେ ଏକ ପ୍ଲାଇ ଓ ବାଉଁଶ ଦ୍ୱାରା ହୋଇଥିବା ଅସ୍ଥାୟୀ ଟେବୁଲ ଉପରେ ଯୁବକ ଜଣକ ରକ୍ତାକ୍ତ ଅବସ୍ଥାରେ ଶୋଇଥିବା ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଲୋକେ ଦେଖିବାକୁ ପାଇଥିଲେ। ସେ ଏକ ଫୁଲ୍ ସ୍ପୋର୍ଟ୍ସ ପ୍ୟାଣ୍ଟ ପିନ୍ଧିଥିବାବେଳେ ମୁଣ୍ଡ ତଳେ ଏକ ଗାମୁଛା ଥିଲା। ଏଥିସହ ଏକ ନାଲି ବାନିଅନ୍ ତାଙ୍କ ମୁଣ୍ଡ ଉପରେ ଘୋଡ଼ା ହୋଇଥିଲା। ଲୋକମାନେ ତାଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ଯୁବକଙ୍କ ମୁହଁରୁ ରକ୍ତ ଝରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ଏନେଇ ଲୋକମାନେ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏଥିସହ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୩/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଲାବ୍ରେ କୃତ୍ରିମ ଭ୍ରୂଣ ବିକଶିତ

## କେମ୍ବ୍ରିଜ୍ ବୈଜ୍ଞାନିକଙ୍କ ସଫଳତା



ବୋଷ୍ଟନ, ୧୫।୬

ଚିକିତ୍ସା ବିଜ୍ଞାନରେ ଉନ୍ନତି ଫଳରେ ବହୁ ଦୁଃସାଧ୍ୟ ରୋଗ ଭଲ ହୋଇପାରୁଛି। ସେହିପରି ପ୍ରଜନନ କ୍ଷେତ୍ରରେ ମଧ୍ୟ ବିଜ୍ଞାନର ଅବଦାନ ଅତୁଳନୀୟ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଡିମ୍ବାଣୁ ଓ ଶୁକ୍ରାଣୁ ବିନା ଷ୍ଟେମ୍ ସେଲ୍ (ମୂଳ କୋଷିକା) ବ୍ୟବହାର କରି ସିନ୍ଥେଟିକ୍ ବା କୃତ୍ରିମ ମନୁଷ୍ୟ ଭ୍ରୂଣ ବିକଶିତ କରିଛନ୍ତି। ବୋଷ୍ଟୋନ୍ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ ଷ୍ଟେମ୍ ସେଲ୍ ରିସର୍ଚ୍ଚସ୍ ବାର୍ଷିକ ସମ୍ମିଳନୀରେ ବୈଜ୍ଞାନିକମାନେ ଏ ସମ୍ପର୍କିତ ସୂଚନା ପ୍ରଦାନ କରିଛନ୍ତି।

ଯେଉଁ ଦମ୍ପତି ପିଲା ଜନ୍ମ କରିବାକୁ ଅକ୍ଷମ ବିଶେଷକରି ସେମାନେ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍)ସାହାଯ୍ୟରେ ସନ୍ତାନ ଜନ୍ମ କରୁଛନ୍ତି। ଏବେ ଷ୍ଟେମ୍ ସେଲ୍ରୁ ସୃଷ୍ଟ ଏହି କୃତ୍ରିମ ଭ୍ରୂଣ ଜରିଆରେ ଆଇଭିଏଫ୍ରେ ବିକଶିତ ଏମ୍ବ୍ରିଓ ସମ୍ବନ୍ଧରେ ଅଧିକ ତଥ୍ୟ ହସ୍ତଗତ ହୋଇପାରିବ। ପ୍ରାକୃତିକ ଉପାୟରେ ମାତୃ ଗର୍ଭାଶୟରେ ବଢୁଥିବା ଭ୍ରୂଣ ତୁଳନାରେ ମୂଳ କୋଷିକାରୁ ବିକଶିତ ଭ୍ରୂଣ ସାମାନ୍ୟ ଭିନ୍ନ। କୃତ୍ରିମ ଭ୍ରୂଣରେ ହୃଦ୍ସ୍ପନ୍ଦନ, ମସ୍ତିଷ୍କ ବିକଶିତ କୋଷିକା ନ ଥିବାବେଳେ ପ୍ଲାସେଣ୍ଟା, ୟୋକ୍ ସ୍ୟାକ୍ (ଭ୍ରୂଣର ବାହାରପାଖରେ ଥିବା ଆସ୍ତରଣ) ତିଆରି ପାଇଁ ଆବଶ୍ୟକୀୟ ସେଲ୍ ରହିଛି। ତେବେ କେମ୍ବ୍ରିଜ୍ କାଲ୍ଟେକ୍ ଲାବ୍ରେ ବିକଶିତ ସିନ୍ଥେଟିକ୍ ଭ୍ରୂଣ ସଂକ୍ରାନ୍ତରେ ବର୍ତ୍ତମାନ ସୁଦ୍ଧା ଜର୍ନାଲ୍ ପେପର ପ୍ରସ୍ତୁତ କରାଯାଇନାହିଁ। ଯେଉଁ ମହିଳା ଏକାଧିକ ଥର ଗର୍ଭପାତର ଶିକାର ହୋଇଆସୁଛନ୍ତି ସେମାନଙ୍କ ଶାରୀରିକ ବ୍ୟତିକ୍ରମ ବାବଦରେ ଜାଣିବା ପାଇଁ ଏହି କୃତ୍ରିମ ଭ୍ରୂଣ ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ। ୨୦୨୧ ଏପ୍ରିଲରେ ଲାନସେଟ୍ରେ ପ୍ରକାଶ ପାଇଥିବା ଖବର ଅନୁସାରେ ବିଶ୍ୱରେ ପ୍ରତିବର୍ଷ ୨୩ ନିୟୁତ ଗର୍ଭପାତ ଘଟଣା ସାମ୍ନାକୁ ଆସୁଛି। ଅନ୍ୟପକ୍ଷେ ସିନ୍ଥେଟିକ୍ ଏମ୍ବ୍ରିଓ ଜରିଆରେ ଗର୍ଭାଶୟରେ ବିକଶିତ ଭ୍ରୂଣ ସମ୍ପର୍କିତ ବହୁ କଥା ଜାଣିବାକୁ ମିଳିପାରିବ ବୋଲି ଲଣ୍ଡନ ଫ୍ରାଙ୍କସିସ୍ କ୍ରିକ୍ ଇନ୍ଷ୍ଟିଚ୍ୟୁଟର ଷ୍ଟେମ୍ ସେଲ୍ ବାୟୋଲୋଜି ମୁଖ୍ୟ ରବିନ୍ ଲୋଭେଲ ବାଜ୍ ମତ ପ୍ରକାଶ କରିଛନ୍ତି।

# ଗେଲ୍ ଇଣ୍ଡିଆ ପାଇପ୍ ଫାଟିଗଲା

- ପିଙ୍ଗୁଆ ଗାଁରେ ରୋଷେଇ ଠପ୍, କଟାଗଲା ବିଦ୍ୟୁତ୍
- ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ
- ମରାମତି ପରେ ଗ୍ରାମବାସୀ ଆଶ୍ୱସ୍ତ, ସ୍ଥିତି ସ୍ୱାଭାବିକ

ବଅଁରପାଳ/ ଅନୁଗୋଳ,୧୫।୬
(ଉପେନ୍ଦ୍ର ରାଉତ/ ଅମିତ କୁମାର ସାମଲ)


ଘଟଣାସ୍ଥଳରେ ଅନୁଗୋଳ ଉପଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଛନ୍ତି।

ଅନୁଗୋଳ ଜିଲା ବଅଁରପାଳ ଥାନା ପିଙ୍ଗୁଆ ଗ୍ରାମସ୍ଥିତ ଗେଲ୍ (ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍) ଇଣ୍ଡିଆର ସବ୍ଷ୍ଟେଶନ ନିକଟରେ ଗୁରୁବାର ଗ୍ୟାସ୍ ପାଇପ୍ ଫାଟି ଯିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ଉଚ୍ଚ ଶବ୍ଦ ସହ ଭୀଷଣ ଗ୍ୟାସ୍ ଗନ୍ଧ ହେବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ବଅଁରପାଳ ପୋଲିସ ପହଞ୍ଚି ଗ୍ରାମକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିବା ସହ ରୋଷେଇ ନ କରିବାକୁ ଡାକବାଜି ମାଧ୍ୟମରେ ସତର୍କ କରାଇଥିଲା। ଏଥିସହ ଦୋକାନ ବଜାର ଓ ଥର୍ମାଲ-କୁଲାଡ଼ ରାସ୍ତାକୁ ସିଲ୍ କରିଥିଲା। ପରେ ଅଗ୍ନିଶମ ବିଭାଗ କର୍ମଚାରୀ, ଗେଲ୍ ଇଣ୍ଡିଆ ମୁଖ୍ୟ ପରିଚାଳକ, ନିରାପତ୍ତା ଦଳ ପହଞ୍ଚି ଯାଞ୍ଚ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ବୈଦୁରା ଦୀପକଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗେଲ୍ ଇଣ୍ଡିଆ ପକ୍ଷରୁ ଫାଟିଯାଇଥିବା ପାଇପ୍କୁ ତୁରନ୍ତ ମରାମତି କରାଯିବା ପରେ ପିଙ୍ଗୁଆ ଗ୍ରାମରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଗେଲ୍ ଇଣ୍ଡିଆ ପକ୍ଷରୁ ଭଦ୍ରକର ଧାମରାରୁ ଝାଡ଼ଖଣ୍ଡର ବୋକାରୋକୁ ପାଇପ୍ ଯୋଗେ ନ୍ୟାଚୁରାଲ ଗ୍ୟାସ୍ ପଠାଯାଉଛି। ଅନୁଗୋଳ ଜିଲାର ପିଙ୍ଗୁଆ ନିକଟରେ ଏହାର ଏକ ସବ୍ଷ୍ଟେଶନ ରହିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୪୫ରେ ସବ୍ଷ୍ଟେଶନ ନିକଟରେ ୨ଟି ପାଇପ୍ର ସଂଯୋଗ ସ୍ଥଳରୁ ଗ୍ୟାସ୍ ଲିକେଜ ହେବା ସହ ପାଇପ୍ ଫାଟିଯାଇଥିଲା। ହଠାତ୍ ଜୋର୍ଦାର ଶବ୍ଦ ସହ ଗ୍ୟାସ୍ ଗନ୍ଧ ବ୍ୟାପିଯିବାରୁ ପିଙ୍ଗୁଆ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଗ୍ୟାସ୍ ଲିକ୍ ସମ୍ପର୍କରେ ଜଣାପଡ଼ିବା ପରେ ତୁରନ୍ତ ଅନୁଗୋଳ, ବଅଁରପାଳ, ନାଲ୍କୋରୁ ଦମକଳ ବାହିନୀ ସହ ନାଲ୍କୋ ଓ ଜିନ୍ଦଲ ନିରାପତ୍ତା କର୍ମଚାରୀମାନେ ସେଠାରେ ପହଞ୍ଚି ଗେଲ୍ ଇଣ୍ଡିଆ କର୍ମଚାରୀଙ୍କ ସହ ସ୍ଥିତି ଯାଞ୍ଚ କରିଥିଲେ। ପରେ ପୋଲିସ ପକ୍ଷରୁ ଗାଁରେ ବିଦ୍ୟୁତ୍, ରୋଷେଇ ଓ ଗାଡ଼ି ଚଳାଚଳ ବନ୍ଦ ରଖାଯିବା ବ୍ୟବସ୍ଥା କରାଯାଇଥିଲା। ଘଟଣାସ୍ଥଳରେ ଗେଲ୍ ଇଣ୍ଡିଆ ବରିଷ୍ଠ ଅଧିକାରୀ, ଅନୁଗୋଳ ଉପ ଜିଲାପାଳ, ବଅଁରପାଳ ଅତିରିକ୍ତ ତହସିଲଦାର, ଅନୁଗୋଳ ଏସ୍ଡିପିଓ ପହଞ୍ଚି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗେଲ୍ ଇଣ୍ଡିଆ ବିଶେଷଜ୍ଞ ଟିମ୍ ମରାମତି କାର୍ଯ୍ୟ କରିବା ପରେ ଗ୍ୟାସ୍ ନିର୍ଗତ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଗ୍ରାମ ସଭାପତି ତୁଷାର କାନ୍ତ ଦାସ, କୃତାର୍ଥ ସିଂ କହିଛନ୍ତି, ଜୋର୍ଦାର ଶବ୍ଦ ସହ ଗ୍ୟାସ୍ ଲିକ୍ ହେବା ପରେ ସମସ୍ତେ ଆତଙ୍କିତ ହୋଇପଡ଼ିଥିଲେ। ବଅଁରପାଳ ଆଇଆଇସି ନିରୁପମା ଜେନା କହିଛନ୍ତି, କାଳେ କୌଣସି ଅଘଟଣ ଘଟିବ ସେଥିପାଇଁ ଲାଇନ କାଟ୍ କରାଯାଇଥିଲା। ରୋଷେଇ ବନ୍ଦ ରଖାଯାଇଥିଲା। ଗେଲ୍ ଇଣ୍ଡିଆ ସବ୍ଷ୍ଟେଶନ ଚିଫ୍ ମ୍ୟାନେଜର ସୁବ୍ରତ ମଣ୍ଡଳ କହିଛନ୍ତି, ବହୁ ମାତ୍ରାରେ ଗ୍ୟାସ୍ ଲିକେଜ ହୋଇଥିଲା। ଉଚ୍ଚ ଶବ୍ଦ ଓ ଗ୍ୟାସ୍ ଲିକ୍ ହେବା କ୍ଷଣି ସବ୍ଷ୍ଟେଶନ କର୍ମଚାରୀମାନେ ବାହାରକୁ ବାହାରି ଯାଇଥିଲେ।



ନୟାଗଡ଼ ଜିଲା ରଣପୁର ମା'ମଣିନାଗଙ୍କ ପୀଠରେ ଆୟୋଜିତ ରଜ ଉତ୍ସବରେ ଝିଅମାନେ ଦୋଳିରେ ଝୁଲୁଛନ୍ତି।



ଭୁବନେଶ୍ୱର କଲ୍ୟାଣପୁର ଗ୍ରାମରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।



କଟକ ରାମଗଡ଼ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ରଜ ଉତ୍ସବ।

# ହାର୍‌ଜିତ୍‌ରୁ ଆରମ୍ଭ ହୁଏ ଦାମ୍ପତ୍ୟ ଜୀବନ

- ରଜପର୍ବରେ ଆୟୋଜନ ହୁଏ ପ୍ରତିଯୋଗିତା
- ଆଦିବାସୀ ଖଡ଼ିଆ ସମ୍ପ୍ରଦାୟର ନିଆରା ପରମ୍ପରା



ଯୁବତୀ ଯୁବକଙ୍କ ମଧ୍ୟରେ ଗୀତ ପ୍ରତିଯୋଗିତା ଚାଲିଛି।

**ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ମୋରଡ଼ା(ସ୍ମାରକ ମାଝୀ),୧୫।୬**

ଆଦିବାସୀ ଜନଜାତିଙ୍କ ପ୍ରଥା ଓ ପରମ୍ପରା ସ୍ୱତନ୍ତ୍ର। ଆଦିମ କାଳରୁ ପ୍ରଚଳିତ ଅନେକ ପରମ୍ପରା ଏବେ ବି ଉଜ୍ଜୀବିତ ରହିଛି। ଏହି ପରମ୍ପରା ଭାଇଚାରାର ସମ୍ପର୍କକୁ ନିବିଡ଼ କରିଛି। ପରିବର୍ତ୍ତନଶୀଳ ସମାଜରେ ପ୍ରଚଳିତ ପ୍ରଥାକୁ ଜାବୁଡ଼ିଧରି ଜୀବନସାଥୀ ଚୟନ କରାଯିବା ନିଆରା। ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ଖଡ଼ିଆ ଜନଜାତିର ଯୁବତୀଯୁବକମାନେ ରଜପର୍ବର ମଜା ଉଠାଇବା ସହ ପ୍ରତିଯୋଗିତାର ଆୟୋଜନ କରିଥାନ୍ତି। ଏହି ପ୍ରତିଯୋଗିତାର ହାର୍‌ଜିତ୍‌ରୁ ଆରମ୍ଭ ହୋଇଥାଏ ସେମାନଙ୍କ ଦାମ୍ପତ୍ୟ ଜୀବନ।

ଜିଲାର ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତ ବଡ଼ଜାମବଣୀ ଗ୍ରାମରେ ଚାଲିଛି ଖଡ଼ିଆ ଜନଜାତିଙ୍କ ରଜ ମଉଜ ଉତ୍ସବ। ବନସ୍ତେ ଡାକିଲା ଗଜ, ବରଷକରେ ଥରେ ଆସିଛି ରଜ.... ଗୀତ ଗାଇ ଯୁବତୀମାନେ ଝୁମିବା ସହ ଦୋଳିରେ ଝୁଲୁଥିବା ଦେଖିବାକୁ ମିଳିଛି। କୁଆଁରୀ ଝିଅମାନେ ରଙ୍ଗବେରଙ୍ଗର ନୂଆ ପୋଷାକ ପରିଧାନକରି ମେଳା ପଡ଼ିଆରେ ଏକାଠି ହେଉଛନ୍ତି। ଯୁବତୀମାନଙ୍କ ସହ ଗୀତ ପ୍ରତିଯୋଗିତାରେ ଭାଗନେବା ପାଇଁ ଆଖପାଖ ଢେଙ୍କିନାଦିଆ, ଜାମଶୁଳୀ, କେନ୍ଦୁଛାଟିଆ, ରାଇଡିହା ଗାଁର ଖଡ଼ିଆ ଯୁବକମାନେ ନିଜକୁ ପ୍ରସ୍ତୁତ କରି ଆସିଥାନ୍ତି। ଏହି ପରମ୍ପରାରେ ଜିତିବା ଓ ହାରିବା ଦଳର ଯୁବତୀଯୁବକଙ୍କ ସହ ବିବାହ ସମ୍ପନ୍ନ ହୋଇଥାଏ। ରଜ ମଉଜରେ ଖଡ଼ିଆ ସମ୍ପ୍ରଦାୟର ଯୁବକମାନେ ଯୁବତୀଙ୍କୁ ହରାଇବା ପାଇଁ ବାଦୀ (ପ୍ରତିଯୋଗିତା) ଗୀତ ଗାଇଥାନ୍ତି। ଏହି ଗୀତ ପ୍ରତିଯୋଗିତା ମାଧ୍ୟମରେ ଉଭୟ ଦଳର ଯୁବତୀ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥାଏ। ସ୍ୱଳ୍ପ ସମୟର ଭଲ ପାଇବା ମଧ୍ୟରେ ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥାନ୍ତି। ବିବାହକୁ ନେଇ ଉଭୟ ପରିବାରର ସମ୍ମତି ମିଳିଯାଉଥିବା ବେଳେ ଯାନିଯୌତୁକର ଆବଶ୍ୟକତା ପଡ଼ି ନ ଥାଏ। କାଶୀନାଥ ଦେହୁରୀ କୁହନ୍ତି, ଏହି ଉତ୍ସବ ପହିଲି ରଜଠାରୁ ଆରମ୍ଭ ହୋଇ ୧୦ଦିନ ପର୍ଯ୍ୟନ୍ତ ଚାଲିଥାଏ। ବିଜୟୀ ଦଳକୁ କମିଟି ପକ୍ଷରୁ ନୂଆ ଲୁଗାପଟା ପ୍ରଦାନ କରାଯାଇଥାଏ। ଏହି ପରମ୍ପରା ଆଜକୁ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଲି ଆସୁଛି।

ସୁଦାମ ଦେହୁରୀ କୁହନ୍ତି, ପ୍ରତିବର୍ଷ ଭଳି ମେଳାରେ ଯୁବତୀଯୁବକମାନଙ୍କ ଗହଳି ଲାଗିଥାଏ। ମନର ମିଳନ ହେଲେ ଦୁହେଁ ଦୁହିଁଙ୍କୁ ଜୀବନସାଥୀ ରୂପେ ବାଛିଥାନ୍ତି। ଏହି ପରମ୍ପରା ମାଧ୍ୟମରେ ଗରିବ ଲୋକମାନେ ଝିଅ ବାହାଘରରେ ଖର୍ଚ୍ଚାନ୍ତରୁ ମୁକ୍ତି ପାଇବା ସହିତ ବୈବାହିକ ଜୀବନ ସୁଖମୟ ହୋଇଥାଏ। ହରେନ ଦେହୁରୀଙ୍କ ମତରେ ବାରିପଦା ରଥର ବାହୁଡ଼ାଯାତ୍ରା ପରେ ଜୀବନସାଥୀ ଚୟନ କରିଥିବା ଯୁବତୀ ଯୁବକମାନଙ୍କୁ ନେଇ ବାରିପଦା ଷ୍ଟେଶନବଜାର ପଡ଼ିଆରେ ଗଣବିବାହ ସମ୍ପନ୍ନ ହୋଇଥାଏ।

ତେବେ କିଛି ବର୍ଷ ଧରି ଏହି ଜୀବନସାଥୀ ବାଛିବା କମିଯାଉଛି। ଯୁବକମାନେ କାମଧନ୍ଦା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଉଛନ୍ତି। ଫଳରେ ପର୍ବ ସମୟରେ ଆସିପାରୁ ନ ଥିବାରୁ ଅନେକେ ଏଥିରୁ ବଞ୍ଚିତ ରହୁଛନ୍ତି। ଏ ସମ୍ପର୍କରେ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷକ ଡ. ରାଜକିଶୋର ନାୟକ କୁହନ୍ତି, ଜୀବନସାଥୀ ବାଛିବା କେବଳ ଖଡ଼ିଆ ଜନଜାତି ମଧ୍ୟରେ ରହିଛି। ପୂର୍ବରୁ ଅନ୍ତାକ୍ଷରୀରେ ଯୁବକ ହାରିଲେ ଘରଜ୍ୱାଇଁ ହୋଇ ରହୁଥିଲେ ଏବଂ ଯୁବତୀ ହାରିଲେ ଶାଶୁଘରକୁ ଯାଉଥିଲେ। ତେବେ ଆଧୁନିକ ଯୁଗର ଚାଲିଚଳଣି ଓ ପରମ୍ପରାରେ କିଛିଟା ପରିବର୍ତ୍ତନ ହୋଇଛି।



କଟକ ଅର୍ବାନ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ରାମଗଡ଼ ଅଙ୍ଗନୱାଡ଼ି କେନ୍ଦ୍ରରେ ରଜ ଉତ୍ସବରେ ଜଣେ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ସ୍ୱତନ୍ତ୍ର ପୋଡ଼ପିଠା ସହ ରଜ ପାନର ଆସର

**କଟକ,୧୫।୬(ପ୍ରସନ୍ନ ପାଢୀ)**

କଟକ ଅର୍ବାନ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ରାମଗଡ଼ ଅଙ୍ଗନୱାଡି କେନ୍ଦ୍ରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ମୋନାଲିସା ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରାମଗଡ଼ ଏବଂ ମାନସିଂହ ପାଟଣାର ଜନସାଧାରଣ ତଥା ଅଙ୍ଗନୱାଡ଼ି କେନ୍ଦ୍ରର ସମସ୍ତ ହିତାଧିକାରୀ, ଶିଶୁ, କିଶୋରି କିଶୋର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ଆବାହିକା ଜ୍ୟୋତ୍ସ୍ନାରାଣୀ ସିଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଦୁଇଟି ଦୋଳି ଲଗାଯାଇ ସୁନ୍ଦର ଭାବେ ସଜାଯାଇଥିଲା। ଯୁବତୀ ଓ ମହିଳାମାନଙ୍କ ପାଇଁ ଅଳତା, ଚନ୍ଦନ, ମେହେନ୍ଦି, କୁଙ୍କୁମ ଆଦି ଯୋଗାଯାଇଥିବା ବେଳେ ବିଭିନ୍ନ ପ୍ରକାରର ଖାଦ୍ୟ, ପିଠା, ମିଠା, ଫଳ ଏବଂ ରଜ ସ୍ୱତନ୍ତ୍ର ପୋଡ଼ପିଠା ଓ ରଜ ପାନର ଆସର ଖୁବ୍ ଜମି ଉଠିଥିଲା। କିଶୋରୀ ବାଳିକାମାନଙ୍କ ମଧ୍ୟରେ ପୁଚି ଖେଳ, ନୃତ୍ୟ, ସଙ୍ଗୀତ ତଥା ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଆଦିକୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇଥିଲା। ମାନସିଂହ ପାଟଣା ସରକାରୀ ଉଚ୍ଚ ଇଂଲିଶ ବିଦ୍ୟାଳୟର ଶିକ୍ଷକ ସୌଭାଗ୍ୟ କୁମାର ପଟ୍ଟନାୟକ, ଶିକ୍ଷୟିତ୍ରୀ ନମିତା ପୃଷ୍ଟି, ପୂର୍ବତନ ମହିଳା ସ୍ୱାସ୍ଥ୍ୟ କର୍ମୀ ଅଞ୍ଜନା ଜେନା ଓ ମିନତି ମାଝୀ ଉପସ୍ଥିତ ଥିଲେ।



ରଜ ସଂକ୍ରାନ୍ତି ଅବସରରେ କଟକସ୍ଥିତ ହନୁମାନ ମନ୍ଦିର ସମ୍ମୁଖ ପିଣ୍ଡିରେ ଲୋକେ ବସି ପଶା ଖେଳୁଛନ୍ତି।



କେନ୍ଦୁଝର ଜିଲା ପାଟଣାଠାରେ ପିଲାମାନେ ପାରମ୍ପରିକ ଖାଇ ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର ପାତ୍ରପଡ଼ା ରଜ ମହୋତ୍ସବରେ ଦୁଇ ଯୁବତୀ ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର ଉପକଣ୍ଠ କଲ୍ୟାଣପୁର ଗ୍ରାମ ରଜ ଉତ୍ସବରେ ଯୁବତୀମାନେ ରଜ ଦୋଳି ଖେଳୁଛନ୍ତି।

# ଶସ୍ତା ହେବ ଖାଇବା ତେଲ

## ରିଫାଇନ୍ ସୋୟାବିନ, ସୂର୍ଯ୍ୟମୁଖୀ ତେଲ ଆମଦାନୀ ଶୁଳ୍କ ୫% କମିଲା

ନୂଆଦିଲ୍ଲୀ,୧୫।୬ (ଅଭୟ ଦାଶ)

ଦରଦାମ ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଥିବା ଜନସାଧାରଣଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଦେବାକୁ ଯାଇ କେନ୍ଦ୍ର ସରକାର ରିଫାଇନ ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ ଉପରୁ ମୌଳିକ ଆମଦାନୀ ଶୁଳ୍କ ୧୭.୫%ରୁ ୧୨.୫%କୁ ହ୍ରାସ କରିଛନ୍ତି। ଅର୍ଥାତ୍ ୫% କମ୍ କରାଯାଇଛି। ଏହା ଗୁରୁବାରଠାରୁ ଲାଗୁ ହୋଇଛି। ୨୦୨୪ ମାର୍ଚ୍ଚ ୩୧ ଯାଏ ଏହା ବଳବତ୍ତର ରହିବ ବୋଲି ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ବିଜ୍ଞପ୍ତିରୁ ଜଣାପଡ଼ିଛି। ଏହି ହ୍ରାସ ପରେ ଏହି ଦୁଇ ଖାଇବା ତେଲର ପ୍ରଭାବୀ ଆମଦାନୀ ଶୁଳ୍କ ୧୩.୭୫% ହୋଇଛି, ଯେଉଁଥିରେ ମୌଳିକ ଆମଦାନୀ ଶୁଳ୍କ ଏବଂ ଏହା ଉପରେ ୧୦% ସାମାଜିକ କଲ୍ୟାଣ ସେସ୍ ଅନ୍ତର୍ଭୁକ୍ତ ରହିଛି। ସେହିପରି ସମସ୍ତ ଅଶୋଧିତ ଖାଇବା ତେଲ ଉପରେ



ଆମଦାନୀ ଶୁଳ୍କ ୫.୫% ଲାଗୁ ହୋଇଛି।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମୌଳିକ ଆମଦାନୀ ଶୁଳ୍କ ଏପରି ଏକ ଟିକସ, ଯାହା ଘରୋଇ ବଜାରରେ ଖାଇବା ତେଲ ମୂଲ୍ୟକୁ ମହଙ୍ଗା କରେ। ଫଳରେ ଖାଉଟିଙ୍କୁ ଅଧିକ ଅର୍ଥ ଦେଇ ଖାଇବା ତେଲ କିଣିବାକୁ ହୋଇଥାଏ। ରିଫାଇନ୍ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲର ଆମଦାନୀ ଉପରୁ ମୌଳିକ ଆମଦାନୀ ଶୁଳ୍କ ହ୍ରାସ ହେବା ଫଳରେ ଘରୋଇ ବଜାରରେ ଏହି ଦୁଇ ତେଲର ଖୁଚୁରା ମୂଲ୍ୟ କମିବ। ଏହା ଫଳରେ ଖାଉଟି ଉପକୃତ ହେବେ। କେନ୍ଦ୍ର ସରକାର ୨୦୨୧ ଅକ୍ଟୋବରରେ ରିଫାଇନ୍ ହୋଇଥିବା ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ଉପରୁ ମୌଳିକ ଆମଦାନୀ ଶୁଳ୍କ ୩୨.୫ ଶତାଂଶରୁ ୧୭.୫ ଶତାଂଶକୁ ହ୍ରାସ କରିଥିଲେ। ସେତେବେଳେ ଏହି ଦୁଇ ତେଲର ଅନ୍ତର୍ଜାତୀୟ ମୂଲ୍ୟ ଅତି ଅଧିକ ଥିବାରୁ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଥିଲେ। ସେତେବେଳେ ମୌଳିକ ଆମଦାନୀ ଶୁଳ୍କ ଉଚ୍ଚା ଥିବା ଯୋଗୁ ଘରୋଇ ବଜାରରେ ଏହି ତେଲର ଦାମ ବହୁ ଅଧିକ ଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍ଇଏ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି.ଭି. ମେହେଟା କହିଛନ୍ତି ଯେ, ଅଶୋଧିତ ଏବଂ ରିଫାଇନ୍ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟରେ ଆମଦାନୀ ଶୁଳ୍କ ପାର୍ଥକ୍ୟ କମ୍। ତଥାପି ରିଫାଇନ୍ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲର ଶିପ୍‌ମେଣ୍ଟ ସମ୍ଭାବନା ବହୁତ କମ୍। କିନ୍ତୁ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବଜାର ଉପରେ ଅସ୍ଥାୟୀ ଭାବେ କିଛି ପ୍ରଭାବ ପଡ଼ିପାରେ ବୋଲି ମେହେଟା କହିଛନ୍ତି। ସାଧାରଣତଃ ଭାରତ ଅନ୍ୟ ଦେଶରୁ ସୋୟାବିନ ଓ ସନ୍‌ଫ୍ଲାୱାର ତେଲ ଅଶୋଧିତ ଆକାରରେ ଆମଦାନୀ କରିଥାଏ। ଏହାପରେ ତାହାକୁ ରିଫାଇନ କରାଯାଇ ବଜାରରେ ବିକ୍ରି ହୋଇଥାଏ। ସୂଚନାଯୋଗ୍ୟ ଯେ, ଦେଶରେ ଚାହିଦାର ପ୍ରାୟ ୬୦ ପ୍ରତିଶତ ଖାଇବା ତେଲ ବାହାରୁ ଆମଦାନୀ ହୋଇଥାଏ।

## ଏବିଏସ୍ଏଲ୍ଏମ୍ଏଫ୍‌ର 'ହର୍ ଘର୍ ଏସ୍ଆଇପି'

ନୂଆଦିଲ୍ଲୀ,୧୫।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଆଦିତ୍ୟ ବିର୍ଲା ସନ୍ ଲାଇଫ ମ୍ୟୁଚୁଆଲ ଫଣ୍ଡ (ଏବିଏସ୍ଏଲ୍ଏମ୍ଏଫ୍)ର ବହୁ ପ୍ରତୀକ୍ଷିତ ତଥା ଏକ ଅଭିନବ 'ହର୍ ଘର୍ ଏସ୍ଆଇପି' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଡ଼ ହୁଅନ୍ତୁ କି ଛୋଟ, ସମସ୍ତ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ସହିତ ସେମାନଙ୍କର ଦୀର୍ଘଦିନର ଆଶା (ଧନ ସୃଷ୍ଟି କରିବାର ସ୍ୱପ୍ନ)କୁ ବାସ୍ତବତାରେ ପରିଣତ କରିବା ପାଇଁ ଏଭଳି ଏକ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଏ.ବାଲସୁବ୍ରମଣ୍ୟ କହିଥିଲେ, ଦେଶର ସମସ୍ତ ପରିବାରକୁ ଏକ ଭରସାଯୋଗ୍ୟ ସେବା ଓ ସେମାନଙ୍କର ଅନୁଶାସନକୁ ଦୀର୍ଘକାଳୀନ ଭିତ୍ତିରେ ପୁରସ୍କୃତ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି। ଏପରିକି ସେମାନଙ୍କର କଷ୍ଟାର୍ଜିତ ଧନକୁ ଏକ ଅଭିନବ ଉତ୍ପାଦ ଜରିଆରେ ପରିଣତ କରିବା ସହ ନିୟମିତ ନିବେଶ କରିବାର ଉଦ୍ଦେଶ୍ୟ ସହ ଅଭ୍ୟାସରେ ସେମାନଙ୍କୁ ପକାଇବାକୁ ଆମେ ପ୍ରତିବଦ୍ଧ।

## ତାଳତେଲ ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ

ନୂଆଦିଲ୍ଲୀ,୧୫।୬

ଦେଶର ପ୍ରମୁଖ ଘରୋଇ ଅନୁଷ୍ଠାନର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପତଞ୍ଜଳି ଫୁଡ୍ ଲିମିଟେଡ୍ (ପିଏଫ୍ଏଲ୍) ପକ୍ଷରୁ ତାଳତେଲ ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଖାଇବାତେଲରେ ଆତ୍ମନିର୍ଭରଶୀଳ ହେବା ସହିତ ଭାରତ ସରକାରଙ୍କ ମିଶନକୁ ସମର୍ଥନକରି ପିଏଫ୍ଏଲ୍ ଖଜୁରି ବୃକ୍ଷରୋପଣ କାର୍ଯ୍ୟକ୍ରମର ଏକ ବୃହତ୍ ପଦକ୍ଷେପ ନେଇଛି, ଯାହା ସମୟର ପୂର୍ଣ୍ଣତାରେ କୃଷି ପ୍ରକଳ୍ପର ବୃହତ୍ତମ ତଥା ସ୍ଥାୟୀ ବ୍ୟବସାୟରେ ପରିଣତ ହେବ ବୋଲି ଆକଳନ କରାଯାଉଛି। ସେହିଭଳି ୦.୬ ମିଟର ହେକ୍ଟର ଆବଣ୍ଟିତ କ୍ଷେତ୍ର ଏବଂ ୬୪,୦୦୦ ହେକ୍ଟର ଜମିରେ ଲଗାଯାଇଥିବା ତାଳଗଛ ଲଗାଯାଇଛି। ଏପରିକି ଜମି ଆଧାରରେ କମ୍ପାନୀ ତୈଳ ଖଜୁରି ବୃକ୍ଷରୋପଣ ବ୍ୟବସାୟରେ ସବୁଠାରୁ ବଡ଼ ଖେଳାଳି । ଆଗକୁ ବଢ଼ିବା ସହିତ ଏହା ଆଗାମୀ ୫ବର୍ଷରେ ବୃକ୍ଷରୋପଣ କ୍ଷେତ୍ରକୁ ୦.୪ ଏମ୍ଏନ୍ ହେକ୍ଟରକୁ ବୃଦ୍ଧି କରିବା ପାଇଁ ଏକ ଦୂରଦୃଷ୍ଟି ସ୍ଥିର କରିଛି ଏବଂ ଏହି ପ୍ରୟାସ ଦ୍ୱାରା କମ୍ପାନୀ କେବଳ ବ୍ୟବସାୟକୁ ଅଧିକ ପ୍ରଭାବଶାଳୀ ଏବଂ ଲାଭ ବୃଦ୍ଧି କରିବାରେ ନୁହେଁ ବରଂ ୪ ଲକ୍ଷ କୃଷକଙ୍କୁ ମଧ୍ୟ ସହାୟତା କରିବ। ଅପରପକ୍ଷରେ କମ୍ପାନୀ ପିପିପି ମୋଡ୍‌ରେ ୧୨ ଟି ରାଜ୍ୟ ସରକାରଙ୍କ ସହିତ ଏମ୍ଓୟୁରେ ପ୍ରବେଶ କରିଛି, ଯାହା ସ୍ଥାୟୀ ଉଚ୍ଚ ମାର୍ଜିନ ସହିତ ଏକ ସମ୍ପତ୍ତି-ହାଲୁକା ବ୍ୟବସାୟ ମଡେଲକୁ ବଜାୟ ରଖିବାରେ ସାହାଯ୍ୟ କରିବ ।

## ଆକର୍ଷଣୀୟ ସବ୍‌ସିଡି ଦେଉଛି ଏଲ୍ଏମ୍ଏମ୍

ନୂଆଦିଲ୍ଲୀ,୧୫।୬

ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା (ଏମ୍ଆଣ୍ଡଏମ୍)ର ସହଯୋଗୀ କମ୍ପାନୀ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି (ଏଲ୍ଏମ୍ଏମ୍) ପକ୍ଷରୁ ଓଡ଼ିଶା ସରକାରଙ୍କ ଇଭି ନୀତିକୁ ସ୍ୱାଗତ କରାଯାଇଛି। ଏପରିକି ସରକାରଙ୍କ ଉକ୍ତ ଇଭି ନୀତି ଜରିଆରେ କମ୍ପାନୀ ତା'ର ସମସ୍ତ ଇଲେକ୍ଟ୍ରିକ୍ ତିନିଚକିଆ ଯାନ (ଲିଡ୍ ଏସିଡ୍ ଓ ଲିଥିୟମ୍ ଆୟନ) ଉପରେ ୩୦,୦୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରୁଥିବା ଜଣାପଡ଼ିଛି। ଉକ୍ତ ନୀତି ଅଧୀନରେ ଭାରତର ୧ନମ୍ବର ଇଲେକ୍ଟ୍ରିକ୍ ତିନିଚକିଆ ଯାନ ନିର୍ମାତା ଏଲ୍ଏମ୍ଏମ୍ ଯାନଗୁଡ଼ିକୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରିପାରୁଛି, ଯାହା ନିଜ ଗାଡ଼ିକୁ ଅପ୍‌ଗ୍ରେଡ୍ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ସହଜ କରୁଛି। ସେହିଭଳି କେନ୍ଦ୍ର ସରକାର ଫେମ୍-୨ ସବ୍‌ସିଡିକୁ ମିଶାଇ ଟ୍ରେଓ ଅଟୋ ଓ ଜୋରକୁ ୧,୦୩,୭୦୦ ଟଙ୍କା ଏବଂ ଟ୍ରେଓ ୟାରି ୬୭,୦୦୦ ଟଙ୍କାର ସବ୍‌ସିଡି ମିଳୁଛି। ଏପରିକି ଟ୍ରେଓ ଜୋର୍ କାର୍ଗୋ ତିନିଚକିଆ ଯାନ ୧,୦୩,୭୦୦ ଟଙ୍କାର ସବ୍‌ସିଡି ସହିତ ଉପଲବ୍ଧ ହେଉଥିବା ବେଳେ ଫ୍ଲାଗ୍‌ଶିପ୍ ଜୋର ଗ୍ରାଣ୍ଡ ପାଇଁ ଷ୍ଟିକର ମୂଲ୍ୟରେ ୧,୩୨,୪୦୦ ଟଙ୍କାର ସବ୍‌ସିଡି ରହିଛି। ମହିନ୍ଦ୍ରାର ଲିଡ୍ ଏସିଡ୍ ତିନିଚକିଆ ଯାନ, ଇ-ଆଲ୍‌ଫା ମିନି ଓ ଇ ଆଲ୍‌ଫା କାର୍ଗୋ ଯାହା ଫେମ୍-୨ ଅଧୀନରେ ଆସୁନାହିଁ। ହେଲେ ସେମାନଙ୍କୁ ମଧ୍ୟ ୩୦,୦୦୦ ଟଙ୍କାର ସରକାରୀ ସବ୍‌ସିଡି ମିଳୁଛି। ଅତ୍ୟଧିକ ଟର୍କ୍‌ଏଣ୍ଡ ଓ ଅତୁଳନୀୟ ବିଶ୍ୱାସ ସହିତ ଆସୁଥିବା ବ୍ରାଣ୍ଡ ମହିନ୍ଦ୍ରା ଗ୍ରାହକମାନଙ୍କୁ ନିଶ୍ଚିତ ଭାବେ ଏଲ୍ଏମ୍ଏମ୍ ଇଭି ଆନନ୍ଦିତ କରିବ।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ରାଜଭାଷା ବିଭାଗ ପକ୍ଷରୁ ଆୟୋଜିତ ଦିନିକିଆ 'ରାଜଭାଷା କର୍ମଶାଳା' ପିଏନ୍‌ବିର ରାଜଭାଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ରାଜଭାଷା ପଥ ପ୍ରଦର୍ଶକ' ଶୀର୍ଷକ ଏକ ପୁସ୍ତକକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିନ ରାଜଭାଷା ବିଭାଗର ବିଭାଗୀୟ ସଚିବ ଅଂଶୁଲ ଆରିୟା ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲଙ୍କ ସମେତ ପିଏନ୍‌ବିର ଇଡି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆକ୍ସିସ୍ ବ୍ୟାଙ୍କର ଇ-ବିଜି ସେବା

ନୂଆଦିଲ୍ଲୀ,୧୫।୬

ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ନିକଟରେ ଏକ ଅତ୍ୟାଧୁନିକ ଇ-ବ୍ୟାଙ୍କ ଗ୍ୟାରେଣ୍ଟି (ଇ-ବିଜି) ସେବାର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ବ୍ୟାଙ୍କିଙ୍ଗ୍ ଶିଳ୍ପର ପ୍ରଥମ ଇ-ବିଜି ସମାଧାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସ୍ୱିଫ୍ଟ ଇଣ୍ଡିଆ ସହଯୋଗିତରେ ଦେଶର ପ୍ରଥମ ବ୍ୟାଙ୍କ ଭାବେ ଆକ୍ସିସ୍ ବ୍ୟାଙ୍କ ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟାଙ୍କ ଗ୍ୟାରେଣ୍ଟିକୁ ପ୍ରଚଳନ କରାଇଛି। ସେହିଭଳି ଉକ୍ତ ସମାଧାନରେ ପ୍ରଥମ କର୍ପୋରେଟ୍ ଭାବେ ଗେଲ୍ ଲାଇଭ୍ ହୋଇଛି। ଇ-ବିଜି ସମାଧାନରେ ବିନା କାଗଜପତ୍ରରେ ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ବ୍ୟାଙ୍କ ଗ୍ୟାରେଣ୍ଟି ସ୍ୱୟଂକ୍ରିୟ ଜାରି ହେବା ସହ ବିଶ୍ୱସ୍ତରୀୟ ଆଇଏସ୍ଓ ମାନକ ଅନୁସାରେ ଉଭୟ ଇ-ଷ୍ଟାମ୍ପଡ୍ ଓ ପ୍ରତ୍ୟକ୍ଷ ଷ୍ଟାମ୍ପଡ୍ ଗ୍ୟାରେଣ୍ଟି ଭାବେ କାର୍ଯ୍ୟ କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-ହୋଲ୍‌ସେଲ୍ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ ବିବେକ ଗୁପ୍ତା କହିଛନ୍ତି, ଡିଜିଟାଇଜେଶନ ମୂଲ୍ୟ ଶୃଙ୍ଖଳାରେ ଦୃଢତାକୁ ଆଗକୁ ବଢ଼ାଏ ବୋଲି ଆମର ବିଶ୍ୱାସ ଥିବା ବେଳେ ଡିଜିଟାଲ ଅଭିଯାନର ନେତୃତ୍ୱ ନେବାରେ ଆକ୍ସିସ୍ ବ୍ୟାଙ୍କ ସର୍ବଦା ଆଗରେ ରହିଛି। ସ୍ୱିଫ୍ଟ ଇଣ୍ଡିଆ ନେଟ୍‌ୱର୍କକୁ ବ୍ୟବହାରକରି ଗେଲ୍ ଇଣ୍ଡିଆ ପାଇଁ ଘରୋଇ ବ୍ୟାଙ୍କ ଗ୍ୟାରେଣ୍ଟିର ଇ-ଆଡଭାଇଜିଂ କରିବା ସହିତ ଆମେ ଟ୍ରାଞ୍ଜାକ୍ସନ କାରବାରର ଡିଜିଟାଲୀକରଣରେ ଆଗରେ ରହିଛୁ। ଗ୍ରାହକ ଅନୁଭୂତିର ସରଳୀକରଣ ଲାଗି ଆମେ ସର୍ବଦା ଉଦ୍ୟମ କରୁଛୁ ଏବଂ ଏହି ଡିଜିଟାଇଜେଶନ ଯାତ୍ରାରେ ଗେଲ୍ (ଇଣ୍ଡିଆ) ଲିମିଟେଡ୍ ସହିତ କାମ କରିବା ଆମକୁ ଖୁସି ପ୍ରଦାନ କରିଥିଲା। ବ୍ୟାଙ୍କ ଗ୍ୟାରେଣ୍ଟିକୁ ନିରବଚ୍ଛିନ୍ନ ଭାବେ ଟ୍ରାକ୍ ଓ ଠାବ କରିବା, କାରବାର ସମୟ ଓ ଠକେଇ ଆଶଙ୍କା ହ୍ରାସ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟର ଏହା ସମାଧାନ କରିବ।



## କର୍କଟ ରୋଗରୁ ସୁରକ୍ଷା ପାଇଁ ସନ୍‌ସ୍କ୍ରିନ ବଣ୍ଟନ

**ଆମଷ୍ଟରଡାମ:** ସୂର୍ଯ୍ୟଙ୍କ କ୍ଷତିକାରକ ଅତିବାଇଗଣି ରଶ୍ମି ଆମ ଦେହରେ ପଡ଼ିଲେ ତାହା ଚର୍ମ କର୍କଟ ସହ ଅନ୍ୟ ଚର୍ମ ରୋଗର କାରଣ ହୋଇଥାଏ। ବାୟୁମଣ୍ଡଳରେ ଥିବା ଓଜୋନ ଲେୟାରରେ କଣା ସୃଷ୍ଟି ହେଲେ ସିଧାସଳଖ ସୂର୍ଯ୍ୟଙ୍କ ରଶ୍ମି ଦେହରେ ପଡ଼ିଲେ ତାହା ଚର୍ମ କର୍କଟ କରାଇଥାଏ। ତେବେ ନେଦରଲାଣ୍ଡରେ ଚର୍ମ କର୍କଟ ସଂଖ୍ୟା ବେଳକୁ ବେଳ ବୃଦ୍ଧି ପାଇବାକୁ ଲାଗିଛି। ସେଥିପାଇଁ ଡଚ୍ ସରକାର ଏହି ସମସ୍ୟାରୁ ଉଦ୍ଧାର କରିବାକୁ ଦେଶର ଲୋକଙ୍କୁ ମାଗଣାରେ ସନ୍‌ସ୍କ୍ରିନ ବାଣ୍ଟୁଛନ୍ତି। ସରକାରଙ୍କ ରିପୋର୍ଟ ମୁତାବକ, ସନ୍‌ସ୍କ୍ରିନକୁ ସ୍କୁଲ, ପାର୍କ, ସ୍ପୋର୍ଟ ଅଞ୍ଚଳଗୁଡ଼ିକରେ ଲୋକଙ୍କୁ ବଣ୍ଟାଯାଉଛି। ଅଷ୍ଟ୍ରେଲିଆର ସ୍ଲିପ-ସ୍ଲୋପ-ସ୍ଲାପ




ସଚେତନତାରୁ ପ୍ରଭାବିତ ହୋଇ ଡଚ୍ ନିଜ ଦେଶରେ ମଧ ସଚେତନତା ଶୋଭାଯାତ୍ରା ଆୟୋଜନ କରୁଛି। ସେଠାକାର ଚର୍ମ ବିଶେଷଜ୍ଞଙ୍କ ମତରେ ଚର୍ମ କର୍କଟରୁ ସୁରକ୍ଷା ପାଇବାକୁ ସମସ୍ତେ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଉଚିତ। ପିଲାମାନେ ଯଦି ସବୁବେଳେ ସନ୍‌ସ୍କ୍ରିନ୍ ବ୍ୟବହାର କରିବେ, ଏହା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇଯିବ। ଏଥିପାଇଁ ଅଧିକ ଟଙ୍କା ହେଲେ ମଧ ଦେହର ସୁରକ୍ଷା ପାଇଁ ସନ୍‌ସ୍କ୍ରିନର ବ୍ୟବହାର କରିବାକୁ ଡଚ୍ ସରକାର ସମସ୍ତଙ୍କୁ ପରାମର୍ଶ ଦେଉଛନ୍ତି। ଅଧିକାଂଶ ସମୟରେ ଲୋକେ ନିଜର ସୁରକ୍ଷା ବାବଦରେ ଚିନ୍ତା ନ କରି ଖରାର ମଜା ଉଠାଇଥା'ନ୍ତି। ସେମାନଙ୍କୁ ଚର୍ମ କର୍କଟ ହେବାର ସମ୍ଭାବନା ଅଧିକ ରହିଥାଏ। ଏହା ଉଚିତ ନୁହେଁ ବୋଲି କାଟ୍‌ୱିଜ୍କ ସହରର ଜାକୋ କ୍ଲାପି କହିଛନ୍ତି। ୟୁରୋପରେ ୨ ଦଶନ୍ଧି ହେବ ଚର୍ମ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଧ୍ୟୟୁରୋପରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ସପ୍ତାହରେ ତାପମାତ୍ରା ଅଧିକ ରହିବ ବୋଲି କୁହାଯାଉଛି।

## 'ବାୟୋନିକ୍ ଆଇ'ରେ ଦୁନିଆ ଦେଖିପାରିବେ ଦୃଷ୍ଟିହୀନ

**କାନବେରା:** ଆଖି ହେଉଛି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଓ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଦ୍ୱାରା ଆମେ ପ୍ରକୃତିର ସମସ୍ତ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାଉ। ତା' ବିନା ମନୁଷ୍ୟ ଅସମ୍ପୂର୍ଣ୍ଣ। ହେଲେ ବର୍ତ୍ତମାନ ସମୟରେ ଅନେକଙ୍କ ଆଖି ଖରାପ ହେଉଥିବା ଦେଖିବାକୁ ମିଳୁଛି। ଛୋଟ ପିଲାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଉଛି। କିନ୍ତୁ ଯେଉଁମାନଙ୍କ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଦୃଷ୍ଟିହୀନ ହୋଇଯାଇଛନ୍ତି, ସେମାନେ ପ୍ରକୃତିକୁ ଦେଖିପାରୁନାହାନ୍ତି। ହେଲେ ସେମାନେ ଏବେ ଦେଖିପାରିବେ। ଅଷ୍ଟ୍ରେଲିଆ ମେଲବୋର୍ନର ମୋନାସ ୟୁନିଭର୍ସିଟି ଆଖିରେ ଦେଖିପାରୁ ନ ଥିବା ଲୋକଙ୍କ ପାଇଁ ଏକ କୃତ୍ରିମ ଆଖିର ବ୍ୟବସ୍ଥା କରିଛନ୍ତି, ଯାହାଫଳରେ ସେମାନେ ମଧ ସାଧାରଣ ଲୋକଙ୍କ ପରି ଦୁନିଆକୁ ଦେଖିପାରିବେ। ଏହି ୟୁନିଭର୍ସିଟି ଏକ 'ବାୟୋନିକ୍ ଆଇ'ର ଉଦ୍ଭାବନ କରିଛି, ଯାହା ମସ୍ତିଷ୍କ ପ୍ରତିରୋପଣ ଜରିଆରେ ସଫଳ କରିହେବ। ଏହା ବିଶ୍ୱର ପ୍ରଥମ 'ବାୟୋନିକ୍ ଆଇ' ବୋଲି ୟୁନିଭର୍ସିଟି ପକ୍ଷରୁ ପ୍ରସ୍ତୁତ କରିଥିବା ଟିମ୍ କହିଛି। ଏହି 'ବାୟୋନିକ୍ ଆଇ' ନଷ୍ଟ ହୋଇଥିବା ଅପ୍‌ଟିକ ସ୍ନାୟୁକୁ ସୁଧାରିବାରେ ସାହାଯ୍ୟ କରେ। ଏହା ଏକ ସାଧାରଣ ପ୍ରଣାଳୀ। 'ବାୟୋଟିକ୍ ଆଇ'କୁ ମସ୍ତିଷ୍କ ପ୍ରତିରୋପଣ ଜରିଆରେ ଆଖିରେ ଲଗାଯିବ। ତାହା ମସ୍ତିଷ୍କରେ ଥିବା ରେଟିନାକୁ ସଙ୍କେତ ଦେବ। ଫଳରେ ସାଧାରଣ ମଣିଷ ପରି ଦୃଷ୍ଟିହୀନ ବ୍ୟକ୍ତିଟି ଦୁନିଆକୁ ଦେଖିପାରିବ। ୟୁନିଭର୍ସିଟିର ପ୍ରଫେସର ଅର୍ଥୁର ଲୋଉରି କହିଛନ୍ତି, ଏହାକୁ ଭିଜୁଆଲ ପାଟର୍ନରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ୧୭୨ ସ୍ପଟ୍ ଅଫ୍ ଲାଇଟ ରହିଛି, ଯାହାଦ୍ୱାରା ମଣିଷ ବାହ୍ୟ ଓ ଅନ୍ତଃ ପରିବେଶ, ଲୋକଙ୍କ ଉପସ୍ଥିତିକୁ ଚିହ୍ନିପାରିବ। ଅନୁସନ୍ଧାନକାରୀମାନେ ଏହାକୁ ପ୍ରଥମେ ଏକ ମେଣ୍ଢା ମୁଣ୍ଡରେ ପ୍ରତିରୋପଣ କରି ସଫଳ ହୋଇଛନ୍ତି। ଏଥପାଇଁ ତାଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା।



## ନିଜ ଅନ୍ତିମ ସଂସ୍କାରରେ ଆସି ପହଞ୍ଚିଲେ

**ବ୍ରୁସେଲ୍ସ:** ଜଣେ ବ୍ୟକ୍ତି ମରିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥାଏ। ଯେଉଁବ୍ୟକ୍ତିଙ୍କ ମୃତ୍ୟୁ ହୋଇଥାଏ, ସେ ଯଦି ତାଙ୍କ ଅନ୍ତିମ ସଂସ୍କାରରେ ପହଞ୍ଚିବେ? ଏପରି ଘଟଣା ଘଟିଛି ବେଲ୍‌ଜିୟମରେ। ରିପୋର୍ଟ ମୁତାବକ,



୪୫ ବର୍ଷୀୟ ଡେଭିଡ ବାର୍ଟନ ନିଜ ମରିବାର ଅଭିନୟ କରିଥିଲେ। ଯେତେବେଳେ ତାଙ୍କ ଅନ୍ତିମ ସଂସ୍କାର ହେଲା ସେତେବେଳେ ସେ ହେଲିକପ୍ଟର ଜରିଆରେ ସେଠାରେ ପହଞ୍ଚିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଡେଭିଡ ନିଜ ପରିବାରକୁ ଉଚିତ ଶିକ୍ଷା ଦେବାକୁ ଏପରି କରିଥିବା କହିଛନ୍ତି। ତାଙ୍କ ଭଉଣୀ ଭାଇ ତାଙ୍କୁ ପଚାରୁ ନ ଥିଲେ। ସେଥିରେ ତାଙ୍କ ସ୍ତ୍ରୀ ଓ ଝିଅ ମଧ ସାମିଲ ଥିଲେ। ସେମାନେ ସୋସିଆଲ ମିଡିଆରେ ତାଙ୍କ ମୃତ୍ୟୁ ଖବର ପ୍ରଚାର କରିଥିଲେ। ଏହାପରେ ତାଙ୍କ ପରିବାରର ସମସ୍ତେ ଆସି ଏକାଠି ହୋଇଥିଲେ। ଯେତେବେଳେ ଡେଭିଡ ହେଲିକପ୍ଟରରେ ଆସି ସେଠାରେ ପହଞ୍ଚିଲେ, ସମସ୍ତେ ତାଙ୍କୁ ଦେଖି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ସବୁ କଥା ଜାଣିବା ପରେ ତାଙ୍କୁ ଭଲପାଇବା ଦେଇଥିଲେ।

## ସ୍ୱାମୀ ଆଦିଲଙ୍କଠୁ ଛାଡ଼ପତ୍ର ଚାହୁଁଛନ୍ତି ରାକ୍ଷୀ

**ମୁମ୍ବାଇ:** ବଲିଉଡ୍ ଡ୍ରାମା କୁଇନ ରାକ୍ଷୀ ସାୱନ୍ତ ଅନେକ ସମୟରେ କିଛି ନା କିଛି କାରଣ ପାଇଁ ଲାଇମଲାଇଟରେ ରହିଥାନ୍ତି। ନିକଟରେ ରାକ୍ଷୀଙ୍କ ଜୀବନରେ ଜଣେ ନୂଆ ଅତିଥି ଆସିଛନ୍ତି। ହେଲେ ସେ ଏଥିରେ ଭୟରେ ଅଛନ୍ତି। କାରଣ ଏହା ପୂର୍ବରୁ ତାଙ୍କ ଜୀବନରେ କିଛି ଠିକ୍ ନ ଥିଲା। ତାଙ୍କୁ ଏବେ ମୁମ୍ବାଇ ଏବଂ ଦୁବାଇରେ ଡ୍ୟାନ୍ସ ଷ୍ଟୁଡିଓ ପରିଚାଳନା କରିବାରେ କଷ୍ଟସାଧ ହୋଇପଡ଼ିଛି। ସେଥିପାଇଁ ସେ ଜଣେ ଏମିତି ଜୀବନସାଥୀ ଚାହୁଁଛନ୍ତି, ଯିଏ ତାଙ୍କୁ ତାଙ୍କ କାର୍ଯ୍ୟରେ ସାହାଯ୍ୟ କରିପାରିବେ। ଏଥିସହ ରାକ୍ଷୀ ଭିଡିଓରେ କହିଛନ୍ତି, ତାଙ୍କୁ ଶୀଘ୍ର ଛାଡ଼ପତ୍ର କରାଇ ଦିଅନ୍ତୁ। ରାକ୍ଷୀଙ୍କ ସେହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସେ ନାଚୁଥିବାର ନଜର ଆସିଛନ୍ତି। ଶୀଘ୍ର ଛାଡ଼ପତ୍ର ଦେବାକୁ ଜଜ୍‌ଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ରାକ୍ଷୀ ଆଦିଲ ଦୁରାନୀଙ୍କୁ ବିବାହ କରିଥିଲେ। କିଛିଦିନ ପରେ ସେ ଆଦିଲଙ୍କ ବିରୋଧରେ ସମସ୍ତ ଅଭିଯୋଗ କରିଥିଲେ ଏବଂ ତାଙ୍କୁ ଜେଲ ପଠାଇଥିଲେ। ତେବେ ରାକ୍ଷୀ ଜଣେ ନୃତ୍ୟଶିଳ୍ପୀ। ଏଥିସହ ସେ ୧୯୯୭ରୁ ତାଙ୍କ ପ୍ରଥମ ଫିଲ୍ମ କରିଥିଲେ। ଶେଷଥର ପାଇଁ ତାଙ୍କୁ ୨୦୧୯ରେ 'ଉପକ୍ଷା'ରେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ସେ ଟେଲିଭିଜନର ଅନେକ ଶୋ'ରେ ନଜରକୁ ଆସିଛନ୍ତି।



ରାକ୍ଷୀ ସାୱନ୍ତ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ-ଲେବାନନ ଫାଇନାଲ

ଭୁବନେଶ୍ୱର, ୧୫।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ଭାନୁଆଟୁ ଓ ମଙ୍ଗୋଲିଆ ଯଥାକ୍ରମେ ୩ ଓ ୧ ପଏଣ୍ଟ ସହିତ ବିଦାୟ ନେଇଥିବାବେଳେ ଭାରତ ଓ ଲେବାନନ ଫାଇନାଲରେ ପ୍ରବେଶ କରିଛନ୍ତି। ସନ୍ଧ୍ୟା ୭ଟା ୩୦ରେ ଭାରତ ଓ ଲେବାନନ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ ଲିଗ୍ ଗୋଲଶୂନ୍ୟ ଡ୍ର ରହିଛି। ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ସନ୍ଦେଶ ଜିଙ୍ଗାନ ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

**ଅନ୍ତିମ ଲିଗ୍ ମ୍ୟାଚ୍ ଗୋଲଶୂନ୍ୟ ଡ୍ରରେ ଶେଷ**

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି.ଟି. ଉଷା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଫାଇନାଲରେ ଫିଫା ର୍ୟାଙ୍କିଙ୍ଗରେ ୯୯ ସ୍ଥାନରେ ଥିବା ଲେବାନନ ୧୦୧ ର୍ୟାଙ୍କପ୍ରାପ୍ତ ଭାରତକୁ ଭେଟିବ। ଭାରତ ଏହାର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ ଓ ଦ୍ୱିତୀୟ ମ୍ୟାଚରେ ଭାନୁଆଟୁକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଭାନୁଆଟୁକୁ ୩-୧ ଗୋଲରେ ହରାଇଥିବା ଲେବାନନ ଦ୍ୱିତୀୟ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ମଙ୍ଗୋଲିଆ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। ତେଣୁ ଦୁଇଟିଯାକ ଦଳ ଅପରାଜେୟ ଭାବେ ଫାଇନାଲ ଖେଳିବାକୁ ଯାଉଛନ୍ତି।


ଭାରତ-ଲେବାନନ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ୪ର୍ଥ ମିନିଟରେ ବକ୍ସ ଏରିଆ ମଧ୍ୟରେ ଚାଙ୍ଗଟେ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଅନିରୁଦ୍ଧ ଥାପ୍ପା ସୁଯୋଗ ହାତଛଡ଼ା କରି ଦେଇଥିଲେ। ଲେବାନନ ମଧ୍ୟ ସହଜେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୬ଷ୍ଠ ମିନିଟରେ ବାମପଟରୁ ଲେବାନନ ଅଧିନାୟକ ହାସନ ମାଟୌକ ବଲ୍ ନେଇ ଡି' ଏରିଆର ନିକଟତର ହୋଇଥିଲେ। ମାତ୍ର ଥାପ୍ପା ତାହାକୁ ପ୍ରତିହତ କରିଥିଲେ। ୧୯ତମ ମିନିଟରେ ମହମ୍ମଦ ଆଶିକ୍ କୁରୁନିଆନ୍ ଆଉ ଏକ ସୁଯୋଗ ପାଇଥିଲେ ମଧ୍ୟ ତାଙ୍କ ଶଟ୍ ସିଧା ଲେବାନନ ଗୋଲକିପର ଅଲୀ ସାବେଙ୍କ ନିକଟକୁ ଯାଇଥିଲା। ୨୭ତମ ମିନିଟରେ ଲେବାନନର କରିମ ଡାରୱିଚ୍‌ଙ୍କୁ ଠେଲି ତଳେ ପକାଇଦେବାରୁ ଭାରତର ଉଦାନ୍ତ ସିଂ କୁମାମ ହଳଦିଆ କାର୍ଡ ପାଇଥିଲେ। ଏହି ସମୟରେ ରେଫରି କୁଲିଂ ବ୍ରେକର ସୂଚନା ଦେଇଥିଲେ। ୩୫ତମ ମିଟରେ ଲେବାନନ ଡି' ଏରିଆ ବାହାରେ ଭାରତକୁ ଏକ ଫ୍ରି କିକ୍ ମିଳିଥିଲା। ମାତ୍ର ଲେବାନନ ଖେଳାଳିଙ୍କ ଦ୍ୱାରା ପ୍ରସ୍ତୁତ ୱାଲ୍ ଉପରେ ଉଦାନ୍ତ ମାରିଥିବା ଶଟ୍ ଗୋଲପୋଷ୍ଟର ବାହାରେ ଚାଲି ଯାଇଥିଲା। ୪୩ତମ ମିନିଟରେ ହ୍ୟାଣ୍ଡବଲ ପାଇଁ ଲେବାନନର ଜିହାଦ ଅୟୁବ ୟେଲୋ କାର୍ଡ ପାଇଥିଲେ।

୫୯ତମ ମିନିଟରେ ପ୍ରଥମ ବଦଳ ଖେଳାଳି ନେଇଥିଲେ ଭାରତ କୋଚ୍ ଇଗର ଷ୍ଟିମାକ୍। ଆଶିକ୍‌ଙ୍କ ସ୍ଥାନରେ ଅନୱର ଅଲୀ ପଡ଼ିଆରେ ପ୍ରବେଶ କରିଥିଲେ। ବାମପଟରୁ ଅନୱର ଓ ଆକାଶ ବଲ୍‌କୁ ଆଗେଇ ନେଇ ପ୍ରତିପକ୍ଷ ଦଳପାଇଁ ବିପଦ ସୃଷ୍ଟି କରିଥିଲେ। ମାତ୍ର ଲେବାନନ ରକ୍ଷଣଭାଗ ବଲ୍‌କୁ କ୍ଲିୟର କରିବାରେ ସକ୍ଷମ ହୋଇଥିଲା। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ୫ ମିନିଟର ଇଞ୍ଜୁରି ଟାଇମ୍‌ରେ ଅଗ୍ରଣୀ ନେବାକୁ ଉଭୟ ଦଳର ଖେଳାଳି ଉଦ୍ୟମ କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା।

## ମ୍ୟାଚ୍ ଅଧାରେ ପାୱାର କଟ୍

ଭାରତ ଓ ଲେବାନନ୍ ମଧ୍ୟରେ ଖେଳା ଯାଇଥିବା ଅନ୍ତିମ ମ୍ୟାଚ୍‌ରେ ଫ୍ଲଡ୍ ଲାଇଟ୍ କଟି ଯାଇଥିଲା। ପାୱାର କଟ୍ କାରଣରୁ ୨ଟି ଫ୍ଲଡଲାଇଟ ଟାୱାରକୁ ଅଫ୍ କରି ଦିଆ ଯାଇଥିଲା। ତେବେ ଅବଶିଷ୍ଟ ୨ଟି ଫ୍ଲଟଲାଇଟ ଟାୱାର ଆଲୋକରେ ଦ୍ୱିତୀୟାର୍ଦ୍ଧ ଆରମ୍ଭ ହୋଇଥିଲା। ୧୦ ମିନିଟ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଷ୍ଟାର୍ଟିଂ ଲାଇନ୍‌ଅପ୍‌ରେ ନ ଥିଲେ ଛେତ୍ରୀ

ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ ପୂର୍ବରୁ ଭାନୁଆଟୁ ଓ ମଙ୍ଗୋଲିଆ ବିଦାହେବା ସ୍ପଷ୍ଟ ହୋଇ ଯାଇଥିଲା। ଫଳରେ ଭାରତ-ଲେବାନନ କେବଳ ଔପଚାରିକତା ଦୃଷ୍ଟିରୁ ଅନ୍ତିମ ଲିଗ୍ ମ୍ୟାଚ ଖେଳିଥିଲେ। ଫାଇନାଲରେ ଭାରତ ପୁଣି ଲେବାନନକୁ ଭେଟିବାର ଥିବାରୁ ଘରୋଇ ଦଳର କୋଚ୍ ଇଗର ଷ୍ଟିମାକ ନିଜର ତାରକା ଖେଳାଳି ତଥା ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ଷ୍ଟାର୍ଟିଂ ଇଲେଭେନରେ ନ ରଖି ବିଶ୍ରାମ ଦେଇଥିଲେ। ତାଙ୍କ ସ୍ଥାନରେ ୫ ନମ୍ବର ଜର୍ସି ପରିହିତ ଖେଳାଳି ସନ୍ଦେଶ ଜିଙ୍ଗାନ ନେତୃତ୍ୱ ନେଇଥିଲେ। ମ୍ୟାଚକୁ ୧୦,୨୦୦ ଦର୍ଶକ ଉପଭୋଗ କରିଥିଲେ। ୮୦ତମ ମିନିଟରେ ଛେତ୍ରୀ ଉଦାନ୍ତ ସିଂଙ୍କ ବଦଳରେ ପଡ଼ିଆରେ ପ୍ରବେଶ କରିବା ମାତ୍ରେ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇଥିଲା। ସେ ପଡ଼ିଆରେ ପ୍ରବେଶ କରିବାସହ ଦଳର ନେତୃତ୍ୱ ମଧ୍ୟ ନେଇଥିଲା। ୮୦ତମ ମିନିଟ ପର୍ଯ୍ୟନ୍ତ ନେତୃତ୍ୱ ନେଇଥିବା ଜିଙ୍ଗାନ ବାହାରକୁ ଆସିଥିବାବେଳେ ତାଙ୍କ ସ୍ଥାନରେ ରାହୁଲ ଶଙ୍କର ବେକେ ବଦଳ ଖେଳାଳିଭାବେ ପ୍ରବେଶ କରିଥିଲେ।

# 'କ୍ଲବ ଅମ୍ବର' ଉଦ୍‌ଘାଟନ କଲେ ଲିଆଣ୍ଡର ପେସ୍


ସ୍ପୋର୍ଟ୍ସ କମ୍ପ୍ଲେକ୍ସ 'କ୍ଲବ ଅମ୍ବର' ଉଦ୍‌ଘାଟନ କରୁଛନ୍ତି କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍।

ଭୁବନେଶ୍ୱର, ୧୫।୬ (ଅଭୟ ଦାଶ)

'ଜେଡ୍ ୱାନ' ପରିସରରେ ଏକ ସଂପୂର୍ଣ୍ଣ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ 'କ୍ଲବ ଅମ୍ବର' ଉଦ୍‌ଘାଟିତ ହୋଇଛି। ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ୨ ଏକର ପରିମିତ ଅଞ୍ଚଳ ଉପରେ ନିର୍ମିତ 'କ୍ଲବ ଅମ୍ବର' ହେଉଛି ସବୁଠାରୁ ବଡ଼ ରେସିଂ ଆଉଟଡୋର ଗେମ କମ୍ପ୍ଲେକ୍ସ। ଏଠାରେ ବିଭିନ୍ନ ଇନ୍‌ଡୋର ଗେମ୍ସ ବ୍ୟତୀତ ୨ଟି ସିନ୍ଥେଟିକ ଟେନିସ କୋର୍ଟ, ଜଗିଂ ଟ୍ରାକ, ଇନ ଏୟାର କଣ୍ଡିସନ୍ଡ, ବ୍ୟାଡମିଣ୍ଟନ କୋର୍ଟ, ଦୁଇଟି ସୁଇମିଂପୁଲ, କାଲିଷ୍ଥେନିକ୍ସ ପାର୍କ, ଗଲ୍ଫ ପ୍ରାକ୍ଟିସ ନେଟ, ହାଫ୍ ବାସ୍କେଟବଲ କୋର୍ଟ, ଦୁଇଟି କ୍ରିକେଟ ପ୍ରାକ୍ଟିସ ନେଟ୍, ସ୍କେଟିଂ ରିଙ୍ଗ, ଜିମ, ଘରୋଇ ମୁଭି ଥିଏଟର ଓ ବାଂକ୍ୱେଟ ଲନ ରହିଛି। କ୍ଲବ ଅମ୍ବର କ୍ରୀଡ଼ା ପ୍ରୋତ୍ସାହନ ଦେବା ସହିତ ଏକ ସୁସ୍ଥ ଜୀବନଶୈଳୀ ଲାଗି ଯତ୍ନବାନ ହେବା ଦିଗରେ 'ଜେଡ୍ ୱାନ'ର ଦୃଢ ପ୍ରତିବଦ୍ଧତାକୁ ସୂଚାଉଛି ବୋଲି କହିଥିଲେ ପେସ୍।

## କ୍ୱାର୍ଟରରେ ପ୍ରମୋଦ, ମନୀଷା

ଭୁବନେଶ୍ୱର, ୧୫।୬ (ସରୋଜ ଜେନା)

କାନାଡାର ଓଣ୍ଟାରିଓରେ ଅନୁଷ୍ଠିତ କାନାଡା ପାରା ବ୍ୟାଡମିଣ୍ଟନ୍ ୨୦୨୩ର ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ ଓ ମନୀଷା ରାମଦାସ। ପ୍ରମୋଦ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ନିଜ ଦେଶର ନେହାଲ ଗୁପ୍ତାଙ୍କୁ ୨୧-୧୯ ଓ ୨୧-୧୮ ସେଟରେ ପରାସ୍ତ କରିଛନ୍ତି। ଅନ୍ୟ ପକ୍ଷରେ ମିକ୍ସଡ ଡବଲ୍ସରେ କ୍ରମାଗତ ବିଜୟ ସହିତ ପ୍ରମୋଦ ଭଗତ ଓ ମନୀଷା ରାମଦାସଙ୍କ ଯୋଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡୋନେସିଆର ଫ୍ରେଡି ସେଟିଆୱାନ ଓ ଖଲିମାଟୁସ ସାଦିୟାଙ୍କୁ ୨୧-୧୫ ଓ ୨୧-୧୧ ସେଟ୍‌ରେ ପରାସ୍ତ କରିଥିଲେ ପ୍ରମୋଦ-ମନୀଷା।


**Birthday Wish**



**Pranjal ( Bhumi)**

Every single day since you were born, you've added something amazing to my life. I can't imagine my life without you in it.

Best wishes family and relatives.

D-0586


## ବେଲିଂହାମଙ୍କୁ ମିଳିଲା ଜିଡାନ୍‌ଙ୍କ ଜର୍ସି ନମ୍ବର

ମାଡ୍ରିଡ୍, ୧୫।୬(ପି.ଟି)

ଫୁଟବଲ୍ କିମ୍ବଦନ୍ତୀ ଜିନେଡାଇନ୍ ଜିଡାନ୍‌ଙ୍କ ଜର୍ସି ନମ୍ବରରେ ଇଂଲଣ୍ଡର ଜୁଡ୍ ବେଲିଂହାମଙ୍କୁ ଦେଖିବାକୁ ମିଳିବ। ବୁଧବାର ବେଲିଂହାମ୍ ରିୟଲ ମାଡ୍ରିଡ୍ ସହିତ ୬ ବର୍ଷର ଚୁକ୍ତି ସାଇନ୍ କରିଥିଲେ। ୟୁରୋପର ସଫଳତମ କ୍ଲବ୍ ରିୟଲ ମାଡ୍ରିଡ୍ ସହିତ ଚୁକ୍ତି ସ୍ୱାକ୍ଷର ସମୟରେ କ୍ଲବ ସଭାପତି ଫ୍ଲୋରେଣ୍ଟିନୋ ପେରେଜ ମଧ୍ୟ ଉପସ୍ଥିତ ଥିଲେ। ଏହା ସହିତ କ୍ଲବ ପ୍ରସିଦ୍ଧ ଖେଳାଳି ଜିନେଡାଇନ୍ ଜିଡାନ୍‌ଙ୍କ ୫ ନମ୍ବର ଜର୍ସି ବେଲିଂହାମଙ୍କୁ ଦିଆଯାଇଛି। ଜର୍ସି ମିଳିବା ପରେ ବେଲିଂହାମ ଏକ ଅଭିଭାଷଣ ଦେଇ କ୍ଲବର ପ୍ରଶଂସା କରିଥିଲେ। ଫିଫା ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ପରେ ବେଲିଂହାମକୁ ନେବା ପାଇଁ ବିଭିନ୍ନ ଦଳ ଆଗ୍ରହ ପ୍ରକାଶ କରିଥିଲେ। ତେବେ ୧୪ ଥର ୟୁରୋପିଆନ୍ ଚାମ୍ପିୟନ ରିୟଲ ମାଡ୍ରିଡ୍ ସହିତ ଯୋଗ ଦେଇଛନ୍ତି ବେଲିଂହାମ। ଉଭୟ ପକ୍ଷରୁ ଏହି ଡିଲ୍‌କୁ ନେଇ ନୀରବତା ଅବଲମ୍ବନ କରାଯାଇଥିଲେ ମଧ୍ୟ ପ୍ରାୟ ୧୩୯ ମିଲିୟନ ଡଲାରରେ ୬ ବର୍ଷ ପାଇଁ ଚୁକ୍ତି ହୋଇଥିବା ଜଣାପଡିଛି। ୧୯ ବର୍ଷୀୟ ବେଲିଂହାମ୍ ମାଡ୍ରିଡ୍‌ର ୟୁଥ୍ ମୁଭମେଣ୍ଟରେ ଯୋଗ ଦେଇଛନ୍ତି। ଏହି ମୁଭମେଣ୍ଟରେ ବ୍ରାଜିଲର ୨୨ ବର୍ଷୀୟ ଭିନିସିଅସ୍ ଜୁନିୟର, ରୋଡ୍ରିଗୋ, ଫ୍ରାନ୍ସ ଅନ୍ତର୍ଜାତୀୟ ଖେଳାଳି ଏଡୁଆର୍ଡୋ କାମଭିଙ୍ଗା, ଅଉରେଲିନ୍ ଟିଚୌମେନି, ଉରୁଗୁଏର ଫ୍ରେଡରିକୋ ଭାଲଭେର୍ଡେ ପ୍ରମୁଖ ସାମିଲ ଅଛନ୍ତି। ମାଡ୍ରିଡ୍‌ରୁ କରିମ୍ ବେଞ୍ଜେମାଙ୍କ ପରି ଖେଳାଳି ଦଳ ଛାଡି ସାଉଦି ଲିଗ୍‌କୁ ଯାଇଥିବା ବେଳେ ଲୁକା ମୋଡ୍ରିକ୍ ଓ ଟୋନି କ୍ରୁସ୍‌ଙ୍କ ପରି ଖେଳାଳିଙ୍କ ଚୁକ୍ତି ଶେଷ ହେବା ଉପରେ। ଏପରି ସ୍ଥଳେ ଏହି ଯୁବ ଖେଳାଳିମାନଙ୍କୁ ସୁଯୋଗ ମିଳିପାରିବ। ଏହା ସହିତ କ୍ଲବ କିଲିଆନ୍ ଏମ୍ବାପେ କିମ୍ବା ଟଟେନ୍‌ହାମ୍‌ର ହ୍ୟାରି କେନ୍‌ଙ୍କୁ କିଣିବାର ସମ୍ଭାବନା ରହିଛି।

## ଭାନୁଆଟୁ, ମଙ୍ଗୋଲିଆ ଚ୍ୟାଲେଞ୍ଜ ଶେଷ

ଭୁବନେଶ୍ୱର, ୧୫।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରୁ ଭାନୁଆଟୁ ଓ ମଙ୍ଗୋଲିଆ ଚ୍ୟାଲେଞ୍ଜ ଶେଷ ହୋଇଛି। ଗୁରୁବାର ଅପରାହ୍ନ ୪ଟା ୩୦ରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଭାନୁଆଟୁ ୧-୦ ଗୋଲରେ ମଙ୍ଗୋଲିଆକୁ ପରାସ୍ତ କରିଛି। ଫଳରେ ଭାରତ ଓ ଲେବାନନ ମଧ୍ୟରେ ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ ପୂର୍ବରୁ ଏହି ଦୁଇ ଦଳ ବିଦାହେବା ସ୍ପଷ୍ଟ ହୋଇ ଯାଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ମ୍ୟାଚର ୪୬ତମ ମିନିଟରେ ମଙ୍ଗୋଲିଆର ଗଣ୍ଡୋଗଟୋଖ ଗଣ୍ଟୁୟାଙ୍କ ଆତ୍ମଘାତୀ ଗୋଲ ମଙ୍ଗୋଲିଆ ପାଇଁ ମହଙ୍ଗା ପଡ଼ିଥିଲା। ମଙ୍ଗୋଲିଆ ଡି ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବା ସମୟରେ ଗଣ୍ଟୁୟାଙ୍କ ପାଦ ବାଜି ବଲ୍ ଗୋଲପୋଷ୍ଟ ମଧ୍ୟରେ ପ୍ରବେଶ କରିଯାଇଥିଲା। ଗୋଲକିପର ତାହାକୁ ରୋକିବାକୁ ସମୟ ପାଇ ନ ଥିଲେ। ମ୍ୟାଚର ଅବଶିଷ୍ଟ ସମୟରେ ମଙ୍ଗୋଲିଆ ଖେଳାଳିମାନେ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଫଳରେ ଭାନୁଆଟୁ ୩ ମ୍ୟାଚରୁ ୧ ବିଜୟ ସହ ୩ ଏବଂ ମଙ୍ଗୋଲିଆ ସମାନ ସଂଖ୍ୟକ ମ୍ୟାଚରୁ ୧ ପଏଣ୍ଟ ପାଇ ଅଭିଯାନ ଶେଷ କରିଥିଲା। ଫିଫା ର୍ୟାଙ୍କିଙ୍ଗରେ ୧୬୪ତମ ସ୍ଥାନରେ ଥିବା ଭାନୁଆଟୁ ନିଜର ପ୍ରଥମ ମ୍ୟାଚରେ ୧-୩ ଗୋଲରେ ଲେବାନନଠାରୁ ଏବଂ ଦ୍ୱିତୀୟ ମ୍ୟାଚରେ ୦-୧ ଗୋଲରେ ଭାରତଠାରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ୧୮୩ ର୍ୟାଙ୍କପ୍ରାପ୍ତ ମଙ୍ଗୋଲିଆ ପ୍ରଥମ ମ୍ୟାଚରେ ୦-୨ ଗୋଲରେ ଭାରତଠାରୁ ହାରିଥିବାବେଳେ ଲେବାନନ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ବିଶ୍ୱର ୯୯ ନମ୍ବର ଦଳ ବିପକ୍ଷରେ ମଙ୍ଗୋଲିଆ କରିଥିବା ପ୍ରଦର୍ଶନକୁ ଭାନୁଆଟୁ ବିପକ୍ଷରେ ଦୋହରାଇଥିଲା। ମାତ୍ର ଆତ୍ମଘାତୀ ଗୋଲ ଦଳକୁ ପରାଜୟ ସ୍ୱାଦ ଚଖାଇଲା।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

## 'ସି' ବର୍ଗରେ ୫୭୪ ପ୍ରତିଯୋଗୀ


କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ସି' ବର୍ଗ ଟୁର୍ନାମେଣ୍ଟର ଉଦ୍‌ଘାଟନ।

ଭୁବନେଶ୍ୱର, ୧୫।୬
(ସରୋଜ ଜେନା)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ସି' ବର୍ଗ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଭାରତ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଓ ସିରିଆ ଭଳି ୫ ଦେଶରୁ ୫୭୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି, ଯାହାକି ଏକ ଜାତୀୟ ରେକର୍ଡ। ଓଡ଼ିଶାରୁ ୨୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୧୫୯୩ ୟେଲୋ ରେଟିଂ ପଏଣ୍ଟ ସହିତ ମୁକେଶ ମୁଥୁକୁମାର ପ୍ରଥମ ସ୍ଥାନରେ ରହିଛନ୍ତି।

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

ମଣିପାଲ ବିଶ୍ୱବିଦ୍ୟାଳୟର କ୍ରୀଡା ନିର୍ଦ୍ଦେଶକ ଡ. ରୀନା ପୁନିଆ, ମହାତ୍ମା ଗାନ୍ଧୀ ୟୁନିଭର୍ସିଟି ଫିଜିକାଲ ଏଜୁକେଶନର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଗିସ୍, କିଟ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଏଆଇସିଏଫ୍ ଯୁଗ୍ମ ସଚିବ ରଞ୍ଜନ ମହାନ୍ତି, ସୂର୍ଯ୍ୟକାନ୍ତ ବିଷୋୟୀ, ପ୍ରଦୀପ ମହାନ୍ତି, ନିହାର ରଞ୍ଜନ ସାସମଲ, ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। 'ସି' ବର୍ଗ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ପ୍ରତିଯୋଗୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ଦଳରେ ଦୁଇ ଓଡ଼ିଆ

ଭୁବନେଶ୍ୱର, ୧୫।୬
(ସରୋଜ ଜେନା)

ଇଣ୍ଡୋନେସିଆର ଇଟେ ଜାଭା ସ୍ଥିତ ଗ୍ରେସିକ୍‌ରେ ଆୟୋଜିତ ହେବାକୁ ଯାଉଥିବା ୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜର୍ କପ ପାଇଁ ଭାରତୀୟ ଭଲିବଲ ଦଳ ଘୋଷଣା କରାଯାଇଛି। ଗୁରୁବାର ଘୋଷିତ ଦଳରେ ଦୁଇ ଜଣ ଓଡ଼ିଆ ଖେଳାଳିଙ୍କୁ ସ୍ଥାନ ମିଳିଛି। ଆସନ୍ତା ୧୮ରୁ ୨୫ ଜୁନ୍ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ୨୯ ମେରୁ ୧୫ ଜୁନ୍ ପର୍ଯ୍ୟନ୍ତ କିଟ୍ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ପରେ ଗୁରୁବାର ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ କେରଳରୁ ୬, ରେଲୱେଜରୁ ୫, ଓଡ଼ିଶାରୁ ୨ ଓ ହିମାଚଳ ପ୍ରଦେଶରୁ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଛି। ଓଡ଼ିଶାରୁ ଭାଲା ଚେତନା ଓ ଅନନ୍ୟା ଦାସଙ୍କୁ ଏହି ଦଳରେ ସାମିଲ କରାଯାଇଛି।

**୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜର୍ କପ୍**

**ଭାରତୀୟ ଭଲିବଲ ଦଳ:** ନିର୍ମଳ (ଅଧିନାୟିକା), ଜିନ୍ସି ଜନସନ୍, ଆଞ୍ଜେଲ ଯୋଶେଫ୍, ଏଶ୍. ଶାଳିନୀ, କେ. ଅଶ୍ୱିନୀ, ଏନ୍. ଏସ୍. ଶରଣ୍ୟା, କେ.ପି. ଅନୁଶ୍ରୀ, ଏସ୍ ସୂର୍ଯ୍ୟା, କେ.ଏସ୍. ଜିନି, ଆର. ଏସ୍. ଶିଲ୍ପା, ଭାଲା ଚେତନା, ହେମଲତା, ଆର. ଅଶ୍ୱତ୍ଥୀ, ଅନନ୍ୟା ଦାଶ।



୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜର୍ କପ ପାଇଁ ମନୋନୀତ ଭାରତୀୟ ଭଲିବଲ ଦଳ ଓ ଅନ୍ୟମାନେ।


**Classified Everyday**
**0674-2580101, 2549949**


**REAL ESTATE**

**SALE**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74694

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468




**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open health benefits SPA special offer @ 799 Jaydev Vihar. 8018429809. D-75117

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit executed before Notary Public, Bhubaneswar. I, Nibedita Mohanty aged 47years, D/o Suryamani Mohanty, W/o Krushna Chandra Das, R/o - E-021, Cosmopolies, Dumduma, Khandagiri, Bhubaneswar-751002, Odisha have changed my surname from Nibedita Mohanty to Nibedita Das. Henceforth I shall be known as NIBEDITA DAS, W/o Krushna Chandra Das for all future purposes. D-75119

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କେଶବ ଲେଙ୍କା**
ପତ୍ନୀ: ରେଣୁ
ଆବିର୍ଭାବ: ୧୦।୧୨।୧୯୬୦
ତିରୋଧାନ: ୧୬।୦୬।୨୦୨୨
ବେଲବାରୀ, କାକଟପୁର, ପୁରୀ

ଚାହୁଁ ଚାହୁଁ ବର୍ଷେ ପୁରିଗଲା ହେଲେ ମନରୁ ଭୁଲି ପାରୁନୁ ତୁମକୁ। ଆଜିବି ମନେ ପଡୁଛ ତୁମେ ସତରେ, ପୁଣି ଫେରି ଆସିବ ଏଇ ସଜାଡ଼ି ଥିବା ବସାକୁ...

ଶ୍ରଦ୍ଧାଞ୍ଜଳି: ପୁତ୍ର-ପୁତ୍ରବଧୂ: ମାନସ, ମିକି, ପ୍ରକାଶ, ପିଙ୍କି, ରତ୍ନାକର, ରେଖା, ବଂଶୀଧର, ଟିକି, ଯୋଗେନ୍ଦ୍ର, ସଖି, ଢୁଗୁଲି, ଦିପା ସମସ୍ତ ଲେଙ୍କା ପରିବାର ଓ ବନ୍ଧୁବର୍ଗ।

ଧ-୦୫୮୭



ନିର୍ମଳ କୁମାର ମିଶ୍ର

# ଆଇସିସି ଟେଷ୍ଟ ଚାମ୍ପିୟନଶିପ୍
# ସ୍ୱପ୍ନ ଅଧୁରା

ଭାରତକୁ ହରାଇ ଅଷ୍ଟ୍ରେଲିଆ ଜିତିଛି ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ। ଅନ୍ୟପକ୍ଷରେ ଦୀର୍ଘଦିନଧରି ଆଇସିସି ଇଭେଣ୍ଟରେ ଭାରତର ଟାଇଟଲ ଶୂନ୍ୟତା ଜାରିରହିଛି। ୨୦୧୩ ପରେ ଏବଂ ୨୦୨୩ ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟରେ ଆମେ ଆଇସିସି ଟ୍ରଫିର ବିଭିନ୍ନ ଫର୍ମାଟରେ ୪ଟି ଫାଇନାଲ ଏବଂ ୪ଟି ସେମିଫାଇନାଲ ଖେଳିଥିଲେ ମଧ୍ୟ ଟ୍ରଫି ହାସଲ କରି ନ ପାରିବା ଚିନ୍ତାର କାରଣ ହୋଇଛି...





ଭାରତକୁ ହରାଇ ଅଷ୍ଟ୍ରେଲିଆ ଜିତିଛି ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟାଇଟଲ। ଏଥିସହ ସମସ୍ତ ଫର୍ମାଟ୍‌ରେ ସଫଳତା ପାଇଛି ଏହି ଦଳ। ଅନ୍ୟ ପକ୍ଷରେ ଆଇସିସି ଇଭେଣ୍ଟରେ ଭାରତର ବିଫଳତା ଜାରିରହିଛି। ଟିମ୍ ଇଣ୍ଡିଆର ବାରମ୍ବାର ବିଫଳତା କ୍ରିକେଟପ୍ରେମୀଙ୍କୁ ବେଶ୍ ନିରାଶ କରିଛି। ସୋସିଆଲ ମିଡିଆରେ ବେଶ୍ ସମାଲୋଚନାର ସରବ୍ୟ ହୋଇଛି ଟିମ୍ ଇଣ୍ଡିଆ। ୨୦୧୩ ପରେ ଏବଂ ୨୦୨୩ ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟରେ ଆମେ ଆଇସିସି ଟ୍ରଫିର ବିଭିନ୍ନ ଫର୍ମାଟ୍‌ରେ ୪ଟି ଫାଇନାଲ ଏବଂ ୪ଟି ସେମିଫାଇନାଲ ଖେଳିଥିଲେ ମଧ୍ୟ ଟ୍ରଫି ହାସଲ କରି ନ ପାରିବା ଚିନ୍ତାର କାରଣ ହୋଇଛି। କ୍ରମାଗତ ଦୁଇ ଥର ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବା ଟିମ୍ ଇଣ୍ଡିଆ ପାଇଁ ବେଶ୍ ଉତ୍ସାହଜନକ ଥିଲା। ଗତ ୨ବର୍ଷ ଧରି ଘରୋଇ ଏବଂ ବିଦେଶ ମାଟିରେ ଭଲ ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ। ମୋଟ ୧୮ ଟେଷ୍ଟ ମ୍ୟାଚ ଖେଳି ୧୦ ବିଜୟ, ୫ ପରାଜୟ ଏବଂ ୩ଟି ଡ୍ର ସହ ଦୃଢ଼ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ୧-୦ରେ ସିରିଜ ବିଜୟ ଲାଭ କରିଥିବା ଭାରତ ଦକ୍ଷିଣ ଆଫ୍ରିକା ନିକଟରୁ ୧-୨ରେ ପରାଜିତ ହୋଇଥିଲା। ଏହାପରେ ବାଂଲାଦେଶ ବିପକ୍ଷରେ ୨-୦ ଓ ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ସିରିଜ ବିଜୟପରେ ଶକ୍ତିଶାଳୀ ଇଂଲଣ୍ଡ ସହ ୨-୨ରେ ସିରିଜ ଡ୍ର କରିଥିଲା। ସବୁଠାରୁ ବଡ଼ କଥାହେଲା ବର୍ତ୍ତମାନର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୨-୧ରେ ଘରୋଇ ସିରିଜରେ ପରାସ୍ତ କରି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ୧ନଂ ସ୍ଥାନରେ ରହିବା ସହିତ କ୍ରମାଗତ ଭାବେ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିଥିଲା। ତେବେ ଆଘାତ ସମସ୍ୟା ଯୋଗୁ ଲୋକେଶ ରାହୁଲ, ଶ୍ରେୟସ ଆୟାର, ରିଷଭ ପନ୍ତ ଏବଂ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତି ଦଳକୁ ବେଶ୍ ଅନୁଭୂତ ହୋଇଥିଲା। ବିରାଟ କୋହଲିଙ୍କ ନେତୃତ୍ୱରେ ପ୍ରଥମ ଡବ୍ଲ୍ୟୁଟିସି ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ରୋଜବାଓ୍ୱଲ ଗ୍ରାଉଣ୍ଡରେ ମାତ୍ର ୪ ଦିନରେ ହାରିଥିଲୁ। ଏବେ ଇଂଲଣ୍ଡର ସୁଇଂ କଣ୍ଡିଶନ, ଗ୍ରାସ୍ ଉଇକେଟରେ ମଧ୍ୟ ଆମେ ବିଫଳ ହେଲୁ। ଦୁଇଥରଯାକ ବିଦେଶ ମାଟିରେ ଆମର ବୋଲିଂ ଓ ବ୍ୟାଟିଂ ସବୁକିଛି ବିଫଳ ହେଲା। ପୂର୍ବ ସିରିଜଗୁଡିକରେ ମୟଙ୍କ ଅଗ୍ରୱାଲ, ଶ୍ରେୟସ ଆୟାର, ବିରାଟ କୋହଲି, ଲୋକେଶ ରାହୁଲ, ମହମ୍ମଦ ଶାମି, ଯଶପ୍ରୀତ ବୁମରା, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ ପ୍ରମୁଖ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ଫାଇନାଲରେ ସୁଯୋଗ ପାଇଥିବା ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ନାହିଁ।

ପ୍ରଥମ ଡବ୍ଲ୍ୟୁଟିସି ଫାଇନାଲରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ସୁନ୍ଦର ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥର କିନ୍ତୁ ପ୍ରତିଦ୍ୱନ୍ଦ୍ୱୀ ଥିଲା ଭିନ୍ନ। ଲଢ଼େଇ ଥିଲା ଟେଷ୍ଟ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଦଳ ଅଷ୍ଟ୍ରେଲିଆ ସହିତ। କଙ୍ଗାରୁ ଦଳ ମଧ୍ୟ ଏହି ୨ବର୍ଷର ସାଇକେଲ (ଚକ୍ର)ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ମୋଟ ୧୯ଟି ମ୍ୟାଚରୁ ୧୧ ବିଜୟ, ୩ ପରାଜୟ ଓ ୫ ଡ୍ର ସହିତ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଟିମ୍ ଇଣ୍ଡିଆଠାରୁ ଏହିଦଳ ବେଶ୍ ଶକ୍ତିଶାଳୀ ଏବଂ ସନ୍ତୁଳିତ ଜଣାପଡୁଥିଲା। ଦଳରେ ଡେଭିଡ ୱାର୍ନର, ଟ୍ରାଭିସ ହେଡ, ଷ୍ଟିଭ ସ୍ମିଥ, କାମେରନ ଗ୍ରୀନ୍, ଆଲେକ୍ସ କାରେ, ଉସମାନ ଖ୍ୱାଜାଙ୍କ ପରି ବ୍ୟାଟର ଥିବାବେଳେ ଅଧିନାୟକ ପ୍ୟାଟ କୁମିନ୍ସ, ମିଚେଲ ଷ୍ଟାର୍କ, ସ୍କଟ୍ ବୋଲାଣ୍ଡ, ନାଥନ ଲାୟନଙ୍କ ପରି ଷ୍ଟାର ବୋଲରମାନ ରହିଥିଲେ। ଆଶା କରାଯାଉଥିଲା ଲଢ଼େଇ ଜୋରଦାର ହେବ ଏବଂ ଏକ ରୋମାଞ୍ଚକର ଫାଇନାଲ ଦର୍ଶକ ଉପଭୋଗ କରିବେ। ମାତ୍ର ଏକତରଫା ଭାବେ ୨୦୯ ରନରେ କଙ୍ଗାରୁ ଦଳ ଭାରତକୁ ପରାସ୍ତ କରିବା ସହିତ ଇତିହାସ ରଚିଲା।

ଫାଇନାଲରେ ପରାଜୟ ପରେ ଟିମ୍ ଚୟନକୁ ନେଇ ରାହୁଲ ଦ୍ରାଭିଡ ଏବଂ ରୋହିତ ଶର୍ମାଙ୍କୁ ବେଶ୍ ସମାଲୋଚନା କରାଯାଇଛି। ଏପରି ଖରାପ ପ୍ରଦର୍ଶନ ପାଇଁ ବହୁ ପୂର୍ବତନ ଖେଳାଳି, ଭାଷ୍ୟକାର ଏବଂ ବିଦେଶୀ ଖେଳାଳି ଟିମ୍ ଇଣ୍ଡିଆର ଶ୍ରେଷ୍ଠ ବ୍ୟାଟିଂ ଲାଇନ ଏବଂ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। କୌଣସି ରଣନୀତି ନେଇ ଟିମ୍‌ଇଣ୍ଡିଆ ଫାଇନାଲ ଖେଳୁ ନ ଥିଲା ବୋଲି କ୍ରିକେଟ ପ୍ରେମୀମାନେ ସୋସିଆଲ ମିଡିଆରେ ବେଶ୍ ଟ୍ରୋଲ କରିବା ଦେଖାଯାଇଛି। ଭାରତୀୟ ଦଳ ବିଫଳତାର ଅନେକ କାରଣ ରହିଛି। ଏହା ମଧ୍ୟରେ ଅନ୍ୟତମ ହେଲା ଷ୍ଟାର ବ୍ୟାଟରଙ୍କ ଖରାପ ଶଟ୍ ଚୟନ। ଆଇପିଏଲ୍ ଟି୨୦ ପରେ ଖେଳାଳିଙ୍କୁ ବିଶ୍ରାମ ନ ମିଳିବା, ଇଂଲଣ୍ଡରେ କୌଣସି ଅଭ୍ୟାସ ମ୍ୟାଚ ନ ଖେଳିବା, ବ୍ୟାଟରମାନେ କୋକାବୁରା ବଲରେ ଅଭ୍ୟାସ କରିବା ପାଇଁ ସୁଯୋଗ ନ ପାଇବା, ଏପରିକି ଡ୍ୟୁକ ବଲରେ ଇଂଲଣ୍ଡର ଗ୍ରାସି ପିଚରେ ଅଧିକ ବାଉନ୍ସ ହେଉଥିବା ବଲକୁ ଉପଯୁକ୍ତ ଭାବେ ସାମ୍ନା କରି ନ ପାରିବା ବିଫଳତାର ଅନ୍ୟତମ ଗୋଟିଏ ଲେଖାଏ କାରଣ। ମେଘୁଆ ପାଗ, ଘାସଯୁକ୍ତ ଉଇକେଟରେ ଟସ୍ ଜିତି ବୋଲିଂ ନେବା ନିଷ୍ପତ୍ତି ସବୁଠାରୁ ବଡ଼ ଭୁଲ୍ ଥିଲା। କାରଣ ଦି ଓଭାଲ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିବା ଦଳ ଶତକଡା ୮୦ ଭାଗ ମ୍ୟାଚ ଜିତିଛି। ସେଠାରେ ଉଭୟ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆ ଦଳର ଟେଷ୍ଟ ରେକର୍ଡ ଆଦୌ ଭଲ ନ ଥିଲା। ୧୪ଟି ମ୍ୟାଚରୁ ଭାରତ ମାତ୍ର ୨ଟି ବିଜୟ ଲାଭ କରିଥିବା ବେଳେ ଅଷ୍ଟ୍ରେଲିଆ ୩୪ଟି ମ୍ୟାଚରୁ ମାତ୍ର ୭ଟି ମ୍ୟାଚରେ ପୂର୍ବରୁ ବିଜୟୀ ହୋଇଥିଲା। ୫ଦିନ ପାଗ ଭଲ ରହିବାର ପୂର୍ବ ସୂଚନା ପାଇ ମଧ୍ୟ ଟିମ୍ ଇଣ୍ଡିଆ ବୋଲିଂ ନେବା ଏବଂ ପିଚକୁ ଠିକ୍ ରୂପେ ଅଧ୍ୟୟନ କରି ନ ପାରିବା ମଧ୍ୟ ଅନ୍ୟତମ କାରଣ ଥିଲା। ରୋହିତଙ୍କ ନେତୃତ୍ୱ ଉଚ୍ଚକୋଟୀର ନ ଥିବା ବେଳେ ବୋଲରମାନଙ୍କ ଦିଶାହୀନ ବୋଲିଂ ଟ୍ରାଭିସ ହେଡ ଏବଂ ଷ୍ଟିଭ ସ୍ମିଥଙ୍କୁ ଶତକୀୟ ଇନିଂସ ଖେଳିବା ପାଇଁ ସୁଯୋଗ ଦେଇଥିଲା। ଯଦିଓ ଭାରତ ମହମ୍ମଦ ସାମି, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର, ଅଜିଙ୍କ୍ୟ ରାହାନେ, ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଯୋଗୁ କିଛି ମାତ୍ରାରେ ଆତ୍ମସମ୍ମାନ ରକ୍ଷା କରିଥିଲା ତେବେ ତାହା ଅଷ୍ଟ୍ରେଲିଆପରି ଦଳକୁ ଚ୍ୟାଲେଞ୍ଜ ଦେବାକୁ ପର୍ଯ୍ୟାପ୍ତ ନ ଥିଲା।[1]

ବିଶ୍ୱର ୧ନଂ ଟେଷ୍ଟ ବୋଲର ଏବଂ ୨ନଂ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବାହାରେ ବସାଇବା ଟିମ୍ ମ୍ୟାନେଜମେଣ୍ଟର ଅନ୍ୟତମ ତ୍ରୁଟି ଥିଲା। ଘରୋଇ ବର୍ଡର ଗାଭାସ୍କର ଟ୍ରଫିରେ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଏବଂ ଟେଷ୍ଟ କ୍ରିକେଟର ୯୨ଟି ମ୍ୟାଚରୁ ୪୭୩ ଉଇକେଟ ନେଇଥିବା ଖେଳାଳିଙ୍କୁ ରିଜର୍ଭ ବେଞ୍ଚରେ ବସାଇଥଲା ଟିମ୍ ଇଣ୍ଡିଆ, ଯେଉଁଠାରେକି ଅଷ୍ଟ୍ରେଲିଆର ୪ଜଣ ବ୍ୟାଟର ବାମହାତୀ ବ୍ୟାଟିଂ କରୁଥିଲେ। ଅଶ୍ୱିନି ଜଣେ ଚତୁର ବୋଲର। ଏକାଧିକ ବାର ଟ୍ରାଭିସ ହେଡ ଏବଂ ଷ୍ଟିଭ ସ୍ମିଥଙ୍କ ଉଇକେଟ ସେ ନେଇଛନ୍ତି। ଯାହାକି ସମ୍ପୂର୍ଣ୍ଣ ରୂପେ ଟିମ୍ ଇଣ୍ଡିଆକୁ ଏହି ଟେଷ୍ଟରେ ବ୍ୟାକଫୁଟ୍‌ରେ ରଖିଲା। ଟିମ୍ ଇଣ୍ଡିଆକୁ ୨ଜଣ ସ୍ପିନର ଖେଳାଇବାର ଥିଲା। ଉମେଶ ଯାଦବ ଆଘାତ ପ୍ରାପ୍ତ ଥିବା ବେଳେ ତାଙ୍କୁ ଟିମ୍‌ରେ ସାମିଲ କରିବା ବଡ ଭୁଲ ଥିଲା। ଅନ୍ୟତମ କାରଣ ଥିଲା ୨ଟି ଯାକ ଇନିଂସରେ ଟପ ଅର୍ଡର ବ୍ୟାଟରମାନଙ୍କ ବିଫଳତା। କେବଳ ରାହାନେଙ୍କ ପ୍ରଦର୍ଶନ ଆଖିଦୃଶିଆ ରହିଥିଲା। ଟପ ଅର୍ଡର ବ୍ୟାଟିଂ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ହେଲା ଟି୨୦ ଫର୍ମାଟରୁ ବାହାରି ପାରିଲେନି ଆମ ବ୍ୟାଟର୍ସ। କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରୁ ଆସି ହଠାତ୍ ସବୁଠୁ ଲମ୍ବା ଫର୍ମାଟ ସହିତ ଖାପ ଖୁଆଇ ପାରିଲେନି। ଯାହାକି ବଡ ବିଫଳତା। ଶୁବମନ ଗିଲଙ୍କ ଦ୍ୱିତୀୟ ଇନିଂସ ଆଉଟ ମଧ୍ୟ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଯଦି ଟିମ୍ ଇଣ୍ଡିଆ ଟେଷ୍ଟ ମ୍ୟାଚ ଡ୍ର ରଖିଥାନ୍ତା ତେବେ ଉଭୟ ଯୁଗ୍ମ ବିଜେତା ହୋଇଥାନ୍ତେ। ଏହା ହୋଇଥିଲେ ଟିମ୍ ଇଣ୍ଡିଆର ୧୦ ବର୍ଷର ସ୍ୱପ୍ନ ସାକାର ହୋଇଥାନ୍ତା। ଏବେ ଆଇସିସି ଟ୍ରଫି ପାଇଁ ଟିମ୍ ଇଣ୍ଡିଆକୁ ନଭେମ୍ବରରେ ଘରୋଇ ମାଟିରେ ହେବାକୁ ଥିବା ଏକଦିବସୀୟ ବିଶ୍ୱକପ ଉପରେ ଫୋକସ କରିବାକୁ ହେବ।

# ଟେନିସ୍‌ର ମହାନାୟକ

ଏକଦା ଟେନିସ୍‌ରେ ପିଟ୍ ସାମ୍ପ୍ରାସଙ୍କ ୧୪ ଗ୍ରାଣ୍ଡସ୍ଲାମର ରେକର୍ଡର କେହି ସମକକ୍ଷ ହେବା ସ୍ୱପ୍ନ ପରି ଲାଗୁଥିଲା। ରୋଜର ଫେଡେରର ଏହି ରେକର୍ଡ ଭାଙ୍ଗିବା ସହ ୨୦ ଗ୍ରାଣ୍ଡସ୍ଲାମ ଜିତିଥିଲେ। ପରେ ୨୨ଟି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରାଫାଲ ନାଡାଲ୍ ଏହି ରେକର୍ଡକୁ ଭାଙ୍ଗିଥିଲେ। ଏବେ ନାଡାଲଙ୍କ ରେକର୍ଡ ଭାଙ୍ଗି ୨୩ତମ ଗ୍ରାଣ୍ଡସ୍ଲାମ ଜିତି ଟେନିସ୍‌ର ମହାନାୟକ ପାଲଟିଛନ୍ତି ସର୍ବିଆର ନୋଭାକ୍ ଜୋକୋଭିଚ୍...

**ସର୍ବାଧିକ ଗ୍ରାଣ୍ଡସ୍ଲାମ୍**

ନୋଭାକ୍ ଜୋକୋଭିଚ୍-୨୩
ରାଫାଲ ନାଡାଲ୍-୨୨
ରୋଜର ଫେଡେରର-୨୦
ପିଟ୍ ସାମ୍ପ୍ରାସ-୧୪
ରୋରି ଏମରସନ୍-୧୨



ବିଶ୍ୱ ଟେନିସ୍‌ର ମହାନାୟକ ଭାବରେ ନୂତନ ପରିଚୟ ସୃଷ୍ଟି କରିଛନ୍ତି ନୋଭାକ୍ ଜୋକୋଭିଚ୍। ଏକଦା ଟେନିସ୍‌ରେ ପିଟ୍ ସାମ୍ପ୍ରାସଙ୍କ ୧୪ ଗ୍ରାଣ୍ଡସ୍ଲାମର ରେକର୍ଡର କେହି ସମକକ୍ଷ ହେବା ସ୍ୱପ୍ନ ପରି ଲାଗୁଥିଲା। ପ୍ରଥମେ ରୋଜର ଫେଡେରର ଏହି ରେକର୍ଡ ଭାଙ୍ଗିଥିଲେ। ଫେଡେରର ୨୦ ଗ୍ରାଣ୍ଡସ୍ଲାମ ସହିତ ଅବସର ନେବା ପରେ ତାଙ୍କୁ ହିଁ ଓପନ୍ ଏରାର ମହାନାୟକ ଭାବରେ ବିବେଚନା କରାଯାଉଥିଲା। ରାଫାଲ ନାଡାଲ ୨୨ଟି ଗ୍ରାଣ୍ଡସ୍ଲାମ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲେ। ଏବେ ୨୩ ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିବା ସହିତ ନାଡାଲଙ୍କୁ ପଛରେ ପକାଇଛନ୍ତି ସର୍ବିୟାର ଜୋକୋଭିଚ୍। ଓପନ୍ ଏରାରେ ଜୋକୋଭିଚ୍ ନିଜକୁ ସବୁଠାରୁ ସଫଳ ବୋଲି ପ୍ରମାଣିତ କରିଛନ୍ତି। ନାଡାଲ ୨୨ ଟାଇଟଲ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ନାଡାଲ ନିଜ ୨୨ ଟାଇଟଲ ମଧ୍ୟରୁ ୧୪ ଥର କେବଳ ଫ୍ରେଞ୍ଚ ଓପନ ବିଜୟୀ ହୋଇଛନ୍ତି। ଅନ୍ୟ ପକ୍ଷରେ ଜୋକୋଭିଚ୍‌ଙ୍କ ପାଇଁ ସବୁଠୁ ସଫଳତମ ଟୁର୍ନାମେଣ୍ଟ ରହିଛି ଅଷ୍ଟ୍ରେଲିଆନ୍ ଓପନ୍। ୨୩ତମ ଗ୍ରାଣ୍ଡସ୍ଲାମ ମଧ୍ୟରେ ଜୋକୋଭିଚ୍ ୩ଥର ଲେଖାଏ ୟୁଏସ୍ ଓପନ ଓ ଫ୍ରେଞ୍ଚ୍ ଓପନ ବିଜୟୀ ହୋଇଥିବା ବେଳେ ୭ଥର ୱିମ୍ବଲଡନ୍ ଓ ୧୦ଥର ଅଷ୍ଟ୍ରେଲିଆନ୍ ଓପନ ଜିତିଛନ୍ତି। ୨୩ ଗ୍ରାଣ୍ଡସ୍ଲାମ ବିଜୟୀ ହେବା ପରେ ଜୋକୋଭିଚ୍ ଅନାୟାସରେ ନିଜକୁ ଟେନିସ୍ ଇତିହାସର ସଫଳତମ ଖେଳାଳି ଭାବରେ ପ୍ରମାଣିତ କରିଛନ୍ତି। ଚଳିତ ସିଜନର ଫ୍ରେଞ୍ଚ ଓପନ ବିଜୟୀ ହେବା ପରେ ଜୋକୋଭିଚ୍ କହିଛନ୍ତି, ତାଙ୍କୁ ଟେନିସ୍‌ର ସଫଳତମ ଖେଳାଳି କହିବା ଅନ୍ୟ ମହାନ୍ ଖେଳାଳିଙ୍କ ଅସମ୍ମାନ। ତେଣୁ ସେ ନିଜକୁ ଏହି ତର୍କରୁ ଦୂରେଇ ରଖିବାକୁ ଚାହାନ୍ତି। ପ୍ରତିପକ୍ଷ ଖେଳାଳିଙ୍କୁ କେବଳ କୋର୍ଟ ମଝିରେ ନିଜ ଶକ୍ତି ଓ ସାମର୍ଥ୍ୟ ବଳରେ ପରାସ୍ତ କରିବାରେ ଜୋକୋଭିଚ୍ ବିଶ୍ୱାସ ରଖନ୍ତି ନାହିଁ। ଅନେକ ସ୍ଥାନରେ ସେ ନିଜର ମାନସିକ ଦୃଢ଼ତା କାରଣରୁ ମ୍ୟାଚ୍ ଜିତିବାରେ ସଫଳ ହୋଇଥାନ୍ତି। ଜୋକୋଭିଚ୍ ନିଜ କ୍ୟାରିୟରରେ ୩୪୮ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୩୪ଟି ମେଜର ଫାଇନାଲରେ ଅବତୀର୍ଣ୍ଣ ହୋଇଛନ୍ତି। ୩୫ ବର୍ଷ ବୟସରେ ଫ୍ରେଞ୍ଚ ଓପନ ଜିତିବା ସହିତ ବୟସ୍କ ଖେଳାଳି ଭାବେ ରୋଲାଣ୍ଡ ଗ୍ୟାରସ୍‌ରେ ଟାଇଟଲ ଉଠାଇଛନ୍ତି ଏହି ସର୍ବୀୟ ଖେଳାଳି। ୨୩ ଟାଇଟଲ ମଧ୍ୟରେ ସେ ଅନେକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳିଛନ୍ତି। ଅନେକ ଖେଳାଳିଙ୍କ ସହିତ ତାଙ୍କର ମୁକାବିଲା ବେଶ୍ ଜଣାଶୁଣା। ସେମିତି କିଛି ରାଇଭାଲରୀ (ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମୁକାବିଲା) ଉପରେ ଏକ ପ୍ରସ୍ତୁତି...

**ବନାମ ରାଫାଲ୍ ନାଡାଲ**

ମ୍ୟାଚ୍ ୫୯ (୩୦-୨୯): ରାଫାଲ ନାଡାଲଙ୍କ ସହିତ ଜୋକୋଭିଚ୍‌ଙ୍କ ରାଇଭାଲରୀ ବେଶ୍ ଜଣାଶୁଣା। ଉଭୟ ଖେଳାଳି ପରସ୍ପରକୁ ସମ୍ମାନ ଦେଉଥିବା ବେଳେ ୩୦-୨୯ର ବିଜୟ ରେକର୍ଡ ସହିତ ଜୋକୋଭିଚ୍ ଆଗରେ ରହିଛନ୍ତି। ହାର୍ଡ କୋର୍ଟରେ ଜୋକୋଭିଚ୍ ୨୦-୭ରେ ଆଗୁଆ ରହିଥିବା ବେଳେ କ୍ଲେ କୋର୍ଟରେ ନାଡାଲ ୨୦-୮ରେ ଆଗୁଆ ଅଛନ୍ତି। ଅନ୍ୟ ପକ୍ଷରେ ଗ୍ରାସ୍ କୋର୍ଟରେ ଉଭୟ ଖେଳାଳିଙ୍କ ରେକର୍ଡ ୨-୨ ରହିଛି। କ୍ଲେ କୋର୍ଟର କିଙ୍ଗ୍ ଭାବେ ପରିଚିତ ନାଡାଲଙ୍କୁ ସର୍ବାଧିକ ଥର ପରାସ୍ତ କରିବାର ରେକର୍ଡ ଜୋକୋଭିଚଙ୍କ ନାମରେ ରହିଛି। ଉଭୟ ଏକାଧିକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରସ୍ପରକୁ ସାମ୍ନା କରିଥିବା ବେଳେ ୨୦୧୨ରେ ୫ ସେଟ୍ ବିଶିଷ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ ଏହା ମଧ୍ୟରୁ ଅନ୍ୟତମ। ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିବା ଏହି ମ୍ୟାଚକୁ ଜୋକୋଭିଚ୍ ଜିତି ନେଇଥିଲେ।

**ବନାମ ରୋଜର ଫେଡେରର**

ମ୍ୟାଚ୍ ୫୦ (୨୭-୨୩): ଟେନିସର ଅନ୍ୟତମ ସୁପରଷ୍ଟାର ସ୍ୱିସ୍ ତାରକା ରୋଜର ଫେଡେରରଙ୍କ ସହିତ ଜୋକୋଭିଚ୍‌ଙ୍କ ରାଇଭାଲରୀ ବେଶ ପୁରୁଣା। ଉଭୟ ୫୦ ଥର ମୁହାଁମୁହିଁ ହୋଇଥିବା ବେଳେ ୨୭ ଥର ବିଜୟୀ ହୋଇଛନ୍ତି ଜୋକୋଭିଚ୍। ୧୯ ଥର ଫାଇନାଲରେ ଉଭୟ ଖେଳାଳି ପରସ୍ପରକୁ ଭେଟିଥିବା ବେଳେ ବିଜୟ ରେକର୍ଡ ୧୩ ଥର ଫେଡେରରଙ୍କ ସପକ୍ଷରେ ରହିଛି। ୨୦୧୯ ମସିହାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୱିମ୍ବଲଡନ ୨୦୧୯ର ଫାଇନାଲ ଟୁର୍ନାମେଣ୍ଟ ଇତିହାସର ସବୁଠୁ ଦୀର୍ଘତମ ମ୍ୟାଚ ରହିଛି।

**ବନାମ ଆଣ୍ଡି ମୁରେ**

ମ୍ୟାଚ୍ ୩୬ (୨୫-୧୧): ବ୍ରିଟେନ୍‌ର ଆଣ୍ଡି ମୁରେଙ୍କ ସହିତ ଜୋକୋଭିଚ୍ ୩୬ ମ୍ୟାଚ୍ ଖେଳିଥିବା ବେଳେ ୨୫ଟିରେ ଫଳାଫଳ ତାଙ୍କ ସମପକ୍ଷରେ ଯାଇଛି। ଉଭୟ ଖେଳାଳି ସମାନ ବୟସର ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌କୁ ଜିତିଥିଲେ ମୁରେ। ହାର୍ଡ କୋର୍ଟରେ ଜୋକୋଭିଚ ୨୦-୮ ଓ କ୍ଲେ କୋର୍ଟରେ ୫-୧ରେ ଆଗୁଆ ଅଛନ୍ତି। ଅନ୍ୟ ପକ୍ଷରେ ଗ୍ରାସ୍ କୋର୍ଟରେ ୨-୦ରେ ଆଗୁଆ ଅଛନ୍ତି ଆଣ୍ଡି ମୁରେ। ସାଂଘାଇ ମାଷ୍ଟର୍ସରେ ମୁରେଙ୍କ ୧୨ ମ୍ୟାଚର ବିଜୟଧାରା ଶେଷ କରିଥିଲେ ଜୋକୋଭିଚ୍। ଏହା ବ୍ୟତୀତ ଉଭୟ ଖେଳାଳି ୨୦୧୨ ୟୁଏସ୍ ଓପନ୍ ଫାଇନାଲରେ ପରସ୍ପର ସହିତ ଖେଳିଥିଲେ।

**ବନାମ ଷ୍ଟାନ୍ ୱାରିଙ୍କା**

ମ୍ୟାଚ୍ ୨୬(୨୦-୬): ସ୍ୱିଜରଲାଣ୍ଡର ଷ୍ଟାନ ୱାରିଙ୍କାଙ୍କ ବିପକ୍ଷରେ ଜୋକୋଭିଚ୍ ୨୬ ମ୍ୟାଚ୍ ଖେଳି ୨୦ ବିଜୟ ହାସଲ କରିଛନ୍ତି। ଉଭୟ ଖେଳାଳିଙ୍କ ମଧ୍ୟରେ ୫ ଥର ୫ ସେଟ୍‌ବିଶିଷ୍ଟ ଫାଇନାଲ ଦେଖିବାକୁ ମିଳିଥିଲା। ମେଜର ଟୁର୍ନାମେଣ୍ଟରେ ଜୋକୋଭିଚ୍‌ଙ୍କ ୧୪ ମ୍ୟାଚ୍‌ର ବିଜୟଧାରା ଶେଷ କରିଥିଲେ ୱାରିଙ୍କା। ୨୦୧୪-୨୦୨୦ ମଧ୍ୟରେ ଜୋକୋଭିଚ୍ ୧୩ଟି ମେଜର ଟାଇଟଲ୍ ହାସଲ କରିଥିଲେ। ଏହା ମଧ୍ୟରେ ସେ କେବଳ ୱାରିଙ୍କାଙ୍କ ନିକଟରୁ ଦୁଇ ଥର ପରାଜିତ ହୋଇଥିଲେ।

**ଗ୍ରାଣ୍ଡସ୍ଲାମ୍ ତାଲିକା**

ଅଷ୍ଟ୍ରେଲିଆନ ଓପନ: ୧୦ଥର ଚାମ୍ପିୟନ (୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬, ୨୦୧୯, ୨୦୨୦, ୨୦୨୧, ୨୦୨୩)।
ଫ୍ରେଞ୍ଚ୍ ଓପନ: ୩ଥର (୨୦୧୬, ୨୦୨୧ ଓ ୨୦୨୩)।
ୱିମ୍ବଲଡନ୍: ୭ଥର ଚାମ୍ପିୟନ୍ (୨୦୧୧, ୨୦୧୪, ୨୦୧୫, ୨୦୧୮, ୨୦୧୯, ୨୦୨୧, ୨୦୨୨)।
ୟୁଏସ୍ ଓପନ: ୩ଥର ଚାମ୍ପିୟନ(୨୦୧୧, ୨୦୧୫ ଓ ୨୦୧୮)।

-ସରୋଜ ଜେନା

## କୀର୍ତ୍ତି

ଓମେନ୍ସ ଜୁନିୟର ଏସିଆ କପ୍ ହକି
ଚାମ୍ପିୟନ ଆମ ଦେଶ
ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବେ
ମ୍ୟାଚ ହୋଇଥିଲା ଶେଷ
ବିପକ୍ଷ ଗୋଲିକୁ ଫାଶ
ପକାଇ ନୀଲମ ସାଉଥ୍ କୋରିଆଠୁଁ
ଛଡ଼ାଇ ଆଣିଲା ହସ।



ଅଣ୍ଡର ଟ୍ୱେଣ୍ଟି ଫୁଟବଲ ୱାର୍ଲ୍ଡକପ୍
ଉରୁଗୁଏ ଚାମ୍ପିୟନ
ଲୁସିଆନୋ ରୋଡ୍ରିଗେଜ ଗୋଲରେ
ଏକ-ଶୂନ ପୋଜିଶନ
ଇଟାଲିର ଊଣା ମନ
ସାନ ସିନା ଉରୁଗୁଏର ଏ ୱିନ୍
ଦେଶ ପାଇଁ ବଡ଼ ଦାନ।

କ୍ଲେ କୋର୍ଟ ଟେନିସ ଫ୍ରେଞ୍ଚ୍ ଓପନ
ସର୍ବିଆ ନୋଭାକ ଜିତି
ତେଇଶ ଗ୍ରାଣ୍ଡସ୍ଲାମ ଜିତିକି ଆଗରେ
ଉଚ୍ଚା ଜୋକୋଭିଚ୍ ଛାତି
ସିଙ୍ଗଲ୍ସ, ଡବଲ୍ସ ସାଥୀ
ଟିମ୍ ମେଟ୍ ସ୍ପିରିଟ କନ୍‌ଫିଡେନ୍ସ ବଳେ
ଖେଳାଳି ରଚଇ କୀର୍ତ୍ତି।

-ସୁବାସ ଚନ୍ଦ୍ର ପ୍ରଧାନ

# ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୧୫।୬
(ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୬୨ତମ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପ୍ ପାଇଁ ଅନ୍ତିମ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହୋଇଥିବାରୁ ଏହା ଉପରେ ଅନେକଙ୍କ ନଜର ରହିଛି। ପ୍ରଥମ ଦିବସରେ ୪ଟି ଇଭେଣ୍ଟର ଫଳାଫଳ ଚୂଡ଼ାନ୍ତ ହୋଇଛି। ପୁରୁଷ ୧୦,୦୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦୁଇଜଣ ଏସିଆନ ଗେମ୍ସ ଯୋଗ୍ୟତା ଅଙ୍କ ହାସଲ କରିପାରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ତଥା କିମ୍ବଦନ୍ତୀ ଭାରତୀୟ ଆଥ୍‌ଲେଟ ପି.ଟି. ଉଷା ଚାମ୍ପିୟନଶିପ୍‌ର ଆରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ଏବଂ ଭାରତୀୟ ଆଥ୍‌ଲେଟିକ୍ସ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟର ପ୍ରମୁଖ ଉପସ୍ଥିତ ଥିଲେ। ଆଥ୍‌ଲେଟଙ୍କ ତରଫରୁ ଭାରତର ଅଗ୍ରଣୀ ସ୍ପ୍ରିଣ୍ଟର ଓଡ଼ିଶାର ଶ୍ରାବଣୀ ନନ୍ଦ ଶପଥପାଠ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଆଥ୍‌ଲେଟିକ୍ସ ଓ ଅଫିସିଆଲମାନଙ୍କୁ ସ୍ୱାଗତ କରିଥିଲେ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୩ ଆୟୋଜନ ହେଉଥିବାରୁ ସେ ଗର୍ବିତ ଓ ଉତ୍ସାହିତ। କ୍ରୀଡ଼ାର ପ୍ରସାର ଆମ ଦେଶ ଓ ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଏକ ପ୍ଲାଟଫର୍ମ ଯୋଗାଇଦେବା ଆମର ଏକ ପ୍ରଚେଷ୍ଟା। ଅତୀତରେ ଆମେ ଇଣ୍ଡିଆନ ଗ୍ରାଁପ୍ରି ୩ ଓ ୪ ସଫଳତାର ସହ ଆୟୋଜନ କରିଛୁ। ଆମ ସମସ୍ତଙ୍କ ଲାଗି ଏହା ଏକ ସ୍ମରଣୀୟ ଅନୁଭୂତି ହୋଇ ରହିଛି। ଶେଷରେ ସେ ଓଡ଼ିଶା ଦଳର ଶୁଭକାମନା କରିଥିଲେ। ଇଭେଣ୍ଟର ଆରମ୍ଭ ଘୋଷଣା କରି ଆଇଓଏ ସଭାପତି ପିଟି ଉଷା କହିଥିଲେ, ଓଡ଼ିଶା ସରକାର ଏହି ଇଭେଣ୍ଟର ଆୟୋଜନ କରିଥିବାରୁ ସେ ବହୁତ ଖୁସି। ଜାତୀୟସ୍ତରର ସୁନାମ ଓ ପରିଚୟ ସୃଷ୍ଟି କରିବା ଦିଗରେ ସମଗ୍ର ଦେଶରୁ ବଛାବଛା ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଭଲ ପ୍ରଦର୍ଶନ କଲେ ଆଗାମୀ ତିନୋଟି ପ୍ରମୁଖ ଇଭେଣ୍ଟ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲ୍ଡ ଚାମ୍ପିୟନଶିପ୍ ଏବଂ ସେପ୍ଟେମ୍ବରରେ ଏସିଆନ ଗେମ୍ସ ପାଇଁ ସେମାନଙ୍କୁ ଅନ୍ୟତମ ଦାବିଦାର ଭାବେ ଉପସ୍ଥାପନ କରିପାରିବେ। ଉଦ୍‌ଘାଟନୀ ଓ ପ୍ରଥମ ଦିବସ ପଦକ ବିତରଣ ଉତ୍ସବ ପରେ କିମ୍ବଦନ୍ତୀ ସ୍ପ୍ରିଣ୍ଟର ପି.ଟି ଉଷା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭିନିଲ କ୍ରିଷ୍ଣା ନିର୍ମାଣାଧୀନ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ ପରିଦର୍ଶନ କରିଥିଲେ, ଯାହାକି ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ ବିବେଚିତ ହେବ।

## କାର୍ତ୍ତିକ,ଗୁଲ୍‌ବୀରଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା



ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଥିବାରୁ ଚାମ୍ପିୟନଶିପ୍‌ର ଇଭେଣ୍ଟଗୁଡ଼ିକ ସକାଳେ ଅନୁଷ୍ଠିତ ହୋଇଥିଲା। ହରିୟାଣାର ଅନ୍ତର୍ଜାତୀୟ ସ୍ପ୍ରିଣ୍ଟର ଅଞ୍ଜଳୀ ଦେବୀଙ୍କର ମହିଳା ୪୦୦ମିଟର ହିଟ୍ ଟାଇମିଂ ୫୨.୯୬ ସେକେଣ୍ଡ ରହିଥିଲା। ଫଳରେ ସେ ଏସିଆନ ଗେମ୍ସ କ୍ୱାଲିଫିକେଶନ୍ ଟାଇମ ୫୨.୮୯ ସେକେଣ୍ଡଠାରୁ ପଛରେ ରହିଯାଇଥିଲେ। ଉତ୍ତର ପ୍ରଦେଶର ଡିଷ୍ଟାନ୍ସ ରନର କାର୍ତ୍ତିକ କୁମାର ଓ ଗୁଲବୀର ସିଂଙ୍କ ଲାଗି ଗୁରୁବାର ଭଲ ଦିନ ଥିଲା। ପୁରୁଷ ୧୦,୦୦୦ ମିଟରରେ ଉଭୟେ କେବଳ ପୋଡିୟମ ଫିନିଶ କରି ନ ଥିଲେ ଗୁଆଙ୍ଗ ଝୋ ଏସିଆନ ଗେମ୍ସ କ୍ୱାଲିଫିକେଶନ ଟାଇମ ୨୯:୩୦.୦୦କୁ ସେମାନେ ଅତିକ୍ରମ କରିଯାଇଥିଲେ। କାର୍ତ୍ତିକ ୨୯:୦୧.୮୪ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଗୁଲବୀର ସିଂ ୨୯:୦୩.୭୮ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କାର୍ତ୍ତିକ କୁମାର ଓ ଗୁଲବୀର ସିଂ ୨୦୦୭ରେ ଅଲିମ୍ପିଆନ ସୁରେନ୍ଦ୍ର ସିଂଙ୍କ ନାମରେ ରହିଥିବା ମିଟ୍ ରେକର୍ଡ (୨୯:୦୬.୧୭)ରେ ଉନ୍ନତି ଆଣିଥିଲେ। ପୁରୁଷ ୨୦କିମି ପୁରୁଷ ରେସ୍ ୱାକ୍‌ରେ ହରିୟାଣାର ପୁରୁଖା ଆଥଲେଟ ସଞ୍ଜୀବ କୁମାର ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ୨୦ କିମି ମହିଳା ରେସ୍‌ରେ ରାଜସ୍ଥାନର ଭାବନା ଜାଟ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ପ୍ରଥମ ଦିବସ ଫଳାଫଳ (ସମସ୍ତ ଫାଇନାଲ)

**ପୁରୁଷ ୧୦,୦୦୦ମିଟର:** କାର୍ତ୍ତିକ କୁମାର (ଉତ୍ତର ପ୍ରଦେଶ) ୨୯:୦୧.୮୪ ସେକେଣ୍ଡ, ଗୁଲ୍‌ବୀର ସିଂ (ଉତ୍ତର ପ୍ରଦେଶ) ୨୯:୦୩.୭୮ ସେକେଣ୍ଡ, ପ୍ରୀତମ କୁମାର (ଦିଲ୍ଲୀ) ୨୯:୨୨.୩୬ ସେକେଣ୍ଡ।

**୨୦ କି.ମି. ଚାଲି:** ସନ୍ଦୀପ କୁମାର (ହରିୟାଣା) ୧:୨୭:୧୨, ସର୍ଭିନ ଏସ୍. (ତାମିଲନାଡୁ)୧:୨୮:୨୧, ହରଦୀପ (ହରିୟାଣା)୧:୨୮:୫୭।

**ମହିଳା ୧୦,୦୦୦ ମିଟର:** ସୀମା (ହିମାଚଳ ପ୍ରଦେଶ) ୩୪:୨୦.୦୧ ସେକେଣ୍ଡ, ସଞ୍ଜୀବନୀ ଯାଦବ (ମହାରାଷ୍ଟ୍ର) ୩୪:୩୪.୧୦ ସେକେଣ୍ଡ, ପୁନମ ଦିନ୍‌କାର (ମହାରାଷ୍ଟ୍ର) ୩୪:୪୫.୪୨ ସେକେଣ୍ଡ।

**୨୦ କି.ମି. ମହିଳା ରେସ୍ ୱାକ:** ଭାବନା ଜାଟ୍ (ରାଜସ୍ଥାନ) ୧:୩୮:୦୩.୦୦, ପ୍ରିୟଙ୍କା ଗୋସ୍ୱାମୀ (ଉତ୍ତର ପ୍ରଦେଶ) ୧: ୪୦:୩୩.୦୦, ବନ୍ଦନା (କର୍ନାଟକ) ୧:୪୧:୫୪.୦୦ ସେକେଣ୍ଡ।






ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ : ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଓଡ଼ିଶାର ଅମୀୟ ମଲିକ (ମଝି)।

## ଅଟଳ ବିହାରୀ ସେନାପତି ମେମୋରିଆଲ ଓପନ ଚେସ୍: ହର୍ଷିତ ରଞ୍ଜନ ଚାମ୍ପିୟନ

ଭୁବନେଶ୍ୱର, ୧୫।୬ (ସରୋଜ ଜେନା)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଅଟଳ ବିହାରୀ ସେନାପତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍‌ରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୧୦ ଜୁନ୍‌ରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟଟି ଗୁଗୁଲ ମିଟ୍ ଜରିଆରେ ଉଦ୍‌ଘାଟିତ ହୋଇଥିଲା। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଅମରଜିତ୍ ସେନାପତି ଓ ଟ୍ରାଇଡେଣ୍ଟ ଏକାଡେମୀର ବିବିଏ ବିଭାଗ ମୁଖ୍ୟ ଡ. ନର୍ଗିସ୍ ବେଗମ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଭୁବନେଶ୍ୱର ଚେସ୍ ଆସୋସିଏଶନ୍ ନିର୍ଦ୍ଦେଶକ ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।

ସିନିୟର ବର୍ଗରେ ୨୫ ମ୍ୟାଚରୁ ୨୧ ବିଜୟ ସହିତ କଟକର ସେଣ୍ଟ ଜାଭିୟର୍ସର ହର୍ଷିତ ରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କେନ୍ଦ୍ରାପଡାର ଅଭୟ କୁମାର ଦାସ ୨୫ ମ୍ୟାଚ୍‌ରୁ ୧୫ ବିଜୟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଟକର ରବୀନ୍ଦ୍ର କୁମାର ଓଝା ୨୭ ମ୍ୟାଚ୍‌ରୁ ୧୬ ବିଜୟ ସହ ତୃତୀୟ ସ୍ଥାନରେ ରହିଥିଲେ। ୯ ବର୍ଷରୁ କମ୍ ବୟସ ବର୍ଗରେ ସତ୍ୟଜିତ ସେନାପତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୧୧ ବର୍ଷରୁ କମ୍ ବୟସ ବର୍ଗରେ ରେୟାଂଶ ଜଗନାନୀ, ୧୩ ବର୍ଷରୁ କମ୍ ବୟସ ବର୍ଗରେ ଅର୍ଣ୍ଣବ ମହାନ୍ତି ଓ ବାଳିକା ବର୍ଗରେ ପି. ନନ୍ଦିନୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। କଳାହାଣ୍ଡିର ଭୀମସେନ ପାତ୍ରଙ୍କୁ ଶ୍ରେଷ୍ଠ ଭେଟେରାନ୍ ଖେଳାଳି ଭାବରେ ସମ୍ମାନିତ କରାଯାଇଥିଲା। ଦେବାଶିଷ ପାଣିଗ୍ରାହୀ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।



ହର୍ଷିତ ରଞ୍ଜନ ସାହୁ

## ଭାରତ ରିକର୍ଭ ଟିମ୍ ଜିତିଲା ବ୍ରୋଞ୍ଜ

**ତୀରନ୍ଦାଜୀ ବିଶ୍ୱକପ୍ ତୃତୀୟ ଚରଣ**

ମେଡେଲିନ୍, ୧୫।୬(ପି.ଟି)

ଚଳିତ ବିଶ୍ୱକପ୍ ଷ୍ଟେଜ୍-୩ରେ ଭାରତୀୟ ତୀରନ୍ଦାଜମାନେ ତୃତୀୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଠାରେ ଚତୁର୍ଥ ସିଡ୍ ମାନ୍ୟତାପ୍ରାପ୍ତ ତୁଷାର ଶେଲ୍‌କେ, ମୃଣାଳ ଚୌହାନ ଓ ଧୀରଜ ବୋମାଦେଭାରାଙ୍କୁ ନେଇ ୩ଜଣିଆ ଭାରତୀୟ ଦଳ ରିକର୍ଭ ଟିମ୍ ଇଭେଣ୍ଟରେ ଚାଇନାର ୟାଙ୍ଗ କିୟାଙ୍ଗ ଲି ମେଇଙ୍କ୍ସି ଓ ୱାଙ୍ଗ ୟାନ୍‌ଙ୍କୁ ୫-୩ (୫୮-୫୪, ୫୫-୫୬, ୫୪-୫୩, ୫୬-୫୬)ରେ ହରାଇ ଦେଇଛନ୍ତି। ପୂର୍ବରୁ ଭାରତ ପୁରୁଷ ଓ ମହିଳା ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତି ଖାତା ଖୋଲିଥିଲା। ଭଜନ କୌର, ସଙ୍ଗୀତା ଓ ତନିଶାଙ୍କୁ ନେଇ ୭ମ ସିଡ୍ ଭାରତୀୟ ମହିଳା ରିକର୍ଭ ଦଳ ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସଠାରୁ ୩-୫ (୫୨-୫୧, ୫୩-୫୪, ୪୯-୫୫, ୫୨-୫୨) ରେ ପରାଜିତ ହୋଇଛି।

ଯୁବ ତୀରନ୍ଦାଜ ଭଜନ କୌର ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କୋରିଆ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ମଧ୍ୟରେ ୧୭ ବର୍ଷୀୟ ଭଜନ କ୍ୱାଲିଫାୟରର ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମ୍ୟାଚ୍‌ରେ ସେ ୬୬୮ ପଏଣ୍ଟ ସ୍କୋର କରିବା ସହିତ ୯ ନମ୍ବର ସ୍ଥାନରେ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଶେଷ କରିଛନ୍ତି।

## ଓସିଏଲ୍ ୨୦୨୩ : ଜାଗୁଆର୍ସ, ଲାୟନ୍ସ ବିଜୟୀ

ଭୁବନେଶ୍ୱର, ୧୫।୬
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)୨୦୨୩ର ଚତୁର୍ଥ ଦିନରେ ବିଜୟୀ ହୋଇଛନ୍ତି ଓଡ଼ିଶା ଜାଗୁଆର୍ସ ଓ ଓଡ଼ିଶା ଲାୟନ୍ସ। ପ୍ରଥମ ମ୍ୟାଚରେ ଜାଗୁଆର୍ସ ୧୦ ଉଇକେଟରେ ଓଡ଼ିଶା ଟାଇଗର୍ସଙ୍କୁ ଓ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଲାୟନ୍ସ ୩ ଉଇକେଟରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଥିଲା। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଉଭୟ ମ୍ୟାଚ୍ ଖେଳା ଯାଇଥିଲା।

ପ୍ରଥମ ମ୍ୟାଚରେ ଓଡ଼ିଶା ଟାଇଗର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୧୭ ରନ୍ କରିଥିଲା। ସାୱନ ପାହାଡିଆ ୨୬ ଓ ଶୁଭମ ଶତ୍ରୁଜିତ ୧୯ ରନ୍ କରିଥିଲେ। ଭଗିଶ ଶର୍ମା ଓ ସୁନୀଲ ରାଉଳ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରେୟାଂସ ଭରଦ୍ୱାଜଙ୍କ ଅପରାଜିତ ୫୭ ଓ ସନ୍ତୋଷ ଯାଦବଙ୍କ ୫୪ ରନ୍ ବଳରେ ୧୫୪ ଓଭରେ ବିନା କୌଣସି କ୍ଷତିରେ ମ୍ୟାଚ୍ ଜିତି ନେଇଥିଲା ଜାଗୁଆର୍ସ। ଓସିଏ ସଦସ୍ୟ ଧୀରେନ ପଲାଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ଭାବରେ ସୁନୀଲ ରାଉଳଙ୍କୁ ପୁରସ୍କୃତ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୁମାସକୁ ୩ ଉଇକେଟରେ ପରାସ୍ତ କରିଥିଲା ଓଡ଼ିଶା ଲାୟନ୍ସ। ପ୍ରଥମେ ବ୍ୟାଟିଂ କରି ପୁମାସ ସ୍ୱସ୍ତିକ ସାମଲଙ୍କ ୫୮ ଓ ରାକେଶ ପଟ୍ଟନାୟକଙ୍କ ୩୪ ରନ୍ ବଳରେ ୫ ଉଇକେଟରେ ୧୬୮ ରନ୍ କରିଥିଲା। ଲାୟନ୍ସ ପକ୍ଷରୁ ମିଳନ ସାମଲ ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଅନ୍ତିମ ବଲରେ ବିଜୟୀ ହୋଇଥିଲା ଲାୟନ୍ସ। ରାମଚନ୍ଦ୍ର ବେହେରାଙ୍କ ୫୦ ରନ ସହିତ ଆଶୀର୍ବାଦ ସ୍ୱାଇଁଙ୍କ ୯ ବଲ୍ ୨୨ ରନ୍ ବଳରେ ଦଳ ଶେଷ ବଲରେ ବିଜୟୀ ହୋଇଥିଲା। ପ୍ଲେୟର ଅଫ୍ ଦ ମ୍ୟାଚ ଭାବେ ଆଶୀର୍ବାଦ ସ୍ୱାଇଁଙ୍କୁ ଓସିଏ ସଦସ୍ୟ ରବୀନ୍ଦ୍ର କୁମାର ଦାସ ପୁରସ୍କୃତ କରିଥିଲେ।




ପ୍ଲେୟର ଅଫ୍ ଦ ମ୍ୟାଚ୍ ସୁନୀଲ ରାଉଳଙ୍କୁ ପୁରସ୍କୃତ କରାଯାଉଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୬/୨୦୨୩ Bhubaneswar, Friday, June 16/ 2023

# ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୧୫।୬ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୬୨ତମ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପ୍ ପାଇଁ ଅନ୍ତିମ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହୋଇଥିବାରୁ ଏହା ଉପରେ ଅନେକଙ୍କ ନଜର ରହିଛି। ପ୍ରଥମ ଦିବସରେ ୪ଟି ଇଭେଣ୍ଟର ଫଳାଫଳ ଚୂଡ଼ାନ୍ତ ହୋଇଛି। ପୁରୁଷ ୧୦,୦୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦୁଇଜଣ ଏସିଆନ ଗେମ୍ସ ଯୋଗ୍ୟତା ଅଙ୍କ ହାସଲ କରିପାରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ତଥା କିମ୍ବଦନ୍ତୀ ଭାରତୀୟ ଆଥ୍‌ଲେଟ ପି.ଟି. ଉଷା ଚାମ୍ପିୟନଶିପ୍‌ର ଆରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ଏବଂ ଭାରତୀୟ ଆଥ୍‌ଲେଟିକ୍ସ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟର ପ୍ରମୁଖ ଉପସ୍ଥିତ ଥିଲେ। ଆଥ୍‌ଲେଟଙ୍କ ତରଫରୁ ଭାରତର ଅଗ୍ରଣୀ ସ୍ପ୍ରିଣ୍ଟର ଓଡ଼ିଶାର ଶ୍ରାବଣୀ ନନ୍ଦ ଶପଥପାଠ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଆଥ୍‌ଲେଟିକ୍ସ ଓ ଅଫିସିଆଲମାନଙ୍କୁ ସ୍ୱାଗତ କରିଥିଲେ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୩ ଆୟୋଜନ ହେଉଥିବାରୁ ସେ ଗର୍ବିତ ଓ ଉତ୍ସାହିତ। କ୍ରୀଡ଼ାର ପ୍ରସାର ଆମ ଦେଶ ଓ ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଏକ ପ୍ଲାଟଫର୍ମ ଯୋଗାଇଦେବା ଆମର ଏକ ପ୍ରଚେଷ୍ଟା। ଅତୀତରେ ଆମେ ଇଣ୍ଡିଆନ ଗ୍ରାଁପ୍ରି ୩ ଓ ୪ ସଫଳତାର ସହ ଆୟୋଜନ କରିଛୁ। ଆମ ସମସ୍ତଙ୍କ ଲାଗି ଏହା ଏକ ସ୍ମରଣୀୟ ଅନୁଭୂତି ହୋଇ ରହିଛି। ଶେଷରେ ସେ ଓଡ଼ିଶା ଦଳର ଶୁଭକାମନା କରିଥିଲେ। ଇଭେଣ୍ଟର ଆରମ୍ଭ ଘୋଷଣା କରି ଆଇଓଏ ସଭାପତି ପିଟି ଉଷା କହିଥିଲେ, ଓଡ଼ିଶା ସରକାର ଏହି ଇଭେଣ୍ଟର ଆୟୋଜନ କରିଥିବାରୁ ସେ ବହୁତ ଖୁସି। ଜାତୀୟସ୍ତରର ସୁନାମ ଓ ପରିଚୟ ସୃଷ୍ଟି କରିବା ଦିଗରେ ସମଗ୍ର ଦେଶରୁ ବଛାବଛା ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଭଲ ପ୍ରଦର୍ଶନ କଲେ ଆଗାମୀ ତିନୋଟି ପ୍ରମୁଖ ଇଭେଣ୍ଟ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲ୍ଡ ଚାମ୍ପିୟନଶିପ୍ ଏବଂ ସେପ୍ଟେମ୍ବରରେ ଏସିଆନ ଗେମ୍ସ ପାଇଁ ସେମାନଙ୍କୁ ଅନ୍ୟତମ ଦାବିଦାର ଭାବେ ଉପସ୍ଥାପନ କରିପାରିବେ। ଉଦ୍‌ଘାଟନୀ ଓ ପ୍ରଥମ ଦିବସ ପଦକ ବିତରଣ ଉତ୍ସବ ପରେ କିମ୍ବଦନ୍ତୀ ସ୍ପ୍ରିଣ୍ଟର ପି.ଟି ଉଷା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭିନିଲ କ୍ରିଷ୍ଣା ନିର୍ମାଣଧୀନ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ ପରିଦର୍ଶନ କରିଥିଲେ, ଯାହାକି ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ ବିବେଚିତ ହେବ।

## କାର୍ତ୍ତିକ, ଗୁଲ୍‌ବୀରଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା




ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଥିବାରୁ ଚାମ୍ପିୟନଶିପ୍‌ର ଇଭେଣ୍ଟଗୁଡ଼ିକ ସକାଳେ ଅନୁଷ୍ଠିତ ହୋଇଥିଲା। ହରିୟାଣାର ଅନ୍ତର୍ଜାତୀୟ ସ୍ପ୍ରିଣ୍ଟର ଅଞ୍ଜଳୀ ଦେବୀଙ୍କର ମହିଳା ୪୦୦ମିଟର ହିଟ୍ ଟାଇମିଂ ୫୨.୯୬ ସେକେଣ୍ଡ ରହିଥିଲା। ଫଳରେ ସେ ଏସିଆନ ଗେମ୍ସ କ୍ୱାଲିଫିକେଶନ୍ ଟାଇମ ୫୨.୮୯ ସେକେଣ୍ଡଠାରୁ ପଛରେ ରହିଯାଇଥିଲେ। ଉତ୍ତର ପ୍ରଦେଶର ଡିଷ୍ଟାନ୍ସ ରନର କାର୍ତ୍ତିକ କୁମାର ଓ ଗୁଲବୀର ସିଂଙ୍କ ଲାଗି ଗୁରୁବାର ଭଲ ଦିନ ଥିଲା। ପୁରୁଷ ୧୦,୦୦୦ ମିଟରରେ ଉଭୟେ କେବଳ ପୋଡିୟମ ଫିନିଶ କରି ନ ଥିଲେ ଗୁଆଙ୍ଗ ଝୋ ଏସିଆନ ଗେମ୍ସ କ୍ୱାଲିଫିକେଶନ ଟାଇମ ୨୯:୩୦.୦୦କୁ ସେମାନେ ଅତିକ୍ରମ କରିଯାଇଥିଲେ। କାର୍ତ୍ତିକ ୨୯:୦୧.୮୪ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଗୁଲବୀର ସିଂ ୨୯:୦୩.୭୮ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କାର୍ତ୍ତିକ କୁମାର ଓ ଗୁଲବୀର ସିଂ ୨୦୦୭ରେ ଅଲିମ୍ପିଆନ ସୁରେନ୍ଦ୍ର ସିଂଙ୍କ ନାମରେ ରହିଥିବା ମିଟ୍ ରେକର୍ଡ (୨୯:୦୬.୧୭)ରେ ଉନ୍ନତି ଆଣିଥିଲେ। ପୁରୁଷ ୨୦କିମି ପୁରୁଷ ରେସ୍ ୱାକ୍‌ରେ ହରିୟାଣାର ପୁରୁଖା ଆଥଲେଟ ସଞ୍ଜୀବ କୁମାର ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ୨୦ କିମି ମହିଳା ରେସ୍‌ରେ ରାଜସ୍ଥାନର ଭାବନା ଜାଟ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ପ୍ରଥମ ଦିବସ ଫଳାଫଳ (ସମସ୍ତ ଫାଇନାଲ)

**ପୁରୁଷ ୧୦,୦୦୦ମିଟର:** କାର୍ତ୍ତିକ କୁମାର (ଉତ୍ତର ପ୍ରଦେଶ) ୨୯:୦୧.୮୪ ସେକେଣ୍ଡ, ଗୁଲ୍‌ବୀର ସିଂ (ଉତ୍ତର ପ୍ରଦେଶ) ୨୯:୦୩.୭୮ ସେକେଣ୍ଡ, ପ୍ରୀତମ କୁମାର (ଦିଲ୍ଲୀ) ୨୯:୨୨.୩୬ ସେକେଣ୍ଡ।
**୨୦ କି.ମି. ଚାଲି:** ସନ୍ଦୀପ କୁମାର (ହରିୟାଣା) ୧:୨୭:୧୨, ସର୍ଭିନ ଏସ୍. (ତାମିଲନାଡୁ)୧:୨୮:୨୧, ହରଦୀପ (ହରିୟାଣା)୧:୨୮:୫୭।
**ମହିଳା ୧୦,୦୦୦ ମିଟର:** ସୀମା (ହିମାଚଳ ପ୍ରଦେଶ) ୩୪:୨୦.୦୧ ସେକେଣ୍ଡ, ସଞ୍ଜୀବନୀ ଯାଦବ (ମହାରାଷ୍ଟ୍ର) ୩୪:୩୪.୧୦ ସେକେଣ୍ଡ, ପୁନମ ଦିନ୍‌କାର (ମହାରାଷ୍ଟ୍ର) ୩୪:୪୫.୪୨ ସେକେଣ୍ଡ।
**୨୦ କି.ମି. ମହିଳା ରେସ୍ ୱାକ:** ଭାବନା ଜାଟ୍ (ରାଜସ୍ଥାନ) ୧:୩୮:୦୩.୦୦, ପ୍ରିୟଙ୍କା ଗୋସ୍ୱାମୀ (ଉତ୍ତର ପ୍ରଦେଶ) ୧: ୪୦:୩୩.୦୦, ବନ୍ଦନା (କର୍ଣ୍ଣାଟକ) ୧:୪୧:୫୪.୦୦ ସେକେଣ୍ଡ।



ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍ : ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଓଡ଼ିଶାର ଅମୀୟ ମଲିକ (ମଝି)।

**ଅଟଳ ବିହାରୀ ସେନାପତି ମେମୋରିଆଲ ଓପନ ଚେସ୍**

## ହର୍ଷିତ ରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୧୫।୬ (ସରୋଜ ଜେନା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଅଟଳ ବିହାରୀ ସେନାପତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍‌ରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୧୦ ଜୁନ୍‌ରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟଟି ଗୁଗୁଲ ମିଟ୍ ଜରିଆରେ ଉଦ୍‌ଘାଟିତ ହୋଇଥିଲା। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଅମରଜିତ୍ ସେନାପତି ଓ ଟ୍ରାଇଡେଣ୍ଟ ଏକାଡେମୀର ବିବିଏ ବିଭାଗ ମୁଖ୍ୟ ଡ. ନର୍ଗିସ୍ ବେଗମ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଭୁବନେଶ୍ୱର ଚେସ୍ ଆସୋସିଏଶନ୍ ନିର୍ଦ୍ଦେଶକ ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।


ହର୍ଷିତ ରଞ୍ଜନ ସାହୁ

ସିନିୟର ବର୍ଗରେ ୨୫ ମ୍ୟାଚରୁ ୨୧ ବିଜୟ ସହିତ କଟକର ସେଣ୍ଟ ଜାଭିୟର୍ସର ହର୍ଷିତ ରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କେନ୍ଦ୍ରାପଡାର ଅଭୟ କୁମାର ଦାସ ୨୫ ମ୍ୟାଚ୍‌ରୁ ୧୫ ବିଜୟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଟକର ରବୀନ୍ଦ୍ର କୁମାର ଓଝା ୨୭ ମ୍ୟାଚ୍‌ରୁ ୧୬ ବିଜୟ ସହ ତୃତୀୟ ସ୍ଥାନରେ ରହିଥିଲେ। ୯ ବର୍ଷରୁ କମ୍ ବୟସ ବର୍ଗରେ ସତ୍ୟଜିତ ସେନାପତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୧୧ ବର୍ଷରୁ କମ୍ ବୟସ ବର୍ଗରେ ରେୟାଂଶ ଜଗନାନୀ, ୧୩ ବର୍ଷରୁ କମ୍ ବୟସ ବର୍ଗରେ ଅର୍ଣ୍ଣବ ମହାନ୍ତି ଓ ବାଳିକା ବର୍ଗରେ ପି. ନନ୍ଦିନୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। କଳାହାଣ୍ଡିର ଭୀମସେନ ପାତ୍ରଙ୍କୁ ଶ୍ରେଷ୍ଠ ଭେଟେରାନ୍ ଖେଳାଳି ଭାବରେ ସମ୍ମାନିତ କରାଯାଇଥିଲା। ଦେବାଶିଷ ପାଣିଗ୍ରାହୀ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।




## ଭାରତ ରିକର୍ଭ ଟିମ୍ ଜିତିଲା ବ୍ରୋଞ୍ଜ

**ତୀରନ୍ଦାଜୀ ବିଶ୍ୱକପ୍ ତୃତୀୟ ଚରଣ**

**ମେଡେଲିନ୍, ୧୫।୬(ପି.ଟି)**

ଚଳିତ ବିଶ୍ୱକପ୍ ଷ୍ଟେଜ୍-୩ରେ ଭାରତୀୟ ତୀରନ୍ଦାଜମାନେ ତୃତୀୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଠାରେ ଚତୁର୍ଥ ସିଡ୍ ମାନ୍ୟତାପ୍ରାପ୍ତ ତୁଷାର ଶେଲ୍‌କେ, ମୃଣାଳ ଚୌହାନ ଓ ଧୀରଜ ବୋମାଦେଭାରାଙ୍କୁ ନେଇ ୩ଜଣିଆ ଭାରତୀୟ ଦଳ ରିକର୍ଭ ଟିମ୍ ଇଭେଣ୍ଟରେ ଚାଇନାର ୟାଙ୍ଗ କିୟାଙ୍ଗ ଲି ମେଙ୍ଗ୍‌ଦି ଓ ୱାଙ୍ଗ ୟାନ୍‌ଙ୍କୁ ୫-୩ (୫୮-୫୪, ୫୫-୫୬, ୫୪-୫୩, ୫୬-୫୬)ରେ ହରାଇ ଦେଇଛନ୍ତି। ପୂର୍ବରୁ ଭାରତ ପୁରୁଷ ଓ ମହିଳା ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତି ଖାତା ଖୋଲିଥିଲା। ଭଜନ କୌର, ସଙ୍ଗୀତା ଓ ତନିଶାଙ୍କୁ ନେଇ ୭ମ ସିଡ୍ ଭାରତୀୟ ମହିଳା ରିକର୍ଭ ଦଳ ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସଠାରୁ ୩-୫ (୫୨-୫୧, ୫୩-୫୪, ୪୯-୫୫, ୫୨-୫୨) ରେ ପରାଜିତ ହୋଇଛି।

ଯୁବ ତୀରନ୍ଦାଜ ଭଜନ କୌର ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କୋରିଆ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ମଧ୍ୟରେ ୧୭ ବର୍ଷୀୟ ଭଜନ କ୍ୱାଲିଫାୟରର ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମ୍ୟାଚ୍‌ରେ ସେ ୬୬୮ ପଏଣ୍ଟ ସ୍କୋର କରିବା ସହିତ ୯ ନମ୍ବର ସ୍ଥାନରେ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଶେଷ କରିଛନ୍ତି।

## ଓସିଏଲ୍ ୨୦୨୩ : ଜାଗୁଆର୍ସ, ଲାୟନ୍ସ ବିଜୟୀ

**ଭୁବନେଶ୍ୱର, ୧୫।୬ (ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)୨୦୨୩ର ଚତୁର୍ଥ ଦିନରେ ବିଜୟୀ ହୋଇଛନ୍ତି ଓଡ଼ିଶା ଜାଗୁଆର୍ସ ଓ ଓଡ଼ିଶା ଲାୟନ୍ସ। ପ୍ରଥମ ମ୍ୟାଚରେ ଜାଗୁଆର୍ସ ୧୦ ଉଇକେଟରେ ଓଡ଼ିଶା ଟାଇଗର୍ସକୁ ଓ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଲାୟନ୍ସ ୩ ଉଇକେଟରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଥିଲା। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଉଭୟ ମ୍ୟାଚ୍ ଖେଳା ଯାଇଥିଲା।

ପ୍ରଥମ ମ୍ୟାଚରେ ଓଡ଼ିଶା ଟାଇଗର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୧୭ ରନ୍ କରିଥିଲା। ସାତ୍ୱନ ପାହାଡିଆ ୨୬ ଓ ଶୁଭମ ଶତ୍ରୁଜିତ ୧୯ ରନ୍ କରିଥିଲେ। ଭଗିଶ ଶର୍ମା ଓ ସୁନୀଲ ରାଉଳ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରେୟାଂସ ଭରଦ୍ୱାଜଙ୍କ ଅପରାଜିତ ୫୭ ଓ ସନ୍ତୋଷ ଯାଦବଙ୍କ ୫୪ ରନ୍ ବଳରେ ୧୫୪ ଓଭରେ ବିନା କୌଣସି କ୍ଷତିରେ ମ୍ୟାଚ୍ ଜିତି ନେଇଥିଲା ଜାଗୁଆର୍ସ। ଓସିଏ ସଦସ୍ୟ ଧୀରେନ ପଲାଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ଭାବରେ ସୁନୀଲ ରାଉଳଙ୍କୁ ପୁରସ୍କୃତ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୁମାସକୁ ୩ ଉଇକେଟରେ ପରାସ୍ତ କରିଥିଲା ଓଡ଼ିଶା ଲାୟନ୍ସ। ପ୍ରଥମେ ବ୍ୟାଟିଂ କରି ପୁମାସ ସ୍ୱସ୍ତିକ ସାମଲଙ୍କ ୫୮ ଓ ରାକେଶ ପଟ୍ଟନାୟକଙ୍କ ୩୪ ରନ୍ ବଳରେ ୫ ଉଇକେଟରେ ୧୬୮ ରନ୍ କରିଥିଲା। ଲାୟନ୍ସ ପକ୍ଷରୁ ମିଳନ ସାମଲ ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଅନ୍ତିମ ବଲରେ ବିଜୟୀ ହୋଇଥିଲା ଲାୟନ୍ସ। ରାମଚନ୍ଦ୍ର ବେହେରାଙ୍କ ୫୦ ରନ ସହିତ ଆଶୀର୍ବାଦ ସ୍ୱାଇଁଙ୍କ ୯ ବଲ୍ ୨୨ ରନ୍ ବଳରେ ଦଳ ଶେଷ ବଲରେ ବିଜୟୀ ହୋଇଥିଲା। ପ୍ଲେୟର ଅଫ୍ ଦ ମ୍ୟାଚ ଭାବେ ଆଶୀର୍ବାଦ ସ୍ୱାଇଁଙ୍କୁ ଓସିଏ ସଦସ୍ୟ ରବୀନ୍ଦ୍ର କୁମାର ଦାସ ପୁରସ୍କୃତ କରିଥିଲେ।



ପ୍ଲେୟର ଅଫ୍ ଦ ମ୍ୟାଚ୍ ସୁନୀଲ ରାଉଳଙ୍କୁ ପୁରସ୍କୃତ କରାଯାଉଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ